NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

MONDAY
3 AUGUST 2026
ସୋମବାର
୩ ଅଗଷ୍ଟ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 ● ISSUE 64 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ ● ସଂଖ୍ୟା ୬୪ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

### ଡ୍ରଗ୍ସ ମାଫିଆଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚେତାବନୀ

# 'ନସୁଧୁରିଲେ ବୁଲ୍‌ଡୋଜର ଆକ୍ସନ୍'

ଭୁବନେଶ୍ୱର,୨।୮/ଏନ୍‌ଏନ୍‌ଏସ୍:

ରାଜ୍ୟରେ ନିଶାଦ୍ରବ୍ୟର ବେଆଇନ୍ କାରବାର ଓ ସିଣ୍ଡିକେଟ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ପାଇଁ ଓଡ଼ିଶା ସରକାର 'ଶୂନ୍ୟ ସହନଶୀଳତା' ନୀତି ଆପଣାଇଛନ୍ତି। ଡ୍ରଗ୍ସ ମାଫିଆ ଏବେଠୁ ସୁଧୁରି ଯାଆନ୍ତୁ। ଯୁବସମାଜକୁ ନିଶା ବିଷ ଦେବାରୁ ନିବୃତ୍ତ ନରହିଲେ ବୁଲଡୋଜର ଆକ୍ସନ୍ ଭଳି ଅତ୍ୟନ୍ତ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚେତାବନୀ ଦେଇଛନ୍ତି। ରବିବାର 'ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ଏଭଳି ଚେତାବନୀ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଦେଶରେ ଯୁବପିଢ଼ିଙ୍କ ମଧ୍ୟରେ ନିଶାମୁକ୍ତି ଅଭିଯାନ 'ନିଶାମୁକ୍ତ ଯୁବ - ବିକଶିତ ଭାରତ ସଂକଳ୍ପ ଅଭିଯାନ' ଆରମ୍ଭ ହୋଇଛି। ଓଡ଼ିଶାରେ ମଧ୍ୟ ଏହାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଓଡ଼ିଶାକୁ ଏକ ସମ୍ପୂର୍ଣ୍ଣ ନିଶାମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ଗ୍ରହଣ କରିଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଠାରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇଁ ଭାରତ' ଦ୍ୱାରା ପରିଚାଳିତ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ବୋଧିତ ଏହି ଜାତୀୟ କାର୍ଯ୍ୟକ୍ରମକୁ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଆଭାସୀ ମାଧ୍ୟମରେ ଦେଖିଥିଲେ।



ରାଜ୍ୟପାଳ ଡଃ କମ୍ଭମପାଟି ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଯୁବ - ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶପଥପାଠ କରାଇଥିଲେ। ଏହାଛଡ଼ା ଯୁବପିଢ଼ିକୁ ରାଷ୍ଟ୍ର ନିର୍ମାଣର ପ୍ରମୁଖ କର୍ଣ୍ଣଧାର ଭାବେ ଅଭିହିତ କରି ନିଶାମୁକ୍ତ ସମାଜ ଗଠନ ପାଇଁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି। ଯୁବପିଢ଼ି ନିଶା ପରିବର୍ତ୍ତେ

**ଓଡ଼ିଶାରେ 'ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ**

**୧୦୦ ସପ୍ତାହର ବ୍ୟାପକ 'ଜନ-ଆନ୍ଦୋଳନ' ଘୋଷଣା କଲେ ସିଏମ୍**

**ନିଶା କ୍ଷେତ୍ରରେ ରାଜ୍ୟ ସରକାରଙ୍କ 'ଶୂନ୍ୟ ସହନଶୀଳତା' ନୀତି**

**ଯୁବପିଢ଼ି ନିଶା ଛାଡ଼ି ଖେଳପଡ଼ିଆ ଓ କ୍ଲାସରୁମ୍‌କୁ ଆପଣାନ୍ତୁ: ରାଜ୍ୟପାଳ**

ଖେଳପଡ଼ିଆ ଓ କ୍ଲାସରୁମ୍‌କୁ ଆପଣେଇ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କେବଳ ସରକାରଙ୍କ ଉଦ୍ୟମ ଦ୍ୱାରା ନିଶାମୁକ୍ତ ସମାଜ ସମ୍ଭବ ନୁହେଁ; ପିତାମାତା, ଶିକ୍ଷକ, ସାମାଜିକ ଅନୁଷ୍ଠାନ ଓ ବିଶେଷ କରି ଯୁବପିଢ଼ି ନିଜେ ଏହି ଆନ୍ଦୋଳନର ବାର୍ତ୍ତାବହ ହୋଇ ବାହାରିଲେ ହିଁ ଏହା ଏକ ଯୁଗାନ୍ତକାରୀ 'ଜନ-ଆନ୍ଦୋଳନ'ରେ ପରିଣତ ହୋଇପାରିବ ବୋଲି ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି।

ଯୁବବର୍ଗଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ର ମାଝୀ ଘୋଷଣା କରିଛନ୍ତି ଯେ, ଏହି ଅଭିଯାନ କୌଣସି ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଆଗାମୀ ୧୦୦ ସପ୍ତାହ ଅର୍ଥାତ ଦୁଇ ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଚାଲିବାକୁ ଥିବା ଏକ ବ୍ୟାପକ ସାମାଜିକ ଜନ-ଆନ୍ଦୋଳନ। ନିଶା ଆଜି କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ହୋଇ ରହିନାହିଁ, ବରଂ ଏହା ମାନସିକ ଓ ଶାରୀରିକ ସାମର୍ଥ୍ୟ ହ୍ରାସ କରିବା ସହ ପରିବାରର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଉଛି ଏବଂ ରାଜ୍ୟର ସାମାଜିକ ଓ ଆର୍ଥିକ ବିକାଶରେ ବଡ଼ ପ୍ରତିବନ୍ଧକ ସାଜୁଛି। କୌଣସି ବି ଅଞ୍ଚଳରେ ସନ୍ଦେହଜନକ ନିଶା କାରବାର ନଜରକୁ ଆସିଲେ ତୁରନ୍ତ ପୋଲିସକୁ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସମ୍ପ୍ରତି ଯୁବ ସମାଜ ବ୍ରାଉନ୍ ସୁଗାର, କୋକେନ୍, ସିନ୍ଥେଟିକ୍ ଓ ଇଞ୍ଜେକ୍ସିଙ୍ଗ୍ ଡ୍ରଗ୍ସ ଭଳି ▶▶ ୫

## ଆସୁଛନ୍ତି ରାଷ୍ଟ୍ରପତି

ଭୁବନେଶ୍ୱର,୨।୮/ଏନ୍‌ଏନ୍‌ଏସ୍:

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଅର୍ଥାତ ସୋମବାର ଠାରୁ ତିନିଦିନିଆ ଓଡ଼ିଶା ଗସ୍ତ କରୁଛନ୍ତି। ସେ ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ ଅବସରରେ ସେ ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁର ଗସ୍ତ କରିବା ସହ ଗଞ୍ଜାମ ଜିଲ୍ଲାର ତପ୍ତପାଣି ମଧ୍ୟ ଯିବେ। ରାଷ୍ଟ୍ରପତି ସୋମବାର ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ସେ ଲୋକସେବା ଭବନ ଯାଇ କିଛି ସମୟ ରହିବେ। ସେହିଦିନ କଟକର ଜଗଦ୍‌ଗୁରୁ କୃପାଳୁ



ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅଗଷ୍ଟ ୪ ତାରିଖ ସକାଳେ ରାଷ୍ଟ୍ରପତି ଟ୍ରେନ୍ ଯୋଗେ ଭୁବନେଶ୍ୱରରୁ ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବେ। ବ୍ରହ୍ମପୁର ରେଳଷ୍ଟେସନରେ ସକାଳ ୧୧ଟାରୁ ୧୧.୩୦ ମିନିଟ୍ ମଧ୍ୟରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ ତପ୍ତପାଣି ମନ୍ଦିରକୁ ଯାଇ ସେଠାରେ ମା' କନ୍ଧୁଣୀ ଦେବୀଙ୍କର ମନ୍ଦିର ଯିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ମା' କନ୍ଧୁଣୀ ଦେବୀଙ୍କୁ ପୂଜାର୍ଚ୍ଚନା କରିବା ପରେ ଗୋପାଳପୁର ଆର୍ମି ଏଡି କଲେଜରେ ରାତ୍ର ଯାପନ କରିବାର କାର୍ଯ୍ୟକ୍ରମ ରହିଛି। ଅଗଷ୍ଟ ୫ରେ ରାଷ୍ଟ୍ରପତି ଗୋପାଳପୁରରୁ ବ୍ରହ୍ମପୁର ରେଳ ଷ୍ଟେସନକୁ ଆସି ପୁଣି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଭୁବନେଶ୍ୱର ଫେରିବେ। ସେଠାରୁ ବିମାନ ଯୋଗେ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ।

ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପାଇଁ ଆକ୍ସନ୍ ମୋଡ୍‌ରେ କମିଶନରେଟ୍ ପୁଲିସ। କାରକେଡ୍ ରିହର୍ସାଲ୍ କରାଯିବା ସହ ଭୁବନେଶ୍ୱର ଓ କଟକରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏୟାରପୋର୍ଟରୁ ରେଳ ଷ୍ଟେସନ ଏବଂ ରାଷ୍ଟ୍ରପତିଙ୍କ ଗସ୍ତ ରୁଟ୍‌ରେ ରହିବ ତ୍ରିସ୍ତରୀୟ ସୁରକ୍ଷା। ସୁରକ୍ଷା ଦାୟିତ୍ୱରେ ପ୍ରାୟ ▶▶ ୫

### ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

## ଗିରଫ ସଂଗ୍ରାମ କେଶରୀ ନିଲମ୍ବିତ

ଭୁବନେଶ୍ୱର,୨।୮/ଏନ୍‌ଏନ୍‌ଏସ୍:

ବହୁଚର୍ଚ୍ଚିତ ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ଗିରଫ ଆଇଏଫ୍ଏସ୍ ଅଧିକାରୀ ସଂଗ୍ରାମ କେଶରୀ ବେହେରାଙ୍କୁ ନିଲମ୍ବିତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ



**ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ**

ନିର୍ଦ୍ଦେଶ କ୍ରମେ ତାଙ୍କୁ ନିଲମ୍ବିତ କରାଯାଇଛି। ବର୍ତ୍ତମାନ ଶ୍ରୀ ବେହେରା ଓଡ଼ିଶା ଫରେଷ୍ଟ ଡେଭେଲପମେଣ୍ଟ କର୍ପୋରେସନ୍ (ଓଏଫ୍‌ଡିସି)ର ବାଣିଜ୍ୟ ନିର୍ଦ୍ଦେଶକ (ଡାଇରେକ୍ଟର–କମର୍ସିଆଲ୍) ଭାବେ କାର୍ଯ୍ୟରତ ଥିଲେ। ସଂଗ୍ରାମ କେଶରୀ ବେହେରା ୨୦୨୧ ମସିହାରେ ଗଜପତି ଜିଲ୍ଲାର ଡିଭିଜନାଲ୍ ଫରେଷ୍ଟ ଅଫିସର (ଡିଏଫ୍‌ଓ) ଭାବେ କାର୍ଯ୍ୟରତ ଥିବା ସମୟରେ ପାରଳାଖେମୁଣ୍ଡି ବନଖଣ୍ଡର ତତ୍କାଳୀନ ସହକାରୀ ବନ ସଂରକ୍ଷକ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ହୋଇଥିଲେ। ନିକଟରେ ଶ୍ରୀ ବେହେରାଙ୍କୁ ନ୍ୟାୟିକ ହେପାଜତକୁ ପଠାଯାଇଛି। ଏହାପରେ ରାଜ୍ୟ ସରକାର ପକ୍ଷରୁ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନିଲମ୍ବିତ କରାଯାଇଛି। ସରକାରଙ୍କ ମତରେ, ଜଣେ ସରକାରୀ ଅଧିକାରୀ ନ୍ୟାୟିକ ହେପାଜତରେ ଥିବା ପରିସ୍ଥିତିରେ ସେବା ନିୟମାବଳୀ ଅନୁଯାୟୀ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

ପ୍ରକାଶ ଯେ ୨୦୨୧ ମସିହାରେ ସୌମ୍ୟରଞ୍ଜନ ମହାପାତ୍ର ପାରଳାଖେମୁଣ୍ଡିସ୍ଥିତ ତାଙ୍କ ସରକାରୀ ବାସଭବନରେ ରହସ୍ୟମୟ ▶▶ ୫

# ଆଉ ନାହିଁ ବନ୍ୟା ଆଶଙ୍କା


ଭୁବନେଶ୍ୱର,୨।୮/ଏନ୍‌ଏନ୍‌ଏସ୍:

ଆଉ ବନ୍ୟା ଆଶଙ୍କା ନାହିଁ। ମହାନଦୀ ସହ ଅନ୍ୟ ନଦୀ ମାନଙ୍କରେ ବନ୍ୟା ଆଶଙ୍କା ଟଳିଛି। ସ୍ଥିତି ସମୀକ୍ଷା କରି ଏହା କହିଛନ୍ତି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ। ଏହା ସହିତ କେଉଁ କାରଣ ପାଇଁ ପରିସ୍ଥିତି ହୋଇଥିଲା ସ୍ପଷ୍ଟ କରିଛନ୍ତି ଶ୍ରୀ ରାଉତ। ବନ୍ୟା ସ୍ଥିତିକୁ ଶ୍ରୀ ରାଉତ କହିଛନ୍ତି ଯେ ଜୁନ୍‌ରେ ୪୭ ପ୍ରତିଶତ କମ୍ ବର୍ଷା ହୋଇଥିଲା। ଜୁଲାଇରେ କିନ୍ତୁ ସ୍ୱାଭାବିକଠାରୁ ୩୮ ପ୍ରତିଶତ ଅଧିକ ବର୍ଷା ହୋଇଛି। କିଛି ସ୍ଥାନରେ କମ୍ ସମୟ ମଧ୍ୟରେ ୨ଶହ ମିମି ବର୍ଷା ହୋଇଥିଲା। ଯେଉଁଥି ପାଇଁ ବନ୍ୟା ହେଲା ବୋଲି ଶ୍ରୀ ରାଉତ କହିଛନ୍ତି। ତେବେ ମହାନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ରହିଛି। ବୈତରିଣୀରେ କିନ୍ତୁ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ନାହିଁ ବୋଲି ସେ କହିଛନ୍ତି।

ବନ୍ୟା ସ୍ଥିତିକୁ ନେଇ ଶ୍ରୀ ରାଉତ କହିଛନ୍ତି ଯେ ବର୍ତ୍ତମାନ ଆମର ଅଧିକ ଫୋକସ ମହାନଦୀ ଏବଂ ହୀରାକୁଦ ଉପରେ ରହିଛି। ତଳମୁଣ୍ଡରୁ ବନ୍ୟାଜଳ ନିଷ୍କାସନ ହେବା ପରେ ଯେଉଁ ବନ୍ୟାଜଳ ଆମେ ପାଇଥିଲେ, ତେଲ୍ ଏବଂ ହୀରାକୁଦ ଏବଂ ମୁଣ୍ଡଳୀ ଭିତରେ ଯେଉଁ ବର୍ଷା ହୋଇଥିଲା ତାହା କମିବା ପରେ ଆମେ ହୀରାକୁଦରୁ ପାଣି ଛାଡ଼ିବା ଆରମ୍ଭ କରିଥିଲୁ। ୨୨ଟି ଗେଟ୍ ଖୋଲା ଯାଇଥିଲା। ହୀରାକୁଦ ୱାଟର ଲେବୁଲ୍ କମିଛି । ବର୍ତ୍ତମାନ ତାହା ୬୨୩.୬୯ ଫୁଟରେ ଅଛି। ଏହା ଧୀରେ ଧୀରେ କମୁଛି। ଆକଳନ ସୁଦ୍ଧା ୪ତାରିଖ ଭିତରେ ଏହାକୁ ଆମେ ୬୧୫ ଫୁଟ୍ କମାଇବୁ ବୋଲି ଶ୍ରୀ ରାଉତ କହିଛନ୍ତି। ଏଣେ ହୀରାକୁଦ ଜଳଭଣ୍ଡାରକୁ ▶▶ ୫



- ମହାନଦୀ ସହ ଅନ୍ୟ ନଦୀରେ ବନ୍ୟା ଆଶଙ୍କା ଟଳିଛି
- କମିଛି ହୀରାକୁଦ ୱାଟର ଲେବୁଲ୍ , ବନ୍ଦ ହେଲା ୩ ଗେଟ୍
- ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା: ମହାନଦୀରେ ଅଛି, ବୈତରିଣୀରେ ନାହିଁ



## ଟୁରିଷ୍ଟ୍ ପ୍ଲେନ୍ କ୍ରାସ୍, ୧୩ ଦଗ୍ଧ

ଲିମା,୨।୮/ଏଜେନ୍ସି:

ଦକ୍ଷିଣ ପେରୁର ନାଜକା ଲାଇନ୍ସ ପ୍ରତ୍ନତାତ୍ତ୍ୱିକ ସ୍ଥଳ ଉପରେ ଉଡ଼ାଣ ଭରୁଥିବା ଏକ ଛୋଟ ପର୍ଯ୍ୟଟକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଦୁଇ ପାଇଲଟଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ଏହି ବିମାନରେ ୧୧ ଜଣ ଯାତ୍ରୀ ଏବଂ ଦୁଇଜଣ ପାଇଲଟ ଥିଲେ। ନାଜକା ସହରଠାରୁ ପ୍ରାୟ ୬ କିଲୋମିଟର ଏବଂ ନାଜକା ଲାଇନ୍ସଠାରୁ ପ୍ରାୟ ୧୨ କିଲୋମିଟର ଦୂରରେ ଥିବା ପୁଏବ୍ଲୋ ଭିଏଜୋ ଅଞ୍ଚଳରେ ଏହି ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଦୁଇଜଣ ଜର୍ମାନ, ଦୁଇଜଣ ସ୍ୱିସ୍ ଏବଂ ୭ ଜଣ ଇଟାଲୀୟ ପର୍ଯ୍ୟଟକ ଥିଲେ। ପର୍ଯ୍ୟଟକମାନଙ୍କୁ ନାଜକା ଲାଇନ୍ସର ଆକାଶପଥ ପରିଦର୍ଶନ ପାଇଁ ▶▶ ୫



## ପୁଣି ବର୍ଷା ଆରମ୍ଭ

ଭୁବନେଶ୍ୱର,୨।୮/ଏନ୍‌ଏନ୍‌ଏସ୍:

ରାଜ୍ୟରେ ପୁଣି ବର୍ଷା ଆରମ୍ଭ ହୋଇଯାଇଛି। ସକ୍ରିୟ ମୌସୁମୀ ପ୍ରଭାବରେ ସାରା ରାଜ୍ୟରେ ଘଡ଼ଘଡ଼ି ବିଜୁଳି ସହିତ ବର୍ଷା ନେଇ ପାଣିପାଗ କେନ୍ଦ୍ର ସତର୍କତା ଜାରି କରିଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ପ୍ରଭାବ ଜାରି ରହିବ। ଆସନ୍ତାକାଲି ପାଇଁ ୨୫ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବାନେଇ ମଧ୍ୟ ଆଲର୍ଟ ଜାରି କରାଯାଇଛି। ୪ ତାରିଖରୁ ଓଡ଼ିଶାରେ ବର୍ଷା ଆହୁରି ବଢ଼ି। ପ୍ରବଳ ବର୍ଷା ପାଇଁ ରାୟଗଡ଼ା, ଗଜପତି, ▶▶ ୫

## ଫେରୀରେ ନିଆଁ ଲାଗି ୫ ମୃତ

### ୪୧ ନିଖୋଜ, ରେସ୍‌କ୍ୟୁ ଅପରେସନ୍ ଜାରି



ମଦୁରା,୨।୮/ଏଜେନ୍ସି:

ଇଣ୍ଡୋନେସିଆର ମଦୁରା ଦ୍ୱୀପ ନିକଟରେ ରବିବାର ୨୭୧ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଫେରୀ(ବୋଟ୍) କେଏମପି ମୁଟିଆରା ସେଣ୍ଟୋସା-୨ରେ ହଠାତ୍ ନିଆଁ ଲାଗି ୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪୧ ଜଣ ନିଖୋଜ ଅଛନ୍ତି। ଘଟଣା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଫେରୀରେ ମୋଟ ୨୭୧ ଜଣ ଯାତ୍ରୀ ଏବଂ କ୍ରୁ ସଦସ୍ୟ ଥିଲେ। ଏମାନଙ୍କ ମଧ୍ୟରୁ ୨୨୫ ଜଣଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ▶▶ ୫

## ସିରିଜ୍ ଦୁର୍ଘଟଣା,୨ ମୃତ



ସାରସୁଗୁଡ଼ା,୨।୮/ଏନ୍‌ଏନ୍‌ଏସ୍:

ଝାରସୁଗୁଡ଼ା ସହରର ସରବାହାଲ ବାଇପାସ୍ ନିକଟରେ ରବିବାର ୩ଟି ହାଇୱା ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ୨ଟି ହାଇୱାର ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସ ୱେ ଏକ ଢାବା ସମ୍ମୁଖରେ ଆଜି ମଧ୍ୟାହ୍ନରେ ବିଭିନ୍ନ ଦିଗରୁ ଆସୁଥିବା ୩ଟି ହାଇୱା ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ପ୍ରଥମ ଦୁଇଟି ହାଇୱା ଦୁଇ ବିପରୀତ ଦିଗରୁ ଆସି ପିଟି ହୋଇଥିବା ବେଳେ ଅନ୍ୟଟି ପଛ ପଟରୁ ଆସି ସମ୍ମୁଖ ଭାଗରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ହାଇୱା ସହ ବାଡ଼େଇ ହୋଇଥିଲା। ଏଥିରେ ହାଇୱାର କ୍ୟାବିନରେ ଚାପି ହୋଇ ▶▶ ୫

## ବନ୍ୟା ବେଦନା ▶ କ୍ଷୟକ୍ଷତି ସର୍ଭେ ପାଇଁ ଗ୍ରାଉଣ୍ଡ୍‌ରେ ସରକାର

ଭୁବନେଶ୍ୱର,୨।୮/ଏନ୍‌ଏନ୍‌ଏସ୍:

ବନ୍ୟା କେବଳ ଦୁଃଖ ଦେଇନି, ଲୋକଙ୍କ ଆଶା, ଭରସା ଓ ହସକୁ ମଧ୍ୟ ଭସାଇ ନେଇଛି। କିଏ କୋଦାଳରେ ଘରୁ କାଦୁଅ କାଢୁଛି, କିଏ ଅଧାବୁଡ଼ା ଘରୁ ପାଣି ଛେଦି ପୁଣି ନିଜ ସଂସାରକୁ ଠିଆ କରିବାକୁ ଲଢୁଛି। ଆଉ କାହା ଘରେ ଏବେ ବି ପାଣି ଜମିଥିବାରୁ ଅନ୍ୟର ଦାଣ୍ଡଘର ଆଶ୍ରୟ ପାଲଟିଛି। ଘରର ଚଟାଣ ଶୁଖୁନି...ଚୁଲି ଜଳୁନି...ଆଉ ଲୁହ-କୋହ ବି ବୋଲ ମାନୁନି। ବନ୍ୟା ପାଣି ଛାଡ଼ିଯାଉଛି ସତ, କିନ୍ତୁ ତା ସହ ଛାଡ଼ିଯାଇଛି କାଦୁଅ, କ୍ଷତି ଆଉ ଅସହାୟତା। ବନ୍ୟାର ପାଣି ଧୀରେ ଧୀରେ କମୁଛି, ହେଲେ ଲୋକଙ୍କ ଦୁର୍ଦ୍ଦଶା ଏବେ ବି କମିନି। ନଦୀ ସ୍ୱାଭାବିକ ସ୍ରୋତକୁ ଫେରୁଥିବା ବେଳେ, ହଜାର ହଜାର ପରିବାର ଏବେ ଫେରିଛନ୍ତି ଯନ୍ତ୍ରଣାମୟ ବାସ୍ତବତାକୁ। କେଉଁଠି ଘର ଭାଙ୍ଗିଛି, କେଉଁଠି ଫସଲ ଉଜୁଡ଼ିଛି, ଆଉ କେଉଁଠି ବଞ୍ଚିବା ପାଇଁ ଆରମ୍ଭ ହୋଇଛି ନୂଆ ସଂଘର୍ଷ। ବନ୍ୟାର ପ୍ରକୋପ ପରେ କ୍ଷୟକ୍ଷତିର ପ୍ରକୃତ ଚିତ୍ର ଛାତିକୁ ଦୋହଲାଇ ଦେଉଛି। ତେବେ ବନ୍ୟା ସ୍ଥିତିରେ ସୁଧାର ପରେ କ୍ଷୟକ୍ଷତିର ସର୍ଭେ ପାଇଁ ଗ୍ରାଉଣ୍ଡକୁ ଓହ୍ଲାଇଲେଣି ସରକାର। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶଙ୍କ ସୂଚନା ଅନୁସାରେ, ୨୨ ଜିଲ୍ଲାରେ ୮ ଲକ୍ଷରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବାବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁରରେ ବେଶି କ୍ଷତି। ସ୍ଥାନୀୟ ପ୍ରଶାସନ ତୁରନ୍ତ କ୍ଷୟକ୍ଷତିର ଆକଳନରେ ଲାଗିପଡ଼ିଛି। କ୍ଷତିଗ୍ରସ୍ତ ଅଙ୍ଗନବାଡ଼ି ଓ ସ୍କୁଲ୍ ଗୁଡ଼ିକର ମରାମତି ପାଇଁ ଅନୁଦାନ ପ୍ରଦାନ କରାଯିବ। ଏଥିସହିତ ଲୋକଙ୍କର ଭାଙ୍ଗିଯାଇଥିବା ଘର ଅଭିଯୋଗକୁ ନେଇ ରିପୋର୍ଟ ପ୍ରସ୍ତୁତ ହେବ। ଯେଉଁଠି ଘାଇ ହୋଇଛି ସେଠାରେ ମଜଭୁତ କରି ମରାମତି କରିବାକୁ ଜଳସଂପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି।



**୨୨ ଜିଲ୍ଲାର ୮ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ**

**ବାଲେଶ୍ୱର, ଭଦ୍ରକ, ଯାଜପୁରରେ ଅଧିକ କ୍ଷତି**

**କ୍ଷୟକ୍ଷତି ସର୍ଭେ କରୁଛନ୍ତି ରାଜସ୍ୱ ଓ କୃଷି ଅଧିକାରୀ**

ଶ୍ରୀ ପୂଜାରୀ କହିଛନ୍ତି ଯେ ବନ୍ୟା ପରିସ୍ଥିତିରେ ଧୀରେ ଧୀରେ ସୁଧାର ଆସୁଛି। ବନ୍ୟା ଜଳ ଛାଡ଼ିବା ପରେ ଏବେ କ୍ଷୟକ୍ଷତିର ଆକଳନ ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ଏବଂ କୃଷି ବିଭାଗର ଅଧିକାରୀମାନେ ଫିଲ୍ଡକୁ ଓହ୍ଲାଇ କ୍ଷୟକ୍ଷତିର ସର୍ଭେ କରୁଛନ୍ତି। ବିଶେଷ କରି ଚାଷ, ଘର ଏବଂ ସରକାରୀ ସମ୍ପତ୍ତିର କେତେ କ୍ଷତି ହୋଇଛି, ସେ ନେଇ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ସାମ୍ପ୍ରତିକ ବନ୍ୟାରେ ରାଜ୍ୟର ପ୍ରାୟ ୨୨ଟି ଜିଲ୍ଲା ଏବଂ ୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପୁରୀ, ଜଗତସିଂହପୁର, ଖୋର୍ଦ୍ଧା ଏବଂ ▶▶ ୫

## ଡ୍ରିମ୍ସ ଅଧକ୍ଷ ସମ୍ବର୍ଦ୍ଧିତ



**କଟକ,୨/୮/ଏନ୍ଏନ୍ଏସ୍:** ଚୌଦ୍ୱାରଠାରେ ଅନୁଷ୍ଠିତ ଶ୍ରୀମଦ୍ ଭାଗବତ ଜ୍ଞାନ ଯଜ୍ଞ ଓ କଥାମୃତ ମହୋତ୍ସବର ଦ୍ୱିତୀୟ ସଂଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ ମହାପ୍ରଭୁ ଚତୁର୍ଦ୍ଧା ବିଗ୍ରହଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମହୋତ୍ସବର ମୁଖ୍ୟପୁରୋଧା ଶ୍ରୀ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବଚକ ଶ୍ରୀ ସତ୍ୟାନନ୍ଦ ଦାସ ମହାରାଜ ଡ. ରଥଙ୍କୁ ଉତ୍ତରୀୟ ଓ ନୀଳଚକ୍ର ବାନା ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ 'ଗୁରୁ ହିଁ ଶ୍ରେଷ୍ଠ ଓ ତାଙ୍କ ମାର୍ଗଦର୍ଶନ ବିନା କୌଣସି କାର୍ଯ୍ୟରେ ସଫଳତା ମିଳେନା, ଏଭଳି ଆଧାତ୍ମିକ କାର୍ଯ୍ୟକ୍ରମ ଜନସାଧାରଣଙ୍କ ମନରେ ଭକ୍ତି ଓ ସମର୍ପଣ ଭାବ ଜାଗ୍ରତ ସହ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ' ବୋଲି ଡ. ରଥ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ୍ରିମ୍ସର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଆଜି ପ୍ରଥମ ଶ୍ରାବଣ ସୋମବାର

# ଗଡ଼ଗଡ଼ିଆରୁ ପାଣି ଉଠାଇଲେ କାଉଡ଼ିଆ

**କଟକ,୨/୮/ଏନ୍ଏନ୍ଏସ୍:** ଶ୍ରାବଣ ପ୍ରଥମ ସୋମବାର। ବିଭିନ୍ନ ଶୈବପୀଠକୁ ପ୍ରଥମ ପାଳିରେ ମହାନଦୀର ଗଡ଼ଗଡ଼ିଆ ଘାଟରୁ ହଜାର ହଜାର କାଉଡ଼ିଆ ପାଣି ଉଠାଇ ଯାତ୍ରା ଆରମ୍ଭ ହୋଇସାରିଛି। ଆଜି ଯେଉଁମାନେ ଏଠାରୁ ପାଣି ଉଠାଇଛନ୍ତି ସେମାନେ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଓ ନିକଟସ୍ଥ ସିଦ୍ଧେଶ୍ୱର ପୀଠକୁ ଯାତ୍ରା ଆରମ୍ଭ କରିଛନ୍ତି। ଯେଉଁମାନେ ଲଡୁବାବା, ଆଖଣ୍ଡଳମଣି, ଲୋକନାଥ, ନାରୁଣି, କପିଳାସ, ବିରବାଡ଼ି ଲୋକନାଥଦେବ, ସିମୁଳି ମହାବୀର ପୀଠକୁ ଯିବେ ସେମାନେ ଗତ ଗୁରୁବାର ଗଡ଼ଗଡ଼ିଆ ଘାଟରୁ ପାଣି ଉଠାଇଛନ୍ତି। ଏଥିପାଇଁ ଗୁରୁବାରଠାରୁ ଆଜି ପର୍ଯ୍ୟନ୍ତ ଗହଳି ଲାଗି ରହିଥିଲା। ବିଶେଷକରି ଶନି ଓ ରବିବାରରେ ଗଡ଼ଗଡ଼ିଆ ଗାଟରେ ଗହଳି ଜମେ ଲିଙ୍ଗରାଜ ଯାତ୍ରା ପାଇଁ। ସବୁଠାରୁ ପାଖ ସିଦ୍ଧେଶ୍ୱର ପୀଠକୁ ମଧ୍ୟ ରବିବାର ସନ୍ଧ୍ୟା ପରେ ବହୁ କାଉଡ଼ିଆ ଯାତ୍ରା ଆରମ୍ଭ କରିଥାଆନ୍ତି। ପୁଣି ସୋମବାରରେ କୁନିକୁନି କାଉଡ଼ିଆମାନେ ସେମାନଙ୍କ ଅଭିଭାବକଙ୍କ ହେପାଜତରେ ଗଡ଼ଗଡ଼ିଆ ଘାଟରୁ ପାଣି ଉଠାଇ ବକ୍ସିବଜାର ଅମରେଶ୍ୱର ମନ୍ଦିରକୁ ଆସିଥାନ୍ତି। ଗଡ଼ଗଡ଼ିଆ ଘାଟରୁ ଅମରେଶ୍ୱର ମହାଦେବଙ୍କ ପୀଠ ମାତ୍ର ଅଢ଼େଇ କିଲୋମିଟର ହେବ। ଏଥି ପାଇଁ କୁନି କାଉଡ଼ିଆମାନେ ଏଠାକୁ ମହଦେବଙ୍କ ନିକଟରେ ଜଳଲାଗି କରିବାକୁ ମନ ବଳେଇଥାନ୍ତି। ଗଡ଼ଗଡ଼ିଆ ଘାଟରେ ଗୁରୁବାର ସାମାନ୍ୟ ଗହଳି ଅନୁଭୂତ ହୋଇଥିଲା ବେଳେ ଶୁକ୍ରବାରଠାରୁ କାଉଡ଼ିଆ ହାଉଜାଉ ଭିଡ଼ ଦେଖାଯାଇଥିଲା। ମହିଳା ଭକ୍ତଙ୍କ ସଂଖ୍ୟା ବି ବର୍ଷକୁ ବର୍ଷ ବଢୁଛି। ଏବେ ଏଠି ଗଡ଼ଗଡ଼ିଆ ଘାଟରେ ନଦୀ ଭିତରକୁ ପାହାଚ ଲମ୍ବିଥିବାରୁ ପୂଜାପାଠ, ବାହୁଙ୍ଗି ସଜ ଓ ପାଣିଟେକା ଆଦି ବହୁତ କିଛି ସୁବିଧା ରହିଛି। ବାଲିରେ ଶିବଲିଙ୍ଗ ଗଢ଼ିବା ପାଇଁ ବାଲି ମିଳିବାରେ ଟିକେ ସମସ୍ୟା ହେଉଛି । ଏହାଛଡ଼ା ବର୍ଷା ହେଲେ ଟିକେ ମୁଣ୍ଡ ଗୁଞ୍ଜିବା ପାଇଁ ଅସ୍ଥାୟୀ ବିଶ୍ରାମାଗାରର ନଥିବା ହେତୁ ଏଠାରେ ସମସ୍ୟା ଦେଖାଯାଏ। କଟକ ସହର ଏହାର ଆଖପାଖ ଅଞ୍ଚଳର କାଉଡ଼ିଆମାନେ ଗଡ଼ଗଡ଼େଶ୍ୱର ମହାନଦୀ ଘାଟରୁ ପାଣି ଉଠାଇବାରେ ପସନ୍ଦ କରିଥାନ୍ତି। କଟକ ଜିଲ୍ଲା ସମେତ ଜଗତସିଂହପୁର, ଯାଜପୁର ଜିଲ୍ଲାର କାଉଡ଼ିଆମାନେ ଗାଡ଼ି ଭଡ଼ା କରି ବାଲିଯାତ୍ରା ପଡିଆରେ କ୍ୟାମ୍ପ ପକାଇ ଯାତ୍ରା ଓ ପୂଜାର୍ଚ୍ଚନା ପାଇଁ ପ୍ରସ୍ତୁତି କରିଥାନ୍ତି। ତଳ ବାଲିଯାତ୍ରା ପଡ଼ିଆରେ ଠା'କୁ ଠା' ସେମାନେ ଡେରା ପକାଇବା ସହ ସାଜସରଞ୍ଜାମ ଯୋଗାଡ଼ ଯନ୍ତର କରିବାର ଦେଖାଯାଏ। ଆଜି କାଉଡ଼ିଆଙ୍କ ଭିଡ଼ ମଧ୍ୟ ଆଖିଦୃଶିଆ ଥିଲା। ବନ୍ୟା ପରିସ୍ଥିତି ଉପୁଜି ଥିବାରୁ ନଦୀକୂଳକୁ ଯିବାକୁ ଜିଲ୍ଲା ପ୍ରଶାସନ କଟକଣା ଲଗାଇଛି। ତେବେ କିଛି ଯେମିତି ଅଘଟଣ ନ ଘଟେ ସେଥିପ୍ରତି ଜିଲ୍ଲା ପ୍ରଶାସନ ଓ ପୁଲିସ ତୀକ୍ଷ୍ଣ ନଜର ରଖିଛି। କାଉଡ଼ିଆଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ ପୁଲିସ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ପୁଲିସ କମିଶନର୍ ଏସ୍. ଦେବଦତ୍ତ ସିଂ କାଉଡ଼ିଆଙ୍କୁ ରାତିରେ ଯାତାୟାତ ସମୟରେ ସହଜରେ ଦୃଶ୍ୟମାନ ହେବା ପାଇଁ ରିଫ୍ଲେକ୍ଟିଭ୍ ଟେପ୍ ଓ ସେଫ୍ଟି ଜ୍ୟାକେଟ୍ ବଣ୍ଟନ କରିଛନ୍ତି। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ସଡ଼କ ଦୁର୍ଘଟଣା ରୋକିବା ସହ କାଉଡ଼ିଆଙ୍କ ଯାତ୍ରାକୁ ଅଧିକ ସୁରକ୍ଷିତ କରିବା। ଏହା ସହ କାଉଡ଼ିଆମାନଙ୍କୁ ଟ୍ରାଫିକ୍ ନିୟମ ମାନିବା ଓ ସତର୍କତାର ସହ ଯାତ୍ରା କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।





**ରିଫ୍ଲେକ୍ଟିଭ ଟେପ୍ ଓ ଜ୍ୟାକେଟ୍ ବାଣ୍ଟିଲେ ପୁଲିସ କମିଶନର୍**

## ବନ୍ୟା ପ୍ରଭାବିତ ଅଞ୍ଚଳରେ ଖାଦ୍ୟ ସାମଗ୍ରୀ ବଣ୍ଟନ

**କଟକ,୨/୮/ଏନ୍ଏନ୍ଏସ୍:** କଟକ ରୋଟାରୀ ସନ୍ସାଇନ କ୍ଲବର ସାମାଜିକ ସେବା କାର୍ଯ୍ୟକ୍ରମ 'ସାଥ' ପକ୍ଷରୁ ଜଗତପୁରସ୍ଥିତ ଚମ୍ପତୀ ପଞ୍ଚାୟତର ମହାନଦୀ ନଗର ଆଣ୍ଡେଇ ସାହି ଅଞ୍ଚଳର ବନ୍ୟା ପ୍ରଭାବିତ ପରିବାରଙ୍କୁ ବିସ୍କୁଟ, ଚୁଡ଼ା, ଅମୂଲ, ଓଆର୍ଏସ୍ ପାଉଡର୍, ଗୁଡ଼ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରୋଟାରୀ ସନ୍ସାଇନ କ୍ଲବର ସଭାପତି ରୋଟାରିଆନ୍ ସମ୍ମିତ ଲେଙ୍କା, ସମ୍ପାଦକ ରୋଟାରିଆନ୍ ସୁଧୀର ରଥ, କୋଷାଧକ୍ଷ ରୋଟାରିଆନ୍ ରାମକୃଷ୍ଣ ମହାନ୍ତି, ସଦସ୍ୟ ରୋଟାରିଆନ୍ ଡ଼ଃ ପ୍ରମୋଦ କୁମାର ସେଠୀ, ରୋଟାରିଆନ୍ ଶିବ ନାରାୟଣ ସ୍ୱାଇଁ, ରୋଟାରିଆନ୍ ରାମକୃଷ୍ଣ ଦାସ, ରୋଟାରିଆନ୍ ବିନୟ କୁମାର ବୋଷ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ସରପଞ୍ଚ ଗୌରାଙ୍ଗ ପରିଡ଼ା, ନାଏବ ସରପଞ୍ଚ ମୋହନ ଟୁଡୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ରୋଟାରୀ କ୍ଲବର ଏହି ମାନବିକ ପଦକ୍ଷେପକୁ ପ୍ରଶଂସା କରିଥିବା ବେଳେ ଏଭଳି ଜନହିତକର କାର୍ଯ୍ୟ ସର୍ବଦା ଜାରି ରହିବ ବୋଲି ରୋଟାରୀ କ୍ଲବର କର୍ମକର୍ତ୍ତାମାନେ କହିଛନ୍ତି।



## ୫୫ନଂ ୱାର୍ଡରେ ବିଜେଡିର କର୍ମୀ ସମ୍ମିଳନୀ



**କଟକ,୨/୮/ଏନ୍ଏନ୍ଏସ୍:** ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୫୫ନଂ ୱାର୍ଡରେ ବିଜୁ ଜନତା ଦଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂହଙ୍କ ନେତୃତ୍ୱରେ ଚୌଦ୍ୱାର-କଟକ ସଂଗଠନକୁ ଆଗାମୀ ଦିନରେ କିଭଳି ସଶକ୍ତ ଓ ସୁଦୃଢ଼ କରାଯିବ, ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ସୁପ୍ରିମୋ ନବୀନ ପଟ୍ଟ ନାୟକଙ୍କ ପ୍ରତି ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ସହିତ ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହି ସମ୍ମିଳନୀରେ ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ୍ତ ଖୁଣ୍ଟିଆ, ଚିରଞ୍ଜୟ ସାହୁ ଏବଂ ଶିଶିର ପରିଜା, କାର୍ଯ୍ୟକାରୀ ସଭାପତି ଜୟଦେବ ଜେନା, ସ୍ମୃତିରଞ୍ଜନ ନାୟକ, ମିତାଲି ଭଞ୍ଜ, କବିତା ଖଣ୍ଡେଇ, ରାଜେଶ ରଣା, ବିଷ୍ଣୁ ସାହୁ, ଭବାନୀ ଶଙ୍କର ଦାସ, ଅଞ୍ଜନ ପତ୍ର, ଯୁଧିଷ୍ଠିର ବିଶ୍ୱାଳ, ମିନତୀ ପ୍ରଧାନ, ପ୍ରଭାକର ନନ୍ଦ, ପ୍ରଭାତ ଜେନା, ରାକେଶ ବେହେରା, ସ୍ନେହାଶିଷ ଶତପଥୀ, ସୌଭାଗ୍ୟ ଶତପଥୀ, ପ୍ରତାପ ଭୋଇ ଓ ସନ୍ତୋଷ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମସ୍ତ କର୍ମକର୍ତ୍ତା ଏକଜୁଟ ହୋଇ ଦଳୀୟ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଭାବେ ପହଞ୍ଚାଇବା ପାଇଁ ଶପଥ ନେଇଥିଲେ।

## କେଶବ ଧାମରେ ଜ୍ଞାନବିଜ୍ଞାନ ମେଳା

**କଟକ,୨/୮/ଏନ୍ଏନ୍ଏସ୍:** ଗତିରାଉତପାଟଣା ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର କେଶବଧାମଠାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତଥା ପ୍ରକଳ୍ପ ପ୍ରମୁଖ ସନ୍ତୋଷ କୁମାର ପଣ୍ଡାଙ୍କ ଅଧକ୍ଷତାରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟ ଅତିଥିଭାବେ ଜାତୀୟ ଧାନ ଗବେଷଣା କେନ୍ଦ୍ର କଟକର ପ୍ରିନ୍ସିପାଲ ଡ.ଅରୂପ କୁମାର ମୁଖାର୍ଜୀ ଯୋଗ ଦେଇଥିଲେ। ତତ୍ସହିତ ଏଥିରେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ସଭାପତି ଡଃ. କିଶୋର ଚନ୍ଦ୍ର ମହାନ୍ତି, ସହ ପ୍ରଧାନଆଚାର୍ଯ୍ୟ ଜିତେନ୍ଦ୍ର କୁମାର ସାହୁ, ଉଚ୍ଚ ମାଧମିକ ବିଦ୍ୟାଳୟର ଶୈକ୍ଷିକ ପ୍ରମୁଖ ପ୍ରଶାନ୍ତ କୁମାର ସାହୁ ମଧ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଜ୍ଞାନ ଓ ବିଜ୍ଞାନ ମଧରେ ତୁଳନାତ୍ମକ ଅଭେଦ ତଥା ନିଜ ଜୀବନରେ ଅଙ୍ଗେ ଲିଭାଇଥିବା ଅନୁଭୂତିକୁ ପିଲାଙ୍କ ପାଖରେ ବାଣ୍ଟି ପରିଶ୍ରମ ହିଁ ସଫଳତାର ଶ୍ରେୟ ବୋଲି ତାଙ୍କ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ବନମାଳୀ ମହାନ୍ତ ମେଳାର ବୃତ୍ତକଥନ କରିଥିବାବେଳେ ଉଚ୍ଚ ମାଧମିକ ବିଦ୍ୟାଳୟର ଆଚାର୍ଯ୍ୟା ସୁଚିସ୍ମିତା ସାମଲ ଧନ୍ୟବାଦ୍ ଦେଇଥିଲେ। ଏହି ମେଳାରେ ଉଭୟ ବିଦ୍ୟାମନ୍ଦିର ଏବଂ ଉଚ୍ଚ ମାଧମିକ ବିଦ୍ୟାଳୟର ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଭାଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ୧୫୦ ଜଣ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।



## ବିଶ୍ୱ ବନ ମହୋତ୍ସବରେ ଚାରା ବଣ୍ଟନ

**କଟକ,୨/୮/ଏନ୍ଏନ୍ଏସ୍:** ସ୍ଥାନୀୟ ମର୍କତନଗରର ସିଡିଏ -୯ସ୍ଥିତ ଜନକଲ୍ୟାଣ ସମିତିଠାରେ ବିଶ୍ୱ ବନ ମହୋତ୍ସବ ଉପଲକ୍ଷେ ଚାରାବଣ୍ଟନ କରାଯାଇଛି। ଏଥିରେ ମେୟର ସୁବାସ ସିଂ ଉପସ୍ଥିତ ଥିଲା ବେଳେ ସିଡିଏ ବରିଷ୍ଠ ନାଗରିକ ମହାସଂଘ (ସିବନାମ)ର ମହାସଚିବ, ବରିଷ୍ଠ ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, ସଦସ୍ୟ ନକୁଳ ଚନ୍ଦ୍ର ମହାରଣା, ବିଜୟ କୁମାର ପାତ୍ର, ପ୍ରକାଶ ଚନ୍ଦ୍ର ରଥ ଓ ଅକ୍ଷୟ କୁମାର ମହାନ୍ତିଙ୍କୁ ଚାରା ବଣ୍ଟନ ସହ ମହାସଂଘ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ପରିସରରେ ରୋପଣ ପାଇଁ ଶ୍ରୀ ସିଂ ଅନୁରୋଧ କରିଥିଲେ। ସେ ସ୍ଥାନୀୟ କର୍ପୋରେଟର ପ୍ରିୟମ୍ବଦା ମହାନ୍ତିଙ୍କୁ ଏହାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଦାୟିତ୍ୱ ଦେଇଥିଲେ।

## ୪୭ନଂ ୱାର୍ଡରେ ବନ ମହୋତ୍ସବ



**କଟକ,୨/୮/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ (କେଏମସି) ତରଫରୁ ୪୭ନଂ ୱାର୍ଡସ୍ଥିତ ମହାନଦୀ ବିହାର ଅଞ୍ଚଳର ଜଗନ୍ନାଥ ଉଦ୍ୟାନ ପରିସରରେ ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡ଼ାଇଙ୍କ ସଂଯୋଜନାରେ ବନ ମହୋତ୍ସବ-୨୦୨୬ ପାଳିତ ହୋଇଯାଇଛି। ଏହି ମହେତ୍ସବରେ କେଏମ୍ସିର ପ୍ଲାଣ୍ଟ୍ ପ୍ଲାଣ୍ଟେସନର ଅଧକ୍ଷା ମୋନାଲିସା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମହାନଦୀ ବିହାର ଡେଭଲପ୍ମେଣ୍ଟ୍ ଆସୋସିଏସନ୍ (ଏମଡିଏ)ର ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ଉପସଭାପତି ସରୋଜ ପ୍ରସାଦ ସ୍ୱାଇଁ, ଜ୍ଞାନ ରଞ୍ଜନ ଦାସ, ପ୍ରଭାକର ରଣା, ଜଗନ୍ନାଥ ସାଂସ୍କୃତିକ ପରିଷଦର ସଭାପତି ଚତୁର୍ଭୂଜ ମହାପାତ୍ର, ରାକେଶ ତ୍ରିପାଠୀ, ପେନସନର୍ସ ଆସୋସିଏସନ୍ର ସଭାପତି ରବିନ୍ଦ୍ର ପ୍ରସାଦ ତ୍ରିପାଠୀ, ସମ୍ପାଦକ ପ୍ରମୋଦ କୁମାର ଦାସ, ନିମାଇଁ ଚରଣ ମହାନ୍ତି, ମହେନ୍ଦ୍ରନାଥ ପଣ୍ଡା, ବିଷ୍ଣୁ ପ୍ରସାଦ କର, ପ୍ରଶାନ୍ତ କୁମାର ପ୍ରଧାନ, ଭାଗିରଥୀ ସାମଲ, ଗୋଲେଖ କାନୁନଗୋ, ମହିଳା ସମିତିର ସଭାପତି ନମିତା ଦାସ, ସମ୍ପାଦିକା ମଧୁସ୍ମିତା ଷଡ଼ଙ୍ଗୀ, ଅନୁସୂୟା ମହାନ୍ତି, କନକ ସମାଲ, ସବିତା ନାୟକ ଓ ଶର୍ମିଳା ଦାସ ପ୍ରମୁଖ ଯୋଗଦେଇ ଉଦ୍ୟାନ ପରିସରରେ ବିଭିନ୍ନ ପ୍ରଜାତିର ଔଷଧୀୟ ବୃକ୍ଷ ରୋପଣ କରିଥିଲେ। ଅନ୍ୟମାନଙ୍କ ମଧରେ କେଏମ୍ସିର ସୁପରଭାଇଜର ତନ୍ମୟ ରାଉତ, ବିଭୁତି ବିକାଶ ମଲ୍ଲ, ଅଜୟ ବେହେରା, ଦୀପକ ନାୟକ, ଭ୍ରମରବର ସାହୁ, ତ୍ରିଲୋଚନ ସ୍ୱାଇଁ, ଅନିଲ ନାୟକ ଓ କୃଷ୍ଣଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଆହତ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ମୁଣ୍ଡମୁହାଣ,୨/୮/ଏନ୍ଏନ୍ଏସ୍:** ଗତ ୩୦ ତାରିଖ ରାତିରେ ଇନ୍ଫୋଭ୍ୟାଲି ଥାନା ହରପୁର-ମଦନପୁର ରାସ୍ତାରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଯୁବକଙ୍କ ଆଜି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଇନ୍ଫୋଭ୍ୟାଲି ଥାନା ହରପୁର ଗ୍ରାମର ଶୁଭ୍ରତ ସାମଲ (୨୨)। ଆଜି ପୁଲିସ ଶବ ଜବତ କରିବା ସହ ବ୍ୟବଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ଗତ ୩୦ ତାରିଖ ରାତି ପ୍ରାୟ ୯ଟାରେ ଶୁଭ୍ରତ କାମ ସାରି ମଦନପୁରରୁ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ସେହି ସମୟରେ ରାସ୍ତାରେ ଏକ ଷଣ୍ଢ ଶୋଇଥିଲା। ଅନ୍ଧାର ଥିବାରୁ ଶୁଭ୍ରତ ଜାଣି ନ ପାରି ଷଣ୍ଢକୁ ଧକ୍କା ଦେଇଥିଲେ। ଫଳରେ ସେ ଗାଡ଼ିରୁ ଛିଟିକି ପଡ଼ିବାରୁ ତାଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ଖବର ପାଇ ଇନ୍ଫୋଭ୍ୟାଲି ଥାନା ପୁଲିସ ଓ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ଶୁଭ୍ରତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ପରିବାର ଲୋକ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ଶୁଭ୍ରତଙ୍କ ମୃତ୍ୟୁ ଘଟିଛି।

## ଶିକ୍ଷାବିତ୍ ସଚ୍ଚିଦାନନ୍ଦ ସାହୁଙ୍କ ବିୟୋଗରେ ଶୋକ

**ନୟାହାଟ,୨/୮/ଏନ୍ଏନ୍ଏସ୍:** ନୟାହାଟ ନିକଟସ୍ଥ ଗୋପିକାନ୍ତପୁର ଗ୍ରାମର ବରିଷ୍ଠ ନାଗରିକ ତଥା ଶିକ୍ଷାବିତ୍ ? ସଚ୍ଚିଦାନନ୍ଦ ସାହୁ (୬୮)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଏହି ଖବର ପାଇ ନୟାହାଟ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ସୁରେନ୍ଦ୍ର ମୋହନ ବିଟି, ସମ୍ପାଦକ କୃଷ୍ଣ ଚନ୍ଦ୍ର ବାରିକ, କ୍ଷେତ୍ରମୋହନ ସାହୁ, ପ୍ରଭାତ ରଞ୍ଜନ ମହାପାତ୍ର, ସଚ୍ଚିଦାନନ୍ଦ ପରିଡ଼ା, ପୁରୁଷୋତ୍ତମ ପାତ୍ରଙ୍କ ସମେତ ପ୍ରାୟ ୨୫ ଜଣ ବରିଷ୍ଠ ନାଗରିକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେଠାରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ସଚ୍ଚିଦାନନ୍ଦ ଜଣେ ପରୋପକାରୀ, ଦୟାଳୁ ଓ ସ୍ନେହୀ ବ୍ୟକ୍ତି ହୋଇଥିବାରୁ ତାଙ୍କ ମୃତ୍ୟୁରେ ସମଗ୍ର ନୟାହାଟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ବିଶ୍ୱ ବନ୍ଧୁତା ଦିବସ: ଚିତ୍ତରଞ୍ଜନ ହରିଚନ୍ଦନଙ୍କୁ 'ବନ୍ଧୁପ୍ରାଣ' ସମ୍ମାନ

**ବେଗୁନିଆ,୨/୮/ଏନ୍ଏନ୍ଏସ୍:** ବେଗୁନିଆ ସଦର ମହକୁମାରେ ଅବସ୍ଥିତ 'ଆଦର୍ଶ କ୍ଲବ' ଆନୁକୂଲ୍ୟରେ ବିଶ୍ୱ ବନ୍ଧୁତା ଦିବସ ପାଳିତ ହୋଇଯାଇଛି। ରବିବାର ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ଅନୁଷ୍ଠିତ ସଭାରେ କ୍ଲବର ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର ପୌରୋହିତ୍ୟ କରିଥିଲେ। ପଣ୍ଡିତ ବିନୋଦ ଦାଶଙ୍କ ବେଦପାଠ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିବା ବେଳେ ଅତିଥି ଓ ଜନସାଧାରଣଙ୍କୁ ବନ୍ଧୁତାର ସୂତ୍ର ପରିଧାନ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିବା ପରେ ତାଙ୍କ ନିର୍ଦ୍ଦେଶନାରେ ଛାତ୍ର ସଞ୍ଜୟ କୁମାର ଓ ଛାତ୍ରୀ ସୁଶ୍ରୀ ସଙ୍ଗୀତା ଆବାହନୀ ସଙ୍ଗୀତ ଗାନ କରିଥିଲେ।

ଏଥିରେ ବିଶିଷ୍ଟ ପ୍ରାବନ୍ଧିକ ଓ ସ୍ତମ୍ଭକାର ଡାକ୍ତର ସୀମାନ୍ତ କୁମାର ନନ୍ଦ ମୁଖ୍ୟ ଅତିଥି, ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଓ ସ୍ତମ୍ଭକାର ଡାକ୍ତର ଆଶୁତୋଷ ପ୍ରସାଦ ମିଶ୍ର ମୁଖ୍ୟ ବକ୍ତା ଏବଂ ରସାୟନବିଜ୍ଞାନୀ ପ୍ରଫେସର ଡ. ହରିପ୍ରସାଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁସ୍ଥ ଓ ସନ୍ତୁଳିତ ସମାଜ ପାଇଁ ନିଃସ୍ୱାର୍ଥପର ବନ୍ଧୁତ୍ୱ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କଣ୍ଟାବାଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ଭେଷଜ ବିଶେଷଜ୍ଞ ଚିତ୍ତରଞ୍ଜନ ହରିଚନ୍ଦନଙ୍କୁ 'ବନ୍ଧୁପ୍ରାଣ' ସମ୍ମାନରେ ସମ୍ମାନିତ କରାଯିବା ସହ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ପ୍ରାକ୍ତନ ସହକାରୀ ମୁଖ୍ୟ ପରିଚାଳକ ସଙ୍ଘମିତ୍ରା ରଥ, ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର, ପ୍ରାଧାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ପ୍ରାଧାପକ ଡ. ଅଖିଳେଶ ପ୍ରସାଦ ପଣ୍ଡା, ଅଧାପକ ରଙ୍କନିଧି ବଳିୟାରସିଂହ, କବିକେତନ ଗୌରଚରଣ ସାମନ୍ତସିଂହାର, ଶିକ୍ଷାବିତ୍ ଶରତ କୁମାର ପଣ୍ଡା, ସଭ୍ୟ ଲକ୍ଷ୍ମୀକାନ୍ତ ମହାପାତ୍ର, ସମାଜସେବୀ ପ୍ରଶାନ୍ତ କୁମାର ବାରିକ, ସୁରେନ୍ଦ୍ର ପାଲଟାସିଂହ, ଶିକ୍ଷାବିତ୍ ହରିବନ୍ଧୁ ପଣ୍ଡା, ଭାଗିରଥି ପରିଡ଼ା, ବ୍ରଜବନ୍ଧୁ ପଣ୍ଡା, ପ୍ରତାପ କୁମାର ପୃଷ୍ଟି, ଗୁରୁକୁମାର ପାଣିଗ୍ରାହୀ, ଅକ୍ଷୟ କୁମାର ମହାପାତ୍ର, ପ୍ରଭାତ କୁମାର ପଣ୍ଡା, ବ୍ରଜବନ୍ଧୁ ନାୟକ, ପ୍ରମୋଦ କୁମାର ମହାପାତ୍ର, ଯନ୍ତ୍ରୀ କେଦାର କିଶୋର ବଳିୟାରସିଂହ, ଯନ୍ତ୍ରୀ ରାମମାନସ ପଣ୍ଡା, ପ୍ରଧାନଶିକ୍ଷକ ଦିବାକର ସାହୁ, ବିଜୟ କୁମାର ପ୍ରଧାନଙ୍କ ସମେତ ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ। ଶେଷରେ ଗାୟକ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଉପସଭାପତି ମହେଫୁଜ ଅଲ୍ଲୀ ଧନ୍ୟବାଦ୍ ଦେଇଥିଲେ।



## ମହାନଦୀ ବିହାର ପେନ୍ସନର୍ସ ସଂଘ ପକ୍ଷରୁ ବୃକ୍ଷରୋପଣ

**କଟକ,୨/୮/ଏନ୍ଏନ୍ଏସ୍:** ମହାନଦୀ ବିହାର ଅଞ୍ଚଳକୁ ସବୁଜ ସୁନ୍ଦର କରି ଗଢ଼ି ତୋଳିବାର ସଂକଳ୍ପ ନେଇ ମହାନଦୀ ବିହାର ପେନସନର୍ସ ସଂଘ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ମହାନଦୀ ବିହାର ଅଞ୍ଚଳର ବିଭିନ୍ନ ସ୍ଥାନ ଏବଂ ପାର୍କ ମଧରେ ୨୦ରୁ ଉର୍ଦ୍ଧ୍ୱ ଚାରା ଲଗାଯାଇଥିଲା। ଏହି ଚାରାଗୁଡ଼ିକର ରକ୍ଷଣାବେକ୍ଷଣ ମଧ ସଂଘ ପକ୍ଷରୁ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ସଂଘର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ଉପ ସଭାପତି ନିମାଇଁ ଚରଣ ମହାନ୍ତି, ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦାଶ, ଯୁଗ୍ମ ସମ୍ପାଦକ ବିଷ୍ଣୁ ପ୍ରସାଦ କର, ମହେନ୍ଦ୍ର ନାଥ ପଣ୍ଡା, ଅତନୁ ଦାସ, ପ୍ରକାଶ ନାୟକ, ସାଇନାଥ ଉପଲଞ୍ଜୱାର, ନିର୍ମଳ କୁମାର ପାଣି, ସ୍ନେହ ନନ୍ଦଙ୍କ ସହିତ ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡ଼ାଇ, ଏମଡିଏର ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସୁଶାନ୍ତ ଘୋଷ ଏବଂ ଜ୍ଞାନ ରଞ୍ଜନ ଦାସ ପ୍ରମୁଖ ଯୋଗଦାନ କରିଥିଲେ।



### ● ‘ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସଂକଳ୍ପ ଅଭିଯାନ’ ଆରମ୍ଭ କଲେ ପ୍ରଧାନମନ୍ତ୍ରୀ

# ‘ଭାରତରେ ନିଶାଦ୍ରବ୍ୟ ଯୋଗାଣ ଆତଙ୍କୀ ଷଡ଼ଯନ୍ତ୍ରର ଅଂଶବିଶେଷ’

**ନୂଆଦିଲ୍ଲୀ,୨/୮/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ‘ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସଂକଳ୍ପ ଅଭିଯାନ’ର ଆରମ୍ଭ କରିଛନ୍ତି। ସେ ଏହି ଅବସରରେ କହିଛନ୍ତି, ଭାରତକୁ ଡ୍ରଗ୍ସ ସପ୍ଲାଇ ଶତ୍ରୁ ଦେଶଙ୍କ ଆତଙ୍କୀ ଷଡ଼ଯନ୍ତ୍ରର ଅଂଶବିଶେଷ। ପ୍ରଧାନମନ୍ତ୍ରୀ ଭିଡିଓ କନ୍‌ଫରେନ୍ସି ଜରିଆରେ ସମ୍ବୋଧନ କରି କହିଛନ୍ତି, ଶତ୍ରୁ ଦେଶ ଭାରତୀୟ ଯୁବ ସମାଜକୁ ନିଶାର ଜାଲରେ ଛନ୍ଦିବାକୁ ଚାହୁଁଛନ୍ତି। ଆମକୁ ମିଳିତ ଭାବେ ଏହି ଷଡ଼ଯନ୍ତ୍ରକୁ ବିଫଳ କରିବାକୁ ହେବ। ଯେତେବେଳେ ଦେଶର ଯୁବକ ଶାରୀରିକ ଏବଂ ମାନସିକ ରୂପେ ଫିଟ୍ ହେବା ସହ ନିଶାଠାରୁ ଦୂରେଇ ରହିବେ, ସେତେବେଳେ ବିକଶିତ ଭାରତର ଲକ୍ଷ୍ୟ ପୂରଣ ହେବ। ସେ କହିଛନ୍ତି ଆଗାମୀ ୧୦୦ ସପ୍ତାହ ପର୍ଯ୍ୟନ୍ତ ପ୍ରତ୍ୟେକ ରବିବାର କଳା, ସଂସ୍କୃତି, ଖେଳ ଏବଂ ଅନ୍ୟ ଗତିବିଧି ଜରିଆରେ ନିଶା ମୁକ୍ତିର ବାର୍ତ୍ତା ସାରା ଦେଶରେ ପ୍ରସାର କରାଯିବ। ପ୍ରଧାନମନ୍ତ୍ରୀ ଏହି ଅଭିଯାନର ନେତୃତ୍ୱ କରିବା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ନିଜ ଭୂମିକା ତୁଲାଇବାକୁ ଯୁବ ସମାଜକୁ ଆହ୍ୱାନ କରିଛନ୍ତି।

ଆଜିର ଯୁବପିଢ଼ି ଷ୍ଟାର୍ଟଅପ୍, କୃତ୍ରିମ ବୁଦ୍ଧିମତ୍ତା (ଏଆଇ), କ୍ରୀଡ଼ା ଏବଂ ମହାକାଶ ଗବେଷଣା କ୍ଷେତ୍ରରେ ହାସଲ କରୁଥିବା ଉଲ୍ଲେଖନୀୟ ସଫଳତା ସହିତ ନିଶାର ବିନାଶକାରୀ ପ୍ରଭାବର ତୁଳନା କରି ପ୍ରଧାନମନ୍ତ୍ରୀ ଚେତାବନୀ ଦେଇଥିଲେ ଯେ ନିଶା ଲକ୍ଷ୍ୟପଥରୁ ବିଚ୍ୟୁତ କରେ ଏବଂ ସ୍ୱପ୍ନକୁ ଭାଙ୍ଗି ଚୁରମାର କରିଦିଏ। ଏହା ପରିବାର ଉପରେ ପକାଉଥିବା ଗଭୀର ପ୍ରଭାବ, ଯେପରିକି ବାପା-ମା’ଙ୍କ ସ୍ୱପ୍ନ ଭାଙ୍ଗିବାଠାରୁ ଆରମ୍ଭ କରି ବୟସ୍କମାନଙ୍କୁ ପ୍ରତିଦିନ କଷ୍ଟ ଦେବା ବିଷୟରେ ବୁଝାଇ ସେ ଏହାର ସାମାଜିକ କ୍ଷତି ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ମୋଦୀ କହିଥିଲେ, ‘ଯେତେବେଳେ କୌଣସି ପରିବାର କିମ୍ବା ସମାଜରେ ଏପରି ବିନାଶ ଘଟେ, ସେତେବେଳେ ସମଗ୍ର ଦେଶର ସବୁ ଶକ୍ତି ମଧ୍ୟ ମୂଳରୁ ଦୁର୍ବଳ ହୋଇଯାଏ।ନିଶାଦ୍ରବ୍ୟର ବିଭ୍ରାନ୍ତକାରୀ ପ୍ରକୃତି ବିରୁଦ୍ଧରେ ଯୁବପିଢ଼ିଙ୍କୁ ସତର୍କ କରାଇ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ନିଶାଦ୍ରବ୍ୟ ଦ୍ୱାରା ପ୍ରଦାନ କରାଯାଉଥିବା କ୍ଷଣସ୍ଥାୟୀ ନିଶା ଶେଷରେ ସେମାନଙ୍କ କ୍ୟାରିଅର ଏବଂ ପାରିବାରିକ ଜୀବନରେ ସ୍ଥାୟୀ ପତନ ଆଣିଥାଏ। ଶ୍ରୀ ଗୁରୁଗ୍ରନ୍ଥ ସାହିବର ନିର୍ଦ୍ଦିଷ୍ଟ



ଶିକ୍ଷା ସମେତ ଭାରତୀୟ ସଂସ୍କୃତି ଏବଂ ଆଧ୍ୟାତ୍ମିକ ନେତାମାନଙ୍କର ଗଭୀର ଜ୍ଞାନକୁ ଉଦ୍ଧୃତ କରି ସେ ମନକୁ ବିଭ୍ରାନ୍ତ କରୁଥିବା ପଦାର୍ଥର ଐତିହାସିକ ସାମାଜିକ ଅଗ୍ରହଣୀୟତା ଉପରେ ଆଲୋକପାତ କରିଥିଲେ। ‘ଆମେ କୌଣସି ପରିସ୍ଥିତିରେ ନିଶାଦ୍ରବ୍ୟକୁ ସାମାଜିକ ସ୍ୱୀକୃତି ଦେବା ଉଚିତ୍ ନୁହେଁ’ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ନିଶା କବଳରୁ ମୁକ୍ତ ହେବା ପାଇଁ ଉପଲବ୍ଧ ବିସ୍ତୃତ ସହାୟତା ବ୍ୟବସ୍ଥା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ନିଶା ଦୂର କରିବାରେ ସାମାଜିକ

> **ଶତ୍ରୁ ଦେଶ ଯୁବକଙ୍କୁ ନିଶା ମଧ୍ୟକୁ ଠେଲିବାକୁ ଚାହୁଁଛନ୍ତି**
>
> **ଆମକୁ ସେମାନଙ୍କ ଯୋଜନା ବିଫଳ କରିବାକୁ ହେବ**

ସମର୍ଥନ, ଯୋଗ, ଧ୍ୟାନ ଏବଂ ଆଧୁନିକ ପୁନର୍ବାସ କେନ୍ଦ୍ରର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ସାମାଜିକ ପ୍ରତିଷ୍ଠା ବିଷୟରେ ଭୁଲ ଚିନ୍ତା ଅପେକ୍ଷା ଚିକିତ୍ସା ହସ୍ତକ୍ଷେପକୁ ପ୍ରାଥମିକତା ଦେବାକୁ ପରିବାରଗୁଡ଼ିକୁ ଆହ୍ୱାନ କରି ସେ ଦୁର୍ବଳ ପିଲାମାନଙ୍କୁ ଏହି ଫାଶରେ ପଡ଼ିବାରୁ ରୋକିବା ପାଇଁ ଖୋଲା ପାରିବାରିକ ଆଲୋଚନାର ସଂସ୍କୃତିକୁ ସମର୍ଥନ କରିଥିଲେ। ‘ଯଦି ଜଣେ ଯୁବକ ଭୁଲବଶତଃ ନିଶାରେ ପଡ଼ିଯାଇଛି, ତେବେ ଏହାର ଅର୍ଥ ନୁହେଁ ଯେ ସେମାନଙ୍କର ସମସ୍ତ ରାସ୍ତା ସବୁଦିନ ପାଇଁ ବନ୍ଦ ହୋଇଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଶିକ୍ଷାବିତ୍‌ମାନଙ୍କୁ ସ୍ୱତନ୍ତ୍ର ନିବେଦନ କରି ପ୍ରଧାନମନ୍ତ୍ରୀ କଲେଜ ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକାମାନଙ୍କୁ ସେମାନଙ୍କର ନିୟମିତ ପାଠ୍ୟକ୍ରମରେ ନିଶାଦ୍ରବ୍ୟର ବିପଦ ବିଷୟରେ ଆଲୋଚନାକୁ ସାମିଲ କରିବା ଏବଂ ସେମାନଙ୍କ କ୍ୟାମ୍ପସଗୁଡ଼ିକରେ ନିଶା ନିବାରଣ ଆନ୍ଦୋଳନ ଆରମ୍ଭ କରିବାକୁ ଆହ୍ୱାନ ଦେଇଥିଲେ। ନିଶାମୁକ୍ତ ହେଉଥିବା ବ୍ୟକ୍ତିମାନଙ୍କ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି ସେମାନଙ୍କ ଅତୀତ ସହ ଯୋଡ଼ିହୋଇଥିବା କଳଙ୍କକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି ସେମାନଙ୍କୁ ସାମାଜିକ ସମ୍ମାନ ଏବଂ ଦ୍ୱିତୀୟ ସୁଯୋଗ ଦେବାକୁ ଆହ୍ୱାନ କରିଥିଲେ। ଶ୍ରୀ ମୋଦୀ କହିଥିଲେ, ‘ନିଶା ସହ ଲଢ଼ି ବାହାରକୁ ଆସିଥିବା ଯୁବପିଢ଼ି ଦୁର୍ବଳ ନୁହଁନ୍ତି; ସେମାନେ ପ୍ରକୃତ ଯୋଦ୍ଧା, ଯାହାଙ୍କର ଅତୁଳନୀୟ ସାହସ ହିଁ ସେମାନଙ୍କର ପ୍ରକୃତ ପରିଚୟ।’ନିଜର ଅଭିଭାଷଣ ଶେଷ କରି ପ୍ରଧାନମନ୍ତ୍ରୀ ଯୁବପିଢ଼ିଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଏହି ଗୁରୁତ୍ୱପୂର୍ଣ୍ଣ ଲଢ଼େଇରେ ସରକାର ସେମାନଙ୍କ ସହ ଦୃଢ଼ ଭାବରେ ଛିଡ଼ା ହୋଇଛନ୍ତି। ଏହି ଅବସରରେ ସେ ନିଶା ବେପାରୀ ଏବଂ ଚୋରା ଚାଲାଣକାରୀଙ୍କୁ ଲକ୍ଷ୍ୟ କରି ଅଭୂତପୂର୍ବ ଦେଶବ୍ୟାପୀ ଚଢ଼ଉ, ହଜାର ହଜାର କୋଟି ଟଙ୍କାର ନିଶାଦ୍ରବ୍ୟ ଜବତ ଏବଂ ନିରନ୍ତର ବୃଦ୍ଧି ପାଉଥିବା ଗିରଫଦାରୀ ହାର ବିଷୟରେ ଉଲ୍ଲେଖ କରିଥିଲେ। ଯୁବପିଢ଼ିଙ୍କ ପ୍ରତିରୋଧ ଶକ୍ତି ଉପରେ ଅଟଳ ବିଶ୍ୱାସ ପ୍ରକଟ କରି ସେ ଏହି ଜାତୀୟ ପଦକ୍ଷେପର ଅତ୍ୟନ୍ତ ସଫଳ ପରିଣାମ ହେବ ବୋଲି ଭବିଷ୍ୟବାଣୀ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଦୃଢ଼ତାର ସହ କହିଥିଲେ ଯେ ‘ମୋର ବିଶ୍ୱାସ ଯେ ଆମର ଯୁବପିଢ଼ି ନିଶାମୁକ୍ତ ରହି ନିଜର ଉର୍ଜାକୁ ସୁରକ୍ଷିତ ରଖିବେ ଏବଂ ବିକଶିତ ଭାରତର ସଂକଳ୍ପକୁ ଆଗକୁ ନେବେ।’ଏହି ଅବସରରେ ଦେଶର ୨୮ ହଜାରରୁ ଅଧିକ ସ୍ଥାନରୁ ପ୍ରାୟ ଏକ କୋଟିରୁ ଊର୍ଦ୍ଧ୍ୱ ଯୁବ ନାଗରିକଙ୍କ ସମେତ ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ଥିଲେ।









‘ନିଶାମୁକ୍ତ ଯୁବ -ବିକଶିତ ଭାରତ ସଂକଳ୍ପ ଅଭିଯାନ’ର ଶୁଭାରମ୍ଭ ଅବସରରେ କଳିଙ୍ଗ ଷ୍ଟାଡିୟମ୍ ଠାରେ ଉପସ୍ଥିତ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ

### ଓଡ଼ିଶାରେ ବିହାର କ୍ରୀଡ଼ା ମନ୍ତ୍ରୀ

# କ୍ରୀଡ଼ା କ୍ଷେତ୍ରରେ ମିଳିମିଶି କାମ କରିବେ ଉଭୟ ରାଜ୍ୟ

**ଭୁବନେଶ୍ୱର,୨/୮/ଏନ୍‌ଏନ୍‌ଏସ୍:** ବିହାର ସରକାରଙ୍କ କ୍ରୀଡ଼ା ଓ ଉଦ୍ୟୋଗ ମନ୍ତ୍ରୀ ସୁଶ୍ରୀ ଶ୍ରେୟସୀ ସିଂହଙ୍କ ଚାରିଦିନିଆ ଓଡ଼ିଶା ଗସ୍ତ ଆଜି ଭୁବନେଶ୍ୱରରେ ଅବସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଛି। ଗସ୍ତର ଶେଷ ଦିନରେ ସେ ଓଡ଼ିଶାର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଥିଲେ। ଦୁଇ ରାଜ୍ୟ ମଧ୍ୟରେ କ୍ରୀଡ଼ା କ୍ଷେତ୍ରରେ ସହଯୋଗ, ଖେଳାଳିଙ୍କ ଆଦାନପ୍ରଦାନ, କ୍ରୀଡ଼ା ବିଜ୍ଞାନର ବ୍ୟବହାର ଏବଂ ତୃଣମୂଳ ସ୍ତରରୁ ନୂଆ ପ୍ରତିଭା ଖୋଜିବା ଉପରେ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଆଲୋଚନା ସମୟରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ଭୂପେନ୍ଦ୍ର ସିଂହ ପୁନିଆ ଉପସ୍ଥିତ ରହି ବିଭାଗୀୟ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶାର ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଓ ହାଇ-ପରଫରମାନ୍ସ ସେଣ୍ଟରଗୁଡ଼ିକର ପ୍ରଶଂସା କରି ସୁଶ୍ରୀ ଶ୍ରେୟସୀ ସିଂହ କହିଥିଲେ ଯେ, ବିହାରରେ ମଧ୍ୟ କ୍ରୀଡ଼ା ଭିତ୍ତିଭୂମିର ବ୍ୟାପକ ବିକାଶ କରାଯାଉଛି। କ୍ରୀଡ଼ାପ୍ରାଙ୍ଗଣଗୁଡ଼ିକର ସଠିକ୍ ବ୍ୟବହାର ଓ ପରିଚାଳନା ପାଇଁ ସେ ଓଡ଼ିଶା ଏବଂ ବିହାର ମଧ୍ୟରେ ବନ୍ଧୁତାପୂର୍ଣ୍ଣ ମ୍ୟାଚ୍ ଓ ଖେଳାଳି ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାସହ ବିହାରର ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଭଲିବଲ୍, ବାସ୍କେଟବଲ୍, କ୍ରିକେଟ୍ ପ୍ରାକ୍ଟିସ୍ ପିଚ୍ ଏବଂ ଫୁଟବଲ୍ ଭଳି ୪ଟି ଖେଳ ପାଇଁ ଭିତ୍ତିଭୂମି ତିଆରି କରାଯାଉଥିବା ସେ ପ୍ରକାଶ କରିଥିଲେ।

ଓଡ଼ିଶାର କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ‘ସିଏମ୍ ଟ୍ରଫି’ ଭଳି ପ୍ରତିଯୋଗିତା ମାଧ୍ୟମରେ ଓଡ଼ିଶାରେ ତୃଣମୂଳ ସ୍ତରରୁ ନୂଆ ଖେଳାଳି ସୃଷ୍ଟି କରାଯାଉଛି। କ୍ରୀଡ଼ା ସଚିବ ଭୂପେନ୍ଦ୍ର ସିଂହ ପୁନିଆ ଓଡ଼ିଶାର କାର୍ଯ୍ୟଶୈଳୀ ସମ୍ପର୍କରେ ବୁଝାଇ କହିଥିଲେ ଯେ, ଗ୍ରାମାଞ୍ଚଳର ଖେଳାଳି ସୃଷ୍ଟି କରିବା ପାଇଁ



ବିଦ୍ୟାଳୟ, କ୍ରୀଡ଼ା ଅନୁଷ୍ଠାନ ଏବଂ ସରକାରୀ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଜରୁରୀ ବୋଲି ଦୁଇ ମନ୍ତ୍ରୀ ସହମତି ପ୍ରକାଶ କରିଥିଲେ। ଏହି ବୈଠକରେ କ୍ରୀଡ଼ା ବିଜ୍ଞାନର ଗୁରୁତ୍ୱ ଉପରେ ଚର୍ଚ୍ଚା କରାଯାଇଥିଲା। କୋଚିଂ ଓ ତାଲିମ କ୍ଷେତ୍ରରେ ଥିବା ଆହ୍ୱାନଗୁଡ଼ିକୁ ଦୂର କରିବା ସହ ଖେଳାଳିଙ୍କ ଭବିଷ୍ୟତ ସୁରକ୍ଷିତ କରିବା ପାଇଁ କ୍ରୀଡ଼ା ବିଜ୍ଞାନକୁ ପାଠ୍ୟକ୍ରମ ସହ ଯୋଡ଼ିବା ଉପରେ ଶ୍ରୀ ପୁନିଆ ଗୁରୁତ୍ୱ ଦେଇଥିଲେ। ସେହିପରି ଆଘାତରୁ ବଞ୍ଚିବା, ସଠିକ୍ ଆହାର ଓ ବିଶ୍ରାମ ବିଷୟରେ ଖେଳାଳିଙ୍କୁ ସଚେତନ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ଶ୍ରୀମତୀ ସିଂହ କହିଥିଲେ। କେନ୍ଦ୍ର ସରକାରଙ୍କ ‘ଖେଲୋ ଇଣ୍ଡିଆ’ କେନ୍ଦ୍ରଗୁଡ଼ିକର ସମ୍ପ୍ରସାରଣକୁ ସୂର୍ଯ୍ୟବଂଶୀ ସୂରଜ ପ୍ରଶଂସା କରିଥିଲେ। ଜାମ୍ମୁ-କାଶ୍ମୀରରେ ଅନୁଷ୍ଠିତ ‘ଚିନ୍ତନ ଶିବିର’ ତର୍ଜମା ଆଧାରରେ ରାଜ୍ୟ ଓ ଜିଲ୍ଲା ସ୍ତରରେ ମଧ୍ୟ ଏଭଳି ଆଲୋଚନାଚକ୍ର ଆୟୋଜନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ଏହାସହ ଜାତୀୟ ସ୍ତରର ପ୍ରତିଯୋଗିତା ପୂର୍ବରୁ ରାଜ୍ୟ ସ୍ତରୀୟ କ୍ରୀଡ଼ା ଆୟୋଜନ କଲେ ଖେଳାଳିଙ୍କ ଦକ୍ଷତା ବୃଦ୍ଧି ପାଇବ ବୋଲି ସେ କହିଥିଲେ। ଶେଷରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିହାର ପ୍ରତିନିଧି ଦଳକୁ ଓଡ଼ିଶାର ସଂସ୍କୃତି ଓ ପାରମ୍ପରିକ ଖାଦ୍ୟ ସମ୍ପର୍କରେ ଧାରଣା ଦେଇଥିଲେ। ଓଡ଼ିଶା ସରକାରଙ୍କ ଆତିଥେୟତା ପାଇଁ ଧନ୍ୟବାଦ ଜଣାଇ ସୁଶ୍ରୀ ଶ୍ରେୟସୀ ସିଂହ କହିଥିଲେ ଯେ, ପୁରୀରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଏବଂ ଭୁବନେଶ୍ୱରର ସବୁଜିମା ଓ ସ୍ୱଚ୍ଛତା ତାଙ୍କୁ ବହୁତ ଆନନ୍ଦିତ କରିଛି। ଓଡ଼ିଶାର କ୍ରୀଡ଼ା ମଡେଲ ସାରା ଦେଶ ପାଇଁ ଏକ ପ୍ରେରଣା ବୋଲି ସେ ପ୍ରକାଶ କରିଥିଲେ।

## ପ୍ରେମିକଙ୍କ ମୃତ୍ୟୁ ପରେ ପ୍ରେମିକାଙ୍କ ଆତ୍ମହତ୍ୟା

**ଉଦଳା,୨/୮/ଏନ୍‌ଏନ୍‌ଏସ୍:** ପ୍ରେମିକଙ୍କ ମୃତ୍ୟୁ ଖବର ପାଇ ଜୀବନ ହାରି ଦେଲେ ପ୍ରେମିକା। ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଡିମଗଡ଼ିଆ ଗାଁରେ। ମୃତ ଯୁବତୀଙ୍କ ନାଁ ଦେବୀ ସିଂ। ଦୀର୍ଘ ବର୍ଷ ହେଲା ଅନୁଗୋଳ ଜିଲ୍ଲା ନାଲକୋ ଅଞ୍ଚଳର ପିଣ୍ଟୁଙ୍କୁ ଭଲ ପାଉଥିଲେ ଦେବୀ। ସେମାନେ ବାହା ହେବାକୁ ଯୋଜନା କରିଥିଲେ। ୪ ଦିନ ତଳେ ପିଣ୍ଟୁ କାମକୁ ଯାଇଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ଖବର ପାଇବା ପରେ ଦେବୀ ଭାରି ବ୍ୟସ୍ତ ହୋଇପଡ଼ିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ପ୍ରାଣ ହରାଇଥିଲେ ପିଣ୍ଟୁ। ତାଙ୍କ ମୃତ୍ୟୁ ଖବର ପାଇ ଦେବୀ ମାନସିକ ଭାରସାମ୍ୟ ହରାଇ ବସି ଘର ପଛପଟ ବାଡ଼ିରେ ବେକରେ ଦଉଡ଼ି ବାନ୍ଧି ଝୁଲି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଉଦଳା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନଦୀରୁ ୨ ଛାତ୍ର ଉଦ୍ଧାର

**କଟକ,୨/୮/ଏନ୍‌ଏନ୍‌ଏସ୍:** ସିଡୁଆନଦୀର ପ୍ରଖର ସ୍ରୋତରେ ଭାସିଯାଉଥିବା ବେଳେ ୨ଜଣ ଛାତ୍ରଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଛାତ୍ରଦ୍ୱୟ ହେଲେ ଶ୍ରୀକୋରୁଆଁ ଗ୍ରାମର ଓମ୍ ଚୌଧୁରୀ(୧୩) ଓ ଆର୍ଯ୍ୟନ ସାହା। ଛାତ୍ରଦ୍ୱୟଙ୍କୁ ସେହି ଗ୍ରାମର ଯୁବକ ସୁମନ ମହାପାତ୍ର (୨୪) ଉଦ୍ଧାର କରିଛନ୍ତି। ରବିବାର ଅପରାହ୍ନରେ ଛାତ୍ରଦ୍ୱୟ କୌଣସି କାରଣବଶତଃ ନଦୀଜଳରେ ଖସି ପଡ଼ିଥିଲେ। ବନ୍ୟାପାଣି ପ୍ରବାହିତ ହେଉଥିବା ଯୋଗୁଁ ପ୍ରଖର ସ୍ରୋତ ପ୍ରବାହିତ ହେଉଥିଲା। ଫଳରେ ଦୁହେଁ କିଛି ବାଟ ପାଣି ଭାସି ଯାଇଥିଲେ। ଏହା ଦେଖିବା ମାତ୍ରେ ସେଠାରେ ଉପସ୍ଥିତ ଥିବା ଶ୍ରୀକୋରୁଆଁ ଗ୍ରାମର ଯୁବକ ସୁମନ କାଳ ବିଳମ୍ବ ନକରି ଅତ୍ୟନ୍ତ ସାହସିକତାର ସହ ପାଣି ଡେଇଁ ପଡ଼ିଥିଲେ। ସେ ଉଭୟ ଛାତ୍ରଙ୍କୁ ନଦୀରୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଛାତ୍ରଦ୍ୱୟଙ୍କ ସ୍ୱାସ୍ଥାବସ୍ଥା ଭଲ ଥିବା ଜଣାଯାଇଛି। ଯୁବକ ସୁମନଙ୍କ ଏଭଳି ସାହସିକତାକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

## ଶାଶ୍ୱତ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍ ବିଜେତା



**ଭୁବନେଶ୍ୱର,୨/୮/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ସତ୍ୟଭାମାପୁର ସଂସ୍କାର ସ୍କୁଲ୍‌ରେ ରବିବାର ରାଜ୍ୟ ସ୍କୁଲ୍ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ଆୟୋଜିତ ହୋଇଯାଇଛି। ସଂସ୍କାର ସ୍କୁଲ୍ ଓ ଓଡ଼ିଶା ରାଜ୍ୟ ଚେସ୍ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଚାମ୍ପିଅନ୍‌ଶିପ୍‌ରେ ଭୁବନେଶ୍ୱର ଷ୍ଟିୱାର୍ଟ ସ୍କୁଲ୍‌ର ଶାଶ୍ୱତ ମହାପାତ୍ର (୪.୦ ପଏଣ୍ଟ) ଚାମ୍ପିଅନ୍ ହୋଇଛନ୍ତି। ବ୍ଲୋଜମ୍ସ ସ୍କୁଲ୍‌ର ଅହାନ୍ ଅଭିଜ୍ଞାନ (୩.୫) ଓ ମଡେଲ୍ ଇଂଲିଶ୍ ମିଡିୟମ୍ ସ୍କୁଲ୍‌ର ଅଦ୍ୱିକ୍ ମହାନ୍ତି (୩.୫) ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ବାଳିକା ବିଭାଗରେ ଶ୍ରୀଜା ମହାନ୍ତି ପ୍ରଥମ ଓ ଦିକ୍ଷୀତା ଦିବଦର୍ଶୀ ଦ୍ୱିତୀୟ ହୋଇଛନ୍ତି। ବୟସ ବର୍ଗ ପ୍ରତିଯୋଗିତାରେ ସାଇକ୍ରିଷ୍ଣା ସାମଲ, ସାତ୍ୱିକ ମହାନ୍ତି, କିରତିସ୍ କୁମାର ସାହୁ ଏବଂ ରୋହନ ପରିମାଣିକ ପ୍ରଥମ ସ୍ଥାନ ହାସଲ କରିଥିଲେ। ଚାମ୍ପିଅନ୍‌ଶିପ୍‌କୁ ସତ୍ୟଭାମାପୁର ସଂସ୍କାର ସ୍କୁଲ୍ ଅଫ୍ ଆର୍ଟ ଡ୍ୟାନ୍ସ ମ୍ୟୁଜିକ୍ ସ୍କୁଲ୍‌ର ପ୍ରତିଷ୍ଠାତା ପ୍ରଜ୍ଞା ବାଦିନୀ ରଥ ଉଦ୍‌ଘାଟନ କରିଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ସଂସ୍କାର ସ୍କୁଲ୍ ଅଫ୍ ଆର୍ଟ ଡ୍ୟାନ୍ସ ମ୍ୟୁଜିକ୍ ସ୍କୁଲ୍ ସମ୍ପାଦକ ହେମନ୍ତ କୁମାର ଦାସ ଏବଂ ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥି ଭାବେ ଉପସ୍ଥିତ ଥିଲେ।



### ଆକ୍ସନ୍ ମୋଡ୍‌ରେ ଜଳ ସମ୍ପଦ ବିଭାଗ

# ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ

**ଭୁବନେଶ୍ୱର,୨/୮/ଏନ୍‌ଏନ୍‌ଏସ୍:** ବନ୍ୟା ପରିସ୍ଥିତି ପରେ ରାଜ୍ୟରେ ଜଳ ବନ୍ଧ ସଂରଚନାର ସୁରକ୍ଷା ଓ କ୍ଷତିଗ୍ରସ୍ତ ସ୍ଥାନଗୁଡ଼ିକର ଶୀଘ୍ର ପୁନରୁଦ୍ଧାର ପାଇଁ ଜଳ ସମ୍ପଦ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରଖିଛି। ବିଭାଗର ବରିଷ୍ଠ ଯନ୍ତ୍ରୀମାନେ କ୍ଷେତ୍ର ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରୁଥିବାବେଳେ, ଆବଶ୍ୟକ ସ୍ଥାନରେ ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। ଯାଜପୁର ଜିଲ୍ଲାର କାଣି ଡାହାଣ ପାର୍ଶ୍ୱ ବନ୍ଧର ବ୍ରହ୍ମଚାରୀପାଟଣା ଏବଂ ବ୍ରାହ୍ମଣୀ ନଦୀର କିମିରିଆପାଲ ନିକଟରେ ହୋଇଥିବା ଅସ୍ଥାୟୀ ଘାଇର ମରାମତି କରିବା କାର୍ଯ୍ୟ ଆରମ୍ଭ ହୋଇଛି। ଆବଶ୍ୟକ ଯନ୍ତ୍ରପାତି, ସାମଗ୍ରୀ ଏବଂ ଜନଶକ୍ତି ନିୟୋଜିତ କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି। କଟକ, ପୁରୀ, ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲା ଦେଇ ପ୍ରବାହିତ ଦୟା, ରାଜୁଆ, ମକରା, ଭାର୍ଗବୀ, ମହାନଦୀ, କୁଶଭଦ୍ରା ଓ ଦେବୀ ନଦୀର ସମସ୍ତ ନଦୀବନ୍ଧକୁ ଦିନରାତି ନିରନ୍ତର ନିରୀକ୍ଷଣ କରାଯାଉଛି। ଚିହ୍ନଟ ହୋଇଥିବା ସମସ୍ତ ଗଳିଆକୁ ତୁରନ୍ତ ମରାମତି କରାଯାଇ





ସମ୍ଭାବ୍ୟ ଘାଇ ସୃଷ୍ଟି ହେବାର ଆଶଙ୍କାକୁ ସଫଳତାର ସହ ଏଡ଼ାଇ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ ଦିଲ୍ଲୀପ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ବନ୍ୟା ସେଲ୍‌ରେ ଅନ୍ୟ ବରିଷ୍ଠ ମୁଖ୍ୟ ଯନ୍ତ୍ରୀମାନଙ୍କ ସହ ଆଜି ପୁନଃ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବର୍ତ୍ତମାନର ବନ୍ୟା ପରିସ୍ଥିତି, ହୀରାକୁଦ ଜଳଭଣ୍ଡାରର ପରିଚାଳନା, ନଦୀଗୁଡ଼ିକର

> **ରାଜ୍ୟବ୍ୟାପୀ ତଦାରଖ, ବନ୍ଧ ସୁରକ୍ଷା ଓ ପୁନରୁଦ୍ଧାର କାର୍ଯ୍ୟ ଜୋର୍‌ଦାର୍**

ଜଳପ୍ରବାହ, ତଳମୁଣ୍ଡ ଅଞ୍ଚଳର ସ୍ଥିତି ଏବଂ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରାଯାଇଥିଲା। ଏହା ସହ, ଖୋର୍ଦ୍ଧା ଜଳସେଚନ ଡିଭିଜନ୍ ଅଧୀନ ବନ୍ଧ ଏବଂ ଜଳସେଚନ ସଂରଚନାଗୁଡ଼ିକର ପରିଦର୍ଶନ କରିଥିଲେ। ତାଙ୍କ ସହ ସେଣ୍ଟ୍ରାଲ ସର୍କିଲର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ବନ୍ୟା ନୋଡାଲ ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ। ସୁନ୍ଦରଗଡ଼ ଜଳସେଚନ ଡିଭିଜନ୍ ଅଧୀନ କୋପାସିଂଘା ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ର ମଧ୍ୟ ପରିଦର୍ଶନ କରାଯାଇଥିଲା। ଜଳ ସମ୍ପଦ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ପ୍ରମୁଖ ବନ୍ଧ, ଜଳଭଣ୍ଡାର, ନଦୀବନ୍ଧ ଓ ଜଳସେଚନ ସଂରଚନା ଉପରେ ନିରବଚ୍ଛିନ୍ନ ନଜରଦାରି ଜାରି ରହିଛି। ଯେଉଁଠାରେ କ୍ଷୟକ୍ଷତି ହୋଇଛି, ସେଠାରେ ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି। ବନ୍ୟା ପରିସ୍ଥିତିର ସଫଳ ପରିଚାଳନା ସହିତ ଜନସୁରକ୍ଷା ଏବଂ ଜଳ ସଂରଚନାର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ବିଭାଗ ସମ୍ପୂର୍ଣ୍ଣ ସଜାଗ ଓ ପ୍ରସ୍ତୁତ ରହିଛି।

### ଶ୍ରାବଣ ପ୍ରଥମ ସୋମବାର

## ପ୍ରତାପୁର ରଷିକୁଲ୍ୟା, ତୁମ୍ୱେଶ୍ୱରପୀଠ ଚଳଚଞ୍ଚଳ




**ପୁରୁଷୋତ୍ତମପୁର,୨।୮/ଏନ୍‌ଏନ୍‌ଏସ୍:** ଶ୍ରାବଣ ମାସ ଆରମ୍ଭ ହୋଇଥିବା ବେଳେ ଚଳଚଞ୍ଚଳ ହୋଇ ଉଠିଛି ପ୍ରତାପୁର ଗ୍ରାମର ତୁମ୍ୱେଶ୍ୱର ଶୈବ ପୀଠନିକଟ ପ୍ରସିଦ୍ଧ ରଷିକୁଲ୍ୟା ନଦୀ ଘାଟ। ଶ୍ରାବଣ ମାସ ଆରମ୍ଭ ହୋଇଥିବା ବେଳେ ସୋମବାର ମହାଦେବଙ୍କ ଶିବଲିଙ୍ଗରେ ଜଳଲାଗି କାଉଡିଆଙ୍କ ଭିଡ ଜମିବ। ରଷିକୁଲ୍ୟା ନଦୀ ଘାଟରୁ ଜଳ ଉଠାଇବା ଲାଗି ରଷିକୁଲ୍ୟା ନଦୀ ଉତ୍ତର ମୁଖୀ ହୋଇ ଗତି କରିଥିବାରୁ ଏହିଘାଟ ସବୁ କାର୍ଯ୍ୟ ପାଇଁ ଅନୁକୂଳ ଅଟେ । ଏଠାରେ ମହାବାରୁଣୀରେ ପିଣ୍ଡ ଦାନ, ଅସ୍ଥି ବିସର୍ଜନ, ଶ୍ରାଦ୍ଧ,ତର୍ପଣ, ସ୍ନାନ ଆଦି କାର୍ଯ୍ୟ ଲୋକମାନେ କରୁଛନ୍ତି । ବର୍ତ୍ତମାନ ନଦୀ ଏହି ଶିବ ମନ୍ଦିରଠାରୁ ୧୦୦୦ ମିଟର ଦୁରକୁ ଚାଲି ଯାଇଛି । ତେଣୁ ଜିଲ୍ଲା ଏବଂ ରାଜ୍ୟର ବହୁ ସ୍ଥାନରୁ କାଉଡିଆମାନେ ଏଠାରୁ ପାଣି ନେବାପାଇଁ ଆସିଥାନ୍ତି । ନଦିଘାଟରେ ବ୍ରାହ୍ମଣଙ୍କ ଦ୍ୱାରା ପୂଜା କରି ପାଣି ଧରିପ୍ରଭୁ ତୁମ୍ୱେଶ୍ୱରଙ୍କୁ ଦର୍ଶନ କରି ମନ୍ଦିର ବେଢ଼ା ବୁଲି ନିଜ ଗନ୍ତବ୍ୟ ସ୍ଥାନକୁ ଯାତ୍ରା କରନ୍ତି। କାଉଁଡିଆମାନେ ନିଜର



ତଥା ପରିବାର ଓ ଜଗତର ମଙ୍ଗଳ କାମନା ପାଇଁ ଶିବଲିଙ୍ଗରେ ଜଳ ଲାଗି କରିଥାନ୍ତି । ଶ୍ରାବଣ ମାସର ପ୍ରଥମ ସୋମବାର ପାଇଁ ଏହି ପୀଠରେ କାଉଡିଆମାନଙ୍କ ଭିଡ଼ ବେଶି ହୋଇଥାଏ । ଶ୍ରାବଣ ମାସ ପାଇଁ ସବୁଠି ଚଳଚଞ୍ଚଳ ଗାଁଠୁ ସହର । ଜଳ ଭାର ନେଇ ବିଭିନ୍ନ ଶୈବ ପୀଠ ମୁଖେ ବାହାରିବେ କାଉଡିଆ । ଭୋଲ ବମ ହରହର ବମରେ କମ୍ପିବ ଗାଁ ଓ ସହର। ପ୍ରତାପୁର ତୁମ୍ୱେଶ୍ୱର ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ରହିଥିବା ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ମନ୍ଦିର ସେବାୟତ ଆଇନଜୀବୀ ଗୌରୀ ଶଙ୍କର ରାଉଳ, ତୁମ୍ୱନାଥ ରାଉଳ, ବୁଢ଼ା ରାଉଳ, ତାରିଣୀ ଚରଣ ରାଉଳ, ଟୁନା ରାଉଳ, ତପନ ରାଉଳଙ୍କ ସମେତ ଅନେକ ସେବାୟତ ଗ୍ରାମର ସରପଞ୍ଚ ଦାଶ ବେହେରା, ସମାଜସେବୀ ସୁଦର୍ଶନ ନାୟକ, ସନ୍ତୋଷ ମହାପାତ୍ର, ଜନ ପ୍ରତିନିଧି ପ୍ରମୁଖ ଏଥିରେ ସହଯୋଗ କରିଥାନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁରୁଷୋତ୍ତମପୁର ଥାନା ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି।

## ମେଡିକାଲ୍ କଲେଜ ନାମକରଣ ନେଇ ମିଳିତ ମଞ୍ଚର ରାଲି ଓ ଦାବିପତ୍ର



**ଫୁଲବାଣୀ,୨।୮/ଏନ୍‌ଏନ୍‌ଏସ୍:** ନବନିର୍ମିତ ଫୁଲବାଣୀ ସରକାରୀ ମେଡ଼ିକାଲ କଲେଜର ନୂତନ ନାମକରଣକୁ ନେଇ ପ୍ରତିବାଦର ସ୍ୱର ତୀବ୍ର ହେଉଛି । ଶନିବାର ଜିଲ୍ଲା ମିଳିତ ମଞ୍ଚ ପକ୍ଷରୁ ଏକ ପ୍ରତିବାଦ ରାଲି ଆୟୋଜନ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ମିଳିତ ମଞ୍ଚ, କୁଇ ସମାଜ ସହିତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ସଦସ୍ୟ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ନିକଟରୁ ଏକ ରାଲିରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଉଦଘାଟନ ପୂର୍ବରୁ ସମସ୍ତଙ୍କ ସହମତି କ୍ରମେ ଏହାର ନାମ ସରକାରୀ ମେଡ଼ିକାଲ କଲେଜ, କନ୍ଧମାଳ ରଖା ଯାଇଥିଲା । କିନ୍ତୁ ବର୍ତ୍ତମାନ ଏହାର ନୂତନ ନାମକରଣ ଜିଲାବାସୀଙ୍କ ମନରେ ଆଘାତ ଦେଇଛି ବୋଲି କହିଛି ମିଳିତ ମଞ୍ଚ । ତେଣୁ ସରକାର ନିଷ୍ପତ୍ତିର ପରିବର୍ତ୍ତନ କରି ଏହାକୁ ଆଦିବାସୀ ମେଡିକାଲ କଲେଜ, କନ୍ଧମାଳ ନାମରେ ନାମିତ କରିବା ପାଇଁ ମଞ୍ଚ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ଆସନ୍ତା ୧୫ ଦିନ ମଧ୍ୟରେ ସରକାର ଏହି ଦାବି ପୂରଣ ନ କଲେ ଜିଲାବାସୀ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଦାବିପତ୍ରରେ କୁହାଯାଇଛି । ଜିଲାପାଳ ବେଦଭୂଷଣ ଓ ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦ ଆସି ଆଦିବାସୀ ନେତା ତଥା କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ଲମ୍ବୋଦର କହଁରଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ । ମିଳିତ ମଞ୍ଚ ସଭାପତି ସମୀର ଘଟାଲଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନରେ ଓଡିଶା ଆଦିବାସୀ ମହାସଂଘ ଜିଲ୍ଲା ସଭାପତି ମନୋଜ ପ୍ରଧାନ, କୁଇ ସମାଜ କର୍ମକର୍ତ୍ତା ବୀରେନ୍ଦ୍ର କହଁର, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଅନାମ ନାୟକ, ଶ୍ରମିକ ନେତା ଘନକୁମାର ଶବର, ନିଖିଳ ଉତ୍କଳ କୁଇ ସମାଜ ସଭାପତି ପୁଷାରା କହଁର,ପାଣ ସମାଜ କଲ୍ୟାଣ କମିଟି ସଭାପତି ପଙ୍କଜ ବେହେରା,,କନ୍ଧମାଳ ଶାନ୍ତି ସଦଭାବନା ସମାଜ ସଭାପତି ପ୍ରସନ୍ନ ବିଷୋୟୀ, ଜିଲ୍ଲା ଭୀମ ଆର୍ମି ସଭାପତି ଅମର ନାୟକ, ରାଷ୍ଟ୍ରୀୟ ଆଦିବାସୀ ସ୍ୱାୟତ୍ତ ପରିଷଦ ଜିଲ୍ଲା ସଭାପତି ଦୟାନିଧି ମଲିକଙ୍କ ସମେତ ବିଭିନ୍ନ ସଙ୍ଗଠନର ସଦସ୍ୟ ଯୋଗ ଦେଇଥିଲେ । ଅପରପକ୍ଷେ, ରାଜ୍ୟ ସରକାରଙ୍କ ଏହି ନାମକରଣ ନିଷ୍ପତ୍ତିକୁ ଯୁକ୍ତିଯୁକ୍ତ ଓ ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ । ସ୍ଥାନୀୟ ସର୍କିଟ ହାଉସ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସାଂସଦ କହିଛନ୍ତି, କନ୍ଧମାଳ ଜିଲ୍ଲା ଓ ଆଦିବାସୀ ମାନଙ୍କ ପାଇଁ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଅବଦାନ ଅତୁଳନୀୟ । ତାଙ୍କ ପ୍ରତି ସମ୍ମାନ ଓ ସ୍ମୃତି ରକ୍ଷା ଦିଗରେ ସରକାରଙ୍କ ଏହି ନିଷ୍ପତ୍ତି ଐତିହାସିକ । ତେଣୁ ଏହାକୁ ବିରୋଧ ନ କରି ଖୁସିରେ ଗ୍ରହଣ କରିନେବା ପାଇଁ ଜିଲାବାସୀଙ୍କୁ ଆହ୍ୱାନ ଦେଇଛନ୍ତି ସାଂସଦ ସୁକାନ୍ତଙ୍କ ସମେତ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ।

# ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ, ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା

**ବ୍ରହ୍ମପୁର,୨।୮/ଏନ୍‌ଏନ୍‌ଏସ୍:** ମାନ୍ୟବର ରାଷ୍ଟ୍ରପତିଙ୍କ ଗଞ୍ଜାମ ଜିଲ୍ଲା ଗସ୍ତକୁ ସୁରକ୍ଷିତ ଓ ସୁଚାରୁରୂପେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ଆଜି ବ୍ରହ୍ମପୁରସ୍ଥିତ ଜିଲ୍ଲା ଆରକ୍ଷୀ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସୁରକ୍ଷା ବ୍ୟବସ୍ଥାର ଏକ ବିସ୍ତୃତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ଶ୍ରବଣା ବିବେକ ଏମ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ହରିଶ ବିଶି, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ପୁଲିସ, ପ୍ରଶାସନ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସୁରକ୍ଷା ପ୍ରସ୍ତୁତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ସୂଚନା ଯୋଗ୍ୟ ଯେ, ୪ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ୧୦ ମିନିଟ୍ ସମୟରେ ମାନ୍ୟବର ରାଷ୍ଟ୍ରପତି




ବ୍ରହ୍ମପୁର ରେଳ ଷ୍ଟେସନର ୪ ନମ୍ବର ପ୍ଲାଟଫର୍ମ କିମ୍ବା ପରିସ୍ଥିତି ଅନୁଯାୟୀ ୩ ନମ୍ବର ପ୍ଲାଟଫର୍ମରେ ପହଞ୍ଚିବେ । ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ତାଙ୍କୁ ସ୍ୱାଗତ ଜଣାଯିବ । ସ୍ୱଳ୍ପ ସମୟର ରହଣି କାଳରେ ସମସ୍ତ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ରାଷ୍ଟ୍ରପତିଙ୍କ ବ୍ରହ୍ମପୁରରୁ ତପ୍ତପାଣି ଗସ୍ତ ଏବଂ ସେହି ମାର୍ଗରେ ପ୍ରତ୍ୟାବର୍ତ୍ତନକୁ ଦୃଷ୍ଟିରେ ରଖି କାରକେଡ଼ ରିହାର୍ସାଲ୍, ରୁଟ୍‌ର ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ, ଟ୍ରାଫିକ୍ ପରିଚାଳନା, ଟ୍ରାଫିକ୍ ଆଡଭାଇଜରୀ ଜାରି, ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସେବାକୁ ସଜାଗ ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ରାଷ୍ଟ୍ରପତି ଗନ୍ତବ୍ୟ ସ୍ଥଳକୁ ଯିବା ବାଟରେ ଜନସାଧାରଣଙ୍କ ସହ ସାକ୍ଷାତ୍ ଓ ମତବିନିମୟ କରିବାର ସମ୍ଭାବନାକୁ ନଜରରେ ରଖି ସମ୍ଭାବ୍ୟ ସ୍ଥାନଗୁଡ଼ିକରେ ବ୍ୟାରିକେଡ଼ ବ୍ୟବସ୍ଥା, ଅତିରିକ୍ତ ପୁଲିସ ମୁତୟନ, ଆକାଶପଥକୁ 'ନୋ-ଫ୍ଲାଇ ଜୋନ୍' ଘୋଷଣା ଏବଂ ସର୍ବୋଚ୍ଚ ସ୍ତରର ସୁରକ୍ଷା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ତପ୍ତପାଣିସ୍ଥିତ ମନ୍ଦିର ପରିଦର୍ଶନ ସମୟରେ ସୁରକ୍ଷା, ଗାଡ଼ି ପାର୍କିଂ, ଟ୍ରାଫିକ୍ ପରିଚାଳନା ଓ କାରକେଡ଼ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇ ଆବଶ୍ୟକ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ ପାଇଁ ନିଷ୍ପତ୍ତି ହୋଇଥିଲା । ସେହିପରି କାର୍ ପାସ୍, ଭିଭିଆଇପି ପାସ୍ ଓ ପରିଚୟପତ୍ର ପ୍ରଦାନକୁ ସୁରକ୍ଷା ଦୃଷ୍ଟିରୁ ଯଥାସମ୍ଭବ ସୀମିତ ରଖିବାକୁ ସ୍ଥିର କରାଯାଇଥିଲା । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସମଗ୍ର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୫୦ ପ୍ଲାଟୁନ୍ ପୁଲିସ ବଳ ମୁତୟନ କରାଯାଇଛି । ମାନ୍ୟବର ରାଜ୍ୟପାଳ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସମ୍ଭାବ୍ୟ ଗସ୍ତକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା, ଆର୍ମି ଏଡି କଲେଜରେ ରାତ୍ରି ରହଣି ଓ ସମ୍ପୃକ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ରାଷ୍ଟ୍ରପତିଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ ଜିଲ୍ଲାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଥିବାରୁ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଥିଲା ।

## ନିଶାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ

**ଆସିକା,୨।୮/ଏନ୍‌ଏନ୍‌ଏସ୍:** ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟାଳୟର ପ୍ରାକ୍ତନ ମୁଖ୍ୟ ପ୍ରଶାସିକା ଦାଦି ପ୍ରକାଶମଣିଜୀଙ୍କ ପବିତ୍ର ସ୍ମୃତିରେ ବିକଶିତ ଭାରତ ଆଡକୁ ଏକ ଦୃଢ ପଦକ୍ଷେପ ସ୍ୱରୂପ ନିଶାମୁକ୍ତ ଭାରତ ଅଭିଯାନ ଏବଂ ମିଶନ୍ ସ୍ପନ୍ଦନ ଅନ୍ତର୍ଗତ ୧୦ ଗୋଟି ନିଶାମୁକ୍ତି ପ୍ରତିଜ୍ଞା ମହାଅଭିଯାନ ରବିବାର ଠାରୁ ଆରମ୍ଭ ହୋଇଥିବା ଜଣାପଡିଛି । ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ରାଜସ୍ଥାନ ଶାନ୍ତିବନ ମାଉଣ୍ଟଆବୁ ମୁଖ୍ୟାଳୟର ଚିକିତ୍ସା ପ୍ରଭାବ, ରାଜଯୋଗ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନର ପରାମର୍ଶକ୍ରମେ ଏହି ଅଭିଯାନର ଶୁଭାରମ୍ଭ ହୋଇଛି । ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବାକେନ୍ଦ୍ର ଶାନ୍ତିଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀଙ୍କ ସଂଯୋଜନାରେ ଆସିକାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢୀ, ଆସିକା ଓକିଲ ସଂଘର ପୂର୍ବତନ ସଭାପତି ସୁରେନ୍ଦ୍ରନାଥ ପଣ୍ଡା, ବରିଷ୍ଠ ବିଜେପି ନେତା ନିରଞ୍ଜନ ମହାନ୍ତି ଓ




ବିଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସମ୍ମିଳିତ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବାକେନ୍ଦ୍ର ଶାନ୍ତିଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ପ୍ରଭାତୀ ଭଉଣୀ ଯୋଗଦେଇ ଯୁବପିଢିମାନେ ନିଶାଦ୍ରବ୍ୟର ଅପବ୍ୟବହାର ଠାରୁ ଦୂରେଇ ରହି ସକରାତ୍ମକ ସାମାଜିକ ପରିବର୍ତ୍ତନର ସାରଥୀ ହେବାକୁ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବ୍ରହ୍ମାକୁମାର ସତ୍ୟପ୍ରିୟ, ବୁଲୁ, ନିରଞ୍ଜନ, ପଞ୍ଚାୟତ୍ରୀ, ରାମପ୍ରସାଦ, କାଲୁ, ଚରଣ, ବଳରାମ, ବସନ୍ତ, ସରୋଜ, ଲଡୁକିଶୋର, ରମେଶ, ବ୍ରହ୍ମାକୁମାରୀ ଭାଗ୍ୟଲତା, ସୁଜ୍ଞାନୀ, ନର୍ମଦା, କସ୍ତୁରୀ, ସ୍ମିତା, ଧରଣୀ, ଝରଣା, ଆଶା, ଜ୍ୟୋତି, ଲୀଳା, ନିଳିମା, ଆସିନା ପ୍ରମୁଖ ସହଯୋଗ କରିଥିଲା ବେଳେ ସଚେତନ ନାଗରିକ ଲଡୁକିଶୋର ସାହୁ, ଦୁର୍ଗାପ୍ରସାଦ ପଣ୍ଡା, ଲକ୍ଷ୍ମୀନାରାୟଣ ଗୁପ୍ତାଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ନିଶାମୁକ୍ତ ଭାରତ ଗଠନ ଲକ୍ଷ୍ୟରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ, ସାମାଜିକ ନ୍ୟାୟ ଓ ଅଧିକାରୀତା ମନ୍ତ୍ରଣାଳୟ ଏବଂ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ମିଶନ୍ ସ୍ପନ୍ଦନର ସହଯୋଗରେ ବ୍ରହ୍ମାକୁମାରୀସ୍ ମୁଖ୍ୟାଳୟ ମାଉଣ୍ଟଆବୁ ପକ୍ଷରୁ ଆଭାସି ମାଧ୍ୟମରେ ସର୍ବଭାରତୀୟ ସ୍ତରରେ ନିଶାମୁକ୍ତ ଭାରତ-ବିକଶିତ ଭାରତ ଅଭିଯାନର ଶୁଭାରମ୍ଭ କରାଯାଇଥିଲା ।

## ଏବିଭିପିର ଦ୍ୱିଦିବସୀୟ ଜିଲ୍ଲା ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ



**ବୁଗୁଡା,୨।୮/ଏନ୍‌ଏନ୍‌ଏସ୍:** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ,ଘୁମୁସର ଜିଲ୍ଲା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଦ୍ୱିଦିବସୀୟ ଜିଲ୍ଲା ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ପିପୁଲ୍ସ କଲେଜ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋପାଳ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟପକ ବିଭୁତି ଭୂଷଣ ମିଶ୍ର ଯୋଗ ଦେଇ ରାଷ୍ଟ୍ର ନିର୍ମାଣରେ ଛାତ୍ର ସଂଗଠନ ଏବଂ ଯୁବସମାଜର ଭୂମିକା ସମ୍ପର୍କେ ଆଲୋକପାତ କରିଥିଲେ । ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରୁଦ୍ର ପ୍ରସାଦ ସେଠୀ, ଜିଲ୍ଲା ପ୍ରମୁଖ ସୁଜିତ୍ କୁମାର ସ୍ୱାଇଁ ଏବଂ ଜିଲ୍ଲା ସଂଯୋଜକ ସଂଗ୍ରାମ ଦାସ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ଏହି ଦ୍ୱିଦିବସୀୟ ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମରେ ଓଡିଶା ପୂର୍ବ-ପ୍ରାନ୍ତ ସଙ୍ଗଠନ ସମ୍ପାଦକ ବୁଦ୍ଧଦେବ ବାଘ୍ ଯୋଗ ଦେଇ ପ୍ରାନ୍ତୀୟ ଏବଂ ଜିଲ୍ଲା ସ୍ତରୀୟ ସଙ୍ଗଠନାତ୍ମକ ବିଷୟବସ୍ତୁ ଉପସ୍ଥାପନ ପୂର୍ବକ କାର୍ଯ୍ୟକର୍ତ୍ତାଗଣଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ଅଗଷ୍ଟ ପହିଲାରୁ ଆୟୋଜିତ ଏହି ଦୁଇ ଦିନିଆ ଅଭ୍ୟାସ ବର୍ଗରେ ଘୁମୁସର ଜିଲ୍ଲାର ବିଭିନ୍ନ ସ୍ଥାନରୁ ୭୦ ଜଣ ପ୍ରମୁଖ ଛାତ୍ରଛାତ୍ରୀ ତଥା କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲା ବେଳେ ଆଗାମୀ ଦିନରେ ଛାତ୍ର ସମସ୍ୟାର ସମାଧାନ, ଗଠନମୂଳକ କାର୍ଯ୍ୟର ବିସ୍ତାର ଏବଂ ସଂଗଠନର ସୁଦୃଢୀକରଣ ନେଇ ଏହି ବର୍ଗରେ ସଂକଳ୍ପ ଗ୍ରହଣ କରାଯାଇଥିଲା ।

## ଯୁବକର ମୃତଦେହ ଉଦ୍ଧାର

**ପାତ୍ରପୁର,୨।୮/ଏନ୍‌ଏନ୍‌ଏସ୍:** ଜରଡା ଥାନା ନରସିଂହପୁର ନୀଳାମ୍ବରପଲ୍ଲୀ ବିଲ ମଧ୍ୟରୁ ଏକ ଯୁବକଙ୍କ ମୃତ ଦେହ ଉଦ୍ଧାର କରାଯାଇଛି । ମୃତ ଯୁବକ ଜଣକ ଧରାକୋଟ ଥାନା ଅନ୍ତର୍ଗତ କାଠଗଡା ଗ୍ରାମର କାହ୍ନୁ ପ୍ରଧାନ(୨୫) । ନରସିଂହପୁର - ନୀଳାମ୍ବରପଲ୍ଲୀ ମଧ୍ୟରେ ଏକ ବିଲରେ ଜଣେ ଯୁବକ ମରି ପଡ଼ିଥିବା କିଛି ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ଜରଡ଼ା ଥାନା ପୁଲିସ୍ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଥିବା ବେଳେ କେସ୍ ନଂ ୮/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ମିଳିଥିବା ସୂଚନା ପ୍ରକାରେ ବାହାର ରାଜ୍ୟକୁ କାମ କରିବା ପାଇଁ ଗତ ଦୁଇଦିନ ତଳୁ କାହ୍ନୁ ନିଜ ଗ୍ରାମରୁ ବାହାରିଥିବା ବେଳେ ନିଜ ସମ୍ପର୍କୀୟକୁ ମିଶିବା ପାଇଁ ଆଜି ନୀଳାମ୍ବରପଲ୍ଲୀ ଯାଉଥିଲେ । ତେବେ ତାଙ୍କର ମୃତ ଦେହ ଉଦ୍ଧାର ହୋଇଛି । ମୃତ୍ୟୁର କାରଣ ଜଣାପଡିନାହିଁ । ମର ଶରୀରରେ କ୍ଷତ ବିକ୍ଷତ ଚିହ୍ନ ରହିଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଆଶଙ୍କା କରାଯାଉଛି । ତାଙ୍କ ମୁଣ୍ଡ, ହାତ, ଗୋଡ଼ ପ୍ରମୁଖ ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି । ତେବେ ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୁଲିସ କହିଛି ।

## ଅର୍ଥ ନେଣଦେଣକୁ ନେଇ ଆକ୍ରମଣ, ଜଣେ ଗିରଫ

**ବୁଗୁଡା,୨।୮/ଏନ୍‌ଏନ୍‌ଏସ୍:** ବୁଗୁଡ଼ା ଥାନା ଅନ୍ତର୍ଗତ ନିମପଦର ଗ୍ରାମରେ ଅର୍ଥ ନେଣଦେଣକୁ ନେଇ ଆକ୍ରମଣ ଘଟଣାରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି । ଗିରଫ ଯୁବକ ଜଣକ ହେଲେ ନିମପଦର ଗାଁର ରବି ଓରଫ ପପି ଦଳେଇ (୩୫) । ଏନେଇ ଥାନାରେ କେସ୍ ନଂ ୩୭୧/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଅର୍ଥ ଦେଣନେଣକୁ ନେଇ ରବି ଦଳେଇ ଓ କାର୍ତ୍ତିକ ବେହେରାଙ୍କ ମଧ୍ୟରେ ଗତ ବୁଧବାର ସନ୍ଧ୍ୟାରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ଉତ୍ୟକ୍ତ ହୋଇ ରବି ଏକ ଧାରୁଆ ଅସ୍ତ୍ରରେ କାର୍ତ୍ତିକକୁ ଆକ୍ରମଣ କରିଥିଲା । ଆକ୍ରମଣରେ କାର୍ତ୍ତିକର ମୁଣ୍ଡ, ବାମ ହାତ ଓ ଗୋଡରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା । ଆକ୍ରମଣରେ କାର୍ତ୍ତିକଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁରକୁ ପଠାଯାଇଥିଲା । ଏ ନେଇ କାର୍ତ୍ତିକଙ୍କ ପତ୍ନୀ ଚନ୍ଦ୍ରକାନ୍ତି ବେହେରାଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ରବିକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

## ମହିଳା ଜେସିସ୍ ପକ୍ଷରୁ ବିଶ୍ୱ ବନ୍ଧୁତ୍ୱ ଦିବସ

**ଆସିକା,୨।୮/ଏନ୍‌ଏନ୍‌ଏସ୍:** ଆସିକା ମହିଳା ଜେସିସ୍ ପକ୍ଷରୁ ସ୍ଥାନୀୟ ମା'କନ୍ୟକା ପରମେଶ୍ୱରୀ ମନ୍ଦିର ପରିସରରେ ବିଶ୍ୱବନ୍ଧୁତ୍ୱ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ବିଭୁତି ଭୂଷଣ ବେବର୍ତ୍ତା ଯୋଗଦେଇ ବିଶ୍ୱ ବନ୍ଧୁତା ଦିବସ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସାଙ୍ଗକୁ ବିଶ୍ୱ ବନ୍ଧୁତ୍ୱ ଦିବସର ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । ଆସିକା ସୁଗରଟାଉନ୍ ମହିଳା ଜେସିସ୍ ପକ୍ଷରୁ ଅନୁଷ୍ଠିତ ଏହି ବିଶ୍ୱ ମୈତ୍ରୀ ଦିବସ ପାଳନ କାର୍ଯ୍ୟକ୍ରମରେ ସଂଘର ସଦସ୍ୟା ୟୁ.ସାଇଶ୍ୱରୀ ପାତ୍ର, ମୌସୁମୀ କୁମାରୀ ସାହୁ, ଭାଗ୍ୟଶ୍ରୀ ପାତ୍ର, ସିଏଚ୍.ରଶ୍ମିତା ପାତ୍ର, ସୋନାଲୀ ପଣ୍ଡା,




ଏସ୍.ରୂପଶ୍ରୀ ପୃଷ୍ଟି, ଜୟିତା ପାତ୍ର, ସୁଧାଞ୍ଜଳୀ ପାତ୍ରଙ୍କ ସମେତ ବହୁ ସଭ୍ୟା ଯୋଗଦେଇ କେକ୍ କାଟି ପରସ୍ପରକୁ ବିଶ୍ୱବନ୍ଧୁତ୍ୱ ଦିବସର ଶୁଭେଚ୍ଛା ଜଣାଇବା ସହିତ ହାତରେ ବନ୍ଧୁତ୍ୱର ଡୋରି ବାନ୍ଧିଥିବା ଲକ୍ଷ୍ୟ କରାଯାଇଥିଲା । ବନ୍ଧୁ ଏମିତି ଏକ ପବିତ୍ର ସଂପର୍କ ଯେଉଁଠାରେ ଜାତି, ଧର୍ମ, ବର୍ଣ୍ଣ, ଧନୀ ଓ ଗରିବର କୌଣସି ପ୍ରତିବନ୍ଧକ ନଥାଏ । ପରିବାର ଠାରୁ ବାହାରେ ଯଦି କିଏ ଜୀବନକୁ ଉପଯୁକ୍ତ ମାର୍ଗଦର୍ଶନ କରିଥାଏ ସେ ହେଉଛି ଉତ୍ତମ ବନ୍ଧୁ । ଆଧୁନିକତାର ଛାପରେ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଭଳି ଆଜିର ଡିଜିଟାଲ୍ ଯୁଗରେ ବି ଆସିକାର ସୁଗର୍ ଟାଉନ୍ ଜେସିସର ମହିଳା ସଦସ୍ୟାମାନେ ବିଶ୍ୱ ବନ୍ଧୁତ୍ୱ ଦିବସ ପାଳନ କରି ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ ସାଙ୍ଗକୁ ସୁଖଦୁଃଖ ବାଣ୍ଟି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛନ୍ତି ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଥିବା ଲକ୍ଷ୍ୟ କରାଯାଇଛି ।

## ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



**ପୁରୁଷୋତ୍ତମପୁର,୨।୮/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଅଛି । ବିଦ୍ୟାଳୟର ସମ୍ପାଦକ ଅକ୍ଷୟ କୁମାର ବେହେରା ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ । ଆଚାର୍ଯ୍ୟା ପ୍ରମୋଦିନୀ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ଡାକୁଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଏନ୍‌ଏସି ନଗରପାଳ କୃଷ୍ଣଚନ୍ଦ୍ର ପଣ୍ଡା, କାଇଁଚପୁର ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରସନ୍ନଜିତ ଦାଶ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ । କନିଷ୍ଠ ଶିଶୁ, ଶିଶୁ ବର୍ଗ, ବାଲ ବର୍ଗ, କିଶୋର ଆଦି ୪ଟି ବର୍ଗରୁ ମୋଟ ୧୭୭ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ବିଦ୍ୟାର୍ଥୀମାନେ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପ୍ରୟୋଗ, ବିଜ୍ଞାନ ପତ୍ର ବାଚନ, ଗଣିତ ପ୍ରୟୋଗ, ଗଣିତ ପତ୍ର ବାଚନ, କଥାକଥନ, ମୂର୍ତ୍ତିକଳା, ଭାଷଣ, ମୂର୍ତ୍ତିକଳା ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଭିନ୍ନ ଭିନ୍ନ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମଣ୍ଡଳୀ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା । ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ତ୍ରିପୁରା ପାତ୍ର ଓ ସୁନାରାଣୀ ପାଳ ଓ ନିବେଦିତା ପଣ୍ଡା ସୁଚାରୁ ରୂପେ ପରିଚାଳନା କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ପ୍ରଣବ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁବକକୁ ଖଣ୍ଡାରେ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ

**ରଙ୍ଗେଇଲୁଣ୍ଡା,୨।୮/ଏନ୍‌ଏନ୍‌ଏସ୍:** ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ଠାରେ ଥିବା ଅଭି ଢ଼ାବା ସମ୍ମୁଖରେ ଯୁବକକୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ପୁଲିସ ଆଜି ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ହଳଦିଆପଦରର ସୁବାଷ ଦାସ(୨୫) । ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନେ ଫେରାର ଥିବା ପୁଲିସ ପ୍ରକାଶ କରିଛି । ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି କହିଛି । ଗତ ୨୯ ତାରିଖ ରାତିରେ କନିଷି ବଡ଼ ସାହିର ବି. ଯୋଗେୟା ଅନ୍ୟ ୩ ଜଣ ସାଙ୍ଗଙ୍କ ସହ କନିଷି ସ୍ଥିତ ଅଭି ଢ଼ାବାକୁ ଖାଇବାକୁ ଯାଇ ଫେରୁଥିବା ବେଳେ ହଳଦିଆପଦରର ସୁବାଷ ଓ ଅନ୍ୟମାନଙ୍କ ସହ ମୁହାଁମୁହିଁ ହୋଇଥିଲା । ଯାହାକୁ ନେଇ ସୁବାଷ ସମେତ ତାଙ୍କ ଗୋଷ୍ଠୀର ଯୁବକମାନେ ଯୋଗେୟାଙ୍କ ସମେତ ତାଙ୍କ ସାଙ୍ଗମାନଙ୍କୁ ଖଣ୍ଡାରେ ଆକ୍ରମଣ କରିବାକୁ ଗୋଡାଇଥିଲେ । ଅନ୍ୟ ତିନିଜଣ ଘଟଣା ସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇଥିବା ବେଳେ ଯୋଗେୟା ଆକ୍ରମଣର ଶିକାର ହୋଇଥିଲେ । ଏଥିରେ ଯୋଗେୟାଙ୍କ ଦୁଇ ହାତ ଓ ଦୁଇ ଗୋଡରେ ଗଭୀର ଆଘାତ ଲାଗିଥିଲା । ଘଟଣା ନେଇ ଯୋଗେୟଙ୍କ ମାଁ ଗୋଳନ୍ଥରା ଥାନା ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରିବା ସହ ଘଟଣା ସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଆଜି ସୁବାଷକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

### ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଜାରି ହେଲା ସ୍ୱତନ୍ତ୍ର ଟ୍ରାଫିକ୍ ଆଡ୍‌ଭାଇଜରୀ

# ୪ ଓ ୫ ତାରିଖରେ ବିଭିନ୍ନ ରୁଟ୍‌ରେ କଟକଣା

**ବ୍ରହ୍ମପୁର,୨।୮/ଏନ୍‌ଏନ୍‌ଏସ୍:** ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୪ ଓ ୫ ଅଗଷ୍ଟ ଦୁଇ ଦିନିଆ ଗଞ୍ଜାମ ଗସ୍ତକୁ ନେଇ ବ୍ରହ୍ମପୁର ସହର ଓ ଆଖପାଖ ଅଞ୍ଚଳରେ ସ୍ୱତନ୍ତ୍ର ଟ୍ରାଫିକ୍ ଆଡଭାଇଜରି ଜାରି କରିଛି ଜିଲ୍ଲା ପ୍ରଶାସନ । ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଜନସାଧାରଣଙ୍କ ସହଯୋଗ କାମନା କଲେ ଜିଲ୍ଲାପାଳ

ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଆଡଭାଇଜରି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ରାଷ୍ଟ୍ରପତିଙ୍କ କନଭୟ ଯାଉଥିବା ରାସ୍ତାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ସୁଗମ ଯାତାୟାତ ପାଇଁ ବିଭିନ୍ନ ସମୟରେ ଯାନବାହନ ଚଳାଚଳ ଉପରେ ଅସ୍ଥାୟୀ କଟକଣା ଲାଗୁ କରାଯିବ । ଆଡଭାଇଜରି ଅନୁଯାୟୀ, ୪ ଅଗଷ୍ଟ ସକାଳ ୧୦ଟାରୁ ୧୧ଟା ୪୫ ପର୍ଯ୍ୟନ୍ତ ଅନ୍ଧପସରା




ଛକରୁ ଫାଷ୍ଟ ଗେଟ୍ ପର୍ଯ୍ୟନ୍ତ ଏବଂ ବିପରୀତ ଦିଗରେ ଭାରୀ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ । ସକାଳ ୧୦ଟା ୩୦ରୁ ୧୧ଟା ୪୫ ପର୍ଯ୍ୟନ୍ତ କାର୍, ଅଟୋରିକ୍ସା ଭଳି ହାଲୁକା ଯାନ ମଧ୍ୟ ଏହି ରୁଟ୍‌ରେ ଚଳାଚଳ କରିପାରିବେ ନାହିଁ । ସେହିପରି ସକାଳ ୧୦ଟା ୪୫ରୁ ଅନ୍ଧପସରା ଛକରୁ ହରିଡାଖଣ୍ଡି ଛକ ମଧ୍ୟରେ ଦୁଇଚକିଆ ଯାନ ଚଳାଚଳ ଉପରେ ମଧ୍ୟ କଟକଣା ଲାଗୁ ହେବ । ସ୍କୁଲ ବସ୍‌ଗୁଡ଼ିକୁ ଲାଞ୍ଜିପାଲି ବାଇପାସ୍ ଦେଇ ସହରକୁ ପ୍ରବେଶ କରିବାକୁ ପରାମର୍ଶ ଦିଆଯାଇଛି । ସେହିପରି ୪ ଅଗଷ୍ଟ ଅପରାହ୍ନ ୩ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ଫାଷ୍ଟ ଗେଟ୍‌ରୁ ହଳଦିଆପଦର ଅଭିମୁଖେ ଭାରୀ ଯାନ ଚଳାଚଳ ବନ୍ଦ ରହିବ । ଏହି ସମୟରେ ଫାଷ୍ଟ ଗେଟ୍‌ରୁ ଅନ୍ଧପସରା ମଧ୍ୟରେ ହାଲୁକା ଯାନ ଚଳାଚଳ ମଧ୍ୟ ବନ୍ଦ ରହିବ । ସନ୍ଧ୍ୟା ୪ଟାରୁ ହରିଡାଖଣ୍ଡି ଛକରୁ ହଳଦିଆପଦର ରାସ୍ତାରେ ଦୁଇଚକିଆ ଯାନ ଏବଂ ହଳଦିଆପଦରରୁ ଏନ୍‌ଏଚ୍-୧୬ ଛତ୍ରପୁର ଅଭିମୁଖେ ଭାରୀ ଯାନ ଚଳାଚଳ ଉପରେ ମଧ୍ୟ କଟକଣା ଲାଗୁ ହେବ । ୫ ଅଗଷ୍ଟ ସକାଳେ ରାଷ୍ଟ୍ରପତିଙ୍କ ଫେରିବା କାର୍ଯ୍ୟକ୍ରମକୁ ନେଇ ସକାଳ ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ଗୋପାଳପୁର ଜଙ୍କସନରୁ ଏନ୍‌ଏଚ୍-୧୬ ଗୋଳନ୍ଥରା ଅଭିମୁଖେ ଭାରୀ ଯାନ ଚଳାଚଳ ବନ୍ଦ ରହିବ । ସକାଳ ୯ଟା ୩୦ରୁ ହାଲୁକା ଯାନ ଏବଂ ୯ଟା ୪୫ରୁ ଦୁଇଚକିଆ ଯାନ ଉପରେ ମଧ୍ୟ ସମାନ କଟକଣା ଲାଗୁ ହେବ ।

ସୂଚନାଯୋଗ୍ୟ ଯେ, ୪ ଅଗଷ୍ଟ ସକାଳ ପ୍ରାୟ ୧୧ଟାରୁ ୧୧ଟା ୩୦ ମଧ୍ୟରେ ରାଷ୍ଟ୍ରପତି ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବେ । ସେଠାରୁ ସଡ଼କ ପଥରେ ତପ୍ତପାଣି ଯାଇ ମା' କଣ୍ଟୁଣୀ ଦେବୀଙ୍କ ଦର୍ଶନ ପରେ ଗୋଳାବନ୍ଧ ଆର୍ମି ଏଡି କଲେଜରେ ରାତ୍ରିଯାପନ କରିବେ । ୫ ଅଗଷ୍ଟରେ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଭୁବନେଶ୍ୱର ଫେରିବେ । ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ବ୍ରହ୍ମପୁର ସହର ଓ ଆଖପାଖରେ ପ୍ରାୟ ୩୦ ପ୍ଲାଟୁନ୍ ପୁଲିସ ଫୋର୍ସ, ବରିଷ୍ଠ ପୋଲିସ ଅଧିକାରୀ ଓ ବିଭିନ୍ନ ସୁରକ୍ଷା ସଂସ୍ଥାର ଅଧିକାରୀମାନେ ମୁତୟନ ରହିବେ । ସେହିପରି ତପ୍ତପାଣି ଓ ଆଖପାଖ ଅଞ୍ଚଳରେ ୧୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବ । ଅଗ୍ନିଶମ ଓ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ଯାନ ଉପରେ ଏହି କଟକଣା ଲାଗୁ ହେବ ନାହିଁ । ବ୍ରହ୍ମପୁର ସହରବାସୀ ତାସହିତ ଯେଉଁ ରାସ୍ତାରେ ମାନ୍ୟବର ରାଷ୍ଟ୍ରପତି ଯିବେ ସେହି ରାସ୍ତାରେ ଟ୍ରାଫିକ୍ ଆଡଭାଇଜରି ପାଳନ କରିବା, ବିକଳ୍ପ ରୁଟ୍ ବ୍ୟବହାର କରିବା ଏବଂ ପ୍ରଶାସନକୁ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ଅନୁରୋଧ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡା. ଶ୍ରବଣା ବିବେକ ଏମ୍, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ହରିଶ ବିଶି, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ।

### ପଞ୍ଚାୟତ ଘରଭଡ଼ାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ତୁମୁଳକାଣ୍ଡ

# ଗୋଷ୍ଠୀ ସଂଘର୍ଷରେ ୧୦ରୁ ଊର୍ଦ୍ଧ୍ୱ ଆହତ

**ଆଠଗଡ଼,୨।୮/ଏନ୍ଏନ୍ଏସ୍:** ଗଣ କିଛି ଦିନ ଧରି ଶାନ୍ତ ଥିବା ଦହିସରା ଗାଁ ପୁଣି ଥରେ ଅଶାନ୍ତ ହୋଇପଡିଛି। ପଞ୍ଚାୟତ ଘରଭଡ଼ାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ଗୁରୁତର ଆହତଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଆଠଗଡ ଥାନାରେ ଉଭୟ ପକ୍ଷଙ୍କ ପକ୍ଷରୁ ଦୁଇଟି ଏତଲା ଦିଆଯାଇଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗାଁରେ ସଶସ୍ତ୍ର ପୋଲିସ ମୁତୟନ କରାଯାଇଛି। ଆଠଗଡ ଥାନା ଅନ୍ତର୍ଗତ ମହାକାଳବସ୍ତ ପଞ୍ଚାୟତର ଦହିସରା ଗ୍ରାମରେ ପଞ୍ଚାୟତ ପକ୍ଷରୁ ତିନୋଟି ଦୋକାନ ଘର ନିର୍ମାଣ କରାଯାଇ ଭଡା ଦିଆଯାଇଥିଲା। ପଞ୍ଚାୟତ ପକ୍ଷରୁ ଏହାକୁ ପ୍ରସ୍ତାବ ପାରିତ ସହିତ ଚୁକ୍ତିକରି ଜଣେ ବ୍ୟକ୍ତିଙ୍କୁ ଭଡ଼ା ଦିଆଯାଇଥିବା ଯୋଗୁଁ ବିବାଦର ସୂତ୍ରପାତ ହୋଇଥିଲା। ଦହିସରା ଗ୍ରାମର ପବିତ୍ର ରାଉତ, ରୋହିଣୀ ରାଉତ ଏବଂ ବିଚିତ୍ରାନନ୍ଦ ରାଉତଙ୍କୁ ଉକ୍ତ ଦୋକାନ ଘରଗୁଡ଼ିକ ୩୦ହଜାର ମୁଚାଲିକା ଏବଂ ମାସକୁ ୧ହଜାର ଟଙ୍କା ଭଡ଼ା ଚୁକ୍ତିକରି ଦିଆଯାଇଥିବା ବେଳେ ଏ ସମସ୍ତ ବ୍ୟକ୍ତି ଗୋଟିଏ ପରିବାରର ହୋଇଥିବାରୁ ବିବାଦ ସୃଷ୍ଟି ହୋଇଥିଲା। ସେହି ଗ୍ରାମର ଅନ୍ୟ ଗୋଟିଏ ଗୋଷ୍ଠୀ ଏହାକୁ ବିରୋଧ କରିବାରୁ ପର ମୁହୂର୍ତ୍ତରେ ବିବାଦ ସୃଷ୍ଟି ହୋଇ ବିଭିନ୍ନ ସମୟରେ ଉଭୟ ପକ୍ଷ ଆଠଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉଭୟ ପକ୍ଷରୁ କିଛି ଲୋକଙ୍କୁ ଗିରଫକରି କୋର୍ଟଚାଲାଣ କରିବା ପରେ ପରିସ୍ଥିତି ପ୍ରାୟତଃ ଶାନ୍ତ ପଡିଥିଲା। ଗ୍ରାମ ସଭାରେ ଉଭୟ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇ କିଛି ନିର୍ଦ୍ଦିଷ୍ଟ ସର୍ତ୍ତ ଅନୁସାରେ ତିନିଜଣଙ୍କୁ ଘରଭଡ଼ା ଦିଆଯିବା ଏବଂ ଉକ୍ତ ଭଡାକୁ ଗ୍ରାମର ମନ୍ଦିରର ଉନ୍ନତିକରଣ ପାଇଁ ଖର୍ଚ୍ଚ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କିନ୍ତୁ ଗତକାଲି ରାତିରେ ପୁଣି ପବିତ୍ର ରାଉତଙ୍କୁ ଘରଭଡ଼ା ଦିଆଯାଇଥିବା ଜଣାପଡ଼ିବା ପରେ ବିବାଦର ସୂତ୍ରପାତ ହୋଇଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ବଚସା କ୍ରମେ ଉଗ୍ରରୂପ ନେଇ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଏଥିରେ ରାକେଶ ମଲ୍ଲିକ ଏବଂ ରଷିଆ ବ୍ରହ୍ମ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଛନ୍ତି। ଉଭୟ ଗୋଷ୍ଠୀଙ୍କ ମଧ୍ୟରୁ ଦୀପୁ ନାଏକ ଏବଂ ସୁବାସ ମଲ୍ଲିକଙ୍କ ଏତଲାକୁ ଭିତ୍ତିକରି ପୋଲିସ ଦୁଇଟି ମାମଲା ରୁଜୁକରି ଦୁଇ ଜଣଙ୍କୁ ଅଟକ ରଖିଥିବା ଆଠଗଡ଼ ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତି ସୂଚନା ଦେଇଛନ୍ତି। ଅଟକ ଅଭିଯୁକ୍ତ ହେଉଛନ୍ତି ରଞ୍ଜନ ଦାସ ଏବଂ ଦୀପକ ନାଏକ। ଉଭୟ ପକ୍ଷଙ୍କ ଏତଲାକୁ ଭିତ୍ତିକରି ଆଗକୁ ଅଧିକ ଗିରଫଦାରୀ ହେବ ବୋଲି କୁହାଯାଇଛି।





# ଗାଁ ମଝିରେ ମଦଦୋକାନ ଖୋଲିବାକୁ ବିରୋଧ

### ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗକଲେ ଗ୍ରାମବାସୀ

**ପିପିଲି,୨।୮/ଏନ୍ଏନ୍ଏସ୍:** ଗାଁ ମଝିରେ ଖୋଲିବ ମଦଦୋକାନ। ଅନୁମତି ଦେଇଛି ପୁରୀଜିଲ୍ଲା ଅବକାରୀ ବିଭାଗ। ହେଲେ ଏହାକୁ ଦୃଢ଼ ବିରୋଧ କରିଛନ୍ତି ଗ୍ରାମବାସୀ। ଏ ସମ୍ପର୍କରେ ଗ୍ରାମବାସୀ ପୁରୀ ଜିଲ୍ଲାପାଳ, ପୁରୀ ଅବକାରୀ ଅଧିକ୍ଷକ, ପିପିଲି ବ୍ଲକ ଚବିଶ ନମ୍ବର ଜିଲ୍ଲାପରିଷଦ ସଭ୍ୟ ଏବଂ ପିପିଲି ଥାନା ଆରକ୍ଷୀ ନିରୀକ୍ଷକଙ୍କୁ ମଦଦୋକାନ ସ୍ଥାନାନ୍ତର ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଏଭଳି ଘଟଣା ହେଉଛି ପିପିଲି ବ୍ଲକ୍ ସାତଶଙ୍ଖର ଜସୁଆପୁର ଗ୍ରାମ ସାମିଲି ଆଠବାଟିଆ ଗ୍ରାମର। ଉକ୍ତ ଗ୍ରାମର ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ୍ଠାରୁ ମାତ୍ର ଚାଳିଶ ମିଟର ଦୂରରେ ଖୋଲିବ ମଦ ଦୋକାନ। ଗ୍ରାମବାସୀମାନେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଏହି ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ୍‌ରେ ପଚାଶରୁ ଊର୍ଦ୍ଧ୍ୱ ପିଲା ପଢୁଛନ୍ତି। ଏହା ସହିତ ଏକ ଅଙ୍ଗନବାଡି କେନ୍ଦ୍ର ଅଛି। ସେଥିରେ ମଧ ପ୍ରାୟ କୋଡିଏ ପିଲା ପଢୁଛନ୍ତି। ଏହି ଅଶୀରୁ ଊର୍ଦ୍ଧ୍ୱ ପିଲାଙ୍କୁ ସ୍କୁଲ୍‌କୁ ସେମାନଙ୍କ ମାଆମାନେ ନବା ଆଣିବା କରନ୍ତି। ଗ୍ରାମ ମୁଣ୍ଡରେ ଥିବା ଠାକୁରଙ୍କ ମନ୍ଦିରକୁ ଗ୍ରାମର ଭକ୍ତମାନେ ସକାଳେ ଏବଂ ସନ୍ଧ୍ୟାରେ ଯାତାୟାତ କରନ୍ତି। ଗ୍ରାମରେ ଏକ ଭଗବତ ଟୁଙ୍ଗି ଅଛି, ସେଠାକୁ ସବୁଦିନ ଗ୍ରାମର ତିରିଶିରୁ ଅଧିକ ବୟସ୍କ ବୃଦ୍ଧମାନେ ଯାଇ ପୁରାଣ ଶୁଣନ୍ତି। ମୋଟାମୋଟି ଭାବେ ଗ୍ରାମରେ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ଥିଲାବେଳେ ମଦଦୋକାନ ଖୋଲିଲେ ଏହା ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯିବ। ମଦଦୋକାନକୁ ଆସୁଥିବା ଅସାମାଜିକ ବ୍ୟକ୍ତିମାନେ ଦିନରାତି ଦୁଇବେଳା ମଦ୍ୟପନ କରି ଗ୍ରାମ୍ୟ ରାସ୍ତାରେ ଯାଉଥିବା ଗ୍ରାମର ମା', ଭଉଣୀ ମାନଙ୍କ ପ୍ରତି ଦୁର୍ବ୍ୟବହାର ସାଙ୍ଗକୁ ନିଜର ମାନହାନି ଏବଂ ଗ୍ରାମର ମାନସମ୍ମାନ ଯିବା ସହିତ ଲୋକମାନଙ୍କର ଜୀବନପ୍ରତି ବିପଦ ଦେଖାଦେବ। ଉକ୍ତ ମଦ ଦୋକାନ ଯେଉଁଠାରେ ଖୋଲା ହେବାକୁ ଯାଉଛି ତାହା ଜାତୀୟ ରାଜପଥଠାରୁ ଦୂରରେ ଥିବା ଗ୍ରାମର ଏକ ସ୍ଥିତିବାନ ପ୍ଲଟ୍‌ରେ ଖୋଲାଯାଉଛି। ପିପିଲି ବ୍ଲକର ଚବିଶ ନମ୍ବର ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ କହିଛନ୍ତି ଗ୍ରାମରେ ମଦଦୋକାନ ଖୋଲିଲେ ଗରିବ ଲୋକଙ୍କ ଅର୍ଥନୈତିକ ମେରୁଦଣ୍ଡ ଭୁଶୁଡିପଡିବ, ସମାଜ ବିରୋଧୀ କାର୍ଯ୍ୟକଳାପ, ପାରିବାରିକ ବିଶୃଙ୍ଖଳା ଏବଂ ଚୋରି, ଡକାୟତି, ଆଦି ବୃଦ୍ଧିପାଇବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଶିଶୁ ବିଦ୍ୟାମନ୍ଦିରର ଜ୍ଞାନବିଜ୍ଞାନ ମେଳା

**ଡେଲାଙ୍ଗ,୨।୮/ଏନ୍ଏନ୍ଏସ୍:** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୬ତମ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ଦେଲଙ୍ଗ ଭାରତୀ ବିହାର ସ୍ଥିତ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟା ମନ୍ଦିରର ସଭାପତି ଡଃ ବସନ୍ତ କୁମାର ଦାଶ, ସଂପାଦକ କିଶୋର ପ୍ରଧାନ, ପ୍ରଧାନଆଚାର୍ଯ୍ୟା ଟୁକୁନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି କାହ୍ନୁ ଚରଣ ବେହେରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାତଃ ପର୍ଯ୍ୟାୟରେ ୧ମ ୨ୟ ୩ୟ ଶ୍ରେଣୀରେ ମୋଟ ୫୨ଟି ପ୍ରକଳ୍ପ ଓ ଦିବା ପର୍ଯ୍ୟାୟରେ ୪ର୍ଥରୁ ୧୦ମ ପର୍ଯ୍ୟନ୍ତ ୧୦୪ଟି ପ୍ରକଳ୍ପ ମୋଟ ୧୫୬ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ପ୍ରକଳ୍ପ ମୂଲ୍ୟାୟନରେ ଗୋପ ଆଦର୍ଶ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶ୍ରୀ ବେହେରା, ସତ୍ୟରଞ୍ଜନ ସ୍ୱାଇଁ, ସୃଷ୍ଟିକିରଣ ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ ବେରବୋଇର ବିଜ୍ଞାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ରାଧାକାନ୍ତ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ଶାଶ୍ୱତ ପ୍ରିୟଦର୍ଶୀ, ପଞ୍ଚାୟତ ହାଇସ୍କୁଲ ବୋଲକଣାର ପ୍ରଧାନ ଶିକ୍ଷକ ମହେଶ୍ୱର ମହାରଣା ଅମାଳଙ୍ଗ ଉ.ପ୍ରା.ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ନାୟକ ବିଚାରକ ଭାବେ ଯୋଗ ଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ବରିଷ୍ଠ ଶିକ୍ଷାବିତ୍ ଓ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ଚିତ୍ତରଞ୍ଜନ ଜେନା, ସହ ସମ୍ପାଦକ ଶରତ କୁମାର ବାରିକ୍ ଅତିଥି ଭାବେ ଯୋଗଦେଇ ଶିଶୁ ଭାଇ ଭଉଣୀ ମାନଙ୍କୁ ଜ୍ଞାନ ବିଜ୍ଞାନ ମେଳା ଉପରେ ଅଭିଭାଷଣ ପ୍ରଦାନ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆଚାର୍ଯ୍ୟ ସର୍ବେଶ୍ୱର ବାରିକ୍ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ସତ୍ୟରଞ୍ଜନ ସ୍ୱାଇଁ, ବିଜୟଲକ୍ଷ୍ମୀ ନାୟକ, ସୌମ୍ୟାଶ୍ରୀ ମହାନ୍ତି, ଚିନ୍ମୟୀ ମହାପାତ୍ର, ମମତା ନାୟକ, ପ୍ରଭାତୀ ଦେଇ, ରୀନାମଣୀ ତାଡ, ମିନତୀ ବଳବନ୍ତରାୟ, ଅଭିଭାବକ ଅଭିମନ୍ୟୁ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।

## ଚନ୍ଦ୍ରଭାଗା ବେଳାମାର୍ଗରେ କାଉଡ଼ିଆଙ୍କ ଭିଡ଼



**କୋଣାର୍କ,୨।୮/ଏନ୍ଏନ୍ଏସ୍:** ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାର ନିମନ୍ତେ ପୁରୁଷ ଓ ମହିଳା କାଉଡ଼ିଆମାନେ ରବିବାର ଦିନ ତମାମ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଛି। ନିଜର ମାନସିକ ପୂରଣ ପାଇଁ ପବିତ୍ର ଶ୍ରାବଣ ମାସରେ ପ୍ରଭୁ ମହାଦେବ ଶିବଙ୍କୁ ଜଳାଭିଷେକ କରିବା ନିମନ୍ତେ ସଂକଳ୍ପକରି ତୀର୍ଥପୁଷ୍କରିଣୀରେ ସ୍ନାନ କରି ରୀତିନୀତିରେ ପୂଜା ସମ୍ପନ୍ନ କରି ପ୍ରଥମ ଶ୍ରାବଣୀ ଜଳ ତୀର୍ଥ ପୁଷ୍କରିଣୀରୁ ପବିତ୍ର ସୁଗନ୍ଧିତ ତୀର୍ଥ ଜଳ କଳସରେ ଭରି ବାହୁଙ୍ଗିରେ ଭାର କରି ହର୍ ହର୍ ମହାଦେବ୍, ବୋଲ୍‌ବମ୍, ହର ହର୍ ବମ୍ ଡାକ ଦେଇ ଶତାଧିକ ପୁରୁଷ ଓ ମହିଳା କାଉଡ଼ିଆ ଅପରାହ୍ନ ଓ ରାତିରେ ଧାଡିରେ ବେଳାମାର୍ଗ ରାସ୍ତାଦେଇ ପୁରୀ ଲୋକନାଥ ମନ୍ଦିର, ବେଲେଶ୍ୱର ମନ୍ଦିର ଓ ବାବା ବାଲି କପିଳେଶ୍ୱର ମନ୍ଦିର, ତ୍ରିବେଣୀଶ୍ୱର, ଐଶାନେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି।

## ବିଶ୍ୱବନ୍ଧୁତା ଦିବସରେ ନିଶାମୁକ୍ତି ସଂକଳ୍ପ

**ବାଲୁଗାଁ,୨।୮/ଏନ୍ଏନ୍ଏସ୍:** ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଆଜି ବିଶ୍ୱ ବନ୍ଧୁତା ଦିବସ ଅବସରରେ ନିଶାମୁକ୍ତି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଜାତୀୟ ସେବା ଯୋଜନା ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା, ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ଚନ୍ଦନ ନାୟକ, ଯୁବ ରେଡ଼କ୍ରସ ଅଧିକାରୀ ଧୋବୀ ଚରଣ ପରିଡ଼ା ଯୋଗଦେଇ ଭାରତରେ ନିଶା ସେବନର ଭୟାନକ ପରିଣାମ ସମ୍ପର୍କରେ ଅବଗତ କରାଇବା ସହ ଏକ ବିକଶିତ ଭାରତବର୍ଷ ଗଠନ ପାଇଁ ନିଶାମୁକ୍ତି ଅଭିଯାନରେ ଯୁବଶକ୍ତି ସାମିଲ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ବିଶ୍ୱ ବନ୍ଧୁତା ଦିବସରେ କ୍ୟାଡେଟ ଓ ସ୍ୱେଚ୍ଛାସେବୀମାନେ ମାନବ ଶୃଙ୍ଖଳ ଜରିଆରେ ନିଶାମୁକ୍ତି ପାଇଁ ସଂକଳ୍ପ କରିଥିଲେ। ଏହାପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆଭାସୀ କାର୍ଯ୍ୟକ୍ରମ ମାଧ୍ୟମରେ ଆୟୋଜିତ ନିଶାମୁକ୍ତ ଅଭିଯାନରେ ସାମିଲ ହୋଇଥିଲେ। ଅଧ୍ୟାପକ ଚନ୍ଦନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲୁଙ୍କେଶ୍ୱର ବିଦ୍ୟାପୀଠରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ

**ବୟାଳିଶମୌଜା,୨।୮/ଏନ୍ଏନ୍ଏସ୍:** କଟକ ସଦର ବ୍ଲକ ବୟାଳିଶମୌଜା ଅନ୍ତର୍ଗତ ଦେଉଳି ସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠ ଠାରେ ଗତ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଥମ ତିନିଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ର ପୌରୋହିତ୍ୟ କରିଥିବା ବେଳେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ତିନିଜଣ ଛାତ୍ରଛାତ୍ରୀ, ରୀତାଞ୍ଜଳି ପଣ୍ଡା ୪୫୭ ନମ୍ବର ରଖି ପ୍ରଥମ, ଲିଲିମା ପତି ୪୪୦ ନମ୍ବର ରଖି ଦିତୀୟ ଓ ତୃପ୍ତିରଞ୍ଜନ ମାଝୀ ୪୨୯ ନମ୍ବର ରଖି ତୃତୀୟ ସ୍ଥାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥି, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜ ନିଜ ବକ୍ତବ୍ୟରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ।

## ନିଶାମୁକ୍ତ ପାଇଁ ଯୁବଶକ୍ତିକୁ ପରାମର୍ଶ




**ଟାଙ୍ଗୀ,୨।୮/ଏନ୍ଏନ୍ଏସ୍:** ମାଇଁ ଭାରତ କଟକ ଓ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ମିଳିତ ଆନୁକୂଲ୍ୟରେ ବିକଶିତ ଭାରତ ପାଇଁ ଯୁବଶକ୍ତିକୁ ପ୍ରଧାନମନ୍ତ୍ରୀଙ୍କ ଆଭାସି ମାଧ୍ୟମରେ ପରାମର୍ଶ କାର୍ଯ୍ୟକ୍ରମ ଟେଟ୍ରାହେଡ୍ରନ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମାଇଁ ଭାରତ ଜିଲ୍ଲା ଯୁବ ଅଧିକାରୀ ରୋଶନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଏଡୁକେସନାଲ ଟ୍ରଷ୍ଟର ଅଧ୍ୟକ୍ଷ ତ୍ରିଦେବ ବେହେରା, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା, ବିଜେପି ମଣ୍ଡଳ ସଭାପତି ହୃଷୀକେଶ ସାମଲ ଓ ଯୁବ ସଂଗଠକ ବିଶ୍ୱଜିତ ଆଞ୍ଚଲ ପ୍ରମୁଖ ଯୋଗଦେଇ ନିଶାମୁକ୍ତ ପାଇଁ ଯୁବଶକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବନ୍ଦେ ମାତରଂ ସଂଗୀତ ଗାନ କରାଯାଇ ଶପଥ ପାଠ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବମାନଙ୍କ ପାଇଁ ଆଭାଷି ମାଧ୍ୟମରେ ଭାରତର ଯୁବକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନିଶାମୁକ୍ତ ସଚେତନତା ପୋଷ୍ଟର ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଟେଟ୍ରାହେଡ୍ରନର କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ବରିଷ୍ଠ ନାଗରିକ ସଂଘର ପ୍ରଥମ ବାର୍ଷିକ ଉତ୍ସବ

**ବଲଙ୍ଗା,୨।୮/ଏନ୍ଏନ୍ଏସ୍:** ମହାବୀର ବରିଷ୍ଠ ନାଗରିକ ସଂଘ, ହରିଶପୁରର ପ୍ରଥମ ବାର୍ଷିକ ଉତ୍ସବ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉତ୍ତମବିହାର ଖେଳାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବୀର ବରିଷ୍ଠ ନାଗରିକ ସଂଘର ସଭାପତି ନରେନ୍ଦ୍ର ମୋହନ ପରିଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ନିମାପଡ଼ା ତହସିଲଦାର ଡଃ ମନୋଜ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଜନାର୍ଦ୍ଦନ ପାଢ଼ି, ବରିଷ୍ଠ ନାଗରିକ ମହାସଂଘ ସମ୍ପାଦକ ଓଡ଼ିଶାର ରାଜକିଶୋର ସାମନ୍ତରାୟ, ସମ୍ମାନିତ ଅତିଥି ରୂପେ ୧୮ ଜୋନର ସଭାପତି ଶାଇଁସଶାସନ ପଞ୍ଚାୟତ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ମଣିଜଙ୍ଗ ମଣିମହାବିର ମଠର ମହନ୍ତ ବିଜୟନନ୍ଦ ଦାଶ ପ୍ରମୁଖ ଅତିଥି ରୂପେ ଯୋଗଦେଇ ସମାଜରେ ବରିଷ୍ଠ ନାଗରିକ ମାନଙ୍କୁ ରାଜ୍ୟ ସରକାରଙ୍କ ସାହାଯ୍ୟ ଓ ସହଯୋଗ ବିଷୟରେ ବିଶଦ ଭାବରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକ ସମ୍ପାଦକ ରବିନାରାୟଣ ଷଡ଼ଙ୍ଗୀ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର ନାଥ ସ୍ୱାଇଁ। ଶେଷରେ ସହ ସମ୍ପାଦକ କାହ୍ନୁଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଲଣ୍ଡା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ନିଳାଦ୍ରି ନାଥ ମଙ୍ଗରାଜ, ସହ ସଭାପତି ବିଜୟ ସେନାପତି, ପ୍ରଫୁଲ୍ଲ ସାମନ୍ତସିଂହାର, ପ୍ରେମାନନ୍ଦ ଭାରତି, ଶିବ ନାରାୟଣ ହୋତା ପ୍ରମୁଖ ସଦସ୍ୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ଗୁରୁମା ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# 'ନୟାଗଡ଼ ଜିଲ୍ଲାର ସାରସ୍ୱତ ମହକ' ପୁସ୍ତକ ଲୋକାର୍ପିତ



**ନୟାଗଡ଼,୨।୮/ଏନ୍ଏନ୍ଏସ୍:** ନୟାଗଡ଼ ସହରର କେ. ସି କ୍ଲବ୍ ଠାରେ ଜିଲ୍ଲାର ସାରସ୍ୱତ ପ୍ରତିଭା ମାନଙ୍କୁ ନେଇ 'ନୟାଗଡ଼ ଜିଲ୍ଲାର ସାରସ୍ୱତ ମହକ' ପୁସ୍ତକ ଲୋକାର୍ପଣ ହୋଇଯାଇଛି। ଉତ୍ସବରେ ପ୍ରମୋଦ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଉପସ୍ଥିତ ରହି ଉକ୍ତ ପୁସ୍ତକଟି ପରବର୍ତ୍ତୀ ପିଢି ପାଇଁ ମାର୍ଗଦର୍ଶିକା ପୁସ୍ତକ ଭାବରେ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଓଡିଶାର ଯଶସ୍ୱୀ ସାହିତ୍ୟିକ ଦାଶ ବେନହୁର ଯୋଗଦାନ କରି ନୟାଗଡ଼ର ଐତିହ୍ୟ ଓ ଦିବଂଗତ ସାହିତ୍ୟିକମାନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ନାଟ୍ୟ ଭୂଷଣ ଡ. ବିଜୟ କୁମାର ଚୌଧୁରୀ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଓଡିଆ ସାହିତ୍ୟରେ ଶୁଦ୍ଧ ଶବ୍ଦର ବ୍ୟବହାର ବିଷୟରେ ଆଲୋଚନା କରିଥିବା ବେଳେ ସାରସ୍ୱତ ସାଧକ ପୁସ୍ତକର ପ୍ରକାଶନ ସମ୍ପର୍କରେ ପକ୍ଷୀଘର ପ୍ରକାଶକ ବନୋଜ ତ୍ରିପାଠୀ ବହିର ସଂକଳକ ମାନଙ୍କ ଉଦ୍ୟମକୁ ଅତ୍ୟନ୍ତ ପ୍ରଶଂସା କରିଥିଲେ। ଉକ୍ତ ପୁସ୍ତକର ସମୀକ୍ଷକ ଭାବରେ ଓଡିଶାର ବିଶିଷ୍ଟ କବି ତଥା ଅଧ୍ୟାପକ ରବି ଶତପଥୀ ସମ୍ପ୍ରତି ପୁସ୍ତକର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିବା ସହ ସାରସ୍ୱତ ମହକର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସାରସ୍ୱତ ମହକର ସଂକଳକ ତଥା ସମ୍ପାଦକ ଲଳିତମୋହନ ମିଶ୍ର ପୁସ୍ତକଟି ପ୍ରକାଶ କରିବା ପଛରେ ବର୍ଷ ବର୍ଷର ଉଦ୍ୟମ ଓ ସାରସ୍ୱତ ସାଧକ ମାନଙ୍କ ସହଯୋଗକୁ ସ୍ୱାଗତ କରିଥିଲେ। ପରେ ପରେ ହାଡିବନ୍ଧୁ ମହାଖୁଡ, ବସିରନ୍ ବିବି, ସୁଦର୍ଶନ ପ୍ରଧାନ ପାଠକୀୟ ଅଭିମତ ରଖିଥିଲେ। ଗୋଦାବରୀଶ ମିଶ୍ର ଧନ୍ୟବାଦ ଅର୍ପଣ କରିବା ସହିତ ତାଙ୍କର ମାନସ ସନ୍ତାନ ପାଦ ପ୍ରଦୀପକୁ ଉନ୍ମୋଚନ କରିଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ କବି ସାହିତ୍ୟିକ ଗୋପୀନାଥ ସେଠୀ। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ସାରସ୍ୱତ ସାଧକ ଯୋଗଦେଇଥିଲେ।

# ପାର୍କିଂ ଦରବୃଦ୍ଧି ପାଇଁ ପର୍ଯ୍ୟଟକଙ୍କ ଅସନ୍ତୋଷ

**କଣ୍ଟିଲୋ,୨।୮/ଏନ୍ଏନ୍ଏସ୍:** ସମ୍ପ୍ରତି ଚଳିତ ୨୦୨୬-୨୭ବର୍ଷପାଇଁ ଆଦିପୀଠ ପ୍ରଭୁଶ୍ରୀନୀଳମାଧବ ଜିଉ ବିଜେ କଣ୍ଟିଲୋ କ୍ଷେତ୍ରରେ ପୂର୍ବ ପାର୍ଶ୍ୱ ଗାଡି ପାର୍କିଂ ନିଲାମ ଶେଷ ହୋଇଛି। କିନ୍ତୁ ଚଳିତ ବର୍ଷ ପାଇଁ ନିଲାମ ନେଇଥିବା ବ୍ୟକ୍ତି ମାନଙ୍କୁ ତହସିଲଦାର ଦେଇଥିବା ଦରଦାମ୍ ଚାର୍ଟରେ ଉଲ୍ଲେଖ ଥିବା ଦରଦାମ୍ ପୂର୍ବ ବର୍ଷ ଅପେକ୍ଷା ମାତ୍ରାଧିକ ହୋଇଥିବାରୁ ପର୍ଯ୍ୟଟକ ଓ ଅନ୍ୟାନ୍ୟ ଜନତା ଅସନ୍ତୋଷ ପ୍ରକାଶ କରୁଥିବା ଅଭିଯୋଗ ହେଉଛି। ତେଣୁ ଏବେ ଦୁଇଦିନ ହେଲା ବହୁ ଗାଡି ପାର୍କିଂ ରେଟ୍ ଶୁଣି ଗାଡି ଫେରେଇ ନେଇ ଅନ୍ୟତ୍ର ଚାଲି ଯାଉଥିବା ଦେଖିବାକୁ ମିଳୁଛି। ସୂଚନା ରୁ ପ୍ରକାଶ ଯେ, ସ୍ଥାନୀୟ କିଛି ଯୁବକ ମାନଙ୍କର ଜିଦି ଯୋଗୁ ଗତବର୍ଷ ଏହି ପାର୍କିଂକୁ ୨୧ଲକ୍ଷ ଶହେ ଏଗାର ଟଙ୍କାରେ ନିଲାମ ହୋଇଥିଲା ବେଳେ, ଚଳିତ ବର୍ଷ ୪୦ ଲକ୍ଷ ୨୧ ହଜାର ୨୬୫ ଟଙ୍କାରେ ନିଲାମ ଖତମ ହୋଇଛି। ଏଠି ସର୍ବସାଧାରଣଙ୍କ ମନରେ ପ୍ରଶ୍ନ ଉଠୁଛି ଯେ, ଯୁବକ ମାନେ ଜିଦିରେ ଯେତେ ଅଧିକ ଟଙ୍କାରେ ନିଲାମ ନିଅନ୍ତୁ ନା କାହିଁକି, ଖଣ୍ଡପଡ଼ା ତହସିଲଦାର କେଉଁ ଆଇନ ବଳରେ କାହା ଚାପରେ ଏବଂ ନିଜସ୍ୱ କେଉଁ ସ୍ୱାର୍ଥ ପାଇଁ ପ୍ରତିଦିନ ଆସୁଥିବା ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସାଧାରଣ ଜନତା ମାନଙ୍କୁ ଆର୍ଥିକ ମାନଦଣ୍ଡ ଉପରେ ହାରାଶ କରୁଛନ୍ତି। ଦରଦାମ୍ ନିର୍ଦ୍ଧାରଣ ଚାର୍ଟରୁ ଜଣାପଡ଼ିଛି ଯେ, ଗତବର୍ଷ ବାଇକ୍‌କୁ ୧୦ଟଙ୍କା ପରିବର୍ତ୍ତେ ବର୍ତ୍ତମାନ ୨୦ଟଙ୍କା, ତିନିଚକିଆ ଅଟୋ ୨୦ ପରିବର୍ତ୍ତେ ୩୦, ଚାରିଚକିଆ ଛୋଟ ଗାଡି ୩୦ ପରିବର୍ତ୍ତେ ୫୦, ଟ୍ରକ୍ ୱାଗନ୍ ୬୦ ପରିବର୍ତ୍ତେ ୧୦୦, ବସ୍, ସିଟି ରାଇଡ ଓ ଷ୍ଟାର୍ ବସ୍ ୧୨୦ ପରିବର୍ତ୍ତେ ୪୦୦ ଟଙ୍କା ଏବଂ ପାର୍କିଂସ୍ଥଳରେ ରୋଷେଇ କରିବା ପାଇଁ କୌଣସି ସୁବିଧା ନଥିବା ସ୍ଥଳେ ଗତବର୍ଷ ନେଉଥିବା ୩୦୦ ପରିବର୍ତ୍ତେ ଚଳିତ ବର୍ଷ ୫୦୦ଟଙ୍କା ଆଦାୟ କରୁଥିବା ଅଭିଯୋଗ ହେଉଛି। ବିଶେଷ ସୂଚନା ଏହା ଯେ, ଜିଦ୍‌ରେ ଅଧିକ ଟଙ୍କା ନେଇ ସାଧାରଣ ଜନତା ଓ ପର୍ଯ୍ୟଟକ ମାନଙ୍କ ଠାରୁ ଜୋର୍ ଜବରଦସ୍ତ ଆଦାୟ କରିବା ପାଇଁ ଖଣ୍ଡପଡ଼ା ତହସିଲଦାରଙ୍କ ମନମାନି ଓ ଜନତାମାରଣ ନୀତିକୁ ହଜାର ହଜାର ପର୍ଯ୍ୟଟକ ଦୃଢ଼ ପ୍ରତିବାଦ କରିବା ସହିତ ଏହି ଆଦିପୀଠରେ ପର୍ଯ୍ୟଟକମାନଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବ ବୋଲି ଅଭିଯୋଗ କରିଛନ୍ତି। ନିଲାମଧାରୀଙ୍କ ସହିତ ଖଣ୍ଡପଡ଼ା ତହସିଲଦାରଙ୍କ ଭିତିରି ସାଲିସ ହୋଇଥିବା ଅଭିଯୋଗ ହେଉଛି। ତହସିଲଦାରଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ବାରମ୍ବାର ଫୋନ୍ କଲେ ମଧ ଫୋନ୍ ରିସିଭ୍ କରନ୍ତି ନାହିଁ। ତେଣୁ ନୟାଗଡ଼ ଜିଲ୍ଲାପାଳ ଏହାର ଟିକିନିଖି ତଦନ୍ତ କରି ପର୍ଯ୍ୟଟକମାନଙ୍କୁ ଉପଯୁକ୍ତ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ସ୍ଥାନୀୟ ହଜାର ହଜାର ବୁଦ୍ଧିଜୀବୀଙ୍କ ସହିତ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ପର୍ଯ୍ୟଟକମାନେ ଦାବି କରିଛନ୍ତି।

# 'ଶ୍ରୀଜଗନ୍ନାଥ ଚେତନାରେ ଭାରତବର୍ଷ ଅମୃତମୟ ହେଉ'




**ପୁରୀସଦର,୨।୮/ଏନ୍ଏନ୍ଏସ୍:** ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ନିଜର ଅସ୍ତିତ୍ୱ ହରାଇବାକୁ ଯାଉଥିବା ଭାରତବର୍ଷ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନାରେ ଅମୃତମୟ ହେଉ ବୋଲି କହିଛନ୍ତି ଘରେ ଘରେ ଭାଗବତର ପ୍ରତିଷ୍ଠାତା ତଥା ଜଗନ୍ନାଥ ପୁରୀର ବିଶିଷ୍ଟ ପ୍ରବକ୍ତା ଡକ୍ଟର ବଦ୍ରି ମିଶ୍ର। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀର ମିଳିତ ସହଯୋଗରେ ରବିନ୍ଦ୍ର ମଣ୍ଡପଠାରେ ଆୟୋଜିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମରେ ଯୋଗଦେଇ ଡକ୍ଟର ମିଶ୍ର, ବିଶର ମହାନ୍ତି ଓ ଅଜାମିଳ ଚରିତ୍ରର ଅବତାରଣା ସହ ଭକ୍ତି ସଂଗୀତ ମାଧ୍ୟମରେ ସମବେତ ଶ୍ରୋତା-ଦର୍ଶକଙ୍କୁ ଉଦ୍‌ବୁଦ୍ଧ କରିଥିଲେ।

ସେ କହିଥିଲେ ଯେ ପ୍ରତିଟି ମଣିଷକୁ ଭଲପାଇବା ହିଁ ଜଗନ୍ନାଥ ସଂସ୍କୃତି। ସଂସାରର ମଙ୍ଗଳ ପାଇଁ ଠାକୁରଙ୍କ ପାଖରେ ପ୍ରାର୍ଥନା ଆମର ଧର୍ମ ହେଉ। ଏହି ଅବସରରେ ବେଲପାହାଡ଼ର ମିରର ଅନୁଷ୍ଠାନ ପକ୍ଷରୁ ଭକ୍ତି ରସାତ୍ମକ ନାଟକ 'କରମାବାଇ' ମଞ୍ଚସ୍ଥ ହୋଇଥିଲା। ଏଥିରେ ଅତିଥି ଭାବେ ଏକାଡେମୀ ସଂପାଦକ ଡକ୍ଟର ଚନ୍ଦ୍ରଶେଖର ହୋତା ଓ ଶ୍ୟାମାପ୍ରସାଦ ମିଶ୍ର ଯୋଗଦେଇ ଡକ୍ଟର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ନିଖିଳ ବାରିକ ସଂଘ ମୁଖ୍ୟଙ୍କ ପରଲୋକ

**ଟାଙ୍ଗୀ,୨।୮/ଏନ୍ଏନ୍ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଆଗ୍ରାହାଟ ପଞ୍ଚାୟତ ର ନିଖିଳ ବାରିକ ସଂଘ ଡାଳିଯୋଡ଼ା ମାହାଲର ପ୍ରଧାନ ବିଦ୍ୟାଧର ବାରିକଙ୍କ ୮୫ ବର୍ଷ ବୟସରେ ପରଲୋକ ଘଟିଛି। ଶ୍ରୀ ବାରିକ ନିଖିଳ ବାରିକ ସଙ୍ଘର ପ୍ରଧାନ ଭାବେ ବହୁ ଦିନ ଧରି କାର୍ଯ୍ୟ କରିଆସୁଥିଲେ। ଜଣେ ମିଷ୍ଟଭାଷୀ ମେଳାପୀ ମଣିଷ ଭାବେ ସମଗ୍ର ଅଞ୍ଚଳରେ ସେ ପରିଚିତ ଥିଲେ। ଦୀର୍ଘ ୩ମାସ ଧରି ଅସୁସ୍ଥ ଥିବାରୁ ତାଙ୍କର ଦେହାନ୍ତ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କ ପାଖରେ ତିନି ଝିଅ, ପୁଅ, ବୋହୂ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବିଶିଷ୍ଟ ବ୍ୟକ୍ତିମାନେ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେବା ସହ ଅମରଆତ୍ମାର ସଦ୍‌ଗତି ପ୍ରାର୍ଥନା କରିଥିଲେ।

**ନିତି ଭାରତୀ**

ଆମେ ସମସ୍ତେ ମହାନ କାମ କରିପାରିବା ନାହିଁ, କିନ୍ତୁ ଆନନ୍ଦର ସହିତ ଛୋଟ ଛୋଟ କାମଗୁଡ଼ିକୁ କରିପାରିବା । - **ମଦର ଟେରେସା**

# ‘ଜେନ୍-ଜି’ର ପିଲା ଓ ଆମେ ବୟସ୍କମାନେ



**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ବୟସ ବଢିଲେ ମଣିଷର ଜ୍ଞାନ ବଢେ କି ନାହିଁ ଜାଣେନି, କିନ୍ତୁ ନିଜର ମତାମତ ଉପରେ ତା'ର ବିଶ୍ୱାସ ଦୃଢରୁ ଦୃଢତର ହୋଇଥାଏ । ସେ ବିଶ୍ୱାସ ଏତେ ସଘନ ହୋଇଯାଏ ଯେ, ଦୁନିଆ ବଦଳିଗଲେ ମଧ ସେ ନିଜର ପୁରୁଣା ଚଷମାଟି ବଦଳାଇବାକୁ ରାଜି ହୁଏ ନାହିଁ । ଏମିତି ଏକ ବିଶ୍ୱାସ ଯଦି ଏକ ପ୍ରକାର ମାନସିକ ବ୍ୟାଧି ବା ବିକୃତି, ତେବେ ସ୍ୱୀକାର କରିବି ମୁଁ ବି ଦୀର୍ଘଦିନରୁ ସେଇଥିରେ ପୀଡିତ ।

ମୋର ଧାରଣା ଥିଲା - ଆମ ସମୟ ଥିଲା ସ୍ୱପ୍ନର ସମୟ । ଆମ ପାଖରେ ପୁସ୍ତକ ଥିଲା ଓ ସେଗୁଡିକ ପଢିବାରେ ଆମର ପ୍ରବଳ ରୁଚି ଥିଲା । ତର୍କବିତର୍କ ବା ନାନାଦି ବିଷୟରେ ମାନସମନ୍ଥନର ମହଲମାନଙ୍କରେ ସକ୍ରିୟ ଯୋଗ ଦେବାରେ ଆମର ଆଗ୍ରହ ଥିଲା । ପାଠାଗାରମାନଙ୍କରେ ଘଣ୍ଟା ଘଣ୍ଟା ଧରି ମୋଟା ମୋଟା, ସାଧାରଣତଃ ଅତି ବୌଦ୍ଧିକ ବୋଲି ଜଣାଶୁଣା, ବହିର ପୃଷ୍ଠା ଓଲଟାଇ ବଛା ବଛା ବାକ୍ୟଗୁଡିକୁ ମନେ ରଖିବା ପାଇଁ ଆମ ପାଖରେ ପ୍ରଚୁର ଧୈର୍ଯ୍ୟ ଥିଲା । ଆମ କଲେଜର ପ୍ରାଚୀର ଆରପଟେ ଥିବା ଚା' ଦୋକାନମାନଙ୍କରେ ଅତି ତୁଚ୍ଛ ଅବା ଗମ୍ଭୀର ବିଷୟ ଉପରେ ଅନନ୍ତ ବିତର୍କ, ଅନନ୍ତ ବାକ୍‌ବିତଣ୍ଡା କରି ନିଜର ବୌଦ୍ଧିକ ଦାଢକୁ ଧାରୁଆ କରୁଥିଲୁ ଆମେ । ନୂଆ ନୂଆ ତତ୍ତ୍ୱ, ନୂଆ ନୂଆ ଚିନ୍ତାର ଦୁଆରମାନଙ୍କରେ ଠକ୍‌ଠକ୍ ଆବାଜ କରି ପ୍ରବେଶ କରିଯାଉଥିଲୁ । କାର୍ଲ ମାର୍କ୍ସଙ୍କୁ ପଢୁଥିଲୁ, ଗାନ୍ଧୀ, ଟଲଷ୍ଟୟଙ୍କୁ ପଢୁଥିଲୁ, ରୁଷୋଙ୍କ ଠାରୁ କାମ୍ୟୁ, କାଫ୍‌କାଙ୍କୁ ପଢୁଥିଲୁ । ପରଦିନ ପୁଣି ବେଦ କି ଉପନିଷଦକୁ ନେଇ ପରସ୍ପର ଭିତରେ ସଂବାଦ କି ବିବାଦ ଆରମ୍ଭ କରି ଦେଉଥିଲୁ । ଆମ ପାଇଁ ପବିତ୍ର କି ଅପବିତ୍ର, ରୁଚିସମ୍ପନ୍ନ କି ରୁଚିଗର୍ହିତ କାହାରି ମଝିରେ କିଛି ଲକ୍ଷ୍ମଣରେଖା ନଥିଲା । ଏବଂ ଖାସ୍ ଆମର ଏଇ ରୁଚି, ଅଭ୍ୟାସ ବା ବଦଭ୍ୟାସ ସବୁକୁ ନେଇ ଆମେ ଭାରି ଗର୍ବ କରୁଥିଲୁ, କାରଣ ଆମେ ଭାବୁଥିଲୁ- ଆମେ ପ୍ରଗତିଶୀଳ, ଆମେ ଉଦାର, ମୁକ୍ତ ଓ ଉଦ୍ଦାମ ।

ଆଜିର ପିଢି ? ସେମାନଙ୍କ ବିଷୟରେ ମୋର ରାୟ ପୂରାପୂରି ରୋକ୍‌ଠୋକ୍ ଥିଲା । ଆଜିର ପିଢି କ୍ୟାରିୟର୍‌ର ଦୌଡରେ ବ୍ୟସ୍ତ; ମୋବାଇଲ୍‌ରେ, ମିମ୍ ବନାଇବାରେ ଓ ବିଚିତ୍ର ବିଚିତ୍ର ଭାଷାରେ ପରସ୍ପର ମଧରେ ଭାବ ଆଦାନ ପ୍ରଦାନ କରିବାରେ ଧୁରନ୍ଧର । ଏମାନେ ପଢନ୍ତି କମ୍, କିନ୍ତୁ ଭାଷଣ ଦିଅନ୍ତ ଅନର୍ଗଳ; ବେଳ ଅବେଳରେ ବିଦ୍ରୋହୀ, ବିପ୍ଳବୀ ହୋଇ ଯାଇଥାନ୍ତି ବିନା କାରଣରେ, ତାହା ପୁଣି ଖୁବ୍ ବେଶୀରେ ଗୋଟିଏ କି ଦୁଇଟି ଦିନ; ଏମାନେ ଗଭୀରତାହୀନ ଓ ଆପଣା ଆପଣା ଭାବଭାବନାରେ ଭାରି ଫମ୍ପା, ଭାରି ଶୂନ୍ୟଗର୍ଭ - ଏମିତି ଥିଲା ମୋର ଏମାନଙ୍କ ସଂପର୍କରେ ବିଚାର ଓ ରାୟ । ଏମାନଙ୍କୁ ମନେ ମନେ ଅନେକ ଥର ‘ଶାଲୋ’ ବା ‘ବାନାଲ୍’ ପରି ଦୁଇଟି ଇଂରାଜୀ ଶବ୍ଦରେ ସମ୍ବୋଧିତ କରି ଚାଲୁଥିଲି ମୁଁ - ଅବଶ୍ୟ ନିଭୃତରେ ।

ସମସ୍ୟାଟି ହେଉଛି - କେବଳ ମୁଁ ନୁହେଁ, ଅଧିକାଂଶ ବୟସ୍କ ବିଚାରକ ହେବାକୁ ପସନ୍ଦ କରିଥାନ୍ତି, କିନ୍ତୁ କସ୍ମିନକାଳେ ନିଜର ବିଚାରର ପୁନଃବିଚାର କରି ନଥାଆନ୍ତି ।

ମାତ୍ର, ଏବେ ଏବେ ଦିଲ୍ଲୀର ଜନ୍ତର ମନ୍ତରରେ ଏକଜୁଟ ହୋଇଥିବା ତରୁଣ ତରୁଣୀମାନଙ୍କୁ ଦେଖି ମୁଁ ଆଉ ପୂର୍ବପରି ସେମାନଙ୍କୁ ହାଲ୍‌କା ଫୁଲ୍‌କା, ଅଗମ୍ଭୀର, ଅଗଭୀର ବୋଲି କହିବାର ଭ୍ରମ କରିବି ନାହିଁ ନିଶ୍ଚୟ । ମୁଁ ଭାବିଥିଲି ସେଠାରେ ଗୁଡାଏ ଅର୍ଥହୀନ, ତାଳମେଳହୀନ ହୋହଲ୍ଲା ଥିବ, କ୍ରୋଧ ଥିବ, ବିଦ୍ରୋହର ଅସଂଜତ କୋଳାହଳ ଥିବ । କିନ୍ତୁ ଯାହା ଦେଖିଲି -ଅବଶ୍ୟ ମୋ ଟିଭିର ପରଦାରେ କିମ୍ବା ୟୁଟ୍ୟୁବ୍‌ର ଭିନ୍ନ ଭିନ୍ନ ପ୍ରସାରଣରେ -ତାହା ମୋତେ ଲଜ୍ଜିତ କଲା । ଲଜ୍ଜିତ କଲା ଏଇଥିପାଇଁ ଯେ ବର୍ତ୍ତମାନର ଏଇ ପିଢିର ପିଲାମାନେ ମୋ ପରି ତଥାକଥିତ ବୟସ୍କ-ଜ୍ଞାନୀ ବା ଅଭିଜ୍ଞତାସଂପନ୍ନ ମଣିଷଙ୍କ ଠାରୁ କେତେ ବଡ -କେତେ ବଡ ସେମାନଙ୍କ ବୁଦ୍ଧିବିବେକରେ, ପ୍ରତ୍ୟୁତ୍ପନ୍ନମତିତାରେ, ସେମାନଙ୍କ ବକ୍ତବ୍ୟରେ, ସେମାନଙ୍କ ଶୃଙ୍ଖଳାଜ୍ଞାନରେ ଏବଂ ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ କରିବା ଲାଗି ସେମାନଙ୍କ ଉଲ୍ଲାସଭରା ପ୍ରତିବଦ୍ଧତାରେ ।

ସେମାନେ ପ୍ରତିବାଦ କରୁଛନ୍ତି, କିନ୍ତୁ ହସ ହସ ମୁହଁରେ । ପ୍ରତିରୋଧର ସାମ୍ନା କରୁଛନ୍ତି କେତେବେଳେ ଗୀତରେ ତ କେତେବେଳେ ମଜାଦାର ସ୍ଲୋଗାନର ଉଚ୍ଚାରଣରେ । ପୋଷ୍ଟରରେ ଲେଖୁଛନ୍ତି କବିତା । ଲଘୁ ବ୍ୟଙ୍ଗାତ୍ମକ ମିମ୍‌ମାନ ତିଆରି କରି ଜଣାଇ ଦେଉଛନ୍ତି ସେମାନଙ୍କ ନିର୍ଦ୍ଦିଷ୍ଟ ଭାବ ଭାବନା । ନାଚୁଛନ୍ତି, ନାଟକ କରୁଛନ୍ତି । ଥକି ପଡିଥିବା ଆରଜଣକୁ ହାତପଙ୍ଖାରେ ବିଞ୍ଚି ଦେଉଛନ୍ତି । କିଏ କେଉଁ ଧର୍ମର, କେଉଁ ଜାତିର, କେଉଁ ଭାଷାର, କେଉଁ ରାଜନୈତିକ ମତାଦର୍ଶର -ଏସବୁକୁ ନେଇ ବାଛବିଚାର କରୁନାହାନ୍ତି । ଏମାନଙ୍କ ବ୍ୟଙ୍ଗରେ, ହାସ୍ୟରେ, ସଂଗୀତରେ କ୍ରୋଧ ସହିତ ସହିଷ୍ଣୁତା ଅଛି ଓ ଦରଦୀ ମାନବିକତା ଅଛି । ସବୁଠାରୁ ବଡ କଥା- ଏମାନେ ପରସ୍ପରକୁ ପ୍ରଥମେ ମଣିଷ ଭାବରେ ଦେଖୁଛନ୍ତି ।

ମୁଁ ଯେତେବେଳେ ସେମାନଙ୍କୁ ଦେଖୁଥିଲି, ସେମାନଙ୍କ ପ୍ରତି ମୋ ହୃଦୟରେ ଶ୍ରଦ୍ଧା, ସ୍ନେହ ଓ ସଦିଚ୍ଛାର ଲହରି ଖେଳି ଚାଲୁଥିଲା । ଭାବୁଥିଲି - ଆମ ସମୟରେ ଆମେ ନା ଆମ ତାରୁଣ୍ୟରେ ନା ଆମ ଯୁବାବସ୍ଥାରେ ଏତେ ଉଦାର, ଏତେ ମୁକ୍ତମନା, ଏତେ ବୁଦ୍ଧିମତ୍ତାସଂପନ୍ନ ଥିଲୁ । ଏମିତି ଶାନ୍ତି, ପ୍ରୀତି ବା ମୈତ୍ରୀର ଭାଷା କହି କେବେ କୌଣସି ଉଚିତ କାରଣ ପାଇଁ ବିଦ୍ରୋହ କରୁଥିଲୁ ? ଆମ ପିଢିର ଅନେକ ବନ୍ଧୁ, ଯେଉଁମାନେ କେବେ ଗଣତନ୍ତ୍ର, ସମାଜବାଦ, ଧର୍ମନିରପେକ୍ଷତା ଓ ମାନବିକତାର ନାମରେ ଶପଥ ନେଉଥିଲେ, ଆଜି ସେମାନଙ୍କ ମଧରୁ ଅନେକ ନିଜ ମନର ସବୁ ଗବାକ୍ଷ କେବେଠାରୁ ବନ୍ଦ କରି ଦେଇସାରିଛନ୍ତି; ଗୁଡାଏ ରକ୍ଷଣଶୀଳ, ରୁଢିବାଦୀ, ସଂକୀର୍ଣ୍ଣ-ଧର୍ମୀୟ ବିଚାରର ଅନ୍ଧ ସ୍ତାବକ ସାଜି ଯାଇଛନ୍ତି । ଯୁକ୍ତିର ଜାଗାରେ ରାଗକୁ, ମତାମତର ଜାଗାରେ ପରିଚୟ ଓ ଅସ୍ମିତାବୋଧକୁ ଅଗ୍ରାଧିକାର ଦେବାରେ ଅଭ୍ୟସ୍ତ ହୋଇଯାଇଛନ୍ତି; କେବେ ଯେଉଁମାନେ ତର୍କବିତର୍କ, ମାନସ ମନ୍ଥନ କରୁଥିଲେ ଖୋଲା ମନରେ, ପ୍ରଶ୍ନ କରୁଥିଲେ ନିର୍ଭୟରେ, ସେମାନେ ଆଜି ଯିଏ ତର୍କ କରୁଛି, ଯିଏ ନିଜର ବିଶ୍ୱାସ ବା ସିଦ୍ଧାନ୍ତ ପ୍ରକାଶ କରୁଛି ଓ ଯିଏ ପ୍ରଶ୍ନ କରୁଛି, ସେମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି- କେତେବେଳେ ଦେଶଦ୍ରୋହୀ, ଧର୍ମଦ୍ରୋହୀ ବା ସଂସ୍କୃତିଦ୍ରୋହୀ କହି ଏକ ପ୍ରକାର ବାସନ୍ଦ କରି ଦେଉଛନ୍ତି ମୁଖ୍ୟ ସ୍ରୋତରୁ ।



ବୟସ ସବୁବେଳେ ଜ୍ଞାନ କି ପ୍ରଜ୍ଞା ଦିଏ ନାହିଁ; ବେଳେବେଳେ ବୟସ କେବଳ ପୂର୍ବାଗ୍ରହ ଓ ପୂର୍ବମତାମତ ସବୁକୁ ନୂଆ ବେଶପୋଷାକ ପିନ୍ଧାଇ ଦେଇ ସେସବୁର ଶ୍ରେଷ୍ଠତା, ମହାନତାକୁ ସର୍ବସମ୍ମୁଖରେ ଉପସ୍ଥାପିତ କରିବାର କଳାକୌଶଳ ଶିଖାଇ ଦେଇଥାଏ - ଏଇ ଅପ୍ରିୟ ସତ୍ୟଟି ମୋତେ ଜଣାଇଦେଲେ ‘ଜେନ୍-ଜି’ର ପିଲାମାନେ ।

ଆଜିର ଏଇ ପିଢିର ପିଲାମାନେ ଯାହାଙ୍କୁ ଆମେ ‘ଜେନ୍ -ଜି’ ନାମରେ ଆଖ୍ୟାୟିତ କରିଦେଇଛେ - ସେମାନଙ୍କର ଅନ୍ୟ ଏକ ବିଶେଷତା ମୋତେ ବିସ୍ମିତ କରିଛି । ସେମାନେ ଭୟକୁ ଆତଙ୍କ ହେବାକୁ ଦିଅନ୍ତି ନାହିଁ; କିଏ ଯଦି ସେମାନଙ୍କୁ ଡରେଇ ଥରେଇ ଦେବାପାଇଁ ଝପଟି ଆସେ, ସେମାନେ ତା'ଉପରକୁ ଫୁଲଟିଏ ଫୋପାଡି ଦେଇ ପଳାଇ ଆସନ୍ତି ଓ ଠିକ୍ ପରେ ପରେ ସେଇ ଭୟପ୍ରଦର୍ଶନକାରୀର ମୁହଁର ଭ୍ରୁକୁଟୀ ଉପରେ କାର୍ଟୁନ୍‌ଟିଏ ଆଙ୍କି ଦିଅନ୍ତି ଓ ସେଇଟିକୁ ଦେଖି ହସି ହସି ବେଦମ୍ ହୋଇଯାଆନ୍ତି - ନାଚିଯାଆନ୍ତି ପ୍ରଚଣ୍ଡ ଖରାରେ କି ଘନଘୋର ବର୍ଷାରେ । ଏହି ପିଢିର ହାତରେ ମୋବାଇଲ୍ ଅଛି- ଏହା ସତ୍ୟ । କିନ୍ତୁ ସେହି ମୋବାଇଲ୍ କେବଳ ମନୋରଞ୍ଜନର ଯନ୍ତ୍ର ନୁହେଁ; ତାହା ଆଜି ତାଙ୍କ ହାତରେ ଏକ ଚଳନ୍ତି ଛାପାଖାନା, ଏକ ରଙ୍ଗମଞ୍ଚ,ଏକ କବିତାର ଖାତା ଓ ଏକ ପ୍ରତିବାଦର ଅସ୍ତ୍ର ।

ଆଜି ମୁଁ ତେଣୁ ବୁଝିସାରିଲିଣି ନୂଆ ପିଢିର ପିଲାମାନଙ୍କୁ ବଡ ବଡ ଉପଦେଶ ଦେବା ପୂର୍ବରୁ ମୋତେ ଓ ମୋ ପରି ବୟସ୍କମାନଙ୍କୁ ଟିକେ ଆତ୍ମନିରୀକ୍ଷଣ କରିବାକୁ ହେବ ଓ ବେଶ୍ କିଛି ଆତ୍ମସମାଲୋଚନା କରିବାକୁ ହେବ । ସତ କଥାଟି ହେଉଛି ପ୍ରତ୍ୟେକ ପିଢି ଭାବେ ଇତିହାସ ତା' ପାଖରେ ଆସି ଅଟକିଯାଇଛି ଓ ପରବର୍ତ୍ତୀ ପିଢିର କାହାଣୀ ହେବ ଅବକ୍ଷୟର, ଅନୁଦାରତାର ଓ ଅମାନବିକତାର । କିନ୍ତୁ ଇତିହାସ ଦୁଷ୍ଟ ଓ ରହସ୍ୟପ୍ରିୟ ବି । ସେ ମୋ ଭଳି ବୟସ୍କମାନଙ୍କୁ ଏମିତି ବେଳେବେଳେ ଜଣାଇ ଦେଇଥାଏ ଯେ ଆତ୍ମତୃପ୍ତି, ଆତ୍ମଶ୍ଳାଘା ଓ ଆତ୍ମବଡିମା ହିଁ ଅବକ୍ଷୟ ଏବଂ ଶିଖାଇ ଦେଇଥାଏ ଯେ ଆମ ପୁରୁଣା ଚଷମାକୁ ଫିଙ୍ଗି ଦେଇ ନୂଆ ଚଷମାରେ ନୂଆ ପିଢିର ଗୁଣସୂତ୍ରକୁ ଚିହ୍ନିଯିବା ଆମ ମାନସିକ ସ୍ୱାସ୍ଥ୍ୟ ପାଇଁ ନିହାତି ଆବଶ୍ୟକ ।

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**କୋଡିଆଁ ବାରଙ୍ଗ,**
**ମୋ-୯୮୫୩୩୫୫୧୦୭**

# ଆଜ୍ଞା, କଥାଟା କ'ଣ ବୁଝନ୍ତୁ



**ରାଧାଶ୍ୟାମ ରାଉଳ**

ହଁ ଆଜ୍ଞା, କଥାଟା କ'ଣ ବୁଝନ୍ତୁ ! କଥାଟା ନବୁଝି ଆପଣ ବ୍ୟସ୍ତ, ଅଧୈର୍ଯ୍ୟ ହୋଇ ଇଆଡ଼େ ସିଆଡେ ମାଡିଯାଉଛନ୍ତି ଯେ ? ଇଏ କ'ଣ କାମ ? ଆପଣ ଯେଉଁ କ୍ଷେତ୍ରରେ, ଯେଉଁ ପଦପଦବୀରେ, ଯେଉଁଭଳି ଭାବରେ ଥାଆନ୍ତୁ ନା କାହିଁକି, କିଛି କହିବା ପୂର୍ବରୁ କିମ୍ବା କରିବା ପୂର୍ବରୁ କିମ୍ୱା କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଦୟାକରି ଆପଣ ଅନ୍ୟମାନଙ୍କୁ ଶୁଣନ୍ତୁ, ପରିସ୍ଥିତିକୁ ପରଖନ୍ତୁ,'କିଏ ବା ଅଛି କେଉଁମତେ' ଅର୍ଥାତ୍ କିଏ କେଉଁ ଉଦ୍ଦେଶ୍ୟରେ ବା କେଉଁ ମତଲବରେ ଅଛନ୍ତି; ଇତ୍ୟାଦିକୁ ବୁଝନ୍ତୁ ! ମୋଟାମୋଟି ଭାବରେ, ଆଜ୍ଞା, କଥାଟା କ'ଣ ବୁଝନ୍ତୁ !

ଆପଣ ଅଫିସ୍‌ର ମୁଖ୍ୟ ଭାବରେ, ବରିଷ୍ଠ ଶାଖା ପରିଚାଳକ ପଦବୀରେ ଥାଇ କାମ କରୁଛନ୍ତି ! ଯେହେତୁ ଆପଣଙ୍କର ଅଫିସ୍ ମୂଳତଃ ଗ୍ରାହକସେବା ପ୍ରଦାନକାରୀ ଅଫିସ୍, ତେଣୁ ପ୍ରତ୍ୟେକ ଦିନ ଅନେକ ଗ୍ରାହକ, ହିତାଧିକାରୀ, ଅଭିକର୍ତ୍ତା ଓଗେର୍ ଅଫିସକୁ ଯା'ଆସ କରିବା ସ୍ୱାଭାବିକ କଥା ! ସେମାନଙ୍କର ସମସ୍ୟା ବୁଝିବା ପାଇଁ ଏବଂ ସେମାନଙ୍କୁ ସେବାପ୍ରଦାନ କରିବା ପାଇଁ ଅଫିସ୍‌ରେ ଅଫିସର୍ ଓ କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି ! ମୋଟାମୋଟି ଭାବରେ ଆପଣଙ୍କର ଅଧୀନରେ ଓ ନେତୃତ୍ୱରେ ଅଫିସ୍ କାର୍ଯ୍ୟ ଚାଲିଛି, ବେଶ୍ ସୁରୁଖୁରୁରେ !

ତେବେ ସବୁ ଠିକ୍‌ଠାକ୍ ଚାଲିଥିବା ବେଳେ କୌଣସି ସମୟରେ କେଉଁ ଅଫିସର୍ କି କେଉଁ କର୍ମଚାରୀଙ୍କ ବିରୁଦ୍ଧରେ କେହି ଗ୍ରାହକ କି କେହି ଅଭିକର୍ତ୍ତା ଆପଣଙ୍କ ପାଖରେ ଅଭିଯୋଗ କରିପାରନ୍ତି,'ସାର୍ ଅମୁକ୍ ଅଫିସର୍ ମୋର କାମକୁ ଅନେକ ଦିନ ହେବ ଗଡେଇ ଚାଲୁଛନ୍ତି ! ଏଇଟା ଦରକାର, ସେଇଟା ଦରକାର କହି ମୋତେ ବାରମ୍ବାର ହଇରାଣ କରୁଛନ୍ତି । ସମୁକ୍ ବାବୁ ମୋ ଉପରେ ଅକାରଣେ ଚିଡୁଛନ୍ତି । ମୋ କାମ ନକରି ମୋ ସହ ଅଯଥା ଯୁକ୍ତି କରୁଛନ୍ତି, ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି' ଇତ୍ୟାଦି ଇତ୍ୟାଦି ।

ଦେଖନ୍ତୁ, ଅଫିସ୍ ଚାଲିଛି ମାନେ, ହରରୋଜ୍ ଏମିତି କିଛି ନା କିଛି ଅଭିଯୋଗ ଆପଣଙ୍କ ପାଖରେ ପହଞ୍ଚିବା ଥୟ ! ତେବେ ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ପ୍ରଥମେ ଆପଣ ଅତ୍ୟନ୍ତ ଧୈର୍ଯ୍ୟର ସହିତ ଦୁଇପକ୍ଷର କଥା ଶୁଣିବେ ଏବଂ ତା'ପରେ ଯାଇ ଆପଣଙ୍କର ନିଷ୍ପତ୍ତି ଓ ନିର୍ଦ୍ଦେଶ ଶୁଣେଇବେ । ତା'ନକରି ଏକତରଫା ଅଭିଯୋଗକୁ ଗ୍ରହଣ କରି ଅଭିଯୋଗ କରାଯାଇଥିବା ଅଫିସର୍ କି କର୍ମଚାରୀଙ୍କ ଉପରେ ଆପଣ ତୋଡ ଦେଖେଇବା, କର୍ତ୍ତୃତ୍ୱ ଜାହିର୍ କରିବା କେତେଦୂର ଠିକ୍, କେତେଦୂର ଯୁକ୍ତିଯୁକ୍ତ କହିଲେ ? ଗ୍ରାହକସେବା ପ୍ରଦାନକାରୀ ଅଫିସ୍ ହେଲା ବୋଲି କ'ଣ ଗ୍ରାହକମାନେ ସବୁବେଳେ ଠିକ୍, ଆଉ ଅଫିସର୍ କର୍ମଚାରୀମାନେ ସବୁବେଳେ ଭୁଲ୍ ?

ଅଥଚ ସବୁ ଜାଣିଶୁଣି, ବୁଝିସୁଝି ମଧ ଆପଣ ଅନୁଚିତ, ଅନୈତିକ, ଆଇନଅସମ୍ମତ କାର୍ଯ୍ୟ ସପକ୍ଷରେ ପ୍ରାୟ ସବୁବେଳେ ଯୁକ୍ତି ବାଢନ୍ତି, ଦୁର୍ନୀତି, ବିଶୃଙ୍ଖଳାକୁ ମଧ ପ୍ରଶ୍ରୟ ଦିଅନ୍ତି ! ଆପଣ ଯାହା କହିବେ, ତାହା କ'ଣ ବେଦର ଗାର ? ଯାହା କରିବେ ତାହା କ'ଣ ଆଇନସମ୍ମତ ? ଓହୋ, ଆପଣଙ୍କ ମୁଣ୍ଡ ଉପରେ ଉଚ୍ଚଶକ୍ତିସମ୍ପନ୍ନ, ଉଚ୍ଚକର୍ତ୍ତୃପକ୍ଷଙ୍କର ଅତୁଟ ଆଶୀର୍ବାଦ ରହିଛି ନାଇଁ ? ତେଣୁ ଆପଣ ପଣ୍ଡିତ ପୁଅ ପରାୟେ ପଦମର୍ଯ୍ୟାଦା ଓ ବିଶେଷ କ୍ଷମତାର ଅଧିକାରୀ ତଥା ଉତ୍ତରାଧିକାରୀ ! ଶାସ୍ତ୍ର କହୁଛି, ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ ! ଅତଏବ ଶାସ୍ତ୍ରାନୁଯାୟୀ ଆପଣ ନିର୍ଦ୍ଧାରିତ ଲକ୍ଷ୍ମଣରେଖା ଡେଇଁଗଲେ ଅର୍ଥାତ୍ ଆପଣ ଆପଣଙ୍କ କ୍ଷମତାର ଦୁରୁପଯୋଗ କଲେ ବି କିଛି ଅସୁବିଧା କି ସମସ୍ୟା ନାହିଁ ।

ତଥାପି ଆପଣଙ୍କୁ ଆମର ବିଶେଷ ଅନୁରୋଧ,ଏବେ ବି ସମୟ ଅଛି, ଆଜ୍ଞା, କଥାଟା କ'ଣ ବୁଝନ୍ତୁ !

ବହୁଳ ପ୍ରସାରିତ ତଥା ପ୍ରତିଷ୍ଠିତ ଏକ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା ମୋର ଏକ ବ୍ୟଙ୍ଗଗଳ୍ପର ଡାଇରେକ୍ଟ୍ ହିଟ୍ ଅର୍ଥାତ୍ ସିଧାସଳଖ ମାଡ଼ରେ କର୍ମଚାରୀ ସଂଗଠନର ସଭାପତି ଓରଫ୍ ଆତ୍ମଘୋଷିତ ବୁଦ୍ଧିଜୀବୀ ଓ ଅହଙ୍କାରୀ ସ୍ତମ୍ଭକାର ବିନ୍ଦୁବିସର୍ଗ ମହାପାତ୍ରଙ୍କର ପ୍ରବଳ ଗାତ୍ରଦାହ ହେବାରୁ ସେ ତ୍ୱରିତେ ସଂଗଠନର ଅନ୍ୟାନ୍ୟ ନେତା ଓ କର୍ମକର୍ତ୍ତାମାନଙ୍କୁ ଉସ୍କେଇ, ମତେଇ, ତତେଇ ବଡ଼ସାହେବଙ୍କ ପାଖରେ ଏକଜୁଟ୍ କରାଇ ମୋ ବିରୁଦ୍ଧରେ ଅଭିଯୋଗ କରି କହିଲେ,'ସାର୍, ସେ ଉପଦ୍ରବୀ ଅଫିସର୍ ମିଷ୍ଟର୍ ରାଶ୍ୟାରା ଗୋଟେ କ'ଣ ଆଲତୁଫାଲତୁ ଲେଖା ଲେଖି ମୋତେ ଖୋଲାଖୋଲି ଚ୍ୟାଲେଞ୍ଜ୍ କରିନାହିଁ ଯେ ଓଲଟି ଉଡ଼ନ୍ତା କିଲାକୁ ହୁଇସିଲ୍ ମାରି ସେ ତା' ପାଖକୁ ଡାକିଛି ! ତେଣୁ ଆମର ଏକମାତ୍ର ଦାବୀ, ତୁରନ୍ତ ମିଷ୍ଟର୍ ରାଶ୍ୟାରାକୁ ଏଠାରୁ ଆପଣ ତଡି ଦିଅନ୍ତୁ ଅର୍ଥାତ୍ ଫୁଲ୍ ତଡିପାର୍ କରିଦିଅନ୍ତୁ !'

କର୍ମଚାରୀ ସଂଗଠନର ନେତାମାନଙ୍କର ଏତାଦୃଶ ହୋହାଲ୍ଲାପୂର୍ଣ୍ଣ ସୁଆଙ୍ଗପାଲାରେ ଭଳିଯାଇ ବଡ଼ ସାହେବ ତାଙ୍କ ଚାମ୍ବରକୁ ଡାକି ମୋତେ ଏଣୁତେଣୁ ବେଜାଏ କର୍ତ୍ତୃପକ୍ଷୀୟ ସଂଳାପ ଶୁଣେଇଲେ । ମୁଁ କିନ୍ତୁ ମୋ ପକ୍ଷ ନେଇ ଅତ୍ୟନ୍ତ ନମ୍ରଭାବରେ ବଡ଼ ସାହେବଙ୍କୁ କହିଲି, ‘ସାର୍ ଦେଖନ୍ତୁ, ଦୀର୍ଘ ପଚିଶ ବର୍ଷରୁ ଅଧିକ ସମୟ ମୁଁ ବ୍ୟଙ୍ଗଲେଖା ଲେଖିଆସୁଛି । ବ୍ୟଙ୍ଗସାହିତ୍ୟ ଏକ ସମୃଦ୍ଧ ସମାଲୋଚନାମୂଳକ ସାହିତ୍ୟ ! ବ୍ୟଙ୍ଗସାହିତ୍ୟର ଗୌରବମୟ ଇତିହାସ ଓ ସୁସଂଗତ ପରମ୍ପରା ରହିଛି । ଆପଣ ଗୋଦାବରୀଶ ମହାପାତ୍ର, ଫତୁରାନନ୍ଦ, ଚୌଧୁରୀ ହେମକାନ୍ତ ମିଶ୍ର, ମହାପାତ୍ର ନୀଳମଣି ସାହୁ, ମନୋଜ ଦାସ, ପଣ୍ଡିତ ଅଚ୍ୟୁତାନନ୍ଦ କର, ରସରାଜ ଏମାର କେୟାର, ମାଧବଚନ୍ଦ୍ର ଶତପଥୀ ଆଦିଙ୍କ ବ୍ୟଙ୍ଗଲେଖା ପଢିଲେ ନିଶ୍ଚୟ ବୁଝିପାରିବେ ବ୍ୟଙ୍ଗସାହିତ୍ୟର ଉଦ୍ଦେଶ୍ୟ ଓ ସନ୍ଦେଶ ସମ୍ପର୍କରେ ! ସେଇ କ୍ରମରେ ଜଣେ ବ୍ୟଙ୍ଗ କଥାକାର ଭାବରେ ସବୁବେଳେ ମୁଁ ମୋ ଲେଖା ମାଧମରେ ସତ କଥା କହିଆସିଛି, ସାର୍ ! ଅବଶ୍ୟ ମୋର ଏ ସତ କଥାକୁ ‘ଘୁଷୁରିକୁ ପାଚିଲା କଦଳୀ ବିଷ’ ପରାୟେ କେହିକେହି ହଜମ କରିପାରନ୍ତି ନାହିଁ ସହଜରେ ! ସେମାନଙ୍କ ଭିତରେ ଭୁଲ୍ ଧାରଣା ସୃଷ୍ଟି ହୁଏ ଯେ, ସେମାନଙ୍କ ଉଦ୍ଦେଶ୍ୟରେ କିମ୍ବା ସେମାନଙ୍କୁ ଲକ୍ଷ୍ୟ କରି ମୁଁ ଏସବୁ ଲେଖିଛି କିମ୍ବା ଲେଖୁଛି ! ତେଣୁ ମୋର ଏ ଲେଖାକୁ କେନ୍ଦ୍ର କରି ଆପଣ ଯେ, ସେଇ ନେତାମାନଙ୍କର ଭିତ୍ତିହୀନ ଅଭିଯୋଗକୁ ଗୁରୁତ୍ୱ ଦେଇ, ମୋତେ ଆକଟ କରିବେ, ଚେତାବନୀ ଶୁଣେଇବେ; ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଗଭୀର ପରିତାପର ବିଷୟ !'



ବଡ଼ ସାହେବ ମୋର କୌଣସି କଥାକୁ ନଶୁଣି ଓଲଟି ମୋତେ ଶୁଣେଇଲେ ତାଙ୍କର ନିର୍ଦ୍ଦେଶବାଣୀ; ‘ଆପଣଙ୍କର ପଦୋନ୍ନତି କାରଣରୁ ମୁଁ ଆପଣଙ୍କର ବଦଳି କରୁଛି, ଏ ସ୍ଥାନରୁ ଅନ୍ୟ ସ୍ଥାନକୁ ! ତୁରନ୍ତ ଆପଣ ନୂଆ ସ୍ଥାନକୁ ଯାଇ ଜଏନ୍ କରନ୍ତୁ !

ସେତେବେଳେ ମୋତେ ଲାଗିଲା, ମୋ ଦୃଷ୍ଟିରେ ବଡ଼ ସାହେବ ଆଉ ବଡ ସାହେବ ହୋଇ ରହିନାହାନ୍ତି । ସେ ମୋ ପାଇଁ ସେତେବେଳେ ସମ୍ପୂର୍ଣ୍ଣ ଭାବରେ ଜଣେ ନୀତିଭ୍ରଷ୍ଟ ଓ ସଂସ୍କାରଛେଉଣ୍ଡ ମଣିଷର ନିଖୁଣ ଅଭିନୟ କରୁଥିଲେ ! ଅତ୍ୟନ୍ତ କ୍ଷୋଭର ସହିତ ତଥାପି ମୁଁ ବଡ଼ ସାହେବଙ୍କୁ କହିଥିଲି, ‘ସାର୍ ପ୍ଲିଜ୍ ଟ୍ରାଏ ଟୁ ଅଣ୍ଡରଷ୍ଟାଣ୍ଡ୍ ଦି ରିଏଲ୍ ଫ୍ୟାକ୍ଟସ ! ଆଜ୍ଞା, ଦୟାକରି କଥାଟା କ'ଣ ବୁଝନ୍ତୁ !'

ମୁଁ ମୋ ବୃତ୍ତି, ଚାକିରି ବାଦେ ମୋ ପ୍ରବୃତ୍ତି; ସାହିତ୍ୟ ସାଧନାକୁ ପ୍ରାଣାଧିକ ଭଲ ପାଏ । ଦୀର୍ଘ ବର୍ଷ ସାରସ୍ୱତ ସାଧନାର ଯାତ୍ରାପଥରେ ଅନେକ ସାହିତ୍ୟିକ ବନ୍ଧୁଙ୍କ ସଂସ୍ପର୍ଶରେ ମୁଁ ଆସିଛି ! ସେମାନଙ୍କ ମଧରୁ ବନ୍ଧୁ ପରମାନନ୍ଦ ବାବୁ ଅନ୍ୟତମ । ମୁଁ ପ୍ରଥମରୁ ଦେଖିଆସିଛି,ପରମାନନ୍ଦ ବାବୁଙ୍କର ସଂଘର୍ଷମୟ ଜୀବନକୁ । କେମିତି ସେ ତୃଣମୂଳ ସ୍ତରରୁ ଉଠି ଏବେ ଶୀର୍ଷ ସୋପାନରେ ପହଞ୍ଚି ପାରିଛନ୍ତି ! ଆମ ଭିତରେ ଦୀର୍ଘବର୍ଷର ବ୍ୟକ୍ତିଗତ ଓ ପାରିବାରିକ ସମ୍ପର୍କ ରହିଆସିଥିଲେ ହେଁ ଏବେ ତାଙ୍କ ପାଖରେ ସମୟ ନାହିଁ ଏବଂ ସେ ବି ଜମାରୁ ଆଗ୍ରହୀ ନୁହନ୍ତି, ମୋ କଥା ଶୁଣିବାକୁ ! କାରଣ ଏବେ ସେ ଯେଉଁ ପଦବୀରେ ଅଛନ୍ତି, ସେ ପଦବୀ କୁଆଡେ ବହୁଚର୍ଚ୍ଚିତ ଏବଂ ସର୍ବକାଳୀନ ପଦବୀ ! ଇତିହାସର ସ୍ୱର୍ଣ୍ଣାକ୍ଷରରେ ତାଙ୍କର ନାମ ଓ ପଦବୀ ଲିପିବଦ୍ଧ ହୋଇ ରହିଥିବ ଚିରଦିନ !

ସମୟ ବଦଳିବା ସହିତ ସେ ମଧ ଏହା ଭିତରେ ଯଥେଷ୍ଟ ବଦଳିଯାଇଛନ୍ତି ! ଏବେ ତାଙ୍କ ସହ କଥାବାର୍ତ୍ତା କରିବା କି ଭାବ ବିନିମୟ କରିବା ପାଇଁ କୁଆଡେ ତାଙ୍କ ଲେଭେଲ୍ ଅର୍ଥାତ୍ ପାହ୍ୟା ପର୍ଯ୍ୟନ୍ତ ପହଞ୍ଚିବା ଉଚିତ । ବାଃ ବାଃରେ ବନ୍ଧୁ ! ଯେଉଁମାନଙ୍କ କାନ୍ଧରେ ସବାର୍ ହୋଇ ତୁମେ ଆଜି ଶୀର୍ଷରେ ପହଞ୍ଚିଛ ସେମାନଙ୍କୁ ଉପେକ୍ଷା କରି ତୁମେ କେଉଁ ସଫଳତା ପାଇବ ? ଏବେ ବି ସମୟ ଅଛି ବନ୍ଧୁ, ବୁଝିନିଅ, କିଏ କ'ଣ ? କିଏ ବିଶ୍ୱସ୍ତ, କିଏ ବେଇମାନ ? ଭଲକରି ଚିହ୍ନ ଭ୍ରାତାଙ୍କ ବଦନ ! ଏଇ ପରିପ୍ରେକ୍ଷୀରେ ମୋର ମଧ ତାଙ୍କୁ ପଦେ କହିବାର ଅଛି, ‘ଆଜ୍ଞା, କଥାଟା କ'ଣ ବୁଝନ୍ତୁ !'

ଅତଏବ ଏବେ ସବୁଠାରେ ସେଇ ସମାନ ବ୍ୟାଧି; ସେ ରାଜନୀତିର କ୍ଷେତ୍ର ହେଉ କି ସାଧାରଣ ପ୍ରଶାସନ, ଆଇନ୍ କାନୁନ୍‌ର କ୍ଷେତ୍ର ହେଉ, ବ୍ୟବସାୟ, ଚାକିରି, ଶିକ୍ଷା, ସ୍ୱାସ୍ଥ୍ୟ, ସାହିତ୍ୟ, ସଂସ୍କୃତି, ଅର୍ଥନୀତି, ସମାଜନୀତିର କ୍ଷେତ୍ର ହେଉ, ପ୍ରେମ, ବନ୍ଧୁତ୍ୱର କଥା ହେଉ କି ଆତ୍ମୀୟସ୍ୱଜନ, ପ୍ରିୟ ପରିଜନମାନଙ୍କ ସହ ସମ୍ପର୍କ ହେଉ; କେହି କାହାକୁ ଶୁଣିବାକୁ କି ବୁଝିବାକୁ ଆଦୌ ପ୍ରସ୍ତୁତ ନୁହନ୍ତି । କ୍ଷମତାପ୍ରାପ୍ତ ହୋଇ ପ୍ରାୟ ସଭିଏଁ ହାମବଡା, ପ୍ରିୟାପ୍ରୀତିତୋଷଣ ନୀତିରେ ପ୍ରମତ୍ତ, ଉନ୍ମତ୍ତ ହେଉଛନ୍ତି ! ନିଜର ମୂଳ ସ୍ଥିତି, ପରିଚୟ ଏବଂ ସମଗୋତ୍ରୀୟ ସମ୍ପର୍କକୁ ଭୁଲି ନୀଳବର୍ଣ୍ଣ ଶୃଗାଳବତ୍ ହେଉଛନ୍ତି ! ଯାହାଫଳରେ, ପରସ୍ପର ଭିତରେ ସନ୍ଦେହ, ଘୃଣା, ଭୁଲ୍ ବୁଝାମଣା ବୃଦ୍ଧି ପାଉଛି ଏବଂ ପାରସ୍ପରିକ ସମ୍ପର୍କ କ୍ରମଶଃ ଅଧିକରୁ ଅଧିକ ତିକ୍ତ ହେଉଛି ! ତଥାପି ସେଇ ମହାଶୟମାନଙ୍କୁ ମୋର ବିନମ୍ର ନିବେଦନ, ‘ଆଜ୍ଞା, କଥାଟା କ'ଣ ବୁଝନ୍ତୁ !'

**ସେକ୍ଟର- ୬, କଟକ**
**ମୋ: ୯୪୩୭୦୯୦୯୮୫**
rsroul1966@gmail.com

**ନିତିଦିନ** NITIDIN
**ସୋମବାର, ୩ ଅଗଷ୍ଟ ୨୦୨୬**

# ନିଟ୍ ପରୀକ୍ଷା ପଦ୍ଧତିରେ ସଂସ୍କାର

ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଏବଂ ପୁଣି ଥରେ ଏହି ପରୀକ୍ଷା ଅନୁଷ୍ଠିତ ହେବା କିପରି ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ପ୍ରଭାବିତ କଲା ତଥା ଏହାକୁ ନେଇ କିପରି ଶିକ୍ଷାର୍ଥୀ ଓ ଯୁବ ବର୍ଗ ପ୍ରତିବାଦ କରିବାକୁ ଆଗେଇ ଆସିଲେ, ଯାହା ସ୍ୱତଃସ୍ଫୂର୍ତ୍ତ ଭାବରେ ହେବା ସଙ୍ଗେ ସଙ୍ଗେ ଜୈବିକ ଭାବରେ ସାରା ଦେଶକୁ ବ୍ୟାପିଗଲା, ସେସବୁକୁ ଲକ୍ଷ୍ୟ କରିବା ପରେ ବର୍ତ୍ତମାନ ଆମ ହାତକୁ ଯାହା ଆସିଛି, ତାହା ହେଉଛି ଏକ ଆଇନ । ଏହି ଆଇନଟି ଯେଉଁ ଖଳବୁଦ୍ଧିସମ୍ପନ୍ନ ଲୋକମାନେ ପ୍ରଶ୍ନପତ୍ର ପ୍ରଘଟ କରିବେ, ସେମାନଙ୍କ ପାଇଁ ସବୁଠୁ ଅଧିକ କଠୋର ଦଣ୍ଡ ପାଇବାର ବ୍ୟବସ୍ଥା କରିଛି । ସଂସଦରେ ଏହି ଘଟଣାକୁ ନେଇ ରାଜନୀତିକ ଦଳମାନେ ହଟ୍ଟଗୋଳ ଓ ଅଚଳାବସ୍ଥା ସୃଷ୍ଟି କରିବା ହୁଏତ ପିଲାମାନଙ୍କ ଦ୍ୱାରା କରାଯାଇଥିବା ପ୍ରତିବାଦର ସୁଯୋଗ ନେବା ହୋଇଥାଇପାରେ, ଯେଉଁମାନଙ୍କର ନିଜ ଭବିଷ୍ୟତକୁ ନେଇ ଆଶଙ୍କା ବହନ କରିବା ସ୍ୱାଭାବିକ । ସରକାରଙ୍କର ଏଥି ପ୍ରତି ପ୍ରତିକ୍ରିୟା ମୁକାବିଲା କରିବା ଭଳି ହୋଇଥିଲା, ସେମାନଙ୍କ ମନରେ ଭରସା ସୃଷ୍ଟି କରିବା ନିମନ୍ତେ ଗଠନମୂଳକ ନଥିଲା । ଆଉ ଏହା ହିଁ ଗୋଟିଏ ତଥ୍ୟକୁ ପ୍ରତାରିତ କରିଥିଲା ଯେ ଆଇନ ନିର୍ମାତାମାନେ ଖୋଦ୍ ରୋଗକୁ ନିର୍ମୂଳ କରିବା ପରିବର୍ତ୍ତେ ଏହାର ଲକ୍ଷଣଗୁଡ଼ିକୁ ଚିକିତ୍ସା କରିବା ଉପରେ ଅଧିକ ଆଗ୍ରହୀ ଥିଲେ । ସମ୍ପ୍ରତି ଆଗତ ହୋଇଥିବା ଆଇନରେ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟକାରୀ ଏବଂ ସଂଗଠିତ ଅପରାଧ ସିଣ୍ଡିକେଟ୍‌ଗୁଡ଼ିକଙ୍କ ପାଇଁ ଅନେକ ସଂଖ୍ୟକ ଚେତାବନୀ ରହିଛି, ଯାହାକି ବିଦ୍ୟାର୍ଥୀମାନଙ୍କ ଜୀବନ ସହିତ ଖେଳ ଖେଳିଥାଏ- ୧୨୦ରୁ ଅଧିକ ସଂଖ୍ୟକ ଆତ୍ମହତ୍ୟା ହୁଏତ ଘଟି ସାରିଥିବ, ଯାହା ନିଟ୍ ପରୀକ୍ଷାର ଚାପ ସହିତ ଜଡ଼ିତ- କିନ୍ତୁ ଏହି ବ୍ୟବସ୍ଥା ଏକ ଏକୀକୃତ ପ୍ରବେଶିକା ପରୀକ୍ଷା ଏହାର ସାମ୍ପ୍ରତିକ ରୂପରେ ରହିବ କି ନାହିଁ, ଯାହାକି ଏହାର ସମସ୍ତ ବିରୋଧାଭାସ ସହିତ ରହିବା ସଙ୍ଗେସଙ୍ଗେ ଧନୀକ ବର୍ଗଙ୍କ ସପକ୍ଷକୁ ଢଳି ରହିବ ଯେଉଁମାନେ କି କୋଚିଂ ଅନୁଷ୍ଠାନ ଉଦ୍ୟୋଗକୁ ବାର୍ଷିକ ହାରାହାରି ୭୦ ହଜାର କୋଟି ଟଙ୍କା ଯୋଗାଇଥାନ୍ତି ।

ଉପରୋକ୍ତ ସମସ୍ୟାର ନିରାକରଣ ପାଇଁ ଜଣେ ଟେକ୍ନୋକ୍ରାଟ୍‌ଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯିବା ହୁଏତ ସଂସଦରେ ଉତ୍ୟକ୍ତ ସାଂସଦମାନଙ୍କ ବିତର୍କରେ ପ୍ରତିକୂଳ ମନ୍ତବ୍ୟଗୁଡ଼ିକୁ ଆକର୍ଷିତ କରିଥାଇପାରେ, ଯାହାର କାର୍ଯ୍ୟ ପ୍ରାୟତଃ ଆରୋପ-ପ୍ରତ୍ୟାରୋପ ଏବଂ ଲୋକମାନଙ୍କୁ ତିନି ଗୋଟି ବର୍ଗରେ ବିଭକ୍ତ କରିବାରେ ସୀମିତ ରହିଥାଏ, ଯେଉଁମାନେ କି ସନ୍ତୋଷ ଲାଭ କରିବାର ସର୍ବନିମ୍ନ ପାହାଚରେ ରହିଥାନ୍ତି । କେତେ ଥର ଏହି ବିତର୍କ ବ୍ୟକ୍ତିଗତ ଆକ୍ଷେପ ଆଡ଼କୁ ଗତି କରି ଏକ ନାଟକୀୟ ଖେଳରେ ଶେଷ ହୋଇ ନଥାଏ, ଯାହା ଜଣେ ଆଇନ ପ୍ରଣେତାଙ୍କ ନିକଟରେ କୌଣସି ବିଜ୍ଞତା ନଥିବାକୁ ଦର୍ଶାଇଥାଏ ! ସମ୍ପ୍ରତି ପ୍ରସଙ୍ଗଟି ନିର୍ଭର କରୁଛି ନନ୍ଦନ ନିଲେକାନୀଙ୍କର ମେଡିକାଲ ପେସା ପାଇଁ ଏକ ଏକୀକୃତ ପ୍ରବେଶିକା ପରୀକ୍ଷା ପ୍ରତି ଆଭିମୁଖ୍ୟ ଉପରେ, ଯାହା ପରିଭାଷିତ କରିବ ଯେ ଏକ ବ୍ୟବସ୍ଥାର ଗତିପଥର ସଂଶୋଧନ କରିବାକୁ ଯାଇ ଏହା କେଉଁସବୁ ପଦ୍ଧତି ଅବଲମ୍ବନ କରିବାକୁ ପରାମର୍ଶମାନ ପ୍ରଦାନ କରିପାରିବ । ଏକଥା ସୁସ୍ପଷ୍ଟ ଯେ ଏହି ବ୍ୟବସ୍ଥାରେ ଅନେକ ସଂଖ୍ୟକ ତ୍ରୁଟି ରହିଛି । ପରୀକ୍ଷାଗୁଡ଼ିକର ତଦାରଖ ଏକ ଜାତୀୟ ସ୍ତରର ପରୀକ୍ଷା ସଂସ୍ଥା ଏନ୍‌ଟିଏ ଦ୍ୱାରା କରାଯାଏ, ଯାହା ସମ୍ପୂର୍ଣ୍ଣ ଅସ୍ଥାୟୀ ବ୍ୟବସ୍ଥା ଦ୍ୱାରା ପରିଚାଳିତ । ଏହା ଏକ ଅତ୍ୟଧିକ ସମ୍ବେଦନଶୀଳ ବିଷୟକୁ ଅତ୍ୟନ୍ତ ହାଲ୍‌କା ଭାବରେ ନେଉଥିବାକୁ ଦର୍ଶାଇଥାଏ, ଯାହାର ସିଧାସଳଖ ପ୍ରଭାବ ଲକ୍ଷ ଲକ୍ଷ ଯୁବକ ଯୁବତୀଙ୍କ ଉପରେ ରହିଛି । ବର୍ତ୍ତମାନ ଏହି ବ୍ୟବସ୍ଥା ଯେପରି ସ୍ଥିତିରେ ରହିଛି, ତାକୁ ସମ୍ପୂର୍ଣ୍ଣ ଭାବରେ ହଟାଇ ଦେବାର ଏକ ସ୍ୱଷ୍ଟ ଆଭିମୁଖ୍ୟ ରହିଛି କି ଏବଂ ଏହାକୁ ପୁଣିଥରେ ସେହି ପୁରୁଣା ପଦ୍ଧତିକୁ ନେଇଯିବାର ଉଦ୍ଦେଶ୍ୟ ରହିଛି, ଯାହା ଅନୁସାରେ ପ୍ରାର୍ଥୀମାନଙ୍କ ଉପରେ ପ୍ରଭୂତ ଚାପ ପକାଉଥିବା ଗୋଟିଏ ମାତ୍ର ଜାତୀୟସ୍ତରୀୟ ପରୀକ୍ଷା କରାଯିବା ଅପେକ୍ଷା ରାଜ୍ୟ-ୱାରୀ ଆଞ୍ଚଳିକ ଭାବରେ ଅନୁଷ୍ଠିତ କରାଯିବ ? ଏହି ଦିଗ ଉପରେ ମଧ ଚିନ୍ତା କରିବା ସମ୍ପୂର୍ଣ୍ଣ ରୂପେ କମିଟି ଉପରେ ନିର୍ଭର କରୁଛି; ତା' ସହିତ ଏହି ଦାୟିତ୍ୱ ମଧ କମିଟି ଉପରେ ରହିଛି ଯେ ଏହା ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ଏକ ସମାନ ପରିସ୍ଥିତି ସୃଷ୍ଟି କରିବା ଭଳି ପଦକ୍ଷେପଟିଏ ଉପରେ ଗୁରୁତ୍ୱ ଦେବ, ଯେଉଁ ଅବସ୍ଥାଟି ଆଜିକା ଦିନରେ ବ୍ୟବସ୍ଥା ଭିତରେ ନାହିଁ, ଯାହାକି ସହରାଞ୍ଚଳର ଅଭିଜାତ ପିଲାମାନଙ୍କ ନିକଟରେ ବିଶେଷଜ୍ଞତାପୂର୍ଣ୍ଣ କୋଚିଂ ନେବାର ସୁଯୋଗ ସୁବିଧା ରହିଥିବା ବେଳେ ଗ୍ରାମାଞ୍ଚଳର ପିଲାମାନଙ୍କ ନିକଟରେ ସେପରି ସୁଯୋଗ ନଥିବା ସମ୍ପର୍କିତ ।

ସମସ୍ୟାଟି କେବଳ ଏକ ବୈଷୟିକ ସମସ୍ୟା ନୁହେଁ, ଯାହାର ସମାଧାନ ବ୍ୟବସ୍ଥାକୁ କିପରି ସମ୍ପୂର୍ଣ୍ଣ ଲିକ୍-ପ୍ରୁଫ୍ କରାଯାଇ ପାରିବା ସହିତ ପରୀକ୍ଷାଗୁଡ଼ିକୁ ସେହି ଉପାୟରେ ସମ୍ପାଦନ କରାଯିବାରେ ନିହିତ । ଏହା ସଂକଟ ପରିଚାଳନା ସମ୍ବନ୍ଧରେ ନୁହେଁ । ଯାହା ଆବଶ୍ୟକ, ତାହା ହେଉଛି- ବ୍ୟବସ୍ଥାର ଏକ ଗଭୀର ଅଧ୍ୟୟନ ଏବଂ ଏହାକୁ ନିରପେକ୍ଷ କରିବା ନିମନ୍ତେ ଉପାୟ ବାହାର କରିବା । ରାଜ୍ୟମାନେ ସେମାନଙ୍କ ମାଟିରେ ରହିଥିବା ମେଡିକାଲ ଏବଂ ଆନୁଷଙ୍ଗିକ ଆସନଗୁଡ଼ିକ ପାଇଁ ନିଜସ୍ୱ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ କରିବା ବେଳେ ନିଟ୍ କେବଳ ଏକ ଜାତୀୟସ୍ତରୀୟ ଆରକ୍ଷଣକୁ ପୂରଣ କରିବା ନିମନ୍ତେ ପରୀକ୍ଷା ଅନୁଷ୍ଠିତ କରିବା ହୁଏତ ଏକ ଉତ୍ତମ ଲକ୍ଷ୍ୟ ହୋଇପାରେ । ଆଉ ନର୍ସିଂ, ପାରାମେଡିକାଲ, ଫିଜିଓଥେରାପି ତଥା ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକ ପାଇଁ ପୃଥକ୍ ପରୀକ୍ଷା କରିବା ହୁଏତ ବିଭାଗୀୟ ଶିକ୍ଷାଗୁଡ଼ିକର ମୂଲ୍ୟବୃଦ୍ଧି କରିପାରେ । କଥା ହେଉଛି, ଜ୍ଞାନର ଏହି ଯୁଗରେ ଆକାଂକ୍ଷା ବିଶ୍ୱଭିତ୍ତିକ ହୋଇପାରିଛି, କିନ୍ତୁ ଏଥିରେ ସମ୍ପୃକ୍ତ ଯୁବ ବର୍ଗଙ୍କ ସଂଖ୍ୟା ନିମନ୍ତେ ଭାରତରେ ସୁଯୋଗର ପରିମାଣ ବେଶ୍ ସୀମିତ, ଯେଉଁଥିପାଇଁ କେନ୍ଦ୍ରୀକୃତ ପରୀକ୍ଷା ବ୍ୟବସ୍ଥା ଉପରେ ଏତେ ଗୁରୁତ୍ୱ ଆରୋପ କରାଯାଉଛି । ଆହୁରି ଅନେକ ସଂଖ୍ୟକ ବଡ଼ ବଡ଼ ପ୍ରସଙ୍ଗ ରହିଛି, ଯେଉଁଗୁଡ଼ିକର ସମାଧାନ କରାଯିବା ଉଚିତ, କାରଣ ନିର୍ଭରଯୋଗ୍ୟ ଆକଳନଗୁଡ଼ିକ ଅନୁସାରେ ସର୍ବାଧିକ ଯୁବ ବର୍ଗଙ୍କ ମଧରେ ବେକାରୀର ହାର ହେଉଛି ୮୫ ପ୍ରତିଶତ । ତେଣୁ ବ୍ୟବସ୍ଥାଗତ ଆହ୍ୱାନଗୁଡ଼ିକର ସମାଧାନ କରାଯିବା ପୂର୍ବରୁ ମହତ୍ତ୍ୱାକାଂକ୍ଷୀ ନିଟ୍ ପରୀକ୍ଷାକୁ ନିଷ୍ପକ୍ଷତା ଦିଗରେ ପୁନଃନିର୍ଦ୍ଦେଶିତ କରାଯିବା ଆବଶ୍ୟକ ।

# ନିଜ ପାଇଁ ପ୍ରଶ୍ନ

ବଡ଼ ମଣିଷଙ୍କ ଜୀବନୀରୁ ଜଣାଯାଏ ସେମାନେ ଅନେକ ସମୟରେ ନିରବ ରୁହନ୍ତି । କିଛି ଭାବୁ ଥାଆନ୍ତି । ସେ ଭାବନା ଆଉ କିଛି ନୁହେଁ, ନିଜ ସହିତ କଥାବାର୍ତ୍ତା ହେବା । ନିଜ ସହିତ ସମ୍ପର୍କ ରଖିବା । ଆମେ ଅନ୍ୟ ସହିତ ସମ୍ପର୍କ ରଖୁ । ନିଜକୁ ଚିହ୍ନିନୁ । ଜାଣିନୁ । ତେଣୁ ନିଜ ସହିତ ସମ୍ପର୍କ ରଖି ପାରୁନୁ । ମହାପୁରୁଷମାନେ ଅନେକ ସମୟରେ ନିଜ ସହିତ ସମ୍ପର୍କ ରଖୁଥିଲେ । ତେଣୁ ସେମାନେ ଠିକଣା ବେଳରେ ଉଚିତ୍ ବିଚାର ଦେଉଥିଲେ । ଇତିହାସରୁ ଏହାର ଏକ ଉଦାହରଣ ।

ଛୋଟ ପାହାଡ଼ ଉପରେ ଥିଲା ମା' ଦୁର୍ଗାଙ୍କ ମନ୍ଦିର । ମୌର୍ଯ୍ୟ ବଂଶର ରାଜା ଚନ୍ଦ୍ରଗୁପ୍ତ ଓ ଚାଣକ୍ୟ ସେଠାକୁ ପୂଜା ଆରାଧନା କରିବା ପାଇଁ ଗଲେ । ତାଙ୍କୁ ସୁରକ୍ଷା ଦେବା ପାଇଁ ସଙ୍ଗରେ ମାତ୍ର ଏକଶହ ସୈନ୍ୟ ଥିଲେ । ସେ ସମୟରେ ଶତ୍ରୁପକ୍ଷ ସହ ଘମାଘୋଟ ଲଢ଼େଇ ଚାଲିଥାଏ । ଗୁପ୍ତଚର ଶତ୍ରୁ ପକ୍ଷକୁ ଖବର ଦେଇଦେଲା ଯେ ଚନ୍ଦ୍ରଗୁପ୍ତ ପାହାଡ଼ ଉପର ମନ୍ଦିରକୁ ଆସିଛନ୍ତି । ଏ ଖବର ପାଇ ଶତ୍ରୁପକ୍ଷ ସେନାପତି ଏକ ହଜାର ଲଢୁଆ ଓ ଦୁର୍ଦ୍ଧର୍ଷ ସୈନ୍ୟ ନେଇ ସେଇ ପାହାଡ଼ ଚାରିପାଖ ଘେରାଉ କରିଦେଲେ । ତାଙ୍କର ଉଦ୍ଦେଶ୍ୟ ଥିଲା, ଚନ୍ଦ୍ରଗୁପ୍ତଙ୍କର ମାତ୍ର ଶହେ ସୈନ୍ୟଙ୍କୁ ପରାସ୍ତ କରି ଚନ୍ଦ୍ରଗୁପ୍ତ ଓ ଚାଣକ୍ୟଙ୍କୁ ବନ୍ଦୀ କରିବା । ଚନ୍ଦ୍ରଗୁପ୍ତ ପାହାଡ଼ ଉପରୁ ଏହା ଦେଖି ଭୟଭୀତ ହୋଇଗଲେ । ମନ୍ଦିରର ପୂଜାରୀ ବି ଥରିବାକୁ ଲାଗିଲେ । କିନ୍ତୁ ବୁଦ୍ଧିମାନ୍ ମହାମତି ଚାଣକ୍ୟ ନିରବରେ ବସି ଥାଆନ୍ତି । ଟିକିଏ ପରେ ମନ୍ଦିର ପୂଜାରୀଙ୍କୁ ପଚାରିଲେ- ‘ମନ୍ଦିର ରୋଷ ଘରେ କେତେ ଖଲି, ଚାଉଳ, ଡାଲି ଇତ୍ୟାଦି ଅଛି ?' ପୂଜାରୀ ଆଶ୍ଚର୍ଯ୍ୟ ହେଉଥିଲେ । କିଛି ସମୟ ପରେ ଘମାଘୋଟ ଲଢ଼େଇ ହେବ । ଶତ୍ରୁପକ୍ଷର ଏକ ହଜାର ଲଢୁଆ ସୈନ୍ୟ । ପୁଣି ରାଜାଙ୍କ ପାଖରେ ମାତ୍ର ଏକ ଶହ ସୈନ୍ୟ । ଏବେ ଖାଦ୍ୟପେୟ କ'ଣ ହେବ ?' ପୂଜାରୀ କହିଲେ- ପାଖାପାଖି ଦୁଇ ହଜାର ଖଲି ଅଛି । ରୋଷେଇ ସାମଗ୍ରୀ ଅଛି ମାତ୍ର ଏକ ଶହ ଜଣଙ୍କ ପାଇଁ ।' ଚାଣକ୍ୟ କହିଲେ- ‘ସେସବୁ ଶୀଘ୍ର ରୋଷେଇ କରିଦିଅ । ଦୁଇ ହଜାର ଖଲିରେ କିଛି କିଛି ଭାତ, ଡାଲି ଲେସିଦିଅ । ଆଉ ପାହାଡ ତଳକୁ ଫିଙ୍ଗ । ତାହା ହିଁ କରାଗଲା । କିଛି ସମୟ ପରେ ଶତ୍ରୁପକ୍ଷ ଲୁଚି ପଳେଇ ଯିବାର ଦେଖାଗଲା । ପ୍ରଶ୍ନ ହେଲା, ଯେଉଁ ସୈନ୍ୟ ଅସ୍ତ୍ରଶସ୍ତ୍ରକୁ ଡରନ୍ତି ନାହିଁ, ସେମାନେ କ'ଣ ଅଇଁଠା ଖଲିକୁ ଡରି ପଳେଇଲେ ? କିନ୍ତୁ ଚାଣକ୍ୟଙ୍କର ବୁଦ୍ଧି ଥିଲା ପ୍ରଖର । ତାଙ୍କ ନିରବତା ତାଙ୍କୁ ସୁନ୍ଦର ଉପାୟ ବତେଇ ଦେଲା । ପାହାଡ଼ ତଳେ ଥିବା ଶତ୍ରୁପକ୍ଷର ସେନାପତି ଖଲିପତ୍ର ଫୋପଡ଼ା ଦେଖି ଭାବିଲେ ବୋଧହୁଏ ଚନ୍ଦ୍ରଗୁପ୍ତ, ଚାଣକ୍ୟ ଓ ସୈନ୍ୟମାନେ ସମସ୍ତେ ପ୍ରସାଦ ପାଇ ଅଇଣ୍ଠା ଖଲି ତଳକୁ ଫୋପାଡୁଛନ୍ତି । କିଛି ସୈନ୍ୟ ସେ ଅଇଣ୍ଠା ଖଲିଗୁଡ଼ିକ ଗଣିବାରୁ ତାହା ପ୍ରାୟ ଦୁଇ ହଜାର ପରେ ଥିଲା । ଏଣୁ ପାହାଡ଼ ଉପରେ ଦୁଇ ହଜାର ସୈନ୍ୟ ଥିବାର ସେମାନେ ଅନୁମାନ କଲେ । ଶତ୍ରୁପକ୍ଷର ସେନାପତି ସେମାନଙ୍କୁ ସମ୍ମୁଖୀନ ହେବାକୁ ସାହସ କଲେନି । ଲୁଚି ଲୁଚି ଚାଲିଗଲେ । କୌଣସି ସମସ୍ୟା ଉପସ୍ଥିତ ହେଲେ ସେଥିପାଇଁ ଚାଣକ୍ୟ ଶାନ୍ତ ହୋଇ ଯାଉଥିଲେ । ନିରବତାରେ ନିଜକୁ ପ୍ରଶ୍ନ କରୁଥିଲେ । ନିଜ ଭିତରୁ ଉତ୍ତର ପାଉଥିଲେ ଏବଂ ସେହି ଅନୁସାରେ ଯୋଜନା କରି ତାହା କାର୍ଯ୍ୟକାରୀ କରୁଥିଲେ ।

ଲଗାଣ ବର୍ଷା ଓ ବନ୍ୟା ଜଳରେ ଉବୁଟୁବୁ ଚାଷ କ୍ଷେତ

# କ୍ଷୟକ୍ଷତି ଆକଳନକୁ ନେଇ ଦ୍ୱନ୍ଦ୍ୱରେ ଚାଷୀ

**ଡେଲାଙ୍ଗ,୨।୮/ଏନ୍ଏନ୍ଏସ୍:** ଲଗାଣ ବର୍ଷା ଜଳ ସହ ଦୟା ନଦୀ କଣ୍ଟି କାଜରୁ ନିଷ୍କାସିତ ବନ୍ୟା ଜଳ ଡେଲାଙ୍ଗ ବ୍ଲକର ଅଧିକାଂଶ ଧାନ କ୍ଷେତ ଉବୁଟୁବୁ ହେଉଥିଲା ବେଳେ ଚାଷ ଓ ଚାଷୀର ସୁରକ୍ଷା ଓ ବିକାଶ ପାଇଁ ଉଦ୍ଦିଷ୍ଟ ଡେଲାଙ୍ଗ ବ୍ଲକ କୃଷି କାର୍ଯ୍ୟାଳୟରେ କୌଣସି ଅଧିକାରୀ ନଥିବା ସରକାରୀ ବିଭାଗୀୟ ଦାୟିତ୍ୱହୀନତାର ନିଦର୍ଶନ ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଡେଲାଙ୍ଗ ବ୍ଲକ କୃଷି କାର୍ଯ୍ୟାଳୟ ନିୟୋଜିତ ବ୍ଲକ କୃଷି ଅଧିକାରୀଙ୍କୁ କୃଷି ନିର୍ଦ୍ଦେଶାଳୟକୁ ଡେପୁଟେସନରେ ନିଆଯାଇଛି। ଅର୍ଥାତ ଦରମା ଡେଲାଙ୍ଗରୁ ଆଉ କାମ ଭୁବନେଶ୍ୱରରେ। ତାଙ୍କ ଦାୟିତ୍ୱରେ ଥିବା ସହକାରୀ କୃଷି ଅଧିକାରୀଙ୍କୁ ଗତ ମାସରେ ଭୁବନେଶ୍ୱରକୁ ବଦଳି କରାଯାଇଛି। ମହିଳା କୃଷି ସୁପରଭାଇଜର ନିୟମିତ ବ୍ଲକ କୃଷି କାର୍ଯ୍ୟାଳୟରେ ଉପସ୍ଥିତ ରହି ଆସୁଥିବା ଚାଷୀଙ୍କୁ କିଛି ପ୍ରତିକାର ପରାମର୍ଶ ଦେଇ ଆସୁଥିଲା ବେଳେ ତାଙ୍କୁ ମଧ୍ୟ ଗତ ମାସରେ ବଦଳି ଆଦେଶ ହୋଇଛି। ଡେଲାଙ୍ଗ ବ୍ଲକର ୨୧ ଗ୍ରାମ




ପଞ୍ଚାୟତ ପାଇଁ ମାତ୍ର ୩ଜଣ ଗ୍ରାମ କୃଷି କର୍ମଚାରୀ କାର୍ଯ୍ୟରତ ରହିଛନ୍ତି। ଚାଷୀମାନେ ପୂର୍ବରୁ କିଣି ବୁଣିଥିବା କିମ୍ବା ତଳି ଘେରା ପକାଇଥିବା ଧାନ ଓ ପରିବା ଫସଲ ପାଣିରେ ବୁଡି ରହିବା ଯୋଗୁ ପଚି ନଷ୍ଟ ହୋଇଯାଇଛି। ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି । ଯେଉଁ କିଛି ଉଚ୍ଚ ଜମିର ଧାନ ଗଛ ବଞ୍ଚି ରହିଛି, ତା'ପାଇଁ ସାରର କୃତିମ ଅଭାବ ସମସ୍ୟାର ପ୍ରତିକାର ସମ୍ଭବ ହେଉନି। ବନ୍ୟା ଜଳ ଛାଡିବାର ୭ଦିନ ମଧ୍ୟରେ କ୍ଷୟ କ୍ଷତି ଆକଳନ କରି ଚାଷୀଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ, କୃଷି ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଚାଷୀକୁଳକୁ ଯେଉଁ ଆଶ୍ୱାସନା ଦେଇଛନ୍ତି, ତାହା କର୍ମଚାରୀ ଅଭାବରୁ ଡେଲାଙ୍ଗ ବ୍ଲକରେ କାର୍ଯ୍ୟକାରୀ ହୋଇନପାରିବା ଆଶଙ୍କା ସୃଷ୍ଟି ହୋଇଛି। ବ୍ଲକ କୃଷି କାର୍ଯ୍ୟାଳୟରେ ଅଧିକାରୀ ମରୁଡି ଜନିତ ସମସ୍ୟାର ପ୍ରତିକାର ପାଇଁ ବ୍ଲକ କୃଷି ସୂଚନା ଓ ବୈଷୟିକ ପରାମର୍ଶ କେନ୍ଦ୍ର ଉପଦେଷ୍ଟା ପରିଷଦ(ଆତ୍ମା) ଅଧ୍ୟକ୍ଷ ଲଡୁକିଶୋର ରାୟ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସମେତ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସତ୍ତ୍ୱେ ଅଦ୍ୟାବଧି କୌଣସି ପ୍ରତିକାର ନହେବା ଚାଷୀକୁଳକୁ ବ୍ୟଥିତ ଓ ବିବ୍ରତ କରିଛି।

## ବିଷଦେଇ ମାରିଦେଲେ ୧୦ ଛେଳି

**କଣ୍ଟିଲୋ,୨।୮/ଏନ୍ଏନ୍ଏସ୍:** ଖଣ୍ଡପଡା ବ୍ଲକ ବେଣାଗାଡ଼ିଆ ଗ୍ରାମପଞ୍ଚାୟତ ଅଧୀନ ଗୋପୀନାଥପୁର ଗ୍ରାମର କାଠିଆ ଜେନା ପ୍ରତ୍ୟେକ ଦିନ ପରି ଗତକାଲି ତାଙ୍କ ଛେଳିମାନଙ୍କୁ ଚରିବା ପାଇଁ ଆଗୁଆ ଗୋଠକୁ ନିକଟସ୍ଥ ଜଙ୍ଗଲରେ ଛାଡ଼ି ପଛରେ ଯାଇଥିଲେ। ସେ କିଛି ସମୟ ପରେ ଗୋଠକୁ ଯାଇ ଦେଖନ୍ତି ତ ତାଙ୍କର ୧୦ ଗୋଟି ଛେଳି ମରିକି ପଡ଼ିଛନ୍ତି। ବହୁ ସମୟ ଅନୁସନ୍ଧାନ କଲାପରେ ଜାଣିବାକୁ ପାଇଲେ ଯେ, ତାଙ୍କ ସହିତ ଥିବା ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଛେଳି ଗୋଠରେ ବିଷ ପକାଇ ଦେଇଥିବାରୁ ୧୦ ଛେଳି ମୃତ୍ୟୁବରଣ



କରିଥିବା ଅଭିଯୋଗ କରିଛନ୍ତି। ତାଙ୍କ ଆଖି ସାମ୍ନାରେ ଗୋଟିଏ ପରେ ଗୋଟିଏ ଏହିପରି କିଛି ସମୟ ମଧ୍ୟରେ ୧୦ଛେଳି ମୃତ୍ୟୁ ବରଣ କରିଥିଲେ। ଏ ନେଇ କଣ୍ଟିଲୋ ଫାଣ୍ଡିରେ କାଠିଆ ଅଭିଯୋଗ କରିବା ଫଳରେ ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ମନୋରଞ୍ଜନ ପଣ୍ଡା ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ ଜାରି ରଖିଥିବା ସୂଚନା ମିଳିଛି।

ବନ୍ୟା ବିପର୍ଯ୍ୟୟ ମୁକାବିଲାରେ ଯୁଦ୍ଧକାଳୀନ ତତ୍ପରତା

# ୧୨ଶହ ବନ୍ୟାବିପନ୍ନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ

### ନରଣଗଡ଼ ଓ ଓରବରସିଂହ ପଞ୍ଚାୟତରେ ପ୍ରଶାସନର ନଜର
### ଦୀର୍ଘମିଆଦି ବନ୍ୟା ନିରାକରଣ ଦାବି ଉଠାଇଲେ ସ୍ଥାନୀୟ ବାସିନ୍ଦା



**ଖୋର୍ଦ୍ଧା,୨।୮/ଏନ୍ଏନ୍ଏସ୍:** ଲଗାଣ ବର୍ଷା ଓ ନଦୀ-ନାଳର ଜଳସ୍ତର ବୃଦ୍ଧି ପରେ ଖୋର୍ଦ୍ଧା ବ୍ଲକର ବିଭିନ୍ନ ନିମ୍ନାଞ୍ଚଳ ଗ୍ରାମରେ ବନ୍ୟା ପରିସ୍ଥିତି ଉପୁଜିଥିବା ବେଳେ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ ଓ ଉଦ୍ଧାର କାର୍ଯ୍ୟକ୍ରମ ଜୋରଦାର କରାଯାଇଛି। ବିଶେଷକରି ଖୋର୍ଦ୍ଧା ବ୍ଲକର ନରଣଗଡ଼ ଓ ଓରବରସିଂହ ଗ୍ରାମ ପଞ୍ଚାୟତର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପ୍ରାୟ ୧,୧୯୪ ଜଣ ବନ୍ୟାପୀଡ଼ିତାଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିବା ବେଳେ ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ କଡ଼ା ନଜର ରଖିଛି। ଖୋର୍ଦ୍ଧା ବ୍ଲକ ପ୍ରଶାସନ ସୂଚନା ଅନୁଯାୟୀ, ଲଗାତାର ବର୍ଷା ଫଳରେ ବହୁ ସ୍ଥାନରେ ରାସ୍ତାଘାଟ, ଚାଷଜମି ଓ ବସତି ଜଳମଗ୍ନ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଶିଶୁ, ବୃଦ୍ଧ, ମହିଳା ଏବଂ ଦୈନିକ ମଜୁରିଆଙ୍କୁ ପ୍ରାଥମିକତା ଦେଇ ଖାଦ୍ୟ ଓ ଆବଶ୍ୟକ ସହାୟତା ପହଞ୍ଚାଇବା ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି। ରିଲିଫ କାର୍ଯ୍ୟକ୍ରମ ଅନ୍ତର୍ଗତ ନରଣଗଡ଼ ପଞ୍ଚାୟତର ଓରମି ଗ୍ରାମରେ ୩୨୦ଜଣ (୨୨୦ଜଣ ବୟସ୍କ ଓ ୧୦୦ଜଣ ଶିଶୁ)ଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ସେହିପରି ମାନପୁର ଗ୍ରାମରେ ୧୫୦ ଜଣ, ଧବପୁର ସରକାରୀ ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ ରିଲିଫ୍ କେନ୍ଦ୍ରରେ ଆଶ୍ରୟ ନେଇଥିବା ୧୫୦ ଜଣ ବନ୍ୟାପୀଡ଼ିତାଙ୍କୁ ମଧ୍ୟ ଖାଦ୍ୟ ଯୋଗାଇ ଦିଆଯାଇଛି।
ଅନ୍ୟପଟେ ଓରବରସିଂହ ଗ୍ରାମ ପଞ୍ଚାୟତର ହିରିମୂଳ ଗ୍ରାମରେ ୧୭୪ ଜଣ ଏବଂ ଦୁର୍ଗାପୁର ଓ ଡିହଖଲା ଗ୍ରାମର ୪୦୦ ଜଣ ବନ୍ୟାପୀଡ଼ିତଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଏହାକୁ ମିଶାଇ ଗୋଟିଏ ଦିନରେ ମୋଟ ୧,୧୯୪ ଜଣ ଲୋକ ପ୍ରଶାସନ ପକ୍ଷରୁ ଖାଦ୍ୟ ସହାୟତା ପାଇଛନ୍ତି। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ସମସ୍ତ ରିଲିଫ୍ କାର୍ଯ୍ୟ ଚାଲିଥିବା ବେଳେ ରାଜସ୍ୱ, ପଞ୍ଚାୟତିରାଜ ଓ ବ୍ଲକ ସ୍ତରୀୟ ଅଧିକାରୀମାନଙ୍କୁ ପ୍ରଭାବିତ ଅଞ୍ଚଳରେ ନିୟୋଜିତ କରାଯାଇଛି। ପ୍ରତ୍ୟେକ ଗ୍ରାମର ସ୍ଥିତି ସମୀକ୍ଷା କରି ବିପନ୍ନ ପରିବାର ଚିହ୍ନଟ ସହ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ଯୋଗାଣକୁ ସୁନିଶ୍ଚିତ କରାଯାଉଛି। ପ୍ରଶାସନ ପକ୍ଷରୁ ଜଳସ୍ତର ଉପରେ ଚବିଶ ଘଣ୍ଟିଆ ନଜର ରଖିବା ସହ ଯେକୌଣସି ନୂତନ ଜଳାବଦ୍ଧତା କିମ୍ବା ନଦୀବନ୍ଧ କ୍ଷୟ ସମ୍ପର୍କିତ ସୂଚନା ତୁରନ୍ତ ପହଞ୍ଚାଇବାକୁ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ଉଦ୍ଧାରକାରୀ ଦଳ ତୁରନ୍ତ ମୁତୟନ କରାଯିବା ପାଇଁ ପ୍ରସ୍ତୁତ ରହିଥିବା ମଧ୍ୟ କୁହାଯାଇଛି। ଏପଟେ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନେ ପ୍ରଶାସନର ତୁରନ୍ତ ରିଲିଫ୍ ପଦକ୍ଷେପକୁ ସ୍ୱାଗତ କରିଥିଲେ ମଧ୍ୟ ବର୍ଷକୁ ବର୍ଷ ସମାନ ସମସ୍ୟାର ପୁନରାବୃତ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ବର୍ଷା ଋତୁରେ ନିମ୍ନାଞ୍ଚଳ ଗ୍ରାମଗୁଡ଼ିକ ଜଳମଗ୍ନ ହେଉଥିବାରୁ ଡ୍ରେନେଜ୍ ବ୍ୟବସ୍ଥାର ଦୁର୍ବଳତା, ପ୍ରାକୃତିକ ଜଳନିଷ୍କାସନ ପଥର ଅବରୋଧ ଏବଂ ନାଳ-ନଦୀର ପଙ୍କୋଦ୍ଧାର କାର୍ଯ୍ୟ ପ୍ରତି ଅବହେଳାକୁ ଦାୟୀ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ମତରେ, କେବଳ ରିଲିଫ ବଣ୍ଟନ ନୁହେଁ, ବରଂ ନଦୀବନ୍ଧର ସୁଦୃଢ଼ୀକରଣ, ଆଧୁନିକ ଡ୍ରେନେଜ୍ ବ୍ୟବସ୍ଥାର ବିକାଶ, ପ୍ରାକୃତିକ ଜଳପଥର ପୁନରୁଦ୍ଧାର ଓ ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ପଦକ୍ଷେପ ଗ୍ରହଣ କରାଗଲେ ଭବିଷ୍ୟତରେ ଏପରି କ୍ଷତିକୁ ବହୁ ପରିମାଣରେ ରୋକାଯାଇପାରିବ। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ରିଲିଫ୍ କାର୍ଯ୍ୟ ଜାରି ରହିବ। ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ମହଜୁଦ ରହିଛି ଏବଂ କ୍ଷେତ୍ରସ୍ତରରୁ ମିଳୁଥିବା ରିପୋର୍ଟ ଆଧାରରେ ଅଧିକ ସହାୟତା ଯୋଗାଇ ଦିଆଯିବ। ବନ୍ୟାପ୍ରବଣ ଅଞ୍ଚଳର ବାସିନ୍ଦାଙ୍କୁ ସତର୍କ ରହିବା, ପ୍ରଶାସନ ପକ୍ଷରୁ ଜାରି ପରାମର୍ଶ ପାଳନ କରିବା ଏବଂ କୌଣସି ଜରୁରୀ ପରିସ୍ଥିତି ଦେଖାଦେଲେ ତୁରନ୍ତ ସ୍ଥାନୀୟ ପ୍ରଶାସନକୁ ସୂଚନା ଦେବାକୁ ଅପିଲ କରାଯାଇଛି। ପ୍ରତ୍ୟେକ ବନ୍ୟାପୀଡ଼ିତା ପରିବାର ସୁରକ୍ଷିତ ଭାବେ ପୁନର୍ବାସିତ ହୋଇ ସାଧାରଣ ଜୀବନକୁ ଫେରିବା ପର୍ଯ୍ୟନ୍ତ ସମସ୍ତ ପ୍ରକାର ସରକାରୀ ସହାୟତା ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ବିଭିନ୍ନ ସମସ୍ୟାକୁ ନେଇ ବିଧାୟକଙ୍କ ସମୀକ୍ଷା ବୈଠକ

**ନିଶ୍ଚିନ୍ତକୋଇଲି,୨।୮/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଜମରା ପଞ୍ଚାୟତକୁ ଶନିବାର ପୂର୍ବାହ୍ନରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଗ୍ରସ୍ତ କରି ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ସମୀକ୍ଷା କରିଛନ୍ତି। ପ୍ରଥମେ ଏହି ପଞ୍ଚାୟତ ଆଜ୍ଞାପୁର ଗ୍ରାମରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ଘର କାନ୍ଥ ଭାଙ୍ଗି କ୍ଷତିଗ୍ରସ୍ତ ହୋଇଥିବା ଉମାକାନ୍ତ ବେହେରାଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଦେବା ସହିତ ସରକାରୀ ସ୍ତରରେ ବିଭିନ୍ନ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଜମରା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସରକାରଙ୍କର ବିଭିନ୍ନ ଯୋଜନାରେ ପଞ୍ଚାୟତରେ କରାଯାଉଥିବା ବହୁ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯେଭଳି ପ୍ରକୃତ ହିତାଧିକାରୀ ପକ୍କାଘର ପାଇବାରୁ ବଞ୍ଚିତ ନହୁଅନ୍ତି ସେ ନେଇ ଶୃଙ୍ଖଳିତ ଚିହ୍ନଟ ପ୍ରକ୍ରିୟା କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ନିର୍ମାଣ କରାଯାଉଥିବା ଅତିରିକ୍ତ ଶ୍ରେଣୀ ଗୃହର କାର୍ଯ୍ୟକୁ ବୁଲି ଦେଖିଥିଲା ବେଳେ ବିଦ୍ୟାଳୟରେ କିଭଳି ଉପଯୁକ୍ତ ଶୈକ୍ଷିକ ପରିବେଶ ସୃଷ୍ଟି ହେବ ଏବଂ ଛାତ୍ର ଛାତ୍ରୀଙ୍କ ପାଠ



ପଢାରେ ଅଧିକ ଗୁରୁତ୍ୱ ଦେବାପାଇଁ ଶିକ୍ଷକମାନଙ୍କସହିତ ଆଲୋଚନା କରିଥିଲେ। ବିଧାୟକଙ୍କ ଗ୍ରସ୍ତ ସମୟରେ ବହୁ ସରକାରୀ ଅଧିକାରୀ ଉପସ୍ଥିତ ଥିଲା ବେଳେ ଆତ୍ମା ସଭାପତି ଅଶୋକ କୁମାର ସାହୁ, ପ୍ରାକ୍ତନ ସରପଞ୍ଚ ସୁରେନ୍ଦ୍ରନାଥ ଜେନା, ରବିନ୍ଦ୍ରନାଥ ତ୍ରିପାଠୀ, ସୁରେନ୍ଦ୍ରନାଥ ରାଉତ, ସରପଞ୍ଚଙ୍କ ପ୍ରତିନିଧି ଆଶୁତୋଷ ତ୍ରିପାଠୀ, ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର କୁମାର ସାହୁ, ମିହୀର କୁମାର ମିଶ୍ର, ସୌମ୍ୟକାନ୍ତ ବିଶ୍ୱାଳ, କୈଳାସ ବଳ, ହେଗେଡେ ସେଠୀ, ମନୋରଂଜନ ବଳ, ଦେବଦତ୍ତ କର, ହରମୋହନ ପଣ୍ଡାଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ବୈଦିକ ବ୍ରାହ୍ମଣ ସମିତିର ସାଧାରଣ ବୈଠକ



**ଚୌଦ୍ୱାର,୨।୮/ଏନ୍ଏନ୍ଏସ୍:** ଟାଙ୍ଗୀ-ଚୌଦ୍ୱାର ବୈଦିକ ବ୍ରାହ୍ମଣ ସମିତି ତରଫରୁ ଆଗ୍ରାହାଟ ସ୍ଥିତ ଶ୍ରୀ ଶ୍ରୀ ଉତ୍ତରେଶ୍ୱର ମନ୍ଦିର ପରିସରରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମିତିର ସଭାପତି ପଣ୍ଡିତ ବିଭୁଧେନ୍ଦୁ ଷଡ଼ଙ୍ଗୀ ପୌରୋହିତ୍ୟ କରିଥିବା ବେଳେ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ତ୍ରିପାଠୀ ସମିତିର କାର୍ଯ୍ୟାବଳୀ ତଥା ସମାଜରେ ବ୍ରାହ୍ମଣମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସହ ସମ୍ପାଦକ ପବିତ୍ର ମୋହନ ଷଡ଼ଙ୍ଗୀ ଓ କୋଷାଧ୍ୟକ୍ଷ ଶ୍ରୀନିବାସ ପଣ୍ଡା ସମିତିର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ବୈଠକରେ ପଣ୍ଡିତ ଅକ୍ଷୟ କୁମାର ପାଢ଼ି ଓ ଶ୍ରୀନିବାସ ପଣ୍ଡାଙ୍କୁ ସେମାନଙ୍କର କୃତିତ୍ୱ ପାଇଁ ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କିଛି ହେତୁବାଦୀ ଲୋକ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନାକୁ ନେଇ ବିଭିନ୍ନ କଟୁମନ୍ତବ୍ୟ ଦେଉଥିବା ବେଳେ ଏହାକୁ ଟାଙ୍ଗୀ-ଚୌଦ୍ୱାର ବୈଦିକ ବ୍ରାହ୍ମଣ ସମିତି ଘୋର ନିନ୍ଦା କରିବା ସହ ଯଦି ଆଗାମୀ ଦିନରେ ଏଭଳି ଅପମାନଜନକ ତଥା କଟୁବାକ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଏ ତେବେ ସେମାନଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯିବ ବୋଲି ବେବୈଠକରେ ଯୋଗ ଦେଇଥିବା ସମସ୍ତ ବ୍ରାହ୍ମଣ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ଷଡ଼ଙ୍ଗୀ, ମାନସ ରଂଜନ ପଣ୍ଡା, ପ୍ରମୋଦ ପଣ୍ଡା, ବୈଦ୍ୟନାଥ ମିଶ୍ର, ସୁଧାଂଶୁ ଭୂଷଣ ଷଡ଼ଙ୍ଗୀ, ରାକେଶ ମିଶ୍ର, ରବିନ୍ଦ୍ର ଷଡ଼ଙ୍ଗୀ, ଅଜୟ ପଣ୍ଡା, କୈଳାସ ଚନ୍ଦ୍ର ପଣ୍ଡା, ଓମ୍ ପ୍ରକାଶ ପଣ୍ଡା, ଅନ୍ତର୍ଯ୍ୟାମୀ ଦାସ, ଅଶୋକ ପାଣି, ବିଶ୍ୱନାଥ ଶତପଥୀ, ଧୀରେନ୍ଦ୍ର ପାଣିଗ୍ରାହୀ ଓ ରମାନାଥ ଆଚାର୍ଯ୍ୟଙ୍କ ସହ ଉଭୟ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ।

## ପ୍ରଶାସନର କୋହଳ ମନୋଭାବ, ବରିଷ୍ଠ ଆଇନଜୀବୀ ଓ ସାମ୍ବାଦିକ ହଟହଟା

**ଖୋର୍ଦ୍ଧା,୨।୮/ଏନ୍ଏନ୍ଏସ୍:** ଖୋର୍ଦ୍ଧା ମଦ୍ୟପ ଯୁବକଙ୍କ ସର୍ବସାଧାରଣରେ ଅଶାଳୀନ ବ୍ୟବହାରକୁ ରୋକିବାକୁ ଯାଇ ଉକ୍ତ ଯୁବକଙ୍କ ଆକ୍ରମଣର ଶିକାର ହୋଇଛନ୍ତି ବରିଷ୍ଠ ଆଇନଜୀବୀ ଓ ସାମ୍ବାଦିକ। ଘଟଣା ଘଟିଛି ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ପଶୁ ଡାକ୍ତରଖାନା ଛକ ନିକଟରେ ବେଆଇନ୍ ପରିବା ଦୋକାନରେ। ଗତକାଲି ରାତି ପ୍ରାୟ ସାଢ଼େ ଆଠଟା ସମୟରେ ଘଟିଛି ଏହି ଘଟଣା। ତେବେ ଏଠି ପ୍ରଶ୍ନ ଉଠୁଛି କି, ପୌର ପରିଷଦର ଉଠା ଦୋକାନୀଙ୍କୁ ଥଇଥାନ କରିବା ପରେ କେଉଁ ଅଧିକାରୀଙ୍କ ପ୍ରୋତ୍ସାହନରେ ପୁନର୍ବାର ବାରଣ ହୋଇଥିବା ସ୍ଥାନରେ ବସି ପରିବା ବେପାର କରୁଛନ୍ତି। ଠିକ୍ ସେହିପରି ଏକ ଅଣ ପଞ୍ଜୀକୃତ ସଂଘ ନାମରେ ଅନେକ ଘରୋଇ ଗାଡ଼ିକୁ ଆଣି ଏହି ପଶୁ ଡାକ୍ତରଖାନା ଛକରେ ଭଡ଼ାରେ ଲଗାଯାଉଛି। ଏହା ବ୍ୟତୀତ ପ୍ରତ୍ୟେକ ଦିନ ଉକ୍ତ ରାସ୍ତା ଦେଇ ଅନେକ ଅଧ୍ୟୟନରତ ଛାତ୍ରୀ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ଯିବା ଆସିବା ବେଳେ କାର୍ ଷ୍ଟାଣ୍ଡରେ ନିୟୋଜିତ ଉଦ୍ଭ୍ରାନ୍ତ ଡ୍ରାଇଭର ମାନଙ୍କ ଅଶ୍ଳୀଳ ଇଙ୍ଗିତର ଶିକାର ହେଉଥିବାର ନଜିର ରହିଛି। ପାଖରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଆବାସିକ ଗୃହ ଥିବା ସତ୍ତ୍ୱେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଉଦ୍ଭ୍ରାନ୍ତ ଡ୍ରାଇଭରମାନେ ମଦ୍ୟପାନ କରିବା ସହିତ ଉକ୍ତ ସ୍ଥାନରେ ଆଡ୍ଡା ଜମାଇବା ବ୍ୟତୀତ ଉଚ୍ଚସ୍ୱରରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଅତ୍ୟନ୍ତ ଅସହ୍ୟ ହୋଇପଡ଼ିଛି। ଯାହାର ଜଳନ୍ତ ଉଦାହରଣ ଗତକାଲିର ମଦ୍ୟପ ଯୁବକଙ୍କ ଉନ୍ମୁକ୍ତକାଣ୍ଡ ଘଟଣା। ଏହା ଉପରେ ବିଶେଷ ଧ୍ୟାନ ଦେବା ସହିତ ବିହିତ ପଦକ୍ଷେପ ନେବାକୁ ବରିଷ୍ଠ ପୋଲିସ ଅଧିକାରୀ ଏବଂ ପୌରପରିଷଦ ଅଧିକାରୀଙ୍କୁ ସଚେତନ ନାଗରିକ ହିସାବରେ ଅନୁରୋଧ କରାଯାଇଛି।

## ଶିକ୍ଷାଶ୍ରମ ପରିସରରେ ଗାନ୍ଧୀ ମୂର୍ତ୍ତି ସ୍ଥାପନ

**କୁଆଁପାଳ,୧।୮/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ସ୍ଥିତ କଇଥା ଗାନ୍ଧୀ ଶିକ୍ଷାଶ୍ରମ ପରିସରରେ ଏକ ନୂତନ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର ନିର୍ମାଣକୁ ବୁଦ୍ଧିଜୀବି ମହଲରେ ସ୍ୱାଗତ କରାଯିବା ସହ ମାହାଙ୍ଗାର ବିଧାୟକ ଶାରଦା ପ୍ରଧାନଙ୍କ ଉଦ୍ୟମ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏଠାରେ ସୂଚନା ଯୋଗ୍ୟ ଯେ ସଂସ୍କୃତି ବିଭାଗ ପକ୍ଷରୁ ଗାନ୍ଧୀଜୀଙ୍କ ପୂର୍ଣ୍ଣାବୟବ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏଥିପାଇଁ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିଲା



ବେଳେ ଏହାକୁ ମାହାଙ୍ଗାର ତତ୍କାଳୀନ ବିଧାୟକ ପ୍ରତାପ ଜେନା ୨୦୨୩ ଅକ୍ଟୋବର ୨ତାରିଖ ଦିନ ଉଦ୍‌ଘାଟନ କରିଥିଲେ। ଏହିମୂର୍ତ୍ତି ଫାଇବରରେ ନିର୍ମିତ ହେଇଥିଲା ସାଧାରଣରେ ଆଲୋଚନା ହେଉଛି। ଫାଇବର ମୂର୍ତ୍ତିର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ ଉଠୁଛି। ବର୍ତ୍ତମାନ ଗାନ୍ଧୀଜୀଙ୍କ ମୂର୍ତ୍ତି ନିର୍ମାଣ କରାଯାଉଛି ଯାହା ଉନ୍ନତମାନର କରାଯାଉଛି ବୋଲି ଜଣାପଡ଼ିଛି। ନବ ନିର୍ମିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଚର୍ଚ୍ଚା ହେଉଛି।

## ନବବିବାହିତାଙ୍କ ଆତ୍ମହତ୍ୟା

**ଫୁଲନଖରା,୨।୮/ଏନ୍ଏନ୍ଏସ୍:** ସଦର ଥାନା ଅନ୍ତର୍ଗତ ଖଲୋର ଗ୍ରାମର କେଶବ ଚନ୍ଦ୍ର ଭୋଇଙ୍କ ପତ୍ନୀ ଖୁସି ଭୋଇ (୨୫) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘର ଭିତରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଛି। ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ପୁଲିସ କେଶବଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଗାଡ଼ି ଚାଳକ ଭାବେ କାର୍ଯ୍ୟ କରୁଥିବା କେଶବ ଗତବର୍ଷ ବିବାହ କରିଥିଲେ ଏବଂ ଖୁସି ଏବେ ୬ମାସର ଅନ୍ତସତ୍ତ୍ୱା ଥିବା ଜାଣିବାକୁ ମିଳିଛି।

## ୪ବର୍ଷର ଶିଶୁକୁ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ଗିରଫ

**ମାହାଙ୍ଗା,୨।୮/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଞ୍ଚଳରେ ଜଣେ ନିଷ୍ପାପ ୪ ବର୍ଷର ଶିଶୁକନ୍ୟାକୁ ୨୧ବର୍ଷୀୟ ଏକ ଯୁବକ ଦୁଷ୍କର୍ମ କରିବା ପରେ ଫେରାର ହୋଇଯାଇଥିଲା। ସୂଚନା ଅନୁଯାୟୀ ଭଦ୍ରେଶ୍ୱର ଥାନା ଅଞ୍ଚଳର ଜଣେ ୪ବର୍ଷର ଶିଶୁ କନ୍ୟାକୁ ତାଙ୍କ ପଡୋଶୀ ଯୁବକ କଳ୍ପତରୁ ପଣ୍ଡା(୨୧) ଡାକି ନେଇ କୁରକୁରେ ଦେବା ବାହାନାରେ ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ତେବେ ଅଭିଯୁକ୍ତ କଳ୍ପତରୁ ଏହି ଥାନା ହଳଦିଆ ଅଞ୍ଚଳରେ ଲୁଚି ରହିଥିବା ନେଇ ପୀଡିତାଙ୍କ ପରିବାର ପକ୍ଷରୁ ଥାନାକୁ ସୂଚନା ଦିଆଯାଇଥିଲା। ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂହ ସହ ଏକ ଟିମ୍ ଚଢ଼ଉକରି ଅଭିଯୁକ୍ତ କଳ୍ପତରୁଙ୍କୁ ଗିରଫ କରିଥିବା ଜଣାଯାଇଛି। ଆସନ୍ତାକାଲି ଅଭିଯୁକ୍ତଙ୍କ ଡାକ୍ତର ମାଇନା ପରେ କୋର୍ଟଚାଲାଣ କରାଯିବ ବୋଲି ଥାନା ସୂତ୍ରରୁ ପ୍ରକାଶ।

## ରାଜ୍ୟସ୍ତରୀୟ ଫିଟ୍‌ନେସ୍ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି

**ପୁରୀ,୨।୮/ଏନ୍ଏନ୍ଏସ୍:** ଅଲ୍ ଓଡ଼ିଶା ଜିମ୍ ଆସୋସିଏସନର ଏକ ଗୁରୁତ୍ୱପୂର୍ଣ୍ଣ କୋର୍ ବଡି ବୈଠକ ରବିବାର ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଆଗାମୀ ଦିନରେ ଓଡ଼ିଶାରେ ଆୟୋଜନ ହେବାକୁ ଥିବା ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ ଫିଟନେସ୍ ଏବଂ ବଡିବିଲ୍ଡିଂ ପ୍ରତିଯୋଗିତାର ରୂପରେଖା ଓ ପ୍ରସ୍ତୁତି ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା।



ବୈଠକରେ ଆସୋସିଏସନର ସାଧାରଣ ସମ୍ପାଦକ ଦ୍ୱିତୀକୃଷ୍ଣ ବେହେରା, ବରିଷ୍ଠ ଉପସଭାପତି ଅନିଲ ଗୋଛିକାର, କୋଷାଧ୍ୟକ୍ଷ ଭବାନୀ ଶଙ୍କର ସାହୁଙ୍କ ସମେତ ସମସ୍ତ ବରିଷ୍ଠ କର୍ମକର୍ତ୍ତା ଏବଂ କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ଓଡ଼ିଶାର ଯୁବପିଢ଼ିଙ୍କ ମଧ୍ୟରେ ଫିଟନେସ୍ ପ୍ରତି ସଚେତନତା ବୃଦ୍ଧି କରିବା ଏବଂ ନୂତନ ପ୍ରତିଭାମାନଙ୍କୁ ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟରେ ଆଗାମୀ ମାସଗୁଡ଼ିକରେ ବୃହତ୍ ଫିଟନେସ୍ ଚାମ୍ପିୟନସିପ୍ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାସହ ରାଜ୍ୟର ବଡିବିଲ୍ଡର ଓ ଫିଟନେସ୍ ଆଥଲେଟ୍‌ମାନଙ୍କୁ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ସୁଯୋଗ ସୃଷ୍ଟି କରିବା ପାଇଁ ସ୍ୱତନ୍ତ୍ର ତାଲିମ ଓ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ରାଜ୍ୟର ସମସ୍ତ ଜିମ୍‌ର ସୁରକ୍ଷିତ ପରିଚାଳନା, ସୁରକ୍ଷା ନିୟମାବଳୀର ପାଳନ ଏବଂ ଜିମ୍ ଟ୍ରେନରମାନଙ୍କ ବ୍ୟବସାୟିକ ଦକ୍ଷତା ବୃଦ୍ଧି ପାଇଁ ଆସୋସିଏସନ୍ ପକ୍ଷରୁ ନିରନ୍ତର ପଦକ୍ଷେପ ନିଆଯିବ ବୋଲି ସ୍ଥିର କରାଯାଇଥିଲା। ବରିଷ୍ଠ ଉପସଭାପତି ଅନିଲ ଗୋଛିକାର ଖେଳାଳିଙ୍କ ସଠିକ୍ ଗାଇଡାନ୍ସ ଓ ମାନସିକ ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବା କହିଥିବା ବେଳେ, କୋଷାଧ୍ୟକ୍ଷ ଭବାନୀ ଶଙ୍କର ସାହୁ ଆଗାମୀ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ଆବଶ୍ୟକ ବଜେଟ୍ ଓ ଆର୍ଥିକ ଯୋଜନା ଚୂଡ଼ାନ୍ତ ହୋଇଥିବା ସୂଚନା ଦେଇଥିଲେ। ବୈଠକ ଶେଷରେ ଆସୋସିଏସନର କାର୍ଯ୍ୟକାରିଣୀ ସଦସ୍ୟମାନେ ଫିଟନେସ୍ କ୍ଷେତ୍ରର ବିକାଶ ଓ ସଂଗଠନର ଆଗାମୀ କାର୍ଯ୍ୟକ୍ରମ ସଫଳ କରିବା ନେଇ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ।

ଲିଆଖିଆ ସେତୁ ତଳୁ ଡ୍ରେନେଜ୍ ବିଭାଗ ପକ୍ଷରୁ ଦଳ ସଫେଇ

# ନିଷ୍କାସନ ହେଲା ବନ୍ୟାଜଳ, ଲୋକ ଆଶ୍ୱସ୍ତ

**କୋଣାର୍କ,୨।୮/ଏନ୍ଏନ୍ଏସ୍:** ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ମହାନଦୀରେ ଭୟଙ୍କର ବନ୍ୟା ଜଳ ପ୍ରଭାବିତ ହେଉଅଛି। ଶାଖାନଦୀ ତଥା କୁଶଭଦ୍ରା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ କୁଶଭଦ୍ରା ନଦୀର ବେଳାମାର୍ଗ ମୁଖ୍ୟ ରାସ୍ତାରେ ଥିବା ଲିଆଖିଆ ସେତୁ ନିକଟରେ ପ୍ରବଳ ମାତ୍ରାରେ ବ୍ୟାପକ ଭାବରେ କଟକୀ ଦଳ ଲାଗି ବନ୍ୟାଜଳ ନିଷ୍କାସନ ହେବାରେ ବାଧା ଉପୁଜିଥିଲା। ଫଳରେ ବନ୍ୟାଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ନେଇ ଦୁର୍ବଳ ନଦୀ ବନ୍ଧ ଭାଙ୍ଗିବା ଆଶଙ୍କା ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକମାନେ ମଧ୍ୟ ଭୟଭୀତ ଅବସ୍ଥାରେ ରହିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ନେଇ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଜିଲ୍ଲା ଡ୍ରେନେଜ ବିଭାଗ ପକ୍ଷରୁ ତ୍ୱରିତ ଗତ କାଲି ଠାରୁ ଦଳ ସଫେଇ କାର୍ଯ୍ୟ କରାଯାଇଥିଲା। ଟ୍ରାକ୍ଟର, ଡଙ୍ଗା, କରତ, ଦଉଡ଼ି, ବାଉଁଶ, ବହ୍ଲ ଆଦି ସରଞ୍ଜାମ ସହ କୋଣାର୍କ ଅଞ୍ଚଳର ଅଭିଜ୍ଞ ମତ୍ସ୍ୟଜୀବୀ ତଥା ନଦୀ କାର୍ଯ୍ୟରେ ଦକ୍ଷତା ଥିବା ଦକ୍ଷ ଶ୍ରମିକମାନଙ୍କୁ ନିୟୋଜିତ କରି ସକାଳୁ ସଂଧ୍ୟା ଯାଏଁ ଦୁଇ ଦିନ ଧରି ରାମଚଣ୍ଡୀ ନିକଟ ପୁରୀ କୋଣାର୍କ ବେଳାମାର୍ଗ ମୁଖ୍ୟ ରାସ୍ତାରେ ଥିବା ଲିଆଖିଆ ବ୍ରିଜଠାରେ ଲାଗିଥିବା



ପ୍ରବଳ ଦଳକୁ ଦକ୍ଷ ଶ୍ରମିକମାନଙ୍କ ସହ ଅତ୍ୟାଧୁନିକ ମେସିନ ବ୍ୟବହାର କରାଯାଇ ସଫେଇ କରାଯାଇଥିଲା। ଦଳ ସଫେଇ ପରେ କୁଶଭଦ୍ରା ନଦୀର ବନ୍ୟାଜଳ ସମୁଦ୍ରକୁ ବିନା ବାଧକରେ ସୁନ୍ଦର ଭାବେ ନିଷ୍କାସିତ ହେଉଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକମାନେ ବନ୍ୟା ଚିନ୍ତାରୁ ଆଶ୍ୱସ୍ତି ପାଇଛନ୍ତି। ଦୁଇଦିନ ଧରି ଚାଲିଥିବା ଏହି ଦଳ ସଫେଇ କାର୍ଯ୍ୟରେ ଡ୍ରେନେଜ୍ ବିଭଗ ପୁରୀ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ମଲ୍ଲିକ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ୍ରେନେଜ ବିଭାଗ ନିମାପଡ଼ା ସହକାରୀ ଯନ୍ତ୍ରୀ ତୁଷାରକାନ୍ତ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ରାଉତ, ଗୋପ ତହସିଲଦାର ଜୟଦର୍ଥ ଆଚାର୍ଯ୍ୟ, ଗୋପ ବିଡ଼ିଓ ସୂର୍ଯ୍ୟଶଙ୍କର ଦାସ, ରାମଚଣ୍ଡୀ ଥାନା ଅଧିକାରୀ ମମତା ବିଶ୍ୱାଳ, ଜଳସେଚନ ବିଭାଗ ନିମାପଡ଼ା ଅଧିକ୍ଷଣ ଯନ୍ତ୍ରୀ ପ୍ରିତମ ପୋଥାଳ, ଗୋପ ସହକାରୀ ନିର୍ବାହୀ ଯନ୍ତ୍ରୀ ଦୁଃଶାସନ ବାରିକ, ସହକାରୀ ଯନ୍ତ୍ରୀ ସଞ୍ଜୀବ ସାହୁ ପ୍ରମୁଖଙ୍କ ସହ ବିଭାଗୀୟ କର୍ମଚାରୀ, ଅଗ୍ନିଶମ ବାହିନୀ ଓ ପୋଲିସ୍ ପ୍ରଶାସନ ଉପସ୍ଥିତ ରହି ସଫେଇ କାର୍ଯ୍ୟ ଉପରେ ନଜର ରଖିଥିଲେ।

ନିତିଦିନ NITIDIN

## ବାଇକ୍‌ରେ ବନ୍ୟାଞ୍ଚଳ ବୁଲିଲେ ନୂତନ ଜିଲ୍ଲାପାଳ



**ତିହିଡ଼ି,୨।୮/ଏନ୍‌ଏନ୍‌ଏସ୍:** ଭଦ୍ରକ ଜିଲ୍ଲାର ନୂତନ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ରବିବାର ତିହିଡ଼ି ବ୍ଲକ୍‌ର ବନ୍ୟାଞ୍ଚଳ ବୁଲି ଦେଖିଛନ୍ତି। ତେବେ ରାସ୍ତାରେ ପାଣି ଲହଡ଼ି ଭାଙ୍ଗୁଥିଲେ ମଧ୍ୟ ଜିଲ୍ଲାପାଳ ତାକୁ ଖାତିର୍ ନକରି ଆଣ୍ଠୁ ପର୍ଯ୍ୟନ୍ତ ପ୍ୟାଣ୍ଟକୁ ଟେକି ବାଇକ୍ ପଛରେ ବସି ବୁଲୁଥିବା ଦେଖାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ବନ୍ୟାଘେରରେ ଦୀର୍ଘ ୪ ଦିନ ହେବ ରହିଥିବା ତିହିଡ଼ି ବ୍ଲକ୍‌ର ବାରସର ପଞ୍ଚାୟତକୁ ଯାଇଥିଲେ। କେଳାସାହି ଗ୍ରାମରେ ବନ୍ୟା ଦୁର୍ଗତଙ୍କ ସମସ୍ୟା ପଚାରି ବୁଝିବା ସହ ଆଶ୍ରୟସ୍ଥଳୀରେ ରନ୍ଧାଖାଦ୍ୟ ଓ ରିଲିଫ୍ ଯୋଗାଣ କିପରି ଚାଲିଛି ସେସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ମଧ୍ୟ ତଦାରଖ କରିଥିଲେ। ଜିଲ୍ଲାପାଳଙ୍କ ସହ ତିହିଡ଼ି ବିଡିଓ ନିରଞ୍ଜନ ବାରିକ ଓ ଅନ୍ୟ ଅଧିକାରୀମାନେ ବନ୍ୟାଞ୍ଚଳ ଗସ୍ତ କରିଥିଲେ।

## ବନ୍ୟାରେ ବ୍ୟାପକ କ୍ଷୟକ୍ଷତି

# ଦୁର୍ଦ୍ଦଶାରେ ବିପନ୍ନ, ଧୋଇଗଲା କଂକ୍ରିଟ୍ ରାସ୍ତା

**ଧାମନଗର,୨।୮/ଏନ୍‌ଏନ୍‌ଏସ୍:** ଚଳିତ ପ୍ରଳୟଙ୍କରୀ ବନ୍ୟା ୫ ଦିନ ଅତିକ୍ରାନ୍ତ କରିସାରିଥିଲେ ମଧ୍ୟ ଧାମନଗର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଏବେବି ଲୋକମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଶେଷକରି ଧାମନଗର ବ୍ଲକ୍ ଅନ୍ତର୍ଗତ ବମୁକୁରା ପଞ୍ଚାୟତର ଘାଟସାହି ଏବଂ ରଇପୁର ପଞ୍ଚାୟତର ବାଙ୍କସାହି ଓ ଆରଣସାହିର ଲୋକମାନେ ଏବେ ମଧ୍ୟ ଜଳବନ୍ଦୀ ଅବସ୍ଥାରେ ରହି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ବନ୍ୟାଜଳ କମିଥିଲେ ହେଁ ତଳିଆ ଅଞ୍ଚଳରେ ଲୋକମାନେ ନାନାଦି ହଇରାଣ ହେଉଛନ୍ତି। ଚାଷ ଜମିରୁ ବନ୍ୟା ପାଣି ସମ୍ପୂର୍ଣ୍ଣ ଶୁଖି ନଥିବାରୁ ରୁଆ ଧାନ ଓ ଧାନ ତଳି ପଚି ନଷ୍ଟ ହୋଇଗଲାଣି ଯାହାକି



ଚାଷୀକୂଳକୁ ଗଭୀର ଚିନ୍ତାରେ ପକାଇଛି। ଏହି ବନ୍ୟାରେ ରାସ୍ତାଘାଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ଅନେକ ସ୍ଥାନରେ ବଡ଼ ବଡ଼ ଘାଇ ସୃଷ୍ଟି ହୋଇ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି।

ସବୁଠୁ ବଡ଼ କଥାଟି ହେଲା ରାସ୍ତାର ସୁରକ୍ଷା ଦୃଷ୍ଟିରୁ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଉଥିବାବେଳେ ଏତେ ନିମ୍ନମାନର କାର୍ଯ୍ୟ ହେଉଛି ଯେ ତାହା ବନ୍ୟାଜଳରେ ଭାସିଯାଉଛି। ଏପରି ଘଟଣା ଧାମନଗର ବ୍ଲକ୍ କରଦା ପଞ୍ଚାୟତରେ ଦେଖିବାକୁ ମିଳିଛି। କରଦା-ସୁଜାଣସିଂହପୁର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତାର ଭାଟିଆ ପୋଲ ନିକଟସ୍ଥ ରାସ୍ତାରେ ପ୍ରାୟ ୪୦ ଫୁଟ୍‌ରେ କଂକ୍ରିଟ୍ ରାସ୍ତା ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ବନ୍ୟାଜଳରେ ନିର୍ମାଣ ହୋଇଥିବା କଂକ୍ରିଟ୍ ଭାସିଯାଇଛି। କିଛି ମାସ ପୂର୍ବେ ଉକ୍ତ ରାସ୍ତା ମରାମତି କରାଯାଇ ଥିବାବେଳେ ଏବେ ବନ୍ୟାରେ ଉକ୍ତ ରାସ୍ତା ଭାସିଯିବାରୁ ଲୋକମାନେ ଯାତାୟାତରେ ହଇରାଣ ହେଉଛନ୍ତି। ସେହିପରି ଧାମନଗର ନଦୀଗାଁ ରାସ୍ତାର ଫଳପୁର ଜେନାସାହିରେ ଓ ଧୂଷୁରୀ ନଦୀଗାଁ ରାସ୍ତାର ଅଧିକାଂଶ ସ୍ଥାନରେ ରାସ୍ତା ଧୋଇ ଘାଇ ସୃଷ୍ଟି ହୋଇଥିବାରୁ ଲୋକମାନେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ବିଭାଗୀୟ ଅଧିକାରୀ କ୍ଷତି ହୋଇଥିବା ରାସ୍ତାକୁ ମରାମତି କରିବାକୁ ଦାବି ହୋଇଛି।

## ଏମ୍‌ପିସି କଲେଜରେ ଆଇଟିଇପି ଇଣ୍ଡକସନ୍ କାର୍ଯ୍ୟକ୍ରମ

**ବାରିପଦା,୨।୮/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଇଟିଇପି ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇ ସପ୍ତାହ ଧରି ଚାଲିବାକୁ ଥିବା ଇଣ୍ଡକସନ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପ୍ରାରମ୍ଭରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଆଭାସୀ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ପ୍ରଫେସର୍‌ମାନେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇଟିଇପି ଶିକ୍ଷାର ମହତ୍ତ୍ୱ ଓ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ଏଥିରେ ଉଚ୍ଚଶିକ୍ଷା ବିଭାଗର ବହୁ ଉଚ୍ଚ ପଦାଧିକାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର୍ ନାରାୟଣ ପ୍ରସାଦ ବେହେରା




ମୁଖ୍ୟଅତିଥି ଭାବେ ଯୋଗଦେଇ ଆଦର୍ଶ ଶିକ୍ଷକ ହେବାପାଇଁ ଆବଶ୍ୟକ ଜ୍ଞାନ ଓ ଦକ୍ଷତାର ଉପଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ମୁଖ୍ୟ କ୍ୟାପଟେନ୍ ଡକ୍ଟର ବିଦ୍ୟୁତ୍ ପ୍ରଭା ଦାସଙ୍କ ସଭାପତିତ୍ୱରେ ଡକ୍ଟର ସଦାନନ୍ଦ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବକ୍ତାଭାବେ ଡକ୍ଟର ସରୋଜ ନାୟକ, ସମ୍ମାନିତ ଅତିଥିଭାବେ ସହକାରୀ ପ୍ରଫେସର୍ ଡକ୍ଟର ଧନଞ୍ଜୟ ସିଂ, ସୁଶାନ୍ତ କୁମାର ରଣା, ଡକ୍ଟର ଭାଦବ ହେମ୍ବ୍ରମ୍, ଡକ୍ଟର ନିରୁପମା ନାୟକ, ଡକ୍ଟର ଦିଲ୍ଲୀପ କୁମାର ଦଲେଇ, ମାନସ କୁମାର ବେହେରା, କୃଷ୍ଣା ସିଂ, ରିଚା ବିଶ୍ୱାଳ, ସାନି ସାୟନ୍ତିନି, ବୈଜୟନ୍ତୀ ଧରା, ସବିତା ଶୋଭା ପ୍ରଧାନ, ସୁଶ୍ରୀ ସଙ୍ଗୀତା ପାତ୍ର, ପ୍ରଶାନ୍ତ କୁମାର ଘଡ଼େଇ, ରାଜେନ୍ଦ୍ର ବେହେରା, ଉମେଶ ଚନ୍ଦ୍ର ମାଝୀ, ପ୍ରଦୀପ କୁମାର ମଲ୍ଲିକ ଓ ଦୁର୍ଗାଚରଣ ମାଝୀ ବିଭିନ୍ନ ପର୍ଯ୍ୟାୟରେ ଯୋଗ ଦେଇଥିଲେ। ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଇଟିଇପି ଶିକ୍ଷା ୨୦୨୩ରୁ ଆରମ୍ଭ ହୋଇଥିବାବେଳେ ଅନ୍ୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଚଳିତ ବର୍ଷରୁ ଆଡମିସନ୍ ଆରମ୍ଭ ହୋଇଥିବା ପରିପ୍ରେକ୍ଷୀରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ନିମନ୍ତେ ଏହି କାର୍ଯ୍ୟକ୍ରମ କେନ୍ଦ୍ରୀୟ ଭାବେ ଆୟୋଜିତ ହୋଇଥିଲା।

## ଜିଲ୍ଲାସ୍ତରୀୟ ନୃତ୍ୟ ଓ ମଞ୍ଚ ସଞ୍ଚାଳନା ପ୍ରତିଯୋଗିତା



**ବାରିପଦା,୨।୮/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ନାଟ୍ୟସଂସ୍ଥା ଆମେ ବାରିପଦା ଦ୍ୱାରା ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ଜିଲ୍ଲାସ୍ତରୀୟ ନୃତ୍ୟ ଓ ମଞ୍ଚ ସଞ୍ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ସାଗରିକା ସିଂ ଉଦ୍‌ଘାଟନ କରିଥିବାବେଳେ ଜାତୀୟ ନାଟ୍ୟମହୋତ୍ସବର ଆବାହକ ବିଶିଷ୍ଟ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଚିନ୍ମୟ କୁମାର ଦାସପଟ୍ଟନାୟକ ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ରାଜୀବ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ବିଚାରକ ମଣ୍ଡଳୀଭାବେ ଜୟନ୍ତ ସେନାପତି, ଅନୁବାଳା ମହାନ୍ତି, ବର୍ଣ୍ଣରୁପା ମହାନ୍ତି, ମୂର୍ଚ୍ଛନା ମହାନ୍ତି, ପ୍ରୟାଶ ଶତପଥୀ ଓ ପ୍ରଦୀପ କୁମାର ସରଘରିଆ ଯୋଗ ଦେଇଥିଲେ। ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ସେମାଙ୍କର ଉତ୍କର୍ଷତା ପ୍ରଦର୍ଶନ କରି ଉପସ୍ଥିତ ଛାତ୍ରଛାତ୍ରୀ ଓ କଳାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ନାଟ୍ୟମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ବିଜେତାଙ୍କ ନାମ ଘୋଷଣା ସହ ପୁରସ୍କୃତ କରାଯିବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି ଅବସରରେ ପ୍ରଥମଥର ପାଇଁ ଜିଲ୍ଲାସ୍ତରୀୟ ନାଟକ ଲିଖନ ପ୍ରତିଯୋଗିତା ସାଙ୍ଗକୁ ହାଇସ୍କୁଲ୍‌ସ୍ତରୀୟ ଏକକ ଅଭିନୟ, ମୂକ ଅଭିନୟ, ନୃତ୍ୟ ଓ ମଞ୍ଚ ସଞ୍ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ମିଡିଆ ସଂଯୋଜକ ସୋମନାଥ ସିଂହ ପ୍ରକାଶ କରିଛନ୍ତି।

## ହାତୀ-ମଣିଷ ଲଢ଼େଇ ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ

**କେନ୍ଦୁଝର,୨।୮/ଏନ୍‌ଏନ୍‌ଏସ୍:** କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡିଙ୍କ



ମାର୍ଗଦର୍ଶନ ଓ କେନ୍ଦୁଝର ଡେଭଲପ୍‌ମେଣ୍ଟ ଟ୍ରଷ୍ଟର ପ୍ରତିଷ୍ଠାତା ପରିବେଶବିତ୍ ଭକ୍ତବତ୍ସଳ ମହାନ୍ତିଙ୍କ ସଂଯୋଜନାରେ ହାତୀ-ମଣିଷ ଲଢ଼େଇକୁ ପ୍ରସମନ କରିବା ପାଇଁ ଏକ ସଚେତନତା ଅଭିଯାନ ଜାରି ରହିଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗର କେନ୍ଦୁଝର ବନଖଣ୍ଡର ଜଘିସ୍ୱରା ସେକ୍ସନ୍‌ର ହାତୀ କ୍ଷତିଗ୍ରସ୍ତ ପ୍ରବଣ ଗ୍ରାମ ହୁଣ୍ଡା, ବୁଢ଼ାଖମଣ, ନଳାପଙ୍ଗା, ପାନାଶିଆ ଓ ପୀଠଗୋଳାରେ ସଚେତନତା ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଦିମ ଯୁଆଙ୍ଗ ଜନଜାତି, ଆଦିବାସୀ, ବନବାସୀ, ବନରକ୍ଷୀ, ବନପାଳ, ବନ ସୁରକ୍ଷା ସମିତି ସଦସ୍ୟ, ପଞ୍ଚାୟତ ପ୍ରତିନିଧି, ଗଜସାଥୀ, ଆଶାମାଆ, ଅଙ୍ଗନବାଡ଼ି କର୍ମୀ ଓ ହାତୀ ଦ୍ୱାରା କ୍ଷତିଗ୍ରସ୍ତ ପରିବାରଲୋକମାନେ ଅଂଶଗ୍ରହଣ କରିଥିଲେ। କେଡ଼ି ଟ୍ରଷ୍ଟର ବିକାଶ ଅଧିକାରୀ ସ୍ମୃତିରଞ୍ଜନ ମହାକୁଡ଼, ଭାଗିରଥୀ ମହାନ୍ତି ଯୋଗଦେଇ ମନୁଷ୍ୟ - ହାତୀ ସହାବସ୍ଥାନ, ଅନୁକମ୍ପା ପୋଟାଲ୍ ମାଧ୍ୟମରେ ହାତୀ ମଣିଷ ମାରିଦେଲେ, ଚାଷ ପନିପରିବା ଉଜାଡ଼ିଦେଲେ କ୍ଷତିପୂରଣ ପାଇଁ ଆବେଦନ କରିବା କୌଶଳ ଓ ହାତୀର ଆଚରଣ ବିଷୟରେ ବୁଝାଇଥିଲେ। ଏହି ଅଭିଯାନ ଚାଲିଥିଲାବେଳେ ଭୂମିକା ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ବରିଷ୍ଠ ନାଗରିକଙ୍କ ଚକ୍ଷୁ ପରୀକ୍ଷା, ଅସ୍ତ୍ରପ୍ରଚାର ସହ କେଡ଼ି ଟ୍ରଷ୍ଟ ପକ୍ଷରୁ ଚଷମା ବଣ୍ଟାଯାଇଛି। ଶେଷରେ ମନୁଷ୍ୟ-ହାତୀ ସହାବସ୍ଥାନ ମାର୍ଗଦର୍ଶିକା ବଣ୍ଟାଯାଇଛି। ଏହି ଅଭିଯାନ ସଦର ଓ ହରିଚନ୍ଦନପୁର ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଚାଲୁ ରହିବ ବୋଲି ଅଧକ୍ଷା ଅଧିବକ୍ତା ଜଗଜିତା ଦାସ କହିଛନ୍ତି।

## ଖଇରାରେ ବନ୍ୟା କ୍ଷୟକ୍ଷତି ୧୬ କୋଟି

**ଖଇରା,୨।୮/ଏନ୍‌ଏନ୍‌ଏସ୍:** ଖଇରା ବ୍ଲକ୍‌ରେ ବନ୍ୟା ଯୋଗୁ ୧୨ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ବାକି ୨୫ ପଞ୍ଚାୟତରେ ଆଂଶିକ କ୍ଷତି ହୋଇଛି। କ୍ଷତିର ପରିମାଣ ପାଖାପାଖି ୧୬ କୋଟି ହେବ ବୋଲି କୁହାଯାଉଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବ୍ଲକ୍ ପ୍ରଶାସନ ୨ ଦିନ ଧରି ଜଳଘେରରେ ରହିଥିବା ବିପନ୍ନଙ୍କ ପାଇଁ ଶୁଖିଲା ଖାଦ୍ୟ, ପ୍ରାଣୀଙ୍କ ପାଇଁ ଗୋଖାଦ୍ୟ ଓ ଜଳ ପରିମଳ ବିଭାଗ ପକ୍ଷରୁ ୫ହଜାର ପାଣି ବୋତଲ୍ ପଠାଇଥିବାବେଳେ ୧୨୦ ନଳକୂପକୁ ପ୍ରଦୂଷଣମୁକ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଖଇରା ବ୍ଲକ୍ ପ୍ରଶାସନ ଓ ବିଧାୟକ ପଦ୍ମଲୋଚନ ପଣ୍ଡା ପ୍ରାଥମିକ କ୍ଷୟକ୍ଷତି ତଥା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ପ୍ରଦାନ କରିଛନ୍ତି। ବ୍ଲକ୍‌ର ଝିଙ୍କିରିଆ, ସାରଡ଼ାଙ୍ଗ, ପଳସା, ଗଡ଼ପୋଖରୀ, କୁରୁଣ୍ଡା, ମାଖନପୁର, ନହଙ୍ଗ, ନୟାଖଣ୍ଡି, ଗଗନଧୂଳି, ବଡ଼ଜୟିପୁର, ସୁଣ୍ଡିରା ପଞ୍ଚାୟତର ୩୪ ଗାଁରେ ଅଧିକ କ୍ଷୟକ୍ଷତି ଓ ଅନ୍ୟ ପଞ୍ଚାୟତଗୁଡ଼ିକରେ ମଧ୍ୟ ଆଂଶିକ କ୍ଷତି ହୋଇଥିବା ନେଇ ବିଭିନ୍ନ ଲୋକପ୍ରତିନିଧି ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରାଥମିକ ରିପୋର୍ଟ ଆଧାରରେ ସଂଗ୍ରହ କରାଯାଇଛି। ସେହିଭଳି ଜଳସେଚନ ବିଭାଗ ଅଧୀନରେ ୭୮ଟି ପ୍ରକଳ୍ପ ଧୋଇ ଯାଇଥିବାବେଳେ ୬ କିମିର ଆରଡ଼ି ରାସ୍ତା ନଷ୍ଟ ହୋଇଛି। ଭୋକରେ ରହିଥିବା ଗୋରୁଙ୍କ ପାଇଁ ପ୍ରଥମ ପର୍ଯ୍ୟାୟରେ ୫୦ କୁଇଣ୍ଟାଲ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୦୬ କୁଇଣ୍ଟାଲ କୁଣ୍ଡା ବଣ୍ଟାଯାଇଛି। ଉକ୍ତ ବୈଠକରେ ବିଡିଓ ନାରାୟଣ ସାହୁ, ବ୍ଲକ୍ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ ଶୁଭାଶିଷ ମହାପାତ୍ର, ମୁଖ୍ୟ କିରାଣୀ ବ୍ରହ୍ମାନନ୍ଦ ଦାଶ, ଏମ୍‌ଆଇ ଶୁଭାଶିନୀ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭୁତି ଭୁଷଣ ନାୟକ, ଯୁବନେତା ପତିତପାବନ କର, ସିପି ଶଶିକାନ୍ତ ଦାସ ଓ ଅନନ୍ତ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ୟା ପ୍ରଭାବିତଙ୍କୁ ରିଲିଫ୍ ବଣ୍ଟନ

**ସୋର,୨।୮/ଏନ୍‌ଏନ୍‌ଏସ୍:** ଭୂମିପୁତ୍ର ସେବା ପ୍ରତିଷ୍ଠାନ ଓ ଗୁଞ୍ଜ, ନୂଆଦିଲ୍ଲୀ ପକ୍ଷରୁ ବନ୍ୟା ପ୍ରଭାବିତ ଲୋକଙ୍କୁ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ସୋର ବ୍ଲକ୍‌ର କେଦାରପୁର ପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକଙ୍କୁ ରିଲଫ୍ ସାମଗ୍ରୀ ବଣ୍ଟନ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁଞ୍ଜ୍ ସହଯୋଗରେ ପ୍ରଭାବିତ ପରିବାରଙ୍କୁ ପଲିଥିନ୍, ପାରିବାରିକ ଓ ଜରୁରିକାଳୀନ କିଟ୍ ପ୍ରଦାନ କରାଯାଇଥିଲା। କେଦାରପୁରରେ ଅନୁଷ୍ଠିତ ରିଲିଫ୍ ବଣ୍ଟନ



କାର୍ଯ୍ୟକ୍ରମରେ ଗୁଞ୍ଜ ଅନୁଷ୍ଠାନର ଓଡ଼ିଶା ରାଜ୍ୟ ମୁଖ୍ୟ ସୁରେଶ କୁମାର, ସଂଯୁକ୍ତା ଜେନା ଓ ଭୂମିପୁତ୍ରର ସମ୍ପାଦକ ଶିଶିର ଦାଶ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ହରିଶ୍ ଜେନା, ବୃନ୍ଦାବନ ଜେନା ଓ ଜ୍ୟୋତି ପ୍ରକାଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶିଶିର ଦାଶଙ୍କ ନେତୃତ୍ୱରେ ଗୁଞ୍ଜ ଅନୁଷ୍ଠାନର ସଦସ୍ୟମାନେ ସୋର ଓ ସିମୁଳିଆ ବ୍ଲକ୍‌ର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ। ପର୍ଯ୍ୟାୟକ୍ରମେ ଏହି ଦୁଇ ବ୍ଲକ୍‌ର ପ୍ରଭାବିତ ପରିବାରଙ୍କୁ ରିଲିଫ୍ ବଣ୍ଟନ କରାଯିବ ବୋଲି ଭୂମିପୁତ୍ରର ସମ୍ପାଦକ ସୂଚନା ଦେଇଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ତେଲକୋଇ,୨।୮/ଏନ୍‌ଏନ୍‌ଏସ୍:** ତେଲକୋଇ ବ୍ଲକ୍ ଅନ୍ତର୍ଗତ କତରାପାଲି କ୍ଲଷ୍ଟର୍ ଅଧୀନ ଓରିଆ ପଞ୍ଚାୟତର ସରକାରୀ ପିଟାନାଳୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଇନ୍ଦ୍ରମଣି ସୁବୁଦ୍ଧିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଗତ ୩୧ ତାରିଖ ଶ୍ରୀ ସୁବୁଦ୍ଧିଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାବେଳେ ରବିବାର ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କତରାପାଲି କ୍ଲଷ୍ଟର୍ ସିଆର୍‌ସିସି ନିର୍ମଳ ଚନ୍ଦ୍ର ମହାନ୍ତ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି ତଥା ଶିକ୍ଷାବିତ୍ ପଦ୍ମଲୋଚନ ସାହୁ, ମୁଖ୍ୟବକ୍ତା ଭାବେ ସମାଜସେବୀ ପ୍ରଫୁଲ୍ଲ କୁମାର ସାହୁ, ସମ୍ମାନିତ ଅତିଥିଭାବେ ପ୍ରାଥମିକ ଶିକ୍ଷକ ସଂଘର ଉପସଭାପତି ଉଦୟନାଥ ପରିଡ଼ା, ଶିକ୍ଷକ ସଂଘର ସଭାପତି ମିଳିତ ଗୋଲଖ ବିହାରୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଦେବାନନ୍ଦ ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୀର୍ତ୍ତନ ଜୁଆଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଅବସର ନେଉଥିବା ଶ୍ରୀ ସୁବୁଦ୍ଧିଙ୍କ ଶିକ୍ଷକତାରେ ପ୍ରଶଂସାର ପାତ୍ର ହୋଇଥିବା ନେଇ ଅତିଥିମାନେ ଗୁଣଗାନ କରିଥିଲେ। ତାଙ୍କର ପରବର୍ତ୍ତୀ ଜୀବନ ନିରୋଗ ଓ ଶାନ୍ତିମୟ ରହୁ ବୋଲି ସମସ୍ତେ କାମନା କରିଥିଲେ।

## ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଁ ଦାବିପତ୍ର

**ସୋର,୨।୮/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ସରକାରୀ ମେଡିକାଲ୍ କଲେଜ ଓ ହସ୍ପିଟାଲ୍ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତିକ୍ରମେ ସମଗ୍ର ଜିଲ୍ଲାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ମଞ୍ଜୁରୀପ୍ରାପ୍ତ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଁ ଦାବି କରାଯାଇଛି। ଚଳିତ ମାସ ଶେଷ ସପ୍ତାହରେ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆନ୍ଦୋଳନ ଜାରି ରହିଥିବାବେଳେ ସୋର ଅଞ୍ଚଳ କମିଟି ପକ୍ଷରୁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କାଶୀନାଥ ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ପ୍ରକାଶଥାଉକି ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୨୪ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ଥିବାବେଳେ ୧୦ ଜଣ କାର୍ଯ୍ୟ କରୁଛନ୍ତି। ଶିଶୁରୋଗ, ଭେଷଜ ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତରଙ୍କ ସମେତ ତୁରନ୍ତ ୧୪ ଜଣ ଡାକ୍ତର, ଆବଶ୍ୟକ ନର୍ସ, ସ୍ୱାସ୍ଥ୍ୟକର୍ମୀ ଓ




କର୍ମଚାରୀ ନିଯୁକ୍ତି ଏବଂ ପ୍ରସ୍ତାବିତ ଟ୍ରମା ସେଣ୍ଟର୍ ଓ ବ୍ଲଡ୍ ବ୍ୟାଙ୍କ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଦାବି ହୋଇଛି। ଏହାସହ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ବାଲେଶ୍ୱରରେ ପ୍ରତିଷ୍ଠିତ ଏମ୍ସ ସେଟଲାଇଟ୍ କେନ୍ଦ୍ରକୁ ପ୍ରତ୍ୟହ ପୂର୍ଣ୍ଣକାଳୀନ କାର୍ଯ୍ୟକ୍ଷମ ସହ ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାରେ ପରିଣତ ପାଇଁ ଦାବି କରଯାଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅଞ୍ଚଳ କମିଟିର ସଭାପତି ନବକିଶୋର ଦାସ, ଜିଲ୍ଲା ଉପଦେଷ୍ଟା ଦାମୋଦର ଦାଶମହାପାତ୍ର, ସମ୍ପାଦକ ମାୟାଧର ନାୟକ, ଗଙ୍ଗାଧର ପାଢ଼ୀ, ଉଦ୍ଧବ ଚରଣ ବିଶ୍ୱାଳ, ସୁରେନ୍ଦ୍ର ପ୍ରସାଦ ବେହେରା, କଟଚନ୍ଦ୍ର ବେହେରା, ହରିକିଷାନ ଗୁପ୍ତା, ହରିହର ଦାସ, ବାସୁକୃଷ୍ଣ ମହାପାତ୍ର, ମନୋଜ କୁମାର ରାୟ, ପ୍ରଶାନ୍ତ କୁମାର ଦାସ, କମଳାକାନ୍ତ ତିଆଡ଼ି ଓ ପ୍ରଫୁଲ୍ଲ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

## ମଛପଦା ହାଇସ୍କୁଲ୍‌ରେ ପ୍ରଧାନଶିକ୍ଷକଙ୍କୁ ସେବାନିବୃତ୍ତ ସମ୍ବର୍ଦ୍ଧନା

**ବୈଶିଙ୍ଗା,୨।୮/ଏନ୍‌ଏନ୍‌ଏସ୍:** ବେତନଟୀ ବ୍ଲକ୍‌ର ସନ୍ତରା ପଞ୍ଚାୟତ ଅନ୍ତର୍ଗତ ଗୋପବନ୍ଧୁ ଶିକ୍ଷା ନିକେତନର ପୂର୍ବତନ ପ୍ରଧାନଶିକ୍ଷକ ହରିହର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଏକ ସେବାନିବୃତ୍ତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚତୁର୍ଭୁଜ ପୃଷ୍ଟିଙ୍କ ସଭାପତିତ୍ୱ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ସଭାପତି ତଥା ଶିକ୍ଷାବିତ୍ ବଳରାମ ସାହୁ, ମୁଖ୍ୟବକ୍ତା ଭାବେ ଗୌରହରି ଦତ୍ତ, ସମ୍ମାନିତ ଅତିଥିଭାବେ ଓଷ୍ଟା ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ୍ ସଭପତି ଶିଶିର କୁମାର ନାୟକ, ସନ୍ତରା ସରପଞ୍ଚ ଲକ୍ଷ୍ମୀପ୍ରିୟା ହାଁସଦା, ସମିତିସଭ୍ୟା ସୁମତି ପୃଷ୍ଟି, ସନ୍ତରା ହାଇସ୍କୁଲ୍‌ର ପୂର୍ବତନ ପ୍ରଧାନଶିକ୍ଷକ ଅଚ୍ୟୁତ କୁମାର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ରତିକାନ୍ତ ମହାନ୍ତ, ଗଡ଼ଦେଉଳିଆ



ହାଇସ୍କୁଲ୍‌ର ପୂର୍ବତନ ଶିକ୍ଷକ ଉମାକାନ୍ତ ବେହେରା ଓ ପୂର୍ବତନ ସିଆର୍‌ସିସି ବିରଞ୍ଚି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ସୂର୍ଯ୍ୟାନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଶ୍ରୀ ପ୍ରଧାନ ଉକ୍ତ ବିଦ୍ୟାଳୟରେ ୧୯୯୨ରୁ କାର୍ଯ୍ୟ ଆରମ୍ଭ କରି ଏହି ବର୍ଷ ମେ' ମାସରେ ଅବସର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଷ୍ଟାର ସହସମ୍ପାଦକ ଧୀରେନ୍ଦ୍ର ପ୍ରଧାନ, ବିଦ୍ୟାଳୟର ଶିକ୍ଷକ କାର୍ତ୍ତିକ କୁମାର ଧଳ, ଅରୁଣ କୁମାର ସାହୁ, ଅମୀୟ କୁମାର ପରିଡ଼ା, ଅନନ୍ତ ମହାପାତ୍ର, କର୍ମଚାରୀ ମନୋଜ ପ୍ରଧାନ, ରବୀନ୍ଦ୍ର ବସନ୍ତିଆ ଓ ପ୍ରଫୁଲ୍ଲ ରାଉଳ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଗ୍ରାମବାସୀ, ପୂର୍ବତନ ଛାତ୍ରଛାତ୍ରୀ ଓ ବର୍ତ୍ତମାନର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶିକ୍ଷକ ଜଗନ୍ନାଥ ବିନ୍ଧାଣୀ ଧନ୍ୟବାଦ ଦେଇଥିଲେ।

**NOTICE**

By virtue of an affidavit sworn before Notary Public, Bhubaneswar, Odisha dated 21.07.2026 I, K Juria, S/o K Rameya, resident of At-Rangunipalli, Badakhandi, P.O-Badakhandi, VTC-Badakhandi, P.S- Hinjili, Dist-Ganjam, PIN-761101, Odisha have changed my name from KakaralJuria to K Juria. Henceforth I shall be known as K Juriafor all purpose.

(K Juria)

**NOTICE**

By virtue of an affidavit sworn before Notary Public, Bhubaneswar, Odisha dated 31.07.2026 I, Madhusudan-Goud, S/o LambudharGoud resident of Village Jharabahal, P.O - Saradhapur, P.S - Chandahandi, Dist - Nabarangapur, PIN - 764077, Odisha have changed my son's name from KhidoshGoud to Kshyiroda Gouda. Henceforth he shall be known as Kshyiroda Gouda for all purpose.

(MadhusudanGoud)

## ପ୍ରଥମ ପୃଷ୍ଠାରୁ

### ନସୁଧୁରିଲେ ବୁଲ୍‌ଡୋଜର ...

ମାରାତ୍ମକ ନିଶା ଆଡ଼କୁ ଜାଣିଶୁଣି ବା ସଙ୍ଗଦୋଷରୁ ଆକୃଷ୍ଟ ହେବା ନେଇ ମୁଖ୍ୟମନ୍ତ୍ରୀ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସରକାର ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି, ଯାହାର ପରିଣାମସ୍ୱରୂପ ଭୁବନେଶ୍ୱରରୁ ସିନ୍ଥେଟିକ୍ ଡ୍ରଗ୍ସ ଜବତ କରାଯିବା ସହ ବାଲେଶ୍ୱରରେ ଡ୍ରଗ୍ସ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଜୀବନ ଅତ୍ୟନ୍ତ ମୂଲ୍ୟବାନ୍ ହୋଇଥିବାରୁ ସମସ୍ତ ଯୁବସାଥୀ 'ଡ୍ରଗ୍ସକୁ ନା କୁହ' ଶପଥ ନେଇ ନିଜକୁ ଏହି ନର୍କରୁ ଦୂରେଇ ରଖିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।ମୁଖ୍ୟମନ୍ତ୍ରୀ ସମସ୍ତ ଶିକ୍ଷାନୁଷ୍ଠାନ, ଯୁବ ସଂଗଠନ, ଏନ୍‌ଏସ୍‌ଏସ୍, ମାଇଁ ଭାରତ ସ୍ୱେଚ୍ଛାସେବୀ, ଶିଳ୍ପାନୁଷ୍ଠାନ, ବେସରକାରୀ ସଂଗଠନ ଓ ଗଣମାଧ୍ୟମକୁ ଏକଜୁଟ ହୋଇ 'ନିଶାକୁ ନା ଏବଂ ଜୀବନ ଓ ପ୍ରଗତିକୁ ହଁ' ନାରା ସହ ଏହି ଜନ-ଆନ୍ଦୋଳନକୁ ସଫଳ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଜ ଅଭିଭାଷଣରେ ଯୁବଶକ୍ତିର ସାମର୍ଥ୍ୟ ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ବିଦ୍ୟାଳୟ, ମହାବିଦ୍ୟାଳୟ, ମାଇଁ ଭାରତ ଯୁବ କ୍ଲବ, ଏନ୍‌ଏସ୍‌ଏସ୍ ଓ କ୍ରୀଡ଼ା ହଷ୍ଟେଲଗୁଡ଼ିକର ଛାତ୍ରଛାତ୍ରୀମାନେ ହିଁ ଏହି ନିଶାମୁକ୍ତି ଆନ୍ଦୋଳନର ପ୍ରମୁଖ ନାୟକ।ଏହି ଐତିହାସିକ ଅଭିଯାନକୁ ସମଗ୍ର ଓଡ଼ିଶାରେ ଅପୂର୍ବ ପ୍ରତିକ୍ରିୟା ମିଳିଛି। ରାଜ୍ୟର ୪୫୩ଟି ନିର୍ଦ୍ଦିଷ୍ଟ କେନ୍ଦ୍ରରେ ଏହାର ସିଧାପ୍ରସାରଣ କରାଯାଇଥିବା ବେଳେ ୧.୬ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକ ଓ ଯୁବପିଢ଼ି ଏକତ୍ରିତ ହୋଇ ଏହି ମହତ୍ ଆନ୍ଦୋଳନରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡ଼ା ବିଭାଗ ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ଯେଦୁଲ୍ଲା ବିଜୟ ଧନ୍ୟବାଦ ଦେଇଥିଲେ।

### ଆସୁଛନ୍ତି ରାଷ୍ଟ୍ରପତି ...

୪୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହେବେ। ଡିସିପି ରାଙ୍କର ଅଧିକାରୀଙ୍କ ସହ ଏସ୍‌ପି ଓ ଏସିପି ରାଙ୍କର ଅଧିକାରୀମାନେ ରୁଟ୍ ଓ ସୁରକ୍ଷା ବ୍ୟବସ୍ଥା ତଦାରଖ କରିବେ। ରାଷ୍ଟ୍ରପତିଙ୍କ କାରକେଡ୍ ର ମୁଭମେଣ୍ଟ, ରୁଟ୍ କ୍ଲିୟରାନ୍ସ, ଟ୍ରାଫିକ୍ ମ୍ୟାନେଜମେଣ୍ଟ ଓ ଆପାତକାଳୀନ ପରିସ୍ଥିତିରେ ପୁଲିସର ପ୍ରତିକ୍ରିୟା ସବୁ ଦିଗକୁ ନେଇ ରିହର୍ସାଲ୍ କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷାରେ ଯେପରି କୌଣସି ତ୍ରୁଟି ନରହେ, ସେଥିପାଇଁ କମିଶନରେଟ୍ ପୁଲିସ ଫୁଲ୍ ପ୍ରୁଫ୍ ପ୍ରସ୍ତୁତି କରିଛି। ସେପଟେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଟ୍ରେନ୍‌ରେ ଭୁବନେଶ୍ୱରରୁ ବ୍ରହ୍ମପୁର ଯାତାୟାତ କରୁଥିବା ଯୋଗୁଁ ରେଳ ବିଭାଗ ପକ୍ଷରୁ ମଧ୍ୟ ସମସ୍ତ ପ୍ରକାରର ସୁବିଧା ସହ ସୁରକ୍ଷା ବ୍ୟବସ୍ଥା ହାତକୁ ନିଆଯାଇଛି।

### ଗିରଫ ସଂଗ୍ରାମ ...

ପରିସ୍ଥିତିରେ ୮୦% ପୋଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବ୍ରହ୍ମପୁର ଏବଂ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ପରେ ସେ ମୃତ୍ୟୁବରଣ କରିଥିଲେ। ସେତେବେଳେ ପାରଳାଖେମୁଣ୍ଡିର ଡିଏଫଓ ଭାବେ କାର୍ଯ୍ୟରତ ଥିବା ସଂଗ୍ରାମ କେଶରୀ ବେହେରା, ସୌମ୍ୟରଞ୍ଜନଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ନାମରେ ବିଭିନ୍ନ ଅଭିଯୋଗ ଆସିଥିଲା। ମାମଲାଟି ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିଲା।

### ଆଉ ନାହିଁ ବନ୍ୟା ...

୨ ଲକ୍ଷ ୧୨ ହଜାର କ୍ୟୁସେକ୍ ଜଳ ପ୍ରବେଶ କରୁଛି। ୩ ଲକ୍ଷ ୮୩ ହଜାର କ୍ୟୁସେକ୍ ଜଳ ଡ୍ୟାମ୍‌ରୁ ନିଷ୍କାସିତ ହେଉଛି। ଯେତିକି ଜଳ ଆମେ ପାଉଛେ ଜଳଭଣ୍ଡାର ଭିତରକୁ ତାର ଦେଢଗୁଣା ଜଳ ଆମେ ନିଷ୍କାସିତ କରୁଛୁ। ତେଣୁ ହୀରାକୁଦ ଜଳ ଧୀରେ ଧୀରେ କମୁଛି ବୋଲି ଶ୍ରୀ ରାଉତ କହିଛନ୍ତି। ମହାନଦୀ ବନ୍ୟା ଆଶଙ୍କା ଟଳିଛି। ଜଳସ୍ତର ଦ୍ରୁତ ଗତିରେ ଖସୁଛି। ଶନିବାର ସନ୍ଧ୍ୟା ୬ଟାବେଳେ ମୁଣ୍ଡଳିରେ ୫.୫୯ ଲକ୍ଷ ଘନଫୁଟ (କ୍ୟୁସେକ) ପାଣି ଚାଲିଥିଲା। ଖଇରମାଳରେ ୫.୩୪ ଲକ୍ଷ ଘନଫୁଟ ଓ ବରମୂଳରେ ୪.୭୨ ଲକ୍ଷ ଘନଫୁଟ ପାଣି ପ୍ରବାହିତ ହେଉଥିଲା । ହୀରାକୁଦରେ ୩ଟି ଗେଟ ବନ୍ଦ କରାଯାଇଛି। ଫଳରେ ୧୯ଟି ଗେଟ ଦେଇ ପାଣି ଛଡ଼ାଯାଉଛି। ଜଳଭଣ୍ଡାରକୁ ଉପରମୁଣ୍ଡରୁ ପ୍ରବେଶ କରୁଥିବା ପାଣି ପ୍ରବାହ ବି କମିଛି। ଶନିବାର ସକାଳ ୬ଟାରେ ୪ ଲକ୍ଷ ୧୫ ଘନଫୁଟ ପାଣି ପ୍ରବେଶ କରୁଥିଲା। କ୍ରମଶଃ ଏହା କମିବାରେ ଲାଗିଛି। ସନ୍ଧ୍ୟା ୬ଟାରେ ପ୍ରବେଶ କରୁଥିଲା ୨ ଲକ୍ଷ ୮୪ ହଜାର ଘନଫୁଟ ପାଣି। ୨୨ଟି ଗେଟ ଦେଇ ହୀରାକୁଦରୁ ୩ ଲକ୍ଷ ୮୬ ହଜାର ୪୨୧ ଘନଫୁଟ ପାଣି ଛଡ଼ାଯାଉଛି । ଗତକାଲି ହୀରାକୁଦ ଜଳସ୍ତର ୬୨୫.୨୧ ଫୁଟ ଥିଲା।

### ଟୁରିଷ୍ଟ ପ୍ଲେନ୍ କ୍ରାସ୍ ...

ବିମାନଟି ଉଡ଼ାଣ ଭରିଥିଲା। ନାଜକା ଲାଇନ୍ସ ହେଉଛି ଶହ ଶହ ବର୍ଷ ପୁରୁଣା ପେରୁ ମରୁଭୂମିରେ ଖୋଦିତ ବିଶାଳ ଭୌଗୋଳିକ। ବିମାନଟି ଇକା ସହରରୁ ଉଡ଼ାଣ ଭରିଥିଲା। କିନ୍ତୁ ଉଡ଼ାଣ ଭରିବାର କିଛି ମିନିଟ୍ ମଧ୍ୟରେ କଣ୍ଟ୍ରୋଲ୍ ଟାୱାର ସହିତ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ହଠାତ୍ ବିମାନଟି ମଝି ଆକାଶରୁ ଖସିପଡ଼ିଥିଲା। ଆଉ ସେଥିରେ ନିଆଁ ଲାଗିଯାଇଥିଲା। ଦୁର୍ଘଟଣା ପଛର ପ୍ରକୃତ କାରଣ ଜାଣିବା ପାଇଁ ସ୍ଥାନୀୟ ପୁଲିସ ଏବଂ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ବିମାନର ଇଞ୍ଜିନରେ କିଛି ତ୍ରୁଟି ଥିଲା ଅବା ଅନ୍ୟ କୌଣସି କାରଣରୁ ଦୁର୍ଘଟଣା ଘଟିଛି ତାହାର ତଦନ୍ତ ଜାରି ରହିଛି। ବିମାନଟି ପେରୁର ଏକ ଘରୋଇ ବିମାନ କମ୍ପାନୀ ଏରୋଡିଆନା ଦ୍ୱାରା ପରିଚାଳିତ ହେଉଥିଲା ।

### ଫେରୀରେ ନିଆଁ ଲାଗି ...

ନିଖୋଜ ଲୋକଙ୍କ ସନ୍ଧାନ ଅଭିଯାନ ଜାରି ରହିଛି। ଫେରୀଟି ପୂର୍ବ ଜାଭା ପ୍ରଦେଶର ସୁରାବାୟା ସହରରୁ ଦକ୍ଷିଣ ସୁଲାୱେସିର ମାକାସାର ସହର ଅଭିମୁଖେ ଯାତ୍ରା ସମୟରେ ବାହାରିଥିଲା। ମାଦୁରା ଦ୍ୱୀପ ନିକଟ ସମୁଦ୍ର ଅଞ୍ଚଳରେ ଯାତ୍ରା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଅଧିକାରୀଙ୍କ କହିବା ଅନୁସାରେ, ନିଆଁ ଲାଗିବା ଘଟଣା ରବିବାର ସକାଳେ ହୋଇଥିଲା। କିନ୍ତୁ ଏହା ସ୍ପଷ୍ଟ ହୋଇପାରିନି ଯେ ଫେରୀରେ କିଭଳି ନିଆଁ ଲାଗିଲା। ଦୁର୍ଘଟଣାର କାରଣ ଜାଣିବା ପାଇଁ ଯାଞ୍ଚ ଆରମ୍ଭ ହୋଇଛି। ରାଷ୍ଟ୍ରୀୟ ଅନୁସନ୍ଧାନ ଏବଂ ଉଦ୍ଧାରକାରୀ ଏଜେନ୍ସି କହିଛି ଯେ, ସମୁଦ୍ରରେ ନିଖୋଜ ଲୋକଙ୍କ ତଲାସୀ ପାଇଁ ସର୍ଚ୍ଚ ଆଣ୍ଡ ରେସକ୍ୟୁ ଅପରେସନ୍ ଲଗାତାର ଜାରି ରହିଛି। ଉଦ୍ଧାରକାରୀ ଦଳ ସମୁଦ୍ର କ୍ଷେତ୍ରରେ ବ୍ୟାପକ ସ୍ତରରେ ଅଭିଯାନ ଚଳାଇଛନ୍ତି। ଯାହାଫଳରେ ସବୁ ନିଖୋଜ ଲୋକଙ୍କ ତୁରନ୍ତ ପତ୍ତା ଲଗାଇ ହେବ।

### ସିରିଜ୍ ଦୁର୍ଘଟଣା ...

୨ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସେପଟେ ଅନ୍ୟ ହାଇୱାଟି ରାସ୍ତା ତଳକୁ ଖସି ଯାଇଥିବା ବେଳେ ତାହାର ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ମୃତାହତଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପଠାଯାଇଥିବା ବେଳେ ସେଠାରେ ୨ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଆହତ ଡ୍ରାଇଭରଙ୍କ ଚିକିତ୍ସା ଚାଲିଛି। ତେବେ ଖବର ଲେଖା ସୁଦ୍ଧା ୨ ମୃତକ ଏବଂ ଅନ୍ୟ ଆହତଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣା ପରେ ବେଶ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। ପୁଲିସ କ୍ରେନ୍ ସହାୟତାରେ ଦୁର୍ଘଟଣାଗ୍ରସ୍ତ ହାଇୱାଗୁଡ଼ିକୁ ସ୍ଥାନାନ୍ତର କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

### ପୁଣି ବର୍ଷା ଆରମ୍ଭ ...

କଳାହାଣ୍ଡି, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାକୁ ସତର୍କତା ଜାରି କରାଯାଇଛି। ସେହିପରି ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଝଡ଼ି ପବନ ପାଇଁ ମାଲକାନଗିରି, କୋରାପୁଟ, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଭଦ୍ରକ, ବାଲେଶ୍ୱର, ଝାରସୁଗୁଡ଼ା, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାକୁ ୱାର୍ଣ୍ଣିଂ ଜାରି କରାଯାଇଛି। ବର୍ତ୍ତମାନ ଅବପାତଟି ସଦୃଶ ଲଘୁଚାପରେ ପରିଣତ ହୋଇ ଦକ୍ଷିଣ ପୂର୍ବ ରାଜସ୍ଥାନରେ ସକ୍ରିୟ ରହିଛି । ଏହାସହ ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିବା ବେଳେ ରାଜ୍ୟରେ କିଛି କିଛି ସ୍ଥାନରେ ବର୍ଷା ହୋଇଥିବା ବେଳେ ବର୍ଷାର ପରିମାଣ ବଢ଼ିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

### କ୍ଷୟକ୍ଷତିର ସର୍ଭେ ...

କଟକର କିଛି ଅଞ୍ଚଳ ମଧ୍ୟ ପ୍ରଭାବିତ ହୋଇଛି। ସ୍ଥିତିର ସମୀକ୍ଷା ପାଇଁ ବିଭିନ୍ନ ବିଭାଗର ମନ୍ତ୍ରୀମାନେ 'ଗ୍ରାଉଣ୍ଡ ଜିରୋ'କୁ ଯାଇ ଅନୁଧ୍ୟାନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ରାଜ୍ୟର ଅନେକ ସ୍ଥାନରେ ଘର ଭାଙ୍ଗିବା ସହ ପନିପରିବା ଚାଷ ବ୍ୟାପକ ଭାବେ ନଷ୍ଟ ହୋଇଛି। ଏହାର ରିପୋର୍ଟ ହସ୍ତଗତ ହେବା ପରେ ପ୍ରଭାବିତଙ୍କୁ ସହାୟତା ପ୍ରଦାନ କରାଯିବ। ସେହିପରି ଶକ୍ତି, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ସମ୍ପତ୍ତି ସହ ଅନେକ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ନଦୀବନ୍ଧରେ ସୃଷ୍ଟି ହୋଇଥିବା ଘାଇଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠାରେ ଘାଇ ସୃଷ୍ଟି ହୋଇଛି, ସେଠାରେ ଅଧିକ ମଜବୁତ ଘାଇ ନିର୍ମାଣ କରିବାକୁ କୁହାଯାଇଛି, ଯାହାଫଳରେ ଭବିଷ୍ୟତରେ ଏଭଳି ବିପଦକୁ ଏଡ଼ାଯାଇପାରିବ। ରାଜ୍ୟର ଏହି ସଙ୍କଟ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସହଯୋଗର ହାତ ବଢ଼ାଯାଇଛି। ରାଜ୍ୟ ସରକାର ସହାୟତା ରାଶି ମାଗିବା ପୂର୍ବରୁ ହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହା ଅଗ୍ରିମ ୫୦୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । ସେହିପରି ବନ୍ୟା ସମୟରେ ଚାଲିଥିବା ରାଜନୈତିକ ବୟାନବାଜିକୁ ନେଇ ରାଜସ୍ୱ ମନ୍ତ୍ରୀ କହିଛନ୍ତି, 'ଯେଉଁମାନେ କେବଳ ବୟାନବାଜି କରନ୍ତି ସେମାନେ ପ୍ରକୃତରେ କାମ କରନ୍ତି ନାହିଁ। କିନ୍ତୁ ଯେଉଁମାନେ ଚୁପ୍ ରହି କାମ କରନ୍ତି, ସେମାନେ ହିଁ ଲୋକଙ୍କ ସେବା କରିଥାନ୍ତି। ' ବିପତ୍ତି ସମୟରେ ରାଜନୀତି ନକରି ସେବା ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି।

# ନିମ୍ନମାନର ସ୍କୁଲ୍ ଗୃହ ନିର୍ମାଣ, ଛାତ୍ରଛାତ୍ରୀ ଅସୁରକ୍ଷିତ



## ଦିବାଲୋକରେ ଧସି ପଡ଼ିଲା ଶ୍ରେଣୀଗୃହ

## ନୂଆ ସ୍କୁଲ୍ ଗୃହ ନିର୍ମାଣ କରିବାକୁ ଗ୍ରାମବାସୀଙ୍କ ଦାବି

**ରେଢ଼ାଖୋଲ, ୨।୮/ଏନ୍‌ଏନ୍‌ଏସ୍:** ପ୍ରାଥମିକ ଶିକ୍ଷାକୁ ସରକାର ଗୁରୁତ୍ୱ ଦେଇ ପଢ଼ା ବହି, ପୋଷାକ ପରିଚ୍ଛେଦ, ସ୍କୁଲ୍ ଗୃହ ଓ ଖାଦ୍ୟପାନୀୟ ଆଦି ଯୋଗାଇ ଦେଉଛନ୍ତି। ହେଲେ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ଅନ୍ତର୍ଗତ ଖମଣମୁଣ୍ଡା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ଗୃହ ଗତ ଲଗାଣ ବର୍ଷାରେ ଗଳି ପଡ଼ିଛି। ସେହି ସମୟରେ ଅଙ୍ଗନବାଡ଼ି ଶିଶୁମାନେ ଭିତର କୋଠରୀରେ ବସି ପଢୁଥିଲେ। ପ୍ରଚଣ୍ଡ ଶବ୍ଦ ହେବାରୁ ଛୁଆମାନେ ଚିତ୍କାର କରିବା ସହ ଅଙ୍ଗନବାଡ଼ି କର୍ମୀ ମଧ୍ୟ ଡରିଗଲେ। ବାହାର ବାରଣ୍ଡା କଲମ ଗଳି ପଡ଼ିଥିବାବେଳେ ଠିକ୍ ତା'ରି ତଳେ ୨ ଜଣ ଶିଶୁ ଶୋଇଥିଲେ। ଅଙ୍ଗନବାଡ଼ି କର୍ମୀ ଶିଶୁଙ୍କୁ ଉଦ୍ଧାର କରି ସୁରକ୍ଷିତ ଜାଗାକୁ ନେବା ସହ ଛୁଟି କରି ଘରକୁ ଚାଲିଗଲେ। ଅଙ୍ଗନବାଡ଼ି ସେଣ୍ଟର୍‌ର ନିଜସ୍ୱ ଘର ନଥିବାରୁ ପାଣି ବନ୍ଦୀ ପାଇଁ ବର୍ଷାଦିନେ ପ୍ରାୟତଃ ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିଥାଏ। ଅଙ୍ଗନବାଡ଼ି କର୍ମୀ ଶିଶୁଙ୍କୁ ନେଇ ସେଠାରେ ପାଠ ପଢ଼ାଇଥାନ୍ତି। ବାସ୍ତବରେ ଯୋଜନା ପରେ ଯୋଜନା ହେଉଛି ମାତ୍ର ତାହା ଲୋକଙ୍କ କାମରେ ଆସୁନି। ଏମିତି ଅସୁରକ୍ଷିତ ଶ୍ରେଣୀଗୃହ କେବଳ ଇଟାରେ ଛିଡ଼ା ହୋଇଥିବାବେଳେ କେହି ସୁରକ୍ଷା ଯାଞ୍ଚ କରୁନାହାନ୍ତି। ଜିଲ୍ଲା ପ୍ରଶାସନଙ୍କ ଅବେହେଳା ପାଇଁ କୋମଳମତି ଶିଶୁଙ୍କ ଜୀବନ ଯାଇଥାଆନ୍ତା। ସେଥିପାଇଁ ଗ୍ରାମବାସୀ ଓ ଅଭିଭାବକ ସୁରକ୍ଷିତ ଘର ହେଲେ ଛୁଆଙ୍କୁ ବିଦ୍ୟାଳୟକୁ ପଠାଇବୁ ନୋହିଲେ ପଠାଇବୁନି ବୋଲି ଅବିଭାବକମାନେ କହିଛନ୍ତି। ତେବେ ନିମ୍ନମାନର ଶ୍ରେଣୀଗୃହ ନିର୍ମାଣ ପଛରେ କିଏ ଦାୟୀ ତା'ର ତଦନ୍ତ ହେବା ଆବଶ୍ୟକ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## ପୁଣି କଳାହାଣ୍ଡିରେ ଶବକୁ ଅସମ୍ମାନ

# ବ୍ୟବଚ୍ଛେଦ ପାଇଁ ଝିଅର ମୃତଦେହ ଧରି ଡାକ୍ତରଖାନା ବୁଲିଲେ ବାପା



**ଭବାନୀପାଟଣା, ୨।୮/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲାରେ ପୁଣି ଶବକୁ ଅସମ୍ମାନ। ପୂର୍ବ ସରକାରଙ୍କ ଅମଳରେ ଦାନ ମାଝୀ ତାଙ୍କ ସ୍ତ୍ରୀଙ୍କ ଶବକୁ କାନ୍ଧରେ ବୋହିକି ନେବା ଘଟଣା ଯୋଗୁ ଭାରତ ଓ ଓଡ଼ିଶାକୁ ବିଶ୍ୱ ଦରବାରରେ ଲଜ୍ଜିତ ହେବାକୁ ପଡ଼ିଥିଲା। ଏବେ ପୁଣି ଜଣେ ନାବାଳିକାର ଶବ ଧରି ବ୍ୟବଚ୍ଛେଦ ପାଇଁ ବାପା ଡାକ୍ତରଖାନା ଘୁରି ବୁଲିବା ଭଳି ହୃଦୟ ବିଦାରକ ଘଟଣା ପୁଣି କଳାହାଣ୍ଡିକୁ ଚର୍ଚ୍ଚିତ କରିଛି। ସୂଚନାନୁଯାୟୀ ଗୁରୁବାର ବିଳମ୍ବିତ ରାତିରେ ଥୁଆମୁଲ ରାମପୁର ଥାନା ଅଧିନସ୍ଥ ବାର୍ଷିକୋନା ଗ୍ରାମର ଅଲୁ ମାଝୀଙ୍କ ୧୬ ବର୍ଷୀୟ ଝିଅ ମାଧୁରୀ ମାଝୀଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଶୁକ୍ରବାର ସକାଳେ ସେ ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ପାଇଁ ପରିବାର ଲୋକେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦାୟିତ୍ୱରେ ଥିବା ଡାକ୍ତର ମାଧୁରୀଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କଲମପୁର ପୁଲିସ୍‌କୁ ସୂଚନା ଦିଆଯାଇଥିଲା। ମୃତକ ଜଣକ ଥୁଆମୁଲ ରାମପୁର ଥାନା ଅଧୀନସ୍ଥ ହୋଇଥିବାରୁ କଲମପୁର ପୁଲିସ୍ ଥୁଆମୁଲ ରାମପୁର ପୁଲିସ୍‌କୁ ସୂଚନା ଦେଇଥିଲେ। ଥୁଆମୁଲ ରାମପୁର ପୁଲିସ୍ ମୃତକ ପରିବାରକୁ ଥାନାରେ ସୂଚନା ଦେବାକୁ କହିଥିଲେ। ପୁଲିସ୍‌ର କଥା ଅନୁସାରେ ଅଲୁ ମାଝୀଙ୍କ ସମ୍ପର୍କୀୟ ବାଧହୋଇ ଥୁଆମୁଲ ରାମପୁର ଥାନାକୁ ଯାଇ ଲିଖିତ ଭାବେ ଜଣାଇଥିଲେ। ତେବେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ନଥିବାରୁ ମୃତଶରୀର ଯାଞ୍ଚ ପରେ ଶବକୁ ବ୍ୟବଚ୍ଛେଦ ପାଇଁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଥୁଆମୁଲ ରାମପୁର ପୁଲିସ୍‌କୁ କୁହାଗଲା। ହେଲେ ବିଡ଼ମ୍ବନାର ବିଷୟ ଥୁଆମୁଲ ରାମପୁର ପୁଲିସ୍ ଉକ୍ତ ମୃତଶରୀରକୁ କୌଣସି ଯାଞ୍ଚ ନକରି ଜୟପାଟଣା ପରିବର୍ତ୍ତେ ଥୁଆମୁଲ ରାମପୁର ନେବାକୁ ପରିବାର ଲୋକଙ୍କୁ ବାଧ କରିଥିଲେ। ଏହାସହ ଥୁଆମୁଲ ରାମପୁରରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଥୁଆମୁଲ ରାମପୁର ଥାନାଧିକାରୀ ବୁଝାଇଥିଲେ। ଶେଷରେ ନିରାଶ ହୋଇ ମୃତକର ବାପା କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଶବବାହକ ଯାନ ସହାୟତାରେ ଥୁଆମୁଲ ରାମପୁରକୁ ଶବ ନେଇଥିଲେ। ହେଲେ ପରିତାପର ବିଷୟ ଥୁଆମୁଲ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହକୁ ଧରି ଗୋଟିଏ ରାତି ରହିବା ପରେ ଶନିବାର ସକାଳେ ଥୁଆମୁଲ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରିବା ପରିବର୍ତ୍ତେ ପୁଣି ଜୟପାଟଣାକୁ ନେବା ପାଇଁ କୁହାଯାଇଥିଲ। ଶେଷରେ ପରିବାର ଲୋକେ ଏହି ଦୁଃଖଦ ସମୟରେ ବାଧହୋଇ ଥୁଆମୁଲ ରାମପୁରର ଗୋଟିଏ ଶବବାହକ ଯାନରେ ଦୁଇ ଡାକ୍ତରଖାନାକୁ ନେବା ଭଡ଼ାରେ ଖର୍ଚ୍ଚାନ୍ତ ହୋଇ ଶନିବାର ସକାଳେ ପୁଣି ଶବକୁ ନେଇ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତରିତ କରାଯାଇଥିଲା। ଅପରାହ୍ନ ୩ଟାରେ ବାର୍ଷିକୋନା ଗାଁରେ ଶବ ପହଞ୍ଚିଥିଲା ଏବଂ ଅନ୍ତିମ ସଂସ୍କାର କରାଯାଇଥିଲା। ହେଲେ ଜଣେ ପିତା ନିଜ ମୃତ ଝିଅର ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ଘୁରି ବୁଲିବା ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି।

# କୃଷି ବିଭାଗର ଚଢ଼ଉ, ୨୦୦ରୁ ଊର୍ଦ୍ଧ୍ୱ ସାର ବସ୍ତା ଜବତ



**ପାଟଣାଗଡ଼, ୨।୮/ଏନ୍‌ଏନ୍‌ଏସ୍:** ପାଟଣାଗଡ଼ ବ୍ଲକ୍ ଅନ୍ତର୍ଗତ ବନକାବିଅର ଗାଁର କୀର୍ତ୍ତି ଚନ୍ଦ୍ର ମେହେର ନାମକ ବ୍ୟକ୍ତି ତାଙ୍କ ଗୋଦାମ ଗୃହରେ ବେଆଇନ୍ ଭାବେ ସାର ରଖି ଚଢ଼ା ଦରରେ ଚାଷୀଙ୍କୁ ବିକ୍ରି କରୁଥିବା ନେଇ ପାଟଣାଗଡ଼ କୃଷି ବିଭାଗକୁ ଖବର ମିଳିଥିଲା। ପରେ ମାଜିଷ୍ଟ୍ରେଟ୍ ଭାବେ ପାଟଣାଗଡ଼ ତହସିଲଦାର୍‌ଙ୍କ ଉପସ୍ଥିତିରେ କୃଷି ବିଭାଗ ଚଢ଼ଉ କରି ବିପୁଳ ପରିମାଣର ବିଭିନ୍ନ ପ୍ରକାର ସାର ବସ୍ତା ଜବତ କରିଛି। ଏହି ଚଢ଼ଉ ସମୟରେ ୧୫୧ ପ୍ୟାକେଟ୍ ୟୁରିଆ, ୪୦ ପ୍ୟାକେଟ୍ ଡିଏପି ଓ ୯ ପ୍ୟାକେଟ୍ ପଟାସ୍ ସାର୍ ରହିଥିବା ଜଣାପଡ଼ିଛି। ବେଆଇନ ସାର ରଖିଥିବା ନେଇ ଜିଲ୍ଲାପାଳଙ୍କୁ ପାଟଣାଗଡ଼ କୃଷି ବିଭାଗର ଅଧିକାରୀ ରାଜେଶ୍ୱରୀ ଭୋଇ ଅବଗତ କରିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏହି ଚଢ଼ଉ ହୋଇଥିଲା। ଗଚ୍ଛିତ ସାରର କୌଣସି ଆବଶ୍ୟକ କାଗଜ ପତ୍ର ଦେଖାଇ ପାରି ନଥିବାରୁ ଜବତ କରାଯାଇଥିବା ସମସ୍ତ ସାରକୁ ଯୋଗିମୁଣ୍ଡା ପ୍ୟାକ୍ସରେ ଜିମା ଦେଇଥିବା ନେଇ କୃଷି ଅଧିକାରୀ ସୋମନାଥ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଚଢ଼ଉ ସମୟରେ ପାଟଣାଗଡ଼ ତହସିଲଦାର୍ ରୁଦ୍ର ମୋହନ ନାୟକ, ବ୍ଲକ୍ କୃଷି ଅଧିକାରୀ ଆଶିଷ ମେହେର, ସହକାରୀ କୃଷି ଅଧିକାରୀ ରାଜେଶ୍ୱରୀ ଭୋଇ ଓ ପୁଲିସ୍ କର୍ମଚାରୀ ଉପସ୍ଥିତ ଥିଲେ।

# ୪୦ ଫୁଟ୍ ତଳକୁ ଖସିଲା ବାଇକ୍, ଜଣେ ମୃତ



**ରାୟଗଡ଼ା, ୨।୮/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲା ପୁଟାସିଂ ଥାନା ଅନ୍ତର୍ଗତ ଆରାଡୁଲ୍ ଘାଟିରେ ଏକ ବାଇକ୍ ଭାରସାମ୍ୟ ହରାଇ ପ୍ରାୟ ୪୦ ଫୁଟ୍ ତଳକୁ ଖସିପଡ଼ିବାରୁ ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଗଜପତି ଜିଲ୍ଲା କାଶୀନଗର ବ୍ଲକ୍ ଅନ୍ତର୍ଗତ ଅରମଡ଼ା ଗ୍ରାମର ପ୍ରଦୀପ କୁମାର ଲିମା(୩୦)। ଅନ୍ୟପଟେ କେନ୍ଦ୍ରାପଡ଼ା ଜିଲ୍ଲାର ଅଶ୍ୱିନୀ ଜେନା ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ ଉଭୟ ଗୁଣୁପୁରସ୍ଥିତ ଆର୍‌କେ ଟେଣ୍ଟ ହାଉସ୍‌ରେ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। ବକେୟା ଟଙ୍କା ଆଦାୟ ପାଇଁ ସେମାନେ ବାଇକ୍ ଯୋଗେ ସର୍ଗୀଆସିଂ ଗ୍ରାମକୁ ଯାଉଥିବାବେଳେ ଆରାଡୁଲ୍ ଘାଟିରେ ବାଇକ୍‌ଟି ଭାରସାମ୍ୟ ହରାଇ ପ୍ରାୟ ୪୦ ଫୁଟ୍ ତଳକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରାଯାଇ ଗୁଣୁପୁର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିଲା। ଖବରପାଇ ପୁଟାସିଂ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌କୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଦୁର୍ଘଟଣାର ପ୍ରକୃତ କାରଣ ନେଇ ତଦନ୍ତ ଜାରି ରହିଥିବା ନେଇ ପୁଟାସିଂ ଥାନାଧିକାରୀ ବିଦ୍ୟୁଲତା ନାୟକ ସୂଚନା ଦେଇଛନ୍ତି।

# ଦ୍ୱିତୀୟ କ୍ଲଷ୍ଟର୍‌ସ୍ତରୀୟ ବୈଠକ



**ବଲାଙ୍ଗୀର, ୨।୮/ଏନ୍‌ଏନ୍‌ଏସ୍:** ଚଳିତ ଶିକ୍ଷାବର୍ଷର ଦ୍ୱିତୀୟ କ୍ଲଷ୍ଟର୍‌ସ୍ତରୀୟ ବୈଠକ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସାରସମାଲର ପ୍ରଧାନଶିକ୍ଷକ ହୋଲେଶ୍ୱର ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବଡ଼ବନ୍ଧ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜଗଦୀଶ ପ୍ରଧାନ ସାଧନ କର୍ମୀ ଭାବେ ଯୋଗଦେଇ ଗ୍ୟାଲେରୀ ପରିଭ୍ରମଣ, ମୌଳିକ ସାକ୍ଷରତା, ମୌଳିକ ସଂଖ୍ୟାଜ୍ଞାନ, ଯୋଡ଼ି କାର୍ଯ୍ୟ ଓ ଶିକ୍ଷଣ ସୋପାନ ଆଦି ବିଷୟରେ ତାଲିମ୍ ପ୍ରଦାନ କରିଥିଲେ। ଏହି ବୈଠକରେ ଦେବାନନ୍ଦ ନିଷାଦ, ନିବେଦିତା ଦାସ, ଦିଲ୍ଲୀପ ପ୍ରଧାନ, ଅରବିନ୍ଦ ପ୍ରଧାନ, ଜ୍ୟୋତିଲାଲ ସାହୁ, ପ୍ରଶାନ୍ତ ଗଡ଼ତ୍ୟା, ସୁଶାନ୍ତ ସାହୁ,ମିକି ଭୋଇ, କୈଳାଶ ଚନ୍ଦ୍ର ଭୋଇ, ଅଶ୍ୱିନୀ ନାଏକ, ଜ୍ୟୋତ୍ସ୍ନା ଷାଣ୍ଡ, ମଧୁସୂଦନ ଭୋଇ, ଆଲୋକିନି ପ୍ରଧାନ, ସୁଜିତ କୁମାର ମିଶ୍ର, ଲୁଚନ ଛତ୍ରିଆ ଓ ଅଚ୍ୟୁତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ବିନାୟକ ଥନାପତି ଧନ୍ୟବାଦ ଦେଇଥିଲେ।

## 'ନିଶାମୁକ୍ତ ଯୁବ ସମାଜ ହିଁ ଏକ ସଶକ୍ତ ଓ ବିକଶିତ ଭାରତର ମୂଳ ଆଧାର'

**ଜୟପୁର, ୨।୮/ଏନ୍‌ଏନ୍‌ଏସ୍:** ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ନିଶାମୁକ୍ତ ଯୁବ ଓ ବିକଶିତ ଭାରତ ସଙ୍କଳ୍ପ ଅଭିଯାନ' ଅନ୍ତର୍ଗତ ଏକ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ହୃଷିକେଶ ସେନାପତି ଏବଂ ସିପିଜିସି ଡ଼ଃ ପ୍ରଶାନ୍ତ କୁମାର ପାତ୍ର ଉପସ୍ଥିତ ରହି ନିଶାମୁକ୍ତ ସମାଜ ଗଠନ ଓ ବିକଶିତ ଭାରତ ନିର୍ମାଣରେ ଯୁବପିଢ଼ିର ଭୂମିକା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। କୁଳପତି ପ୍ରଫେସର୍ ହୃଷିକେଶ ସେନାପତି କହିଥିଲେ ଯେ ନିଶାମୁକ୍ତ ଯୁବ ସମାଜ ହିଁ ଏକ ସଶକ୍ତ ଓ ବିକଶିତ ଭାରତର ମୂଳ ଆଧାର। ସେ ଛାତ୍ରଛାତ୍ରୀଙ୍କୁ ନିଜେ ନିଶାମୁକ୍ତ ରହିବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ନଶାମୁକ୍ତ ଭାରତ ଗଠନ ପାଇଁ ସାମୂହିକ ଶପଥ ଗ୍ରହଣ କରିଥିଲେ ଏବଂ ସମାଜରେ ଏହି ବାର୍ତ୍ତା ପହଞ୍ଚାଇବାକୁ ସଙ୍କଳ୍ପବଦ୍ଧ ହୋଇଥିଲେ। ଡକ୍ଟର ଅରୁଣ କୁମାର ରାଜ ଧନ୍ୟବାଦ୍ ଦେଇଥିଲେ।

## ଅନ୍ତର୍ଭୁକ୍ତ ଶିକ୍ଷା ଓ ନିଃସ୍ୱାର୍ଥ ସମାଜସେବାକୁ ଜାତୀୟ ସ୍ୱୀକୃତି

# ସ୍ୱାଧୀନତା ଦିବସରେ ପ୍ରଫେସର୍ କାମାଖୀ ପ୍ରସାଦ ଦାସ ହେବେ ସମ୍ମାନିତ

**ରାୟଗଡ଼ା, ୨।୮/ଏନ୍‌ଏନ୍‌ଏସ୍:** ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଅସାଧାରଣ ଅବଦାନ ପାଇଁ ବିଶିଷ୍ଟ ଶିକ୍ଷାବିତ୍ ତଥା ଲେଖକ ପ୍ରଫେସର କାମାଖୀ ପ୍ରସାଦ ଦାସଙ୍କୁ ସ୍ୱାଧୀନତା ଦିବସରେ ଆୟୋଜିତ ଜାତୀୟ ସମାରୋହରେ ଯୋଗଦେବାକୁ ରାଷ୍ଟ୍ରପତିଙ୍କ ପକ୍ଷରୁ ନିମନ୍ତ୍ରଣ ମିଳିଛି। ରାଷ୍ଟ୍ରପତି ଭବନରୁ ଜାରି ହୋଇଥିବା ନିମନ୍ତ୍ରଣପତ୍ର ଅନୁଯାୟୀ, ଆସନ୍ତା ୧୫ ଅଗଷ୍ଟ ଶନିବାର ସନ୍ଧ୍ୟା ୬ଟାରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ସ୍ୱାଧୀନତା ଦିବସର ସମାରୋହରେ ସେ ଉପସ୍ଥିତ ରହିବେ। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ତାଙ୍କ ଆଜୀବନ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଉଥିବା ସୂଚନା ମିଳିଛି। ବାଲ୍ୟକାଳରୁ ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ ହୋଇଥିଲେ ମଧ୍ୟ ପ୍ରଫେସର୍ ଦାସ କେବେ ବି ପ୍ରତିକୂଳ ପରିସ୍ଥିତି ସମ୍ମୁଖରେ ହାର୍ ମାନିନଥିଲେ। ଜ୍ଞାନ, ଅଧ୍ୟବସାୟ ଓ ଅଦମ୍ୟ ଇଚ୍ଛାଶକ୍ତିକୁ ପାଥେୟ କରି ସେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗରେ ୩୨ ବର୍ଷ ସେବା ପ୍ରଦାନ କରିଥିଲେ। କୋରାପୁଟ ସରକାରୀ ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟଭାବେ ଅବସର ନେବା ପରେ ମଧ୍ୟ ସେ ଶିକ୍ଷା



ଓ ସମାଜସେବାରୁ ଦୂରେଇ ଯାଇନାହାନ୍ତି। ବର୍ତ୍ତମାନ ସେ ଭୁବନେଶ୍ୱରସ୍ଥିତ 'ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍ ଆଣ୍ଡ କେୟାର୍ (ଆଇଆଇଇସି)'ର କୋର୍ସ ନିର୍ଦ୍ଦେଶକ ଏବଂ ଏନ୍‌ଏବି ଓଡ଼ିଶାର ଅନ୍ତର୍ଭୁକ୍ତ ଶିକ୍ଷା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ବିଶେଷକରି ଦୃଷ୍ଟିବାଧିତ, ଆଦିବାସୀ ଓ ଆର୍ଥିକ ଦୃଷ୍ଟିରୁ ପଛୁଆବର୍ଗର ଛାତ୍ରଛାତ୍ରୀଙ୍କୁ ମୁଖ୍ୟଧାରାର ଶିକ୍ଷା ସହ ଯୋଡ଼ିବା ପାଇଁ ତାଙ୍କର ପ୍ରୟାସ ଶିକ୍ଷା କ୍ଷେତ୍ରରେ ଏକ ଆଦର୍ଶ ଭାବେ ପରିଗଣିତ ହେଉଛି। ଦୃଷ୍ଟିବାଧିତ ଶିକ୍ଷାର୍ଥୀଙ୍କ ପାଇଁ ଯୁକ୍ତଦୁଇ, ଯୁକ୍ତତିନି, ସ୍ନାତକୋତ୍ତର, ଓପିଏସ୍‌ସି ଓ ୟୁପିଏସ୍‌ସି ପରୀକ୍ଷା ଉପଯୋଗୀ ପାଠ୍ୟକ୍ରମ ପ୍ରସ୍ତୁତ କରିବା ସହ ସେ ଓଡ଼ିଆ ଭାଷାରେ ୧୦ ହଜାରରୁ ଅଧିକ ଇତିହାସ ପ୍ରଶ୍ନୋତ୍ତର ପ୍ରସ୍ତୁତ କରିଛନ୍ତି। କୋଭିଡ୍-୧୯ ସମୟରେ ସେ ରେଡିଓ ଓ ଡିଜିଟାଲ୍ ମାଧ୍ୟମରେ ୫୦୦ରୁ ଅଧିକ ଶିକ୍ଷାମୂଳକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ହଜାର ହଜାର ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇଥିଲେ। 'ଆସନ୍ତୁ ଜାଣିବା ଇତିହାସ' କାର୍ଯ୍ୟକ୍ରମ ତାଙ୍କର ସବୁଠାରୁ ଲୋକପ୍ରିୟ ଶିକ୍ଷାମୂଳକ ପ୍ରୟାସ ଭାବେ ପରିଚିତ। ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେ ଭାରତୀୟ ରେଡ୍‌କ୍ରସ୍ ରାଜ୍ୟ ପୁରସ୍କାର, ଅଞ୍ଜଳି ସାହସିକତା ପୁରସ୍କାର, ସୁରଭି ଗୌରବ ସମ୍ମାନ, ସୁରଭି ରତ୍ନ ସମ୍ମାନ ସମେତ ବହୁ ରାଜ୍ୟ ଓ ଜାତୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପ୍ରଫେସର୍ ଦାସଙ୍କ ଜୀବନଦର୍ଶନ ଆଜି ମଧ୍ୟ ଅନେକଙ୍କ ପାଇଁ ପ୍ରେରଣା।

## ଡିଆରଏମ୍ ରାୟଗଡ଼ାଙ୍କ ବାଚେଲି-ଜୟପୁର ରେଳ ସେକ୍ସନ୍ ପରିଦର୍ଶନ

### ନିର୍ମାଣାଧୀନ ଗୁଡ୍ସ୍ ଶେଡ୍ କାର୍ଯ୍ୟର ଅଗ୍ରଗତି ସମୀକ୍ଷା



**ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍:** ରାୟଗଡ଼ା ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ୍) ଅମିତାଭ ସିଂଘଲ ବାଚେଲି–ଜୟପୁର ରେଳ ସେକ୍ସନର ବିସ୍ତୃତ ପରିଦର୍ଶନ କରି ବଦେଆରପୁର, ଜଗଦଲପୁର ଏବଂ ଜୟପୁରଠାରେ ନିର୍ମାଣାଧୀନ ମାଲଗୋଦାମ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ସେ ଇଞ୍ଜିନିୟରିଂ, ବାଣିଜ୍ୟିକ ଏବଂ ବିଦ୍ୟୁତ ବିଭାଗର ଅଧିକାରୀମାନଙ୍କୁ ଅବଶିଷ୍ଟ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରି ଶୀଘ୍ର ସମାପ୍ତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।
ଡିଆରଏମ୍ ଶ୍ରୀ ସିଂଘଲ କହିଛନ୍ତି ଯେ ଏହି ମାଲଗୋଦାମଗୁଡ଼ିକ କାର୍ଯ୍ୟକ୍ଷମ ହେବା ପରେ ଲୁହାପଥର, ଧାନ, ସାର, ଖାଦ୍ୟଶସ୍ୟ ସମେତ ବିଭିନ୍ନ ପ୍ରକାରର ପଣ୍ୟର ଲୋଡିଂ ଓ ଅନଲୋଡିଂ କାର୍ଯ୍ୟ ଅଧିକ ଦ୍ରୁତ, ସୁଗମ ଏବଂ ଦକ୍ଷତାର ସହିତ ସମ୍ପନ୍ନ ହେବ। ଏହା ଦ୍ୱାରା ସ୍ଥାନୀୟ ବ୍ୟବସାୟୀ ଏବଂ ଶିଳ୍ପ ସଂସ୍ଥାଗୁଡ଼ିକ ବ୍ୟାପକ ଭାବେ ଉପକୃତ ହେବେ। ସେ ଆହୁରି କହିଛନ୍ତି ଯେ ନିର୍ମାଣାଧୀନ ମାଲଗୋଦାମଗୁଡ଼ିକରେ ଶ୍ରମିକ, ବ୍ୟବସାୟୀ ଏବଂ ଫ୍ରେଟ୍ ଅପରେସନ୍ ଇନଫର୍ମେସନ୍ ସିଷ୍ଟମ୍ ବା ପଣ୍ୟ ପରିଚାଳନା ସୂଚନା ପ୍ରଣାଳୀ ପାଇଁ ପୃଥକ କକ୍ଷ ସହିତ ଭବନ, ଶୌଚାଳୟ, କଂକ୍ରିଟ୍ ହ୍ୱାର୍ଫ, ଟ୍ରକ୍ ପାର୍କିଂ ସୁବିଧା ଏବଂ ସିସିଟିଭି କ୍ୟାମେରା ବ୍ୟବସ୍ଥା ରହିବ। ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ସ୍ପ୍ରିଙ୍କଲର, ଧୂଳି ନିୟନ୍ତ୍ରଣ ପରଦା ଏବଂ ସେଡିମେଣ୍ଟେସନ୍ ଟ୍ୟାଙ୍କ ଭଳି ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟ କରାଯିବ। ଏଥିସହିତ ମାଲ ପରିବହନକୁ ସୁଗମ କରିବା ପାଇଁ ପୃଥକ ପ୍ରବେଶ ଓ ପ୍ରସ୍ଥାନ ସଡ଼କ ନିର୍ମାଣ କରାଯିବ। ପରିଦର୍ଶନ ସମୟରେ ଡିଆରଏମ୍ ଶ୍ରୀ ସିଂଘଲ ବର୍ଷା ଋତୁରେ ପ୍ରବଳ ବର୍ଷା ଯୋଗୁଁ ରେଳ ଧାରଣା ଉପରେ ଜଳ ଜମିବାକୁ ରୋକିବା ପାଇଁ ସେକ୍ସନ୍‌ର ବିଭିନ୍ନ ସ୍ଥାନରେ କରାଯାଇଥିବା ବ୍ୟବସ୍ଥାର ମଧ୍ୟ ଯାଞ୍ଚ କରିଥିଲେ। ସେ କହିଥିଲେ ଯେ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ କ୍ୟାଚ୍ ୱାଟର ଡ୍ରେନ୍, ପାର୍ଶ୍ୱ ଓ ଲଙ୍ଗିଚ୍ୟୁଡିନାଲ୍ ଡ୍ରେନ୍ ସହିତ ରିଟେନିଂ ୱାଲ୍ ନିର୍ମାଣ କରାଯାଇଛି ଏବଂ କେତେକ ସ୍ଥାନରେ ଏହି କାର୍ଯ୍ୟ ଚାଲୁ ରହିଛି। ଖଡ଼ପା ନିକଟରେ ନିର୍ମାଣାଧୀନ ଲିମିଟେଡ୍ ହାଇଟ୍ ସବୱେ ଅଥବା ଉପମାର୍ଗର ମଧ୍ୟ ପରିଦର୍ଶନ କରି କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ଶୀଘ୍ର ସମାପ୍ତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସବୱେ ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ବର୍ତ୍ତମାନର ମାନବଚାଳିତ ଲେଭେଲ୍ କ୍ରସିଂ ଫାଟକକୁ ହଟାଯାଇପାରିବ ଏବଂ ଆଖପାଖ ଅଞ୍ଚଳର ଲୋକମାନଙ୍କ ପାଇଁ ସୁରକ୍ଷିତ, ସୁଗମ ଓ ନିରବଚ୍ଛିନ୍ନ ଯାତାୟାତ ସୁନିଶ୍ଚିତ ହେବ। ପରିଦର୍ଶନର ଅଂଶ ସ୍ୱରୂପ ଶ୍ରୀ ସିଂଘଲ ଜଗଦଲପୁର ଏବଂ ଜୟପୁର ରେଳ ଷ୍ଟେସନ ପରିଦର୍ଶନ କରି ନିର୍ମାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଷ୍ଟେସନ ପୁନଃ ବିକାଶ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ରାୟଗଡ଼ା ରେଳ ମଣ୍ଡଳର ପଣ୍ୟ ପରିବହନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ରେଳ ସୁରକ୍ଷା ଓ ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ସହିତ ସମଗ୍ର ମଣ୍ଡଳରେ ଯାତ୍ରୀ ସେବା ମାନଦଣ୍ଡରେ ଉନ୍ନତି ପ୍ରତି ଏହାର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ପରିଦର୍ଶନ ସମୟରେ ମଣ୍ଡଳର ଇଞ୍ଜିନିୟରିଂ, ବାଣିଜ୍ୟିକ, ପରିଚାଳନା (ଅପରେଟିଂ) ଓ ମେକାନିକାଲ୍ ବିଭାଗର ଶାଖା ଅଧିକାରୀମାନେ ଡିଆରଏମ୍‌ଙ୍କ ସହ ଉପସ୍ଥିତ ଥିଲେ।

## ଏଫ୍ଏଫ୍ସି ପକ୍ଷରୁ 'ବିଶ୍ୱ ବନ୍ଧୁତ୍ୱ ଦିବସ'



**ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍:** ୱାକର୍ସ୍ ଇଣ୍ଟରନ୍ୟାସନାଲ ଦ୍ୱାରା ଅନୁବନ୍ଧିତ ଫନ୍ ଆଣ୍ଡ୍ ଫିଟନେସ୍ କ୍ଲବ ପକ୍ଷରୁ 'ବିଶ୍ୱ ବନ୍ଧୁତ୍ୱ ଦିବସ' ପାଳିତ ହୋଇଯାଇଛି। ୱାକର୍ସ ଇଣ୍ଟରନ୍ୟାସନାଲର ଯୁଗାନ୍ତକାରୀ ବାର୍ତ୍ତା 'ସମସ୍ତେ ଚାଲନ୍ତୁ ଏବଂ ସୁସ୍ଥ ରୁହନ୍ତୁ' ହେଉଛି ଭାଇଚାରା ଓ ବନ୍ଧୁତ୍ୱର ସମନ୍ୱୟ ଯାହାକି ନିଜନିଜ ମଧ୍ୟରେ ସୁସମ୍ପର୍କ ସହ ରାଷ୍ଟ୍ର ଓ ଅନ୍ତଃରାଷ୍ଟ୍ର ମଧ୍ୟରେ ସମ୍ପର୍କକୁ ଦୃଢ଼ୀଭୂତ କରାଇଥାଏ। ରୋମାନ ସଭ୍ୟତାର 'ଦାମନ ଓ ପିଥିୟାସ' ଏବଂ ମହାଭାରତର 'କୃଷ୍ଣ ସୁଦାମା'ଙ୍କ ବନ୍ଧୁତ୍ୱର ପରାକାଷ୍ଠାକୁ ମନେ ପକାଇବା ଏବଂ ନିଜନିଜ ମଧ୍ୟରେ ବନ୍ଧୁତ୍ୱ ସ୍ଥାପନର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟ ନେଇ ଏଫ.ଏଫ.ସି. 'ବିଶ୍ୱ ବନ୍ଧୁତ୍ୱ ଦିବସ' ପାଳନ କରିଅଛି। ଏଥିରେ ପ୍ରାକ୍ତନ ସଭାପତି କେଦାର ପଟ୍ଟନାୟକ, ଆଶିଷ ପଟ୍ଟନାୟକ, ସମ୍ପାଦକ ସୌଭାଗ୍ୟ ନାୟକ, କୋଷାଧ୍ୟକ୍ଷ ପ୍ରଦୀପ୍ତ ପଣ୍ଡା, ଜଲି ୱାକର୍ସ ବାବୁରାମ ସେଠୀ, ପିଆରଓ ଅମୀୟ ଶର୍ମା, ଉପ-ସଭାପତି ଭବାନୀ ପଟ୍ଟନାୟକ, ଜୟସୁରିୟା କାନୁନଗୋ, ସହ-ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ପ୍ରତାପ ରାଉତରାୟ, ରିୟା ଖାନ, ଏସ୍. ଏନ୍. ସେଠୀ, ଡମ୍ବରୁ ନାୟକ, ଏ. ସଲାମ ଖାନ୍, ସୁମିତ୍ରା ବେହେରା, ମନ୍ଦାକିନୀ ସାହୁ, ତପସ୍ୱିନୀ ସାହୁ, ମଧୁସ୍ମିତା ପ୍ରିୟଦର୍ଶିନୀ, ଯଶୋଦା ଭଞ୍ଜ, ଫେମି ୱାକର୍ସ କ୍ଲବର ସଭାପତି ସଂଯୁକ୍ତା ପଣ୍ଡା, ଉପଦେଷ୍ଟା ଇଂ ଅସୀମାନନ୍ଦ ମହାନ୍ତି, ମୋହନ, କ୍ରିଷ୍ଣା ନାୟକ, ଦୁର୍ଗା ସାହୁ ଓ ଲଳିତ ମୋହନ ଦାସ ଅଧିକାରୀ ପ୍ରମୁଖ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଆନନ୍ଦଉଲ୍ଲାସ ଓ ଉଦ୍ଦୀପନାର ସହ ଆଜିର କାର୍ଯ୍ୟକ୍ରମ ସମ୍ପାଦିତ ହୋଇଛି ବୋଲି ସଭାପତି ସୁଧାକର ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।

## ପଟିଆ ଷ୍ଟାର୍ ସିଟି ଏବେ ଅସାମାଜିକ ଯୁବକଙ୍କ ଆଡ୍ଡା

**ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍:** ପଟିଆସ୍ଥିତ ଷ୍ଟାରସିଟି ଏଇ କେତେମାସ ହେଲା ଅସାମାଜିକ ତତ୍ତ୍ୱଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। କିଛି ଯୁବକଯୁବତୀ ନିକଟସ୍ଥ ବସ୍ତି ଅଞ୍ଚଳରୁ ଆସି ଏକ ପରିତ୍ୟକ୍ତ ପୁରାତନ ହଷ୍ଟେଲ ବିଲ୍ଡିଂରେ ପଶି ମଦ୍ୟ, ଗଞ୍ଜେଇ ଓ ବ୍ରାଉନ୍‌ସୁଗର୍ ସେବନ କରି ନିକଟସ୍ଥ ଘରମାନଙ୍କରୁ ଦିନ ଦିପହରରେ ଜୋର ଜବରଦସ୍ତ ଚୋରି କରୁଛନ୍ତି ଓ ସେମାନଙ୍କୁ ପ୍ରତିରୋଧ କଲେ ଧମକଚମକ ଦେଉଛନ୍ତି। ନିକଟସ୍ଥ ଥାନାରୁ ଅନେକ ଥର ପିସିଆର ଭ୍ୟାନ୍ ଅଭିଯୋଗ ପାଇ ଆସୁଛନ୍ତି। କିନ୍ତୁ ସେମାନେ ଆସିବା ଦେଖି ଅସାମାଜିକ ଯୁବକମାନେ ଲୁଚି ଯାଉଛନ୍ତି। ଏ ସମ୍ପର୍କରେ ଖୁବ୍ ଶୀଘ୍ର ଷ୍ଟାର୍‌ସିଟି ମଙ୍ଗଳ ସମିତି ପକ୍ଷରୁ ଏକ ସ୍ମାରକପତ୍ର ପୁଲିସ ବିଭାଗକୁ ଦିଆଯିବାକୁ ନିଷ୍ପତ୍ତି ହୋଇଛି ବୋଲି ସମିତିର ସମ୍ପାଦକ ବରିଷ୍ଠ ନାଗରିକ ଭୁବନ ମୋହନ ଦାଶ ପ୍ରକାଶ କରିଛନ୍ତି।

## ପୁସ୍ତକ 'ମର୍ତ୍ତ୍ୟବୈକୁଣ୍ଠ' ଉନ୍ମୋଚିତ



**ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍:** 'ଭକ୍ତିତୀର୍ଥ' ଆଧାତ୍ମିକ ଚେତନା ମଞ୍ଚ ଆନୁକୂଲ୍ୟରେ ସମ୍ପ୍ରତି ସ୍ଥାନୀୟ ରେଡ଼କ୍ରସ ଭବନଠାରେ ଦିବା ୧୦ଟାରେ ସୁଶାନ୍ତ କୁମାର ମହାନ୍ତିଙ୍କ ଲିଖିତ 'ମର୍ତ୍ତ୍ୟବୈକୁଣ୍ଠ' କବିତା ଗ୍ରନ୍ଥ ଉନ୍ମୋଚିତ ହୋଇଯାଇଛି। ଏଥିରେ ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ୫୬ଟି କବିତା ସ୍ଥାନ ପାଇଛି। ଏହାକୁ ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ପ୍ରାକ୍ତନ୍ ନିର୍ଦ୍ଦେଶକ ଓଡ଼ିଆ ଭାଷା ପ୍ରତିଷ୍ଠାନ ତଥା କୁଳପତି ବୈଦିକ ବିଶ୍ୱବିଦ୍ୟାଳୟ, ତିରୁବନ୍ନାମଲାଇ, ତାମିଲନାଡୁ ପ୍ରଫେସର ଡକ୍ଟର ହରିହର କାନୁନ୍‌ଗୋ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ପ୍ରଫେସର ନିରଞ୍ଜନ ପାଢ଼ୀ, ପ୍ରଫେସର ବ୍ରଜବନ୍ଧୁ ପଣ୍ଡା ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥିରୂପେ ପ୍ରଖ୍ୟାତ ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର ଶ୍ରୀରାମ ଦାସ ଓ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ ଯୋଗଦେଇ କବିତା ଗ୍ରନ୍ଥ ଉପରେ ତାଙ୍କର ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଡ଼ଃ ଧରାଶ୍ରୀ ମହାନ୍ତି ଓ ସ୍ମିତା ମହାନ୍ତି ତାଙ୍କର ପୁସ୍ତକ ଉପରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଶେଷରେ ଜୟଶ୍ରୀ ଦାସ ଧନ୍ୟବାଦ୍ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଅମିତା ପରିଡ଼ା। ଅକ୍ଷୟ ସାହୁ ଏହି ଗ୍ରନ୍ଥର ୫୬ଟି କବିତାକୁ ମହାପ୍ରଭୁଙ୍କ ୫୬ ଭୋଗର ନୈବେଦ୍ୟ ବୋଲି ଅଭିହିତ କରିଥିଲେ।

## ରିସର୍ଚ୍ଚ ସ୍କଲାର୍‌ଙ୍କ ପାଇଁ ଜାତୀୟ ଆଲୋଚନାଚକ୍ର



**ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍:** ଆସ୍ଥା ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଦୁଇ ଦିନିଆ ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସମ୍ପାଦକ ଡ଼. ବଙ୍କିମ ମହାନ୍ତି ଯୋଗଦେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟକ୍ଷା ପ୍ରଫେସର ଶର୍ମିଳା ସୁବ୍ରମଣିୟମ୍ ସେମିନାର୍‌ର ବିଷୟବସ୍ତୁ ଉପସ୍ଥାପନ କରି ଶିଳ୍ପ ଓ ଶିକ୍ଷାର ସମନ୍ୱୟ ମାଧ୍ୟମରେ ଭବିଷ୍ୟତର କର୍ମଶକ୍ତି ଗଠନର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସରକାରଙ୍କ ପରିକଳ୍ପନା ଓ ସମନ୍ୱୟ ବିଭାଗର ଉପନିର୍ଦ୍ଦେଶକ ଅର୍ଚ୍ଚିତା ଦାସ କର୍ମସଂସ୍ଥାନ କ୍ଷେତ୍ରରେ ନୀତିଗତ ପରିବର୍ତ୍ତନ ଓ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ କୁଳପତି ଡ଼. ସଞ୍ଜୟ କୁମାର ନାୟକ ପ୍ରଯୁକ୍ତି ନିର୍ଭର ଶିକ୍ଷା ଓ ନବସୃଜନକୁ ସମୟର ପ୍ରମୁଖ ଆବଶ୍ୟକତା ବୋଲି କହିଥିଲେ। ବୈଷୟିକ ଅଧିବେଶନରେ ସିଲିକନ ବିଶ୍ୱବିଦ୍ୟାଳୟର ଡ଼. ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ଟିସିଏସ୍ ରିସର୍ଚ୍ଚର ବିଶିଷ୍ଟ ବୈଜ୍ଞାନିକ ଡ଼. ହେମନ୍ତ କୁମାର ରଥ ଡିଜିଟାଲ୍ ପରିବର୍ତ୍ତନ, କୃତ୍ରିମ ବୁଦ୍ଧିମତ୍ତା ଓ ନବସୃଜନର ଭୂମିକା ଉପରେ ଆଲୋଚନା କରିଥିଲେ। ପ୍ରଫେସର କାଳୀପ୍ରସାଦ ଶତପଥୀ ଅଧିବେଶନର ରାପୋର୍ଟିର୍ ଭାବେ କାର୍ଯ୍ୟ ତୁଲାଇଥିଲେ। ଅଧିବେଶନରେ କିଟ୍ ବିଶ୍ୱବିଦ୍ୟାଳୟର ଡ଼. ଜୟଲକ୍ଷ୍ମୀ ସାମଲ ଅଧ୍ୟକ୍ଷତା କରିଥିବା ବେଳେ ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ରଥ ଭବିଷ୍ୟତର କର୍ମକ୍ଷେତ୍ର ପାଇଁ ଦକ୍ଷତା ବିକାଶ, ନେତୃତ୍ୱ ଓ ମାନବ ସମ୍ପଦ ପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଡ଼. ଶ୍ୱେତପଦ୍ମା ଦାଶ ରାପୋର୍ଟିର୍ ଭାବେ କାର୍ଯ୍ୟ ତୁଲାଇଥିଲେ। ଶେଷରେ ଗବେଷକମାନଙ୍କୁ ପୁରସ୍କାର ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଆଲୋଚନାଚକ୍ରକୁ ପ୍ରଫେସର ସୁନୀଲ କୁମାର ମିଶ୍ର ଓ ପ୍ରଫେସର ଅନନ୍ୟା ସ୍ୱାଇଁ ପରିଚାଳନା କରିଥିଲେ।

## ଆଇନଜୀବୀଙ୍କ ୫ ଦଫା ଦାବି ପୂରଣ ପାଇଁ ଦାବି

**କଟକ,୨।୮/ଏନ୍ଏନ୍ଏସ୍:** ରାଜ୍ୟର ଆଇନଜୀବୀମାନଙ୍କ ହିତରେ ଉଦ୍ଦିଷ୍ଟ ପାଞ୍ଚ ଦଫା ଦାବି ତୁରନ୍ତ ପୂରଣ କରିବାକୁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ସୂଚନାନୁସାରେ, ରାଜ୍ୟର ଆଇନଜୀବୀମାନଙ୍କ କଲ୍ୟାଣ ନିମନ୍ତେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଦାବି ଉପସ୍ଥାପନ ପୂର୍ବକ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛି। ବିଶେଷ ଭାବେ ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ରାଜ୍ୟ ସରକାରଙ୍କର ଦିଆଯାଉଥିବା ବାର୍ଷିକ ଅନୁଦାନ ରାଶି ୧୦ କୋଟିରୁ ୫୦ କୋଟିକୁ ବୃଦ୍ଧି ଏବଂ ଉକ୍ତ ପାଣ୍ଠିରୁ ସଦସ୍ୟ ଆଇନଜୀବୀମାନଙ୍କୁ ଅବସରକାଳୀନ ସହାୟତା ରାଶି ୪ ଲକ୍ଷ ୫୦ ହଜାରରୁ ୯ ଲକ୍ଷକୁ ବୃଦ୍ଧି, ଆଇନଜୀବୀମାନଙ୍କୁ ୧୦ ଲକ୍ଷ ରାଶି ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ପ୍ରଦାନ, ଆଇନଜୀବୀମାନଙ୍କ ନିରନ୍ତର ଶିକ୍ଷା ତଥା ଦକ୍ଷତା ବିକାଶ ନିମନ୍ତେ ଆଡଭୋକେଟ ଏକାଡେମୀ ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି ତଥା ଜମି ଅଧିଗ୍ରହଣ, ବାର୍ଷିକ ଅନୁଦାନ ରାଶି ପ୍ରଦାନ, ଆଇନଜୀବୀମାନଙ୍କ ସୁରକ୍ଷା ନିମନ୍ତେ ଆଇନଜୀବୀ ସୁରକ୍ଷା ବିଲ ପ୍ରଣୟନ ବାବଦରେ ରାଜ୍ୟ ଆଇନଜୀବୀ ପରିଷଦ ନିରନ୍ତର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଆସୁଛି। ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ଲ. କମିଶନ ଅଧ୍ୟକ୍ଷ ଓ ଆଡଭୋକେଟ ଜେନେରାଲଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜ୍ୟ ସରକାର ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରିବା ପାଇଁ ତତ୍ପରତା ପ୍ରକାଶ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ଆଇନ ବିଭାଗର ପତ୍ର ପାଇବା ପରେ ରାଜ୍ୟ ଆଇନଜୀବୀ ପରିଷଦର ଅଧିକୃତ ରୁଲ୍ସ କମିଟି ଉକ୍ତ ବିଷୟରେ ଚିଠା ବିଲ ପ୍ରସ୍ତୁତ କରୁଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଶ୍ରୀ ଦ୍ୱିବେଦୀ ଏହି ପରିପ୍ରେକ୍ଷୀରେ ଆଇନଜୀବୀମାନଙ୍କର ଦାବିକୁ ଯଥାଶୀଘ୍ର ପୂରଣ କରିବା ପାଇଁ ଅନୁରୋଧ କରିଛନ୍ତି।

## 'କଳିଙ୍ଗ ଯୁବ ସେନା ଟ୍ରଷ୍ଟ' ପକ୍ଷରୁ ସବୁଜ ଅଭିଯାନ




**ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍:** ଯୁବ ସମାଜସେବୀ ନୂତନ ଦାସଙ୍କ ନେତୃତ୍ୱରେ 'କଳିଙ୍ଗ ଯୁବ ସେନା ଟ୍ରଷ୍ଟ' ପକ୍ଷରୁ ପଟିଆସ୍ଥିତ ରାଜା ମଧୁସୂଦନ ଦେବ ମହାବିଦ୍ୟାଳୟ ପରିସରରେ ଏକ ବିଶାଳ ଚାରାରୋପଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏକ ସବୁଜ ଓ ସୁନ୍ଦର ଭବିଷ୍ୟତ ଗଢ଼ିବା ଲକ୍ଷ୍ୟରେ ଆୟୋଜିତ ଏହି ସବୁଜ ଅଭିଯାନରେ ୧୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିବା ବେଳେ କଲେଜର ଛାତ୍ରଛାତ୍ରୀ ଏବଂ ଶୁଭେଚ୍ଛୁମାନେ ସକ୍ରିୟ ଭାବେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ କଲେଜର ଅଧ୍ୟକ୍ଷ ପ୍ରଶାନ୍ତ ରାଉତ, ସି-ପର୍ଲ ହୋଟେଲର ପରିଚାଳନା ନିର୍ଦ୍ଦେଶିକା ପ୍ରଣତି ଦାସ ଏବଂ ମହାବିଦ୍ୟାଳୟର ଉତ୍ସାହୀ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ଛାତ୍ରଛାତ୍ରୀମାନେ ପୂର୍ଣ୍ଣ ସହଯୋଗ କରିଥିବାରୁ ଅନୁଷ୍ଠାନ ପକ୍ଷରୁ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରାଯାଇଛି।

## କାଉଡ଼ିଆଙ୍କୁ ଦହିବରା ଆଳୁଦମ୍



**କଟକ,୨।୮/ଏନ୍ଏନ୍ଏସ୍:** କଟକ ଦହିବରା ଆଳୁଦମ ବ୍ୟବସାୟୀ ସଂଘ ସହଯୋଗରେ ଆଜି କଟକ ଗଡ଼ଗଡିଆ ଘାଟରେ କାଉଡ଼ିଆ ଭକ୍ତ ଓ ସାଧାରଣ ଲୋକଙ୍କ ପାଇଁ ବିନା ପିଆଜ ଓ ରସୁଣରେ ପ୍ରସ୍ତୁତ ସାତ୍ତ୍ୱିକ ଦହିବରା ଆଳୁଦମ ବଣ୍ଟନ କରାଯାଇଛି। ସଂଘର ସଭାପତି ପ୍ରଦୀପ୍ତ କୁମାର ସାହୁ (ବାବୁଲା ଦହିବରା)ଙ୍କ ନେତୃତ୍ୱରେ ପ୍ରାୟ ଏକ ହଜାର ପୁଡ଼ିଆର ଦହିବରା ଆଳୁଦମ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇ ଶ୍ରଦ୍ଧାଳୁ ଓ ସାଧାରଣ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି ସେବା କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ, ଉପସଭାପତି, କୋଷାଧ୍ୟକ୍ଷ ଓ ଉପଦେଷ୍ଟାଙ୍କ ସମେତ ଅନ୍ୟାନ୍ୟ ବ୍ୟବସାୟୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଓଇଏସ୍ ପକ୍ଷରୁ ଆଲୋଚନାଚକ୍ର

## 'ଖଣି ଖାଦାନର ପରିବେଶୀୟ ପୁନରୁଦ୍ଧାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ'



**ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍:** ବର୍ତ୍ତମାନ ଯୁଗରେ ବୈଶ୍ୱିକ ବିକାଶ ନିମନ୍ତେ ଖଣିଖାଦାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; ଏଗୁଡ଼ିକ ଦୈନନ୍ଦିନ ଜୀବନ ପାଇଁ ଆବଶ୍ୟକ କଞ୍ଚାମାଲ ଯୋଗାଇବା ସହ ଅର୍ଥନୀତିକୁ ଗତିଶୀଳ କରନ୍ତି ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ ଶକ୍ତି ଯୋଗାନ୍ତି। ତଥାପି ଖଣିଜ ପଦାର୍ଥ ଉତ୍ତୋଳନ ପରେ ଖଣି ଅଞ୍ଚଳର ପରିବେଶଗତ ପୁନରୁଦ୍ଧାର ଅତ୍ୟନ୍ତ ଆବଶ୍ୟକ, କାରଣ ଏହା ଖଣି କାର୍ଯ୍ୟକଳାପ ଦ୍ୱାରା ପ୍ରଦୂଷିତ, ପ୍ରଭାବିତ କିମ୍ବା କ୍ଷତିଗ୍ରସ୍ତ ହୋଇଥିବା ଭୂମି ଓ ପରିବେଶ ତନ୍ତ୍ରରେ ସୁଧାର ଆଣିଥାଏ। ଖଣି ଖନନ ଯୋଗୁଁ ପ୍ରାୟତଃ ଜଙ୍ଗଲ କ୍ଷୟ, ଭୂମି ଅବକ୍ଷୟ, ଜୈବବିବିଧତାର ହ୍ରାସ, ବାୟୁ ଜଳ ଓ ମୃତ୍ତିକା ପ୍ରଦୂଷଣ ଏବଂ ପ୍ରାକୃତିକ ଭୂ-ଦୃଶ୍ୟରେ ପରିବର୍ତ୍ତନ ଭଳି ସମସ୍ୟା ଦେଖାଦେଇଥାଏ। ଏହି ଅଞ୍ଚଳଗୁଡ଼ିକୁ ଏକ ସ୍ଥିର, ଉତ୍ପାଦନକ୍ଷମ ଏବଂ ପରିବେଶ ଅନୁକୂଳ ଅବସ୍ଥାକୁ ଫେରାଇ ଆଣିବା ହେଉଛି ପୁନରୁଦ୍ଧାର ପ୍ରକ୍ରିୟାର ମୁଖ୍ୟ ଲକ୍ଷ୍ୟ। 'ଓଡ଼ିଶା ପରିବେଶ ସମିତି' (ଓଇଏସ୍) ଆନୁକୂଲ୍ୟରେ ଏହାର ସମ୍ମିଳନୀ କକ୍ଷରେ ଆୟୋଜିତ 'ଖଣିଗୁଡ଼ିକର ପରିବେଶୀୟ ପୁନରୁଦ୍ଧାର' ଶୀର୍ଷକ ଏକ ଆଲୋଚନାଚକ୍ରରେ ପରିବେଶ ବିଶେଷଜ୍ଞମାନେ ଏଭଳି ମତ ପ୍ରକାଶ କରିଛନ୍ତି।
ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଭୁବନେଶ୍ୱରର ପରିବେଶ ଏବଂ ନିରନ୍ତରତା ବିଭାଗର ମୁଖ୍ୟ ବୈଜ୍ଞାନିକ ଡ. ନବିନ କୁମାର ଧଳ ଯୋଗଦାନ କରିଥିଲେ। ଡ. ଧଳ ଓଡ଼ିଶାରେ ଉତ୍ତୋଳିତ ଖଣିଗୁଡ଼ିକୁ ଦୃଷ୍ଟାନ୍ତ ଭାବରେ ଗ୍ରହଣ କରି, ଭୂମିର ଢାଲ ସ୍ଥିରତା ଏବଂ ଉପଯୁକ୍ତ ଜଳ ନିଷ୍କାସନ ସୁନିଶ୍ଚିତ କରିବା ନିମନ୍ତେ ଜମିର ପୁନଃସ୍ଥାପନ ସହିତ ଆରମ୍ଭ ହେଉଥିବା ପୁନରୁଦ୍ଧାର ପ୍ରକ୍ରିୟା ବିଷୟରେ ବ୍ୟାଖ୍ୟା କରିଥିଲେ। ପୋଷକ ପଦାର୍ଥ ଏବଂ ଅଣୁଜୀବରେ ଭରପୂର ଉପର ମାଟିକୁ ମୃତ୍ତିକାର ଉର୍ବରତା ଉନ୍ନତ କରିବା ନିମନ୍ତେ ଏହି ପ୍ରକ୍ରିୟାରେ ବଦଳା ଯାଇଥାଏ। ସେ ଆହୁରି ମଧ୍ୟ କହିଥିଲେ ଯେ ସ୍ଥାନୀୟ ଜଳବାୟୁ ପରିସ୍ଥିତି ସହିତ ଅନୁକୂଳିତ ତଥା ପ୍ରଦୂଷଣ ରୋକିବାରେ ସମର୍ଥ ଦେଶୀୟ ଉଦ୍ଭିଦ ଜାତିସବୁର ରୋପଣକୁ ଏବଂ ବନ୍ୟପ୍ରାଣୀଙ୍କ ପୁନଃ ଥଇଥାନକୁ ଉତ୍ସାହିତ କରାଯାଏ। ଡ. ପାଣିଗ୍ରାହୀ ଗୁରୁତ୍ୱାରୋପ କରିଥିଲେ ଯେ ଖଣି କମ୍ପାନୀମାନେ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଠିକ୍ ରୂପେ ଖଣି ବନ୍ଦ ଏବଂ ପୁନରୁଦ୍ଧାର ଯୋଜନା ପ୍ରସ୍ତୁତ କରିବା ଏକାନ୍ତ ଅପରିହାର୍ଯ୍ୟ। ଏହା ସହିତ, ଆଧୁନିକ ପୁନରୁଦ୍ଧାର ପ୍ରକଳ୍ପଗୁଡ଼ିକ ଜଙ୍ଗଲ, ଆର୍ଦ୍ରଭୂମି, କୃଷି ଜମି କିମ୍ବା ମନୋରଞ୍ଜନ ପାର୍କ ମଧ୍ୟ ସୃଷ୍ଟି କରିପାରେ, ଯାହା ପରିବେଶଗତ, ସାମାଜିକ ଏବଂ ଆର୍ଥିକ ଲାଭ ପ୍ରଦାନ କରିଥାଏ। ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ମତ ପ୍ରଦାନ କରିଥିଲେ ଯେ ସଫଳ ପରିବେଶଗତ ପୁନରୁଦ୍ଧାରରେ ସମ୍ପ୍ରଦାୟର ଅଂଶଗ୍ରହଣ ଏବଂ ସରକାରୀ ନିୟମାବଳୀର ପାଳନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ପ୍ରାରମ୍ଭିକ ଭାଷଣ ପ୍ରଦାନ ଏବଂ ବିଷୟବସ୍ତୁର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସଂଯୋଜକ ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ଯୁଗ୍ମ ସମ୍ପାଦକ ଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନା ଅଧିବେଶନରେ ପ୍ରଫେସର କେ. ସି. ସାହୁ, ଡ. ପ୍ରକାଶ ମହାପାତ୍ର, ପ୍ରଫେସର୍ ଅମରେନ୍ଦ୍ର ମିଶ୍ର, ଇଂ ବିମଳ ଦାଶ, ଡ. ସୁଧାକର କର ଏବଂ ଇଂ ସୁବାସ ଶତପଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ଓ କାର୍ଯ୍ୟକ୍ରମରେ ବହୁ ଓଇଏସ୍ ସଦସ୍ୟ ଏବଂ ପରିବେଶପ୍ରେମୀ ଯୋଗଦାନ କରିଥିଲେ।

## ବିଦ୍ୟାଳୟ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା





**ଭୁବନେଶ୍ୱର,୨।୮/ଏନ୍ଏନ୍ଏସ୍:** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜୟଦେବ ବିହାରର ୩୦ତମ ବିଦ୍ୟାଳୟ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ବିଦ୍ୟାଳୟ ରିଚାଳନା ସମିତିର ଉପସଭାପତି ଶାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଇଏମ୍ଏମ୍‌ଟିର ବରିଷ୍ଠ ବୈଜ୍ଞାନିକ ଡଃ ପ୍ରଭାସ ଚନ୍ଦ୍ର ବେଉରିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନାଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ଓଝା ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଡଃ ବେହୁରିଆ ବିଜ୍ଞାନର ଉପଯୋଗିତା, ଆବଶ୍ୟକତା ଓ ଉପାଦେୟତା ଆଧାରରେ ଶିଶୁମାନଙ୍କୁ ବୈଜ୍ଞାନିକମାନଙ୍କର ଆଦର୍ଶକୁ ଅନୁସରଣ କରି ଭବିଷ୍ୟତରେ ଜଣେ ଜଣେ ସୁନାମଧନ୍ୟ ବୈଜ୍ଞାନିକ ହୋଇ ଦେଶସେବା କରିବା ପାଇଁ ଆହ୍ୱାନ ଦେଇଥିଲେ। ମୋଟ ବିଜ୍ଞାନ ବିଭାଗରେ ୧୬୪ଟି ପ୍ରକଳ୍ପ ମଧ୍ୟରୁ କିଶୋର ବର୍ଗ ୩୪ଟି , ବାଲ ବର୍ଗ ୪୯ଟି, ଶିଶୁବର୍ଗ ୩୧ଟି, ଓ କନିଷ୍ଠ ବର୍ଗର ୫୦ଟି ପ୍ରକଳ୍ପ ମେଳାରେ ସ୍ଥାନ ପାଇଥିଲା। ବିଜ୍ଞାନ ପ୍ରମୁଖ ଗୌରଚରଣ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଚାରକମଣ୍ଡଳୀଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟିର ସମ୍ପାଦକ ବାଣୀବ୍ରତ ତ୍ରିପାଠୀ, ପରିଚାଳନା କମିଟିର ସଦସ୍ୟ, ସମସ୍ତ ସେବାବ୍ରତୀ ଓ ଅଭିଭାବକ,ସ୍କାଉଟ ଗାଇଡ, ମାତୃ ଭାରତୀ, ବାଲ ଭାରତୀ, କନ୍ୟା ଭାରତୀ ଭାଇଭଉଣୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସାଫଲ୍ୟ ମଣ୍ଡିତ ହୋଇଥିଲା। ଶେଷରେ ସ୍ମୃତିରଞ୍ଜନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରଶ୍ମିବାଳା ସ୍ୱାଇଁ ପରିଚାଳନା କରିଥିଲେ।

## ଆଜିର ଇତିହାସ

- ୧୭୪୯-ଚନ୍ଦା ସାହିବ କର୍ଣ୍ଣାଟକର ତତ୍କାଳୀନ ନବାବଙ୍କୁ ଅମ୍ବର ଯୁଦ୍ଧରେ ପରାସ୍ତ କରିଥିଲେ।
- ୧୭୮୦-ମେହର ପୋଫମ୍ ଅନ୍ତର୍ଗତ କ୍ୟାପଟେନ୍ ବ୍ରୁସ୍ ଗ୍ୱାଲିଅର ଉପରେ କବ୍‌ଜା କରିଥିଲେ।
- ୧୮୮୬- କବି ମୈଥଲୀଶରଣ ଗୁପ୍ତଙ୍କ ଜନ୍ମଦିନ।
- ୧୮୯୦-ସଙ୍ଗୀତକାର ତଥା ଶିଶୁ ଅଭିନେତା ଜୟଦେବଙ୍କ ଜନ୍ମଦିନ।
- ୧୯୪୮-ଇଣ୍ଡିଆନ୍ ଆଟୋମିକ୍ ଏନର୍ଜି କମିଶନ୍‌ର ସ୍ଥାପନା ହୋଇଥିଲା।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ପ୍ରମୋଶନ ଯୋଗ ରହିଛି। ସୁଖର ସାଧନ ମିଳିଯିବ। ଜମି ଓ ବାହନ କିଣିବାର ଯୋଜନା କରିବେ। ବଡ଼ ସୌଦା ବଡ଼ ଲାଭ ଦେବ। ଉନ୍ନତିର ମାର୍ଗ ପ୍ରଶସ୍ତ ହେବ। ସ୍ୱାସ୍ଥ୍ୟ ଚିନ୍ତା ଲାଗି ରହିବ। କାର୍ଯ୍ୟରେ ବାଧା ସମ୍ଭବ।

**ବୃଷ** - ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ବାହନ, ମେସିନାରୀ ଓ ଅଗ୍ନି ଆଦିର ପ୍ରୟୋଗରେ ସାବଧାନ ରୁହନ୍ତୁ। ବିବାଦରୁ କ୍ଲେଶ ହେବ। ନେଣଦେଣ ମାମଲା ଭାବିଚିନ୍ତି କରନ୍ତୁ। ବ୍ୟବସାୟ ଠିକ୍ ଚାଲିବ।

**ମିଥୁନ** - ନୂଆ ଯୋଜନା ଆଜି ପ୍ରସ୍ତୁତ କରିବେ। କାର୍ଯ୍ୟପ୍ରଣାଳୀରେ ସୁଧାର ହେବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ହେବ। ସୁଖର ସାଧନ ସମ୍ଭବ। ନିବେଶ ଶୁଭ ରହିବ। ବ୍ୟବସାୟ ଲାଭଦାୟକ ହେବ। ଧନହାନି ହୋଇପାରେ।

**କର୍କଟ** - କୌଣସି ଏକ ବଡ଼ ଖର୍ଚ୍ଚ ସାମ୍‌ନାକୁ ଆସିପାରେ। କରଜ ନେବାକୁ ପଡ଼ିପାରେ। କୁସଙ୍ଗତିରୁ ନିଜକୁ ରକ୍ଷା କରନ୍ତୁ। ବିବାଦକୁ ବୃଦ୍ଧି କରାନ୍ତୁ ନାହିଁ। ଚିନ୍ତା ତଥା ଚାପ ରହିବ। ବ୍ୟାପାର ଠିକ୍ ଚାଲିବ। କାର୍ଯ୍ୟକୁଶଳତା କମ୍ ରହିବ।

**ସିଂହ** - ଶୁଭ ସମାଚାର ପାଇବେ। ଆତ୍ମବିଶ୍ୱାସ ବୃଦ୍ଧି ହେବ। ନୂଆ କାମ କରିବାରେ ମନ ଦେବେ। ଦୂର ଯାତ୍ରା ଯୋଗ ରହିଛି। ବ୍ୟାପାରରୁ ଲାଭ ମିଳିବ। ଚାକିରି କ୍ଷେତ୍ରରେ ଶାନ୍ତି ରହିବ। ଶତ୍ରୁ ଭୟ ରହିବ।

**କନ୍ୟା** - କାର୍ଯ୍ୟଭାର ରହିବ। ନେଣଦେଣରେ ଶୀଘ୍ରତା ନକଲେ ଭଲ। ଆୟ ନିଶ୍ଚିତତା ରହିବ। ଏକଦମ୍ ସ୍ୱାସ୍ଥ୍ୟ ଖରାପ ହୋଇଯାଇପାରେ। ଦୁଃଖଦ ସମାଚାର ପାଇବେ। କାମରେ ମନ ଲାଗିବ ନାହିଁ।

**ତୁଳା** - ବାହାରର ଯାତ୍ରା ମନୋରଞ୍ଜନଧର୍ମୀ ହେବ। ସ୍ୱାଦିଷ୍ଟ ଭୋଜନ ମିଳିବ। ବିଦ୍ୟାର୍ଥୀ ବର୍ଗ ସଫଳତା ପାଇବେ। ସମସ୍ୟା କମ୍ ରହିବ। ଶାରୀରିକ କଷ୍ଟ ସମ୍ଭବ। ଅଜ୍ଞାତ ଭୟ ରହିବ। ବ୍ୟାପାରରେ ଲାଭର ଅବସର ପାଇବେ।

**ବିଛା** - ବ୍ୟବସାୟିକ ଯାତ୍ରା ସଫଳ ହେବ। ପ୍ରେମ-ପ୍ରସଙ୍ଗରେ ଅନୁକୂଳତା ରହିବ। ଅପମାନ ହେବା ପରି କୌଣସି କାମ ନକଲେ ଭଲ। କାନୁନୀ ସମସ୍ୟାରେ ସ୍ଥିତି ଅନୁକୂଳ ରହିବ। ମିତ୍ରର ସହଯୋଗ ପାଇବେ।

**ଧନୁ** - ଧନଲାଭର ଅବସର ପାଇବେ। ବୈବାହିକ ପ୍ରସ୍ତାବ ମିଳିପାରେ। ଶାରୀରିକ କଷ୍ଟ ପାଇପାରନ୍ତି। ଅଜ୍ଞାତ ଭୟ ସମସ୍ୟାରେ ପକେଇବ। ତନ୍ତ୍ର-ମନ୍ତ୍ରରେ ରୁଚି ବଢ଼ିବ। ମାର୍ଗଦର୍ଶନ ହୋଇପାରେ।

**ମକର** - ଆଜି ବ୍ୟବସାୟିକ ଯାତ୍ରା ସଫଳ ହେବ। ଲାଭର ଅବସର ପାଇବେ। କୌଣସି ବଡ଼ କାମ କରିବାକୁ ମନ ବଳେଇବେ। ବ୍ୟାପାର ମନ ଅନୁକୂଳ ରହିବ। ନିବେଶ ଶୁଭ ରହିବ। ଘରର ଛୋଟ ସଦସ୍ୟଙ୍କ ଚିନ୍ତା ବଢ଼ିବ।

**କୁମ୍ଭ** - ଆଜି ଅପ୍ରତ୍ୟାଶିତ ଲାଭ ହୋଇପାରେ। ରୋଜଗାର ପ୍ରାପ୍ତିର ପ୍ରୟାସ ସଫଳ ହେବ। ବଡ଼ କମ୍ପାନୀ ସହିତ କାରବାରରେ ଲାଭ ପାଇବେ। ପ୍ରେମ ସମ୍ବନ୍ଧ ପାଇଁ ଦିନଟି ସାମାନ୍ୟ। ବଡ଼ ସମସ୍ୟାର ଅନ୍ତ ହେବ।

**ମୀନ** - ଆଜିର ପ୍ରୟାସ ସଫଳ ହେବ। ସାମାଜିକ ପଦ-ପ୍ରତିଷ୍ଠା ବୃଦ୍ଧି ହେବ। କାମର ପ୍ରଶଂସା ମିଳିବ। ବ୍ୟବସାୟ ମନ ଅନୁକୂଳ ହେବ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେବ। କାରବାରର ବିସ୍ତାର ହୋଇପାରେ।

---

ଶ୍ରୀମଦ୍ ଭଗବଦ୍‌ଗୀତା




**ଚେତସା ସର୍ବକର୍ମାଣି ମୟି ସଂନ୍ୟସ୍ୟ ମତ୍‌ପରଃ।**
**ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ। (୧୮/୫୭)**

ମନେ ମନେ ସମସ୍ତ କର୍ମ ମୋ ଠାରେ ସମର୍ପଣ କରି ସମତା ବୁଦ୍ଧି ରୂପ ଯୋଗ ଅବଲମ୍ବନପୂର୍ବକ ସବୁବେଳେ ମୋ ଠାରେ ଚିତ୍ତ ସଂନିବିଷ୍ଟ କର।

ଶ୍ରୀ ରାମକୃଷ୍ଣ କହନ୍ତି - ସବୁବେଳେ କର୍ମରେ ବୁଡ଼ି ରହିବା ଜୀବନର ଲକ୍ଷ୍ୟ ନୁହେଁ। ଏହା କେବଳ ଈଶ୍ୱରାଭିମୁଖୀ ହେବାର ମାର୍ଗ ବା ଉପାୟ। ବିନା ଆସକ୍ତିରେ କର୍ମ ସମ୍ପାଦନ କଲେ ସାଧକ ଈଶ୍ୱରୋନ୍ମୁଖ ହୁଏ। ମାର୍ଗ ବା ଉପାୟକୁ କେବେ ବି ଭୁଲ୍‌ରେ ଈଶ୍ୱରଙ୍କୁ ପାଇବାର ଲକ୍ଷ୍ୟ ଭାବେ ଭାବ ନାହିଁ। ସହରକୁ ଯେଉଁ ରାସ୍ତା ଯାଇଛି ତାହା ସହର ନୁହେଁ।

---



# ଶାନ୍ତ ହେଉଛି ସୂର୍ଯ୍ୟଙ୍କ ଉଗ୍ରରୂପ

ଦୁଇ ଦଶକ ପୂର୍ବରୁ ସୂର୍ଯ୍ୟଙ୍କର ଲଗାତର ହ୍ରାସ ପାଉଥିବା ଗତିବିଧିଗୁଡ଼ିକ ବୈଜ୍ଞାନିକମାନଙ୍କୁ ଚିନ୍ତାରେ ପକାଇ ଦେଇଥିଲା। ଦଶକ ଦଶକ ଧରି ଚାଲୁଥିବା ଏହି ସମୟ ଶାନ୍ତ ସମୟ ମଧ୍ୟରେ ଆସିବ ବୋଲି ସେମାନେ ଚିନ୍ତା କରିବା ପାଇଁ ବାଧ୍ୟ ହୋଇଥିଲେ। ୨୦୦୮ରୁ ସୂର୍ଯ୍ୟଙ୍କ ଗତିବିଧିଗୁଡ଼ିକ ନିମ୍ନ ସ୍ତରକୁ ପହଞ୍ଚି ଯାଇଛି। ସୂର୍ଯ୍ୟଙ୍କ ଉପରେ ଥିବା ଚିହ୍ନଗୁଡ଼ିକର ସଂଖ୍ୟା ବହୁତ କମ୍ ହୋଇଯାଇଛି ଓ ସେଥିରୁ ବାହାରୁଥିବା ସୌର ପବନ ମଧ୍ୟ ଅସାଧାରଣ ଭାବରେ ଦୁର୍ବଳ ହୋଇଯାଇଛି। କିନ୍ତୁ ଏହାପରେ ସୂର୍ଯ୍ୟ ବୈଜ୍ଞାନିକମାନଙ୍କ ଆଶଙ୍କାଗୁଡ଼ିକୁ ପଲଟେଇ ଦେଇଛନ୍ତି। ବିଗତ ୧୭ ବର୍ଷର ଆକଳନ ଅନୁସାରେ ସୌର ପବନ ଏବେ ଘନ-ଗରମ ଓ ଶକ୍ତିଶାଳୀ ଅଛି। ଏହା ସହିତ ଅନ୍ତର୍ଗ୍ରହୀୟ ଚୁମ୍ବକୀୟ କ୍ଷେତ୍ର ବି ମଜଭୁତ ହୋଇଛି। ସୂର୍ଯ୍ୟଙ୍କ ଏହି ସକ୍ରିୟତାର ସିଧା ପ୍ରଭାବ ପାଣିପାଗ ଉପରେ ପଡ଼ିପାରେ। ଏହା ଦ୍ୱାରା ଉପଗ୍ରହ, ଜିପିଏସ୍ ନାଭିଗେସନ୍, ରେଡିଓ ସଂଚାର ଓ ବିଜୁଳି ଗ୍ରୀଡ୍‌ରେ ମଧ୍ୟ ରିସ୍କ ବୃଦ୍ଧି ପାଇବ। ଏହାର ଗତି ୬ ପ୍ରତିଶତ, ଚାପ ୩୪ ପ୍ରତିଶତ, ଉର୍ଜା ୪୦ ପ୍ରତିଶତ ବୃଦ୍ଧି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ସୌର ପବନର ଗତିରୁ ଅଧିକ ତା'ର ଶକ୍ତି ଓ ସଂରଚନାରୁ ମିଳିଥିଲା। ୨୦୦୮-୨୫ ମଧ୍ୟରେ ସୌର ପବନର ଗତି ପାଖାପାଖି ୬ ପ୍ରତିଶତ ବୃଦ୍ଧି ପାଇଛି। ଏହା ସହିତ ପ୍ରୋଟୋନର ଘନତ୍ୱ ୨୬ ପ୍ରତିଶତ ଓ ତାପମାନ ୨୯ ପ୍ରତିଶତ ବୃଦ୍ଧି ପାଇଛି। ମାସ୍ ଫ୍ଲକ୍ସରେ ୨୭ ପ୍ରତିଶତ, ଡାଇନାମିକ୍ ଚାପରେ ୩୪ ପ୍ରତିଶତ ଓ ଏନର୍ଜି ଫ୍ଲକ୍ସରେ ୪୦ ପ୍ରତିଶତ ବୃଦ୍ଧି ରେକର୍ଡ ହୋଇଛି। ସବୁଠାରୁ ଅଧିକ ୪୫ ପ୍ରତିଶତ ବୃଦ୍ଧି ଥର୍ମାଲ୍ ପ୍ରେସର୍‌ରେ ହୋଇଥିଲା। ଅନ୍ତର୍ଗ୍ରହୀୟ ଚୁମ୍ବକୀୟ କ୍ଷେତ୍ରର ଶକ୍ତି ୩୧ ପ୍ରତିଶତ ଓ ଏହାର ରେଡିୟଲ୍ ଘଟକରେ ପାଖାପାଖି ୩୩ ପ୍ରତିଶତ ବୃଦ୍ଧି ପାଇଛି। ଅର୍ଥାତ ୨୦୦୮ ତୁଳନାରେ ସୌର ପବନ ଅଧିକ ଘନ, ଗରମ ହୋଇଯାଇଛି।

---



# ଏକ ଆଧ୍ୟାତ୍ମିକ ମନ୍ତ୍ରଃ ବୋଲ୍ ବମ୍

ଭଗବାନ ଶିବଙ୍କର ଏକ ପବିତ୍ର ଜୟକାର ଓ ଆଧ୍ୟାତ୍ମିକ ମନ୍ତ୍ର- ବୋଲ୍ ବମ୍। ଏହି ମନ୍ତ୍ରର ଉପଯୋଗ କରାଯାଏ ଶ୍ରାବଣ ମାସରେ କାଉଡ଼ିଆ ଯାତ୍ରା ସମୟରେ। 'ବୋଲ୍'ର ଅର୍ଥ ଡ଼ାକିବା ଓ 'ବମ୍' ଭଗବାନ ଶିବଙ୍କ ସ୍ୱରୂପର ବୀଜ ମନ୍ତ୍ରର ପ୍ରତୀକ। ଏଥିରେ ତିନି ଶକ୍ତିଙ୍କର ସଂକ୍ଷିପ୍ତ ସ୍ୱରୂପ ଥାଏ। 'ବୋଲ୍ ବମ୍' ମନ୍ତ୍ରକୁ ନିରନ୍ତର ଜପ କଲେ ମନକୁ ଶକ୍ତି ମିଳେ ଓ କଠିନ ଯାତ୍ରା ସହଜ ହୋଇଯାଏ।

ଭଗବାନ ଶିବ ସତ୍ୟ, ଶିବ ଓ ସୁନ୍ଦର ଯାହାଙ୍କର ପ୍ରିୟ ମାସ ହେଉଛି ଶ୍ରାବଣ। ଶ୍ରାବଣ ମାସରେ ଏହି ମହାଯୋଗୀଙ୍କୁ ପୂଜା କଲେ କୋଟି କୋଟି ଜନ୍ମର ପାପ ନାଶ ହୁଏ। ତେବେ ଆରମ୍ଭ ହୋଇଗଲାଣି ଭଗବାନ ଶିବଙ୍କର ପ୍ରିୟ ମାସ ଶ୍ରାବଣ। ଏହି ମାସରେ ଭଗବାନ ଶିବଙ୍କ ଲିଙ୍ଗରେ ପାଣି ଢ଼ାଳିଲେ ଅଶେଷ ପୁଣ୍ୟ ମିଳେ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଏହା ସହିତ ପୂରଣ ହୁଏ ମନୋସ୍କାମନା। ତେଣୁ ଶ୍ରାବଣ ମାସର ସୋମବାର ଦିନ ଶିବଲିଙ୍ଗଙ୍କୁ ଜଳାଭିଷେକ କରେଇବା ପାଇଁ କାଉଡ଼ିଆମାନେ ଗେରୁଆ ବସ୍ତ୍ର ପରିଧାନ କରି ଆରମ୍ଭ କରନ୍ତି ବୋଲବମ୍ ଯାତ୍ରା। ଫୁଲ, ଧୂପ, ନୈବେଦ୍ୟ ଆଦିରେ ଭଗବାନ ଶିବ ଯେତିକି ପ୍ରସନ୍ନ ହୁଅନ୍ତି ନାହିଁ ତାହାଠାରୁ ଅଧିକ ପ୍ରସନ୍ନ ହୁଅନ୍ତି ଜଳାଭିଷେକରେ। ଏଥିରେ ଭକ୍ତମାନଙ୍କ ଉପରେ କୃପା କରନ୍ତି ପ୍ରଭୁ ଶିବ ଓ ମାତା ପାର୍ବତୀ। ସେଥିପାଇଁ ଶ୍ରାବଣ ମାସର ପ୍ରତି ସୋମବାରରେ କାଉଡ଼ିଆମାନେ ସ୍ନାନ ସାରି ପବିତ୍ର ନଦୀରୁ ପାଣିଭାର କାନ୍ଧେଇ ବିଭିନ୍ନ ଶୈବପୀଠକୁ ଜଳାଭିଷେକ ପାଇଁ ଯାଇଥାନ୍ତି। ଏ ସମୟରେ ନିଷ୍ଠାର ସହ, ବ୍ରହ୍ମଚର୍ଯ୍ୟର ନିୟମ ପାଳନ କରିବା ସହିତ ଆମିଷ ଖାଦ୍ୟକୁ ପରିହାର କରିବାକୁ ପଡ଼େ। ଖାଲି ପାଦରେ ଏକ ଲୟରେ ପାଣିଭାର ଧରି ମାଇଲ୍ ମାଇଲ୍ ବାଟ ଯାତ୍ରା କରିବାକୁ ପଡେ ଶ୍ରଦ୍ଧାଳୁମାନଙ୍କୁ। ବାବା ମହେଶ୍ୱରଙ୍କ ନାମ-ହର ହର ମହାଦେବ, ବୋଲ୍ ବମ୍, ଭୋଲେ ବାବା ପାର୍ କରେଗା ଆଦି ନାରା ଦେଇ ସେମାନେ ଆଗକୁ ବଢ଼ନ୍ତି। ପ୍ରଥମେ ଉତ୍ତର ଭାରତରୁ ଏହି ପରମ୍ପରା ଆରମ୍ଭ ହୋଇଥିବା କଥା କୁହାଯାଏ।

ପୌରାଣିକ କଥା- ପୌରାଣିକ ମାନ୍ୟତା ଅନୁସାରେ ପ୍ରଥମେ ଭଗବାନ ପର୍ଶୁରାମ ଏହି କାଉଡ଼ିଆ ଯାତ୍ରାର ପରମ୍ପରା ଆରମ୍ଭ କରିଥିଲେ। ଉତ୍ତରପ୍ରଦେଶର ବାଗପତ୍ ଜିଲ୍ଲାରେ ସ୍ଥିତ ମହାଦେବଙ୍କ ମନ୍ଦିରରେ ଜଳ ଅର୍ପଣ କରିବା ପାଇଁ ସେ ଗର୍ଭମୁକ୍ତେଶ୍ୱରରୁ ଗଙ୍ଗା ଜଳ ଆଣିଥିଲେ। ମାତା ପାର୍ବତୀ ମଧ୍ୟ ଭଗବାନ ଶିବଙ୍କୁ ପାଇବା ପାଇଁ ଏହି ଶ୍ରାବଣ ମାସରେ କଠୋର ତପସ୍ୟା କରିଥିଲେ। ଏହି ମାସରେ ଭଗବାନ ଶିବ ଓ ମାତା ପାର୍ବତୀ ଭୂଲୋକରେ ଭ୍ରମଣ କରନ୍ତି ବୋଲି କୁହାଯାଏ।

---

# ଗୋଲାମଙ୍କର ଦ୍ୱୀପ



ଏକବିଂଶ ଶତାବ୍ଦୀ ଚାଲିଥିଲେ ମଧ୍ୟ ଅନେକ ଦେଶରେ ଗୋଲାମର ପରମ୍ପରା ଶେଷ ହୋଇନାହିଁ। କିଛି ଦେଶରେ ଗୋଲାମୀ ପରମ୍ପରା ଶେଷ ହେବାର ଶହେ ବର୍ଷରୁ ଅଧିକ ହୋଇଗଲାଣି। କିନ୍ତୁ ଇଣ୍ଡୋନେସିଆରେ ରହିଛି ଏପରି ଏକ ଦ୍ୱୀପ ଯେଉଁଠାରେ ଆଜି ବି କିଛି ଲୋକ ଜନ୍ମ ହେବା ମାତ୍ରେ ଅନ୍ୟ ଜଣଙ୍କର ସମ୍ପତ୍ତି ହୋଇଯାଉଛନ୍ତି। ପିଲାଦିନରୁ ସେମାନେ ମାଲିକମାନଙ୍କର ସେବାରେ ଲାଗିଯାଆନ୍ତି। ବିନା ମଜୁରିରେ ଖେତରେ କାମ କରିବା, ସେମାନଙ୍କ ଘରର ସବୁ କାମ କରିବା ଓ ମାଲିକର ପ୍ରତି ଆଦେଶକୁ ପାଳନ କରିବା ସେମାନଙ୍କ ଜୀବନର ଅଂଶବିଶେଷ ହୋଇଗଲାଣି। କେବଳ ଏତିକି ନୁହେଁ ଅନେକ ଲୋକ ଆରୋପ ଲଗାନ୍ତି ଯେ ଗୋଲାମ ଥିବା ମହିଳାମାନଙ୍କ ସହିତ ମାରପିଟ୍ ଓ ଯୌନ ଶୋଷଣର ଘଟଣା ବି ହୁଏ। ଏହି କାହାଣୀ ହେଉଛି ଇଣ୍ଡୋନେସିଆର ସୁମ୍ବା ଦ୍ୱୀପର। ବାହାରୁ ଦେଖିରେ ସୁନ୍ଦର ଝରଣା, ପାହାଡ଼ ଓ ସମୁଦ୍ର ମଧ୍ୟରେ ସ୍ଥିତ ଏକ ଶାନ୍ତ ପର୍ଯ୍ୟଟନ ସ୍ଥଳ ନଜର ଆସେ। କିନ୍ତୁ ଏହା ଭିତରେ ଶହ ଶହ ବର୍ଷର ପୁରୁଣା ଏପରି ଏକ ପରମ୍ପରା ଆଜି ବି ଜୀବିତ ହୋଇ ରହିଛି ଯାହାକୁ ଗୋଲାମଗିରି ବୋଲି କୁହାଯାଏ। ତେବେ ୧୬୦ ବର୍ଷ ପୂର୍ବରୁ ଇଣ୍ଡୋନେସିଆରେ ଏହା ଉପରେ ପ୍ରତିବନ୍ଧ ଲଗାଇ ଦିଆଯାଇଥିଲା। ୧୯୪୫ର ସମ୍ବିଧାନରେ ଏହା ସ୍ପଷ୍ଟ ଲେଖାଯାଇଛି ଯେ କୌଣସି ପ୍ରକାରର ଗୁଲାମଙ୍କୁ ରଖିବା ଆଇନ ବହିର୍ଭୂତ କାମ। ଏହା ବ୍ୟତୀତ ସୁମ୍ବା ଦ୍ୱୀପର କିଛି କ୍ଷେତ୍ରରେ ଶହ ଶହ ପୁରୁଣା ଜାତି ବ୍ୟବସ୍ଥା ରହିଛି। ସେଠିକାର ସମାଜ ମୁଖ୍ୟତଃ ତିନୋଟି ବର୍ଗରେ ବଣ୍ଟାଯାଇଛି- ମରାମ୍ବା ଅର୍ଥାତ କୁଳୀନ ଓ ବଡ଼ ବଡ଼ ଜମିଦାର। ଦ୍ୱିତୀୟ କବୀହୁ ଯେଉଁ ବର୍ଗରେ ସାମାନ୍ୟ ଲୋକମାନେ ଆସନ୍ତି ଓ ତୃତୀୟରେ ଆସନ୍ତି ଗୋଲାମମାନେ। ସାମାଜିକ ଢ଼ାଞ୍ଚା ପିଢ଼ି ପରେ ପିଢ଼ି ଗୁଲାମୀ ପରମ୍ପରାକୁ ଜୀବିତ କରି ରଖିଛି।



---

## ବସ୍ତ୍ର ମାଧ୍ୟମରେ
# ପିତୃଭକ୍ତି

ପ୍ରାଚୀନ କାଳରେ ଶିକ୍ଷା ଦିଆଯାଉଥିଲା- ଶରୀର ଆଧ୍ୟାତ୍ମିକ ପ୍ରଶିକ୍ଷଣର ମୈଦାନ ହେଲେ ମନ ହେଉଛି ବୃକ୍ଷ। ଏହି ଉପଦେଶର ଗଭୀର ଅର୍ଥ ହେଉଛି ଆମର ଭୌତିକ ସ୍ୱରୂପ ବା ଯେଉଁଭଳି ଭାବରେ ଆମେ ନିଜକୁ ଦୁନିଆ ସମ୍ମୁଖରେ ପ୍ରସ୍ତୁତ କରନ୍ତି ତାହା ଆମର ଆନ୍ତରିକ ସ୍ୱରୂପ ଓ ଶ୍ରଦ୍ଧାକୁ ଦର୍ଶାଇଥାଏ। ଲୋକମାନ୍ୟତା ଓ ବୌଦ୍ଧ ଧର୍ମଗ୍ରନ୍ଥଗୁଡ଼ିକ ଅନୁସାରେ ବସ୍ତ୍ର ଆମର ଉର୍ଜାକୁ ପ୍ରଭାବିତ କରିପାରେ। କୌଣସି ପବିତ୍ର ସ୍ଥାନ ପାଇଁ ସ୍ୱଚ୍ଛ ଓ ଉପଯୁକ୍ତ ବସ୍ତ୍ର ପିନ୍ଧିବା ଦ୍ୱାରା ଆମକୁ ଏକାଗ୍ରତା ବଜାୟ ରଖିବା, ଓ ମନ୍ଦିରର ଗଭୀର ବାତାବରଣରେ ସହଜରେ ମିଶିବା ପାଇଁ ସାହାଯ୍ୟ ମିଳେ। ତେଣୁ ଭୁ ଲ୍ୟାନ୍ ପରି ମହତ୍ତ୍ୱପୂର୍ଣ୍ଣ ଉତ୍ସବ ସମୟରେ ଯେବେ ବି ଲୋକମାନେ ନିଜର ଆଧ୍ୟାତ୍ମିକ ମୂଳଦୁଆ ସହିତ ଜଡ଼ିତ ହୁଅନ୍ତି ଓ ମାତାପିତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରନ୍ତି ସେ ସମୟରେ ବସ୍ତ୍ରର ମହତ୍ତ୍ୱ ଆହୁରି ବୃଦ୍ଧି ପାଇଥାଏ। ଏହା କେବଳ ବାହ୍ୟ ଆବରଣ ନୁହେଁ, ଗମ୍ଭୀରତା ଓ ହାର୍ଦ୍ଦିକ ଶ୍ରଦ୍ଧାକୁ ବ୍ୟକ୍ତ କରେ। ଏହି ଉତ୍ସବରେ ମନ୍ଦିରକୁ ଦର୍ଶନ ପାଇଁ ଯିବା ସମୟରେ ଉପଯୁକ୍ତ ପୋଷାକର ଚୟନ କରିବାର ଅର୍ଥ ବୁଦ୍ଧ ଓ ବୋଧିସତ୍ତ୍ୱ, ଆମର ପୂର୍ବଜମାନଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତା ବ୍ୟକ୍ତ କରିବାର ଏକ ଉପାୟ ମାତ୍ର। ଭୁ ଲ୍ୟାନ୍ ଉତ୍ସବରେ ନିଜ ପିତାମାତା ଓ ପୂର୍ବଜମାନଙ୍କ ପ୍ରତି ଶ୍ରଦ୍ଧା ପ୍ରକଟ କରିବାର ଅବସର




ମିଳେ। ଏହି ମହତ୍ତ୍ୱପୂର୍ଣ୍ଣ ଦିନ ମନ୍ଦିର ଯିବା ସମୟରେ ବସ୍ତ୍ର କେବଳ ସମ୍ପର୍କ ସମ୍ବନ୍ଧୀୟ ଏକ ଦିଗ ନହୋଇ ସଚ୍ଚୋଟତା ଓ ସମ୍ମାନକୁ ବି ଦର୍ଶାଇଥାଏ। ଫେଙ୍ଗ ସୁଇ ସିଦ୍ଧାନ୍ତରେ ବସ୍ତ୍ରକୁ ଆଧ୍ୟାତ୍ମିକ ଜଗତ ସହିତ ଯୋଡ଼ିବାର ଏକ ମାଧ୍ୟମ ବୋଲି କୁହାଯାଇଛି। ତେଣୁ ଭୁ ଲ୍ୟାନ୍ ସିଜିନ୍ ପାଇଁ ଉଚିତ ପୋଷାକ ଚୟନ କରିବା ଏକ ସାର୍ଥକ ଆଧ୍ୟାତ୍ମିକ କାର୍ଯ୍ୟ ଯାହା ଲୋକମାନଙ୍କ ମଧ୍ୟରେ ସଚେତନତା ଓ ପିତୃଭକ୍ତିର ପରିପକ୍ୱତାକୁ ଦର୍ଶାଇଥାଏ।

---

## 'ମିର୍ଜାପୁରଃ ଦ ମୁଭି'ର
# ହେବ ଟ୍ରେଲର୍ ରିଲିଜ




ଓଟିଟିର କ୍ରାଇମ୍ ସାଗା 'ମିର୍ଜାପୁର' ଏବେ ବଡ଼ ପରଦାରେ ରିଲିଜ ପାଇଁ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହୋଇ ରହିଛି। ୱେବ୍ ସିରିଜର ଅଭୂତପୂର୍ବ ସଫଳତା ପରେ ନିର୍ମାତାମାନେ ଏହାକୁ ସିନେମା ଘରଗୁଡ଼ିକ ପର୍ଯ୍ୟନ୍ତ ନେଇ ଯିବାକୁ ପ୍ରସ୍ତୁତ ହୋଇ ରହିଛନ୍ତି। ଯେବେଠାରୁ 'ମିର୍ଜାପୁର: ଦ ମୁଭି'ର ପ୍ରଥମ ଟିଜର୍ ସମ୍ମୁଖକୁ ଆସିଛି ସେବେଠାରୁ ଦର୍ଶକମାନଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଜବରଦସ୍ତ ଉତ୍ସାହ। ଏହି ଉତ୍ସାହକୁ ନିର୍ମାତାମାନେ ଏକ ନୂଆ ସ୍ତରକୁ ନେଇଯିବା ପାଇଁ ପ୍ରସ୍ତୁତ ହେଉଛନ୍ତି ଓ ବହୁତ ଶୀଘ୍ର ଫିଲ୍ମର ଅଫିସିଆଲ୍ ଟ୍ରେଲର୍‌କୁ ଦେଖିପାରିବେ ୧୧ ଅଗଷ୍ଟରେ। ଏକ ଭବ୍ୟ ଇଭେଣ୍ଟ୍‌ରେ ଏହାକୁ ରିଲିଜ କରାଯିବ। ତେବେ ଟ୍ରେଲର୍ ଲଞ୍ଚ୍ କେବଳ ଏକ ପ୍ରାରମ୍ଭିକ ପ୍ରକ୍ରିୟା ହେବ କାରଣ ଏହାପରେ ନିର୍ମାତାମାନେ ଏକ ଅନୋଖା ପ୍ରମୋଶନ ପ୍ଲାନ୍ କରିବେ। ଏଥିପାଇଁ ଫିଲ୍ମର ମୁଖ୍ୟ ଷ୍ଟାର୍‌କାଷ୍ଟ ଦେଶର ୭-୮ଟି ପ୍ରମୁଖ ସହରକୁ ଯିବେ। ମଲ୍ଟି-ସିଟି ରୋଡ୍ ଟ୍ରିପ୍ ଜରିଆରେ କଳାକାରମାନେ ସିଧା ପ୍ରଶଂସକଙ୍କ ସହିତ ଯୋଡ଼ିହେବେ ଓ ସିନେମା ଘରଗୁଡ଼ିକରେ ଫିଲ୍ମର ରିଲିଜ ପୂର୍ବରୁ ଦେଶରେ 'ମିର୍ଜାପୁର' ପାଇଁ ପରିବେଶ ପ୍ରସ୍ତୁତ କରିବେ। ତେବେ ଏହାର ଟିଜର୍‌ରେ ପଙ୍କଜ ତ୍ରିପାଠୀ, ଅଲୀ ଫଜଲ୍ ଓ ଦିବ୍ୟେନ୍ଦୁ ଶର୍ମାଙ୍କ ପରି ପସନ୍ଦଯୋଗ୍ୟ ଚେହେରା ନଜର ଆସିବେ। କିନ୍ତୁ ସବୁଠାରୁ ବଡ଼ ଟ୍ୱିଷ୍ଟ ହେବ ଜିତେନ୍ଦ୍ର କୁମାରଙ୍କ ଏଣ୍ଟ୍ରିକୁ ନେଇ। ଜିତେନ୍ଦ୍ର ଫିଲ୍ମରେ ବବ୍‌ଲୁ ପଣ୍ଡିତ ଚରିତ୍ରରେ ଅଭିନୟ କରି ନୂଆ ଅବତାରରେ ନଜର ଆସିବେ। ଏହା ସହିତ ପ୍ରତିଭାଶାଳୀ ଅଭିନେତା ରବି କିଷନଙ୍କ ଏଣ୍ଟ୍ରି ଏହି କ୍ରାଇମ୍ ୟୁନିଭର୍ସକୁ ଅଧିକ ରୋଚକପୂର୍ଣ୍ଣ କରିବ।



---

# ଯୋଗ ଶିକ୍ଷକଙ୍କ ରେକର୍ଡ

କମଲ୍ କାଲୋଇ ଦେଶର ଜଣେ ଯୋଗ ଶିକ୍ଷକ। ଏହି ୩୮ ବର୍ଷୀୟ ଶିକ୍ଷକ ପାଣି ଭିତରେ ଯୋଗ କରି ୮୬ ଥର ପୁସ୍-ଅପ୍ସ କରି ଏହି ଉପଲବ୍ଧି ହାସଲ କରିଛନ୍ତି। କମଲ୍‌ଙ୍କର ଏହା ହେଉଛି ତୃତୀୟ ବିଶ୍ୱ ରେକର୍ଡ। ବର୍ତ୍ତମାନ ସେ ଭିଏତନାମର ନିହ୍ନ ବିହ୍ନ ସହରରେ ରହୁଛନ୍ତି। ଏହି ରେକର୍ଡ ପାଇଁ ପୂରା ଦୁଇ ବର୍ଷ ପର୍ଯ୍ୟନ୍ତ ସେ ଶରୀରର ତାକତ ବୃଦ୍ଧି କରେଇବା ଓ ଶ୍ୱାସକୁ ଅଟକେଇବା ପାଇଁ ପ୍ରଶିକ୍ଷଣ ନେଇଥିଲେ। ତେବେ ଗତ ବର୍ଷ ଅକ୍ଟୋବରରେ କମଲ୍ ଏହି ଉପଲବ୍ଧି ହାସଲ କରିଥିଲେ। ଏଥିପାଇଁ କମଲ୍ ଏକ ସ୍ୱିମିଂ ପୁଲ୍ ତଳକୁ ଗଲେ, ନିଜର ପୋଜିସନ୍ ଠିକ୍ କଲେ ଓ ଶ୍ୱାସ ନେବା ପାଇଁ ଉପରକୁ ଆସିବା ପୂର୍ବରୁ ୮୬ ଥର ପୁସ୍-ଅପ୍ସ ଲଗାଇଲେ। ଏହି କାମରେ ତାଙ୍କୁ ସାହାଯ୍ୟ କରିଥିଲା ଯୋଗ ପ୍ରକ୍ରିୟା। ସେ କେବଳ ଶ୍ୱାସକୁ ରୋକି ନଥିଲେ ପାଣି ଭିତରେ ବି ବ୍ୟାୟାମ କରିଥିଲେ। କମଲ କହନ୍ତି- ଆରମ୍ଭରୁ ସେ କିଛି ଅଲଗା କରିବାକୁ ଚାହୁଁଥିଲେ। ଅନ୍ୟମାନଙ୍କର ରେକର୍ଡରୁ ତାଙ୍କୁ ପ୍ରେରଣା ମିଳିଥିଲା। ୨୦୨୦ରେ ସେ ପାଣି ଭିତରେ ଲଗାତର ୨୧ ପ୍ରକାରର ଯୋଗ ମୁଦ୍ରା କରି ତାଙ୍କର ପ୍ରଥମ ରେକର୍ଡ କରିବା ପରେ ନିଜର ଅସଲି ତାକତ ବିଷୟରେ ସେ ଜାଣିଲେ। ୨୦୨୦ରେ ପାଣି ଭିତରେ ୭୨ ଏୟାର ରିଙ୍ଗସ୍ କରିବାର ରେକର୍ଡ କରିଥିଲେ କମଲ୍। ପରେ ଆମେରିକାର ଆମେଲିୟା ଡି ଲସ୍ ରିୟୋସ୍ ୮୧ ରିଙ୍ଗ୍‌ସ କରି ଏହି ରେକର୍ଡକୁ ଭାଙ୍ଗିଥିଲେ। ତେବେ ଏହି ରେକର୍ଡରୁ କମଲ୍ ପ୍ରମାଣିତ କରିଛନ୍ତି ଯେ କଠିନ ପରିଶ୍ରମ ଦ୍ୱାରା ଆମେ ଜୀବନରେ କିଛି ନା କିଛି ହାସଲ କରିପାରିବା। କିନ୍ତୁ ନିଜ ଲକ୍ଷ୍ୟରୁ ବିଚ୍ୟୁତ ହେବା ଉଚିତ ନୁହେଁ। ଭବିଷ୍ୟତରେ କମଲ୍ ପାଣି ଭିତରେ ଚାଲିବା ଓ ବେଞ୍ଚ୍ ପ୍ରେସ୍ କରିବାର ରେକର୍ଡ କରିବାକୁ ଚାହୁଁଛନ୍ତି। ଏଥିପାଇଁ ଏବେ ସ୍ପନ୍‌ସର୍ସର ସନ୍ଧାନରେ ଅଛନ୍ତି କମଲ୍।



# ଇତିହାସ ରଚିଲେ ତନ୍‌ଭୀ ଶର୍ମା



**ତାଇପେଇ ଓପନ୍ ଜିତିବାରେ ସର୍ବକନିଷ୍ଠ**

**ଫାଇନାଲ୍‌ରେ ଭିଏତନାମ୍ ଖେଳାଳିଙ୍କୁ ହରାଇଲେ**

**ତାଇପେଇ, ୨।୮/ଏଜେନ୍ସି:** ଭାରତୀୟ ଯୁବ ଶଟ୍‌ଲର୍ ତନ୍‌ଭୀ ଶର୍ମା ରବିବାର ଇତିହାସ ରଚିଛନ୍ତି। ୧୭ ବର୍ଷ ୨୨୨ ଦିନ ବୟସରେ ତନ୍‌ଭୀ ତାଇପେଇ ଓପନ୍ ସୁପର୍ ୩୦୦ ବ୍ୟାଡ୍‌ମିଣ୍ଟ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ଟାଇଟଲ୍ ନିଜ ନାମରେ କରିଛନ୍ତି। ଏହା ସହିତ ସେ ଏହି ଟୁର୍ଣ୍ଣାମେଣ୍ଟର ଟାଇଟଲ୍ ଜିତିବାରେ ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି। ଏହା ପୂର୍ବରୁ ଏହି ରେକର୍ଡ ତାଇୱାନ୍‌ର ମହାନ୍ ଖେଳାଳି ସାଇ ଜୁ-ୟିଙ୍ଗଙ୍କ ନାମରେ ଥିଲା। ସେ ୧୮ ବର୍ଷ ୮୫ ଦିନ ବୟସରେ ଏହି ଉପଲବ୍ଧି ହାସଲ କରିଥିଲେ। ଏହା ପୂର୍ବରୁ ଶନିବାର ୧୭ ବର୍ଷ ୨୨୨ ଦିନ ବୟସରେ ତନ୍‌ଭୀ ତାଇପେଇ ଓପନ୍ ଇତିହାସର ସର୍ବକନିଷ୍ଠ ଫାଇନାଲିଷ୍ଟ ହୋଇଥିଲେ। ସେ କୋରିଆର କେ ଲି ୟୋଙ୍ଗଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ୟୋଙ୍ଗ୍ ୨୦୦୬ରେ ୧୭ ବର୍ଷ ୨୮୭ ଦିନ ବୟସରେ ପୁରୁଷ ଡବଲ୍ସ ଫାଇନାଲ୍ ଖେଳିଥିଲେ।

ଫାଇନାଲ୍‌ରେ ତନ୍‌ଭୀ ଷଷ୍ଠ ସିଡ୍ ଭିଏତ୍‌ନାମ୍‌ର ଖେଳାଳି ଥୁୟ ଲିହ୍ନ ଗୁଏନ୍‌ଙ୍କୁ ୨୧-୧୬, ୨୧-୧୬ ସିଧା ଗେମ୍‌ରେ ମାତ୍ ଦେଇଛନ୍ତି। ଏହା ତନ୍‌ଭୀଙ୍କ ପ୍ରଥମ ବିଡବ୍ଲ୍ୟୁଏଲଫ୍ ୱାର୍ଲ୍ଡ ଟୁର୍ ଟାଇଟଲ୍। ପଞ୍ଜାବ ନିବାସୀ ତନ୍‌ଭୀ ମାତ୍ର ୩୬ ମିନିଟ୍ ମଧ୍ୟରେ ଏହି ମ୍ୟାଚ୍ ନିଜ ନାମରେ କରିଛନ୍ତି। ଗତବର୍ଷ ୟୁଏସ୍ ଓପନ୍ ସୁପର୍ ୩୦୦ ଉପବିଜେତା ତନ୍‌ଭୀ ଏହି ବିଜୟ ସହିତ ଇତିହାସ ରଚିଛନନ୍ତି। ୨୦୦୮ରେ ସାଇନା ନେହ୍ୱାଲ୍‌ଙ୍କ ପରେ ତାଇପେଇ ଓପନ୍‌ରେ ମହିଳା ସିଙ୍ଗଲ୍ସ ଟାଇଟଲ୍ ଜିତିବାରେ ସେ ପ୍ରଥମ ଭାରତୀୟ ଖେଳାଳି ହୋଇଛନ୍ତି।

ତନ୍‌ଭୀ ପ୍ରଥମ ଗେମ୍ ଆରମ୍ଭରୁ ଚମତ୍କାର ପ୍ରଦର୍ଶନ କରି ୧୦-୨ରେ ଆଗୁଆ ହୋଇଥିଲେ। ମଝିରେ ତେବେ କେତେକ ତ୍ରୁଟି କରିଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ ସହ ଗେମ୍ ୨୧-୧୬ରେ ଜିତି ନେଇଥିଲେ। ଦ୍ୱିତୀୟ ଗେମ୍‌ରେ ଥୁୟ ଲିହ୍ନ ୩-୦ର ପ୍ରାରମ୍ଭିକ ଅଗ୍ରଣୀ ହାସଲ କରିଥିଲେ। କିନ୍ତୁ ତନ୍‌ଭୀ ଲଗାତାର ପଏଣ୍ଟ ସଂଗ୍ରହ କରି ସ୍କୋର୍ ୩-୩ କରିବା ପରେ ମ୍ୟାଚ୍ ଉପରେ ପୂରା ନିୟନ୍ତ୍ରଣ ହାସଲ ସହ ୨୧-୧୬ରେ ଗେମ୍ ଜିତି ଟାଇଟଲ୍ ନିଜ ନାମରେ କରିଛନ୍ତି।

ତନ୍‌ଭୀଙ୍କୁ ପିଭି ସିନ୍ଧୁଙ୍କ ପୂର୍ବତନ ମେଣ୍ଟର ପାର୍କ ତେ-ସାଙ୍ଗ୍ କୋଚିଂ ଦେଉଛନ୍ତି। ଟାଇଟଲ୍ ବିଜୟ ପରେ ତନ୍‌ଭୀ ନିଜ ସ୍ୱର୍ଣ୍ଣ ପଦକ ଓହ୍ଲାଇ କୋଚ୍ ପାର୍କ ତେ-ସାଙ୍ଗଙ୍କ ବେକରେ ପିନ୍ଧାଇ ଦେବା ସହିତ ଦୁହେଁ ସାଥୀହୋଇ ଫଟୋ ଉଠାଇଥିଲେ।

# ତିଳକ ବର୍ମା ସାଉଥ୍ ଜୋନ୍ କ୍ୟାପ୍‌ଟେନ୍

**ନୂଆଦିଲ୍ଲୀ, ୨।୮/ଏଜେନ୍ସି:** ଭାରତୀୟ ଘରୋଇ କ୍ରିକେଟ୍‌ର ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟ ଦିଲୀପ୍ ଟ୍ରଫି ୨୦୨୬-୨୭ ପାଇଁ ସାଉଥ୍ ଜୋନ୍ ଟିମ୍ ଘୋଷିତ ହୋଇଛି। ଚଳିତ ଥର ଟିମ୍‌ର ନେତୃତ୍ୱ ଯୁବ ବ୍ୟାଟର୍ ତିଳକ ବର୍ମାଙ୍କୁ ପ୍ରଦାନ କରାଯାଇଛି। ସେହିପରି ଅନୁଭବୀ ବ୍ୟାଟର୍ ରିକି ଭୁଇ ଭାଇସ୍ କ୍ୟାପ୍‌ଟେନ୍ ହୋଇଛନ୍ତି। ଟିମ୍‌ରେ କରୁଣ ନାୟର୍ ଏବଂ ଶ୍ରେୟସ୍ ଗୋପାଳଙ୍କ ପରି ଅନୁଭବୀ ଖେଳାଳି ମଧ୍ୟ ରହିଛନ୍ତି। ଘରୋଇ କ୍ରିକେଟ୍‌ରେ ଲଗାତାର ଉନ୍ନତ ପ୍ରଦର୍ଶନ କରିଆସୁଥିବା ଅନୁଭବୀ ୱିକେଟ୍‌କିପର୍ ବ୍ୟାଟର୍ ଏନ୍ ଜଗଦୀଶନ୍ ମଧ୍ୟ ଟିମ୍‌ରେ ସାମିଲ ଅଛନ୍ତି। ବୋଲିଂ ବିଭାଗରେ ଶ୍ରେୟସ୍ ଗୋପାଳଙ୍କ ବ୍ୟତୀତ ସାଇ ତେଜା ଏବଂ ଭି କାଭେରପ୍ପାଙ୍କ ପରି ଖେଳାଳିଙ୍କୁ ସାମିଲ କରାଯାଇଛି। ଟିମ୍‌ରେ ସ୍ପିନ୍ ଏବଂ ଫାଷ୍ଟ ବୋଲିଂର ଉନ୍ନତ ସନ୍ତୁଳନ ଦେଖିବାକୁ ମିଳିଛି। ଦିଲୀପ୍ ଟ୍ରଫିର ଆଗାମୀ ସଂସ୍କରଣ ଅଗଷ୍ଟ ୨୩ରୁ ଆରମ୍ଭ ହେବ। ତେବେ ସାଉଥ୍ ଜୋନ୍ ଟିମ୍ ସିଧା ଅଗଷ୍ଟ ୩୦ରେ ସେମିଫାଇନାଲ୍ ଖେଳିବ। ଟିମ୍‌ର ସାମ୍ନା ପ୍ଲେଅଫ୍ ବିଜେତା ଟିମ୍ ସହିତ ହେବ।

**ସାଉଥ୍ ଜୋନ୍ ଟିମ୍:** ତିଳକ ବର୍ମା (କ୍ୟାପ୍‌ଟେନ୍), ରିକି ଭୁଇ (ଭାଇସ୍ କ୍ୟାପ୍‌ଟେନ୍, ଅଭିନବ ତେଜରାନା, ଏସ୍‌କେ ରଶିଦ୍, କେ ହିମାତେଜା, ଆର୍ ସ୍ମରଣ, ଏନ୍ ଜଗଦୀଶନ୍ (ୱିକେଟ୍‌କିପର୍), କରୁଣ ନାୟର, ଟି ତ୍ୟାଗରାଜନ୍, ଶ୍ରେୟସ୍ ଗୋପାଳ, କେ ସାଇ ତେଜା, ଟି ବିଜୟ, ଭି କାଭେରପ୍ପା, ଅମନ ଖାନ୍।

# ଫାଓ ଲିଗ୍: ୱାଇଏଏଫ୍‌ସି ବିଜୟୀ



**କଟକ, ୨।୮/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏମ୍‌ଜିଏମ୍ ଫାଓ ଲିଗ୍‌ରେ ଆଜି ଚୌଦ୍ୱାରର ୱାଇଏଏଫ୍‌ସି ୫-୩ ଗୋଲ୍‌ରେ ସନ୍‌ସାଇନ୍ କ୍ଲବ୍‌କୁ ହରାଇ ଦେଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ସନ୍‌ସାଇନ୍ ୨-୧ରେ ଆଗୁଆ ଥିବାବେଳେ ଦ୍ୱିତୀୟାର୍ଦ୍ଧରେ ୱାଇଏଏଫ୍‌ସି ଜୋରଦାର ପ୍ରତ୍ୟାବର୍ତ୍ତନ କରି ୪ଟି ଗୋଲ୍ ଦେବା ସହିତ ମ୍ୟାଚ୍ ନିଜ ନାମରେ କରିଛି। ୱାଇଏଏଫ୍‌ସି ପକ୍ଷରୁ ତ୍ରିଦେବ ମୁଖୀ (୨୦ତମ, ୬୨ତମ ମିନିଟ୍) ଦୁଇଟି ଗୋଲ୍ କରିଥିବା ବେଳେ ବୁନ୍ଦୁ ମାରାଣ୍ଡି (୪୮ତମ), ମୁସ୍ତାକିମ୍ ଖାନ୍ (୫୭ତମ) ଏବଂ ରାଜେଶ କୁମାର ବେହେରା (୫୮ତମ) ଅନ୍ୟ ତିନିଟି ଗୋଲ୍ ଦେଇଥିଲେ। ସେହିପରି ସନ୍‌ସାଇନ୍ କ୍ଲବ୍ ପକ୍ଷରୁ ସିଙ୍ଗୁ ମାଝୀ (୬ଷ୍ଠ ମିନିଟ୍) ମ୍ୟାଚ୍‌ର ପ୍ରଥମ ଗୋଲ୍ ଦେଇଥିବା ବେଳେ ଜୟନ୍ତ ପ୍ରଧାନ (୧୭ତମ) ଏବଂ ଧର୍ମେନ୍ଦ୍ର ପ୍ରଧାନ ଅନ୍ୟ ଗୋଲ୍ ଦୁଇଟି କରିଥିଲେ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା: ପାରା ଟ୍ରାକ୍ ସାଇକ୍ଲିଂରେ ନିରାଶ କଲେ ଲିସା

# ଅନ୍ତିମ ଦିନରେ ଭାରତ ହାତ ଖାଲି

**ଗ୍ଲାସ୍‌ଗୋ, ୨।୮/ଏଜେନ୍ସି:** ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ର ଅନ୍ତିମ ଦିନରେ ଭାରତ ନିରାଶ ହୋଇଛି। ଶେଷ ଆଶା ଥିବା ପାରା ସାଇକ୍ଲିଷ୍ଟ ଲିଶା ଦାସ ପଦକ ଦୌଡ଼ରୁ ବାଦ୍ ପଡ଼ିଛନ୍ତି। ଲିଶା ମହିଳା ସି୪-ସି୫ ୧୦୦୦ ମିଟର ଟାଇମ୍ ଟ୍ରାଏଲ୍ ଫାଇନାଲ୍‌ରେ ୧:୩୪.୪୧୦ ମିନିଟ୍ ସମୟ ହାସଲ କରିଥିଲେ ମଧ୍ୟ ଏହାର ପୋଡିୟମ୍‌ରେ ସ୍ଥାନ ହାସଲ ପାଇଁ ଯଥେଷ୍ଟ ନଥିଲା। ଏହା ସହିତ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଅଭିଯାନ ଶେଷ ହୋଇଛି।

ଏହା ପୂର୍ବରୁ ଭାରତୀୟ ଜୁଡୋକା ଈଶରୂପ ନାରଙ୍ଗ ବ୍ରୋଞ୍ଜ୍ ପଦକ ଜିତିବାରେ ବିଫଳ ହୋଇଛନ୍ତି। ମହିଳା ୭୮ କେଜି ବ୍ରୋଞ୍ଜ୍ ପଦକ ମ୍ୟାଚ୍‌ରେ ଈଶରୂପ କାନାଡାର କୋରୋଲି ଗଡ୍‌ବାଉଟ୍‌ଙ୍କ ଠାରୁ ପରାଜିତ ହୋଇଛନ୍ତି। କ୍ୱାର୍ଟର୍ ଫାଇନାଲ୍‌ରେ ଇଂଲଣ୍ଡର ଏମା ରିଡ୍‌ଙ୍କ ଠାରୁ ଇପ୍ପୋନ୍‌ରେ ପରାଜିତ ହବା ପରେ ଈଶରୂପଙ୍କୁ ରେପେଚେଜ୍ ଜରିଆରେ ପଦକ ଜିତିବା ଦ୍ୱିତୀୟ ସୁଯୋଗ ମିଳିଥିଲା। ଭାରତୀୟ ଖେଳାଳି ଏହି ସୁଯୋଗର ପୂରା ଲାଭ ଉଠାଇ କାମେରୁନ୍‌ର ଜର୍ଜକେ ୱେସ୍‌ଲି ଜେଙ୍ଗୁଏ ମୁନେଙ୍କୁ ହରାଇ ବ୍ରୋଞ୍ଜ୍ ପଦକ ମ୍ୟାଚ୍‌ର ଟିକେଟ୍ ହାସଲ କରିଥିଲେ। ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଜୁଡୋ ଇଭେଣ୍ଟରେ ଭାରତ ଦୁଇଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ୍ ସହ ୪ ପଦକ ଜିତିଛି। ଏହା ପୂର୍ବରୁ ଶନିବାର କ୍ରୀଡ଼ାର ଦଶମ ଦିନରେ ଭାରତୀୟ ଆଥ୍‌ଲେଟ୍‌ମାନେ ଚମତ୍କାର ପ୍ରଦର୍ଶନ କରି ୮ ସ୍ୱର୍ଣ୍ଣ, ୪ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ୍ ପଦକ ଜିତିଥିଲେ। ଏହା ମଧ୍ୟରୁ ୭ଟି ସ୍ୱର୍ଣ୍ଣ ପଦକ ବକ୍ସିଂ ଏବଂ ଗୋଟିଏ ସ୍ୱର୍ଣ୍ଣ ପଦକ ପାରା ଶଟ୍‌ପୁଟ୍‌ରୁ ଆସିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଗୋଟିଏ ସଂସ୍କରଣରେ ଭାରତ ବକ୍ସିଂରେ ୭ ସ୍ୱର୍ଣ୍ଣ ପଦକ ଜିତିବା ଏହା ପ୍ରଥମ।

**୧୩ ସ୍ୱର୍ଣ୍ଣ ସମେତ ୩୯ ପଦକ ଜିତି ଚତୁର୍ଥରେ ଭାରତ**



ମହିଳା ବକ୍ସିଂରେ ପ୍ରୀତି ପୱାର୍, ଜାସ୍ମିନ୍ ଲାମ୍ବୋରିଆ, ସାକ୍ଷୀ ଚୌଧୁରୀ, ପ୍ରିୟା ଘଙ୍ଘାସ୍ ଏବଂ ଅରୁନ୍ଧତି ଚୌଧୁରୀ ନିଜ ନିଜର ଫାଇନାଲ୍ ଜିତି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୁରୁଷରେ ସଚିନ୍ ସିୱାଚ୍ ଏବଂ ଅଙ୍କୁଶ ପଙ୍ଘାଲ୍ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ ଲଭଲିନା ବୋରଗୋହେନ୍, ଯଦୁମଣି ସିଂହ ଏବଂ ନରେନ୍ଦ୍ର ବରୱାଲ୍‌ଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

ପାରା ଆଥ୍‌ଲେଟିକ୍ସରେ ସୋମନ ରାଣା ସ୍ୱର୍ଣ୍ଣ ପଦକ ଜିତିଥିଲେ। ପୁରୁଷ ୫୦୦୦ ମିଟର ଦୌଡ଼ରେ ଗୁଲବୀର ସିଂହ ବ୍ରୋଞ୍ଜ୍ ପଦକ ନିଜ ନାମରେ କରିଥିଲେ। ଏହା ସହିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୫୦୦୦ ଏବଂ ୧୦୦୦୦ ମିଟର ଉଭୟ ଇଭେଣ୍ଟରେ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ଆଥ୍‌ଲେଟ୍ ହୋଇଛନ୍ତି। ଭାରତ ଟ୍ରିପଲ୍ ଜମ୍ପରେ ମଧ୍ୟ ଆଉ ଦୁଇଟି ପଦକ ଜିତିଥିଲା। ଏହା ସହିତ ଭାରତ ୧୩ ସ୍ୱର୍ଣ୍ଣ, ୧୭ ରୌପ୍ୟ ଏବଂ ୯ ବ୍ରୋଞ୍ଜ୍ ସମେତ ୩୯ ପଦକ ଜିତି ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଛି। ଅଷ୍ଟ୍ରେଲିଆ ମୋଟ ୧୬୩ (୬୮ ସ୍ୱର୍ଣ୍ଣ, ୪୧ ରୌପ୍ୟ, ୫୪ ବ୍ରୋଞ୍ଜ୍) ପଦକ ସହିତ ପ୍ରଥମ ସ୍ଥାନରେ ରହିଛି। ସେହିପରି ଇଂଲଣ୍ଡ ୧୦୬ ଏବଂ କାନାଡା ୫୯ ପଦକ ସହ ଯଥାକ୍ରମେ ୩ୟ ଓ ୩ୟ ସ୍ଥାନରେ ରହିଛନ୍ତି।

## ଭାରତୀୟ ମାନଚିତ୍ରରେ କଶ୍ମୀର ଅଧା, ନର୍ଥ-ଇଷ୍ଟ ଗାଏବ୍

# ଗ୍ଲାସ୍ଗୋର ରେଷ୍ଟୁରାଣ୍ଟ୍‌ରେ ଭୁଲ୍ ନକ୍ସା ଦେଖି ଚିଡ଼ିଗଲେ ଲଭଲିନା



**ଗ୍ଲାସ୍‌ଗୋ, ୨।୮/ଏଜେନ୍ସି:** ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତୀୟ ଖେଳାଳିଙ୍କୁ ଡିନର୍ ପାଇଁ ଆମନ୍ତ୍ରିତ କରିଥିବା ଗ୍ଲାସ୍‌ଗୋର ଏକ ରେଷ୍ଟୁରାଣ୍ଟ ବିବାଦରେ ଛନ୍ଦି ହୋଇପଡ଼ିଛି। 'ମିଷ୍ଟର ସିଂହ ଇଣ୍ଡିଆ-ଦ ହୋମ୍ ଅଫ୍ କରୀ' ନାମକ ରେଷ୍ଟୁରାଣ୍ଟ ସେଠାକୁ ଆସିଥିବା ଆଥ୍‌ଲେଟ୍ସଙ୍କୁ ଏକ ନାପ୍‌କିନ୍ ଦେଇଥିଲା, ଯେଉଁଥିରେ ଭାରତର ଆଇଟ୍‌ଲାଇନ୍ ମାନଚିତ୍ର ଥିଲା। ତେବେ ଏହି ମାନଚିତ୍ରକୁ ଦେଖିବା ମାତ୍ରେ ଷ୍ଟାର୍ ବକ୍ସର୍ ଲଭଲିନା ବୋରଗୋହେନ୍ ଚିଡ଼ି ଯାଇଥିଲେ। ଏଥିରେ ନର୍ଥ-ଇଷ୍ଟ ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ ଦର୍ଶାଯାଇନଥିବା ସେ ଅଭିଯୋଗ କରିଛନ୍ତି। ବୋରଗୋହେନ୍ ନ୍ୟୁଜ୍ ଏଜେନ୍ସି ଆଇଏଏନ୍‌ଏସ୍‌କୁ କହିଛନ୍ତି 'ନାପ୍‌କିନ୍‌ରେ ଚିତ୍ରିତ ମାନଚିତ୍ରରେ ଆମ ନର୍ଥ-ଇଷ୍ଟ ନାହିଁ। ଭାରତର ପ୍ରତ୍ୟେକ ଅଞ୍ଚଳ ଜରୁରୀ ଏବଂ ଏହାକୁ ମ୍ୟାପ୍‌ରେ ଦର୍ଶାଯିବା ଉଚିତ।' ବକ୍ସିଂ ଫେଡେରେସନ୍ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ସଭାପତି ଅଜୟନ ସିଂହ ଷ୍ଟାର୍ ବକ୍ସର୍‌ଙ୍କ ସମର୍ଥନ କରିବା ସହିତ ପେପର୍ ନାପ୍‌କିନ୍‌ରେ ଥିବା ଆଉ କେତେକ ବଡ଼ ତ୍ରୁଟି ପ୍ରତି ଇଙ୍ଗିତ କରିଥିଲେ, ଯେଉଁଥିରେ ଜମ୍ମୁ-କଶ୍ମୀରର ଅଧୁରା ନକ୍ସା ବି ସାମିଲ ଥିଲା। ଶ୍ରୀ ସିଂହ ତୁରନ୍ତ ଏହି ତ୍ରୁଟିକୁ ନାପ୍‌କିନ୍‌ରୁ ହଟାଇବା ସହିତ ଏହାକୁ ଠିକ୍ କରି ସେଥିରେ ଭାରତର ପୂରା ଆଞ୍ଚଳିକ ଅଖଣ୍ଡତାକୁ ଦେଖାଇବା ପାଇଁ ରେଷ୍ଟୁରାଣ୍ଟ ମ୍ୟାନେଜମେଣ୍ଟକୁ କହିଥିଲେ। ଭାରତୀୟ ଆଥ୍‌ଲେଟ୍‌ଙ୍କ ବିରୋଧ ପରେ ରେଷ୍ଟୁରାଣ୍ଟ କର୍ତ୍ତୃପକ୍ଷ କ୍ଷମାପ୍ରାର୍ଥନା କରିବା ସହିତ ପେପର୍ ନାପ୍‌କିନ୍‌ରେ ଥିବା ଭାରତ ମାନଚିତ୍ରର ତ୍ରୁଟିକୁ ସୁଧାରିବା ପାଇଁ ଭରସା ଦେଇଛନ୍ତି। ଗ୍ଲାସ୍‌ଗୋରେ 'ମିଷ୍ଟର୍ ସିଂହ ଇଣ୍ଡିଆ' ଖାଇବା ପିଇବାର ଏକ ପ୍ରସିଦ୍ଧ ସ୍ଥାନ, ଯେଉଁଠିକି ସବୁବେଳେ ସ୍ପୋର୍ଟ୍ସ ଟିମ୍ ଏବଂ ବଡ଼ ବଡ଼ ଲୋକମାନେ ଆସିଥାନ୍ତି। ତିନି ଦଶକରୁ ଅଧିକ ସମୟ ଧରି ଏହି ରେଷ୍ଟୁରାଣ୍ଟ ଗ୍ଲାସ୍‌ଗୋର ପଞ୍ଜାବୀ ପରମ୍ପରା ଏବଂ ସ୍କଟିଶ୍ ଭାବନାର ଫେଣ୍ଟାଫେଣ୍ଟି ଏକ ପାରିବାରିକ କାହାଣୀ ପରସି ଆସୁଛି।

# ଶ୍ରୀଲଙ୍କା ଟେଷ୍ଟ ସିରିଜ୍‌ରୁ ବୁମ୍‌ରା ବାହାର



**ନୂଆଦିଲ୍ଲୀ, ୨।୮/ଏଜେନ୍ସି:** ଭାରତର ଫାଷ୍ଟ ବୋଲର୍ ଜସ୍‌ପ୍ରୀତ୍ ବୁମ୍‌ରା ଶ୍ରୀଲଙ୍କା ବିପକ୍ଷରେ ହେବାକୁ ଥିବା ଦୁଇ ମ୍ୟାଚ୍‌ର ଟେଷ୍ଟ ସିରିଜ୍‌ରୁ ବାହାର ହୋଇଛନ୍ତି। ବୁମ୍‌ରା ବାମ ଆଣ୍ଠୁର ଆଘାତରୁ ସୁସ୍ଥ ହୋଇପାରି ନାହାନ୍ତି। ବେଙ୍ଗାଲୁରୁର ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସରେ ତାଙ୍କ ରିହାବିଲିଟେସନ୍ ଚାଲୁଛି। ରିପୋର୍ଟ ଅନୁସାରେ ବୋର୍ଡର ମେଡିକାଲ୍ ଟିମ୍ ତାଙ୍କୁ ଏବେ ପ୍ରତ୍ୟାବର୍ତ୍ତନ ନକରିବାକୁ ପରାମର୍ଶ ଦେଇଛି। ସମ୍ପୂର୍ଣ୍ଣ ଠିକ୍ ହେବା ପର୍ଯ୍ୟନ୍ତ ତାଙ୍କୁ ବିଶ୍ରାମ କରିବାକୁ କୁହାଯାଇଛି। ତେବେ ବିସିସିଆଇ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ବୟାନ ଆସିନାହିଁ। ବୁମ୍‌ରା ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଅବସରରେ ଆହତ ହୋଇଥିଲେ ଏବଂ ସେ ସିରିଜ୍‌ର ଅନ୍ତିମ ମ୍ୟାଚ୍ ଖେଳିପାରି ନଥିଲେ। ୩୨ ବର୍ଷୀୟ ବୁମ୍‌ରାଙ୍କୁ ମଙ୍ଗଳବାର ଭାରତର ୧୫ ଜଣିଆ ଟିମ୍‌ରେ ସାମିଲ କରାଯାଇଥିଲା। ତେବେ ତାଙ୍କ ଖେଳିବା ଫିଟ୍‌ନେସ୍ ଉପରେ ନିର୍ଭର କରୁଛି ବୋଲି ସେତେବେଳେ ଚୟନକର୍ତ୍ତା ଜଣାଇଥିଲେ। ବୁମ୍‌ରା ଶ୍ରୀଲଙ୍କା ବିପକ୍ଷରେ ଦୁଇଟି ଟେଷ୍ଟ ଖେଳି ୯.୦୦ ହାରାହାରିରେ ମୋଟ ୧୦ଟି ୱିକେଟ୍ ନେଇଛନ୍ତି। ଏହା ମଧ୍ୟରେ ଗୋଟିଏ ୫ ୱିକେଟ୍ ହଲ୍ ମଧ୍ୟ ରହିଛି। ତେବେ ସେ ଶ୍ରୀଲଙ୍କା ମାଟିରେ ଏପର୍ଯ୍ୟନ୍ତ ଗୋଟିଏ ବି ଟେଷ୍ଟ ଖେଳିନାହାନ୍ତି। ତାଙ୍କ ଅନୁପସ୍ଥିତିରେ ମହମ୍ମଦ ସିରାଜ୍‌ଙ୍କ ଉପରେ ଟିମ୍ ଫାଷ୍ଟ ବୋଲିଂ ଦାୟିତ୍ୱ ରହିବ। ତାଙ୍କୁ ପ୍ରସିଦ୍ଧ କ୍ରିଷ୍ଣା ଏବଂ ଗୁରନୁର ବ୍ରାର୍ ସହାୟତା କରିବେ। ଗୁରନୁର୍ ଏପର୍ଯ୍ୟନ୍ତ ଟେଷ୍ଟ ଡେବ୍ୟୁ କରିନାହାନ୍ତି।

# ଭାରତୀୟ ବକ୍ସିଂର ନୂଆ ଉଦାହରଣ ସାଜିଲେ ଲଭ୍‌ଲିନା



**ନୂଆଦିଲ୍ଲୀ, ୨।୮/ଏଜେନ୍ସି:** ଭାରତର ଷ୍ଟାର୍ ବକ୍ସର୍ ଏବଂ ଅଲିମ୍ପିକ୍ ବ୍ରୋଞ୍ଜ୍ ପଦକ ବିଜେତା ଲଭ୍‌ଲିନା ବୋରଗୋହେନ୍ ଗ୍ଲାସ୍‌ଗୋରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ରେ ଇତିହାସ ରଚିଛନ୍ତି। ମହିଳା ୭୫ କେଜି ବର୍ଗରେ ରୌପ୍ୟ ପଦକ ଜିତିବା ସହିତ ସେ ମେରୀ କମ୍ ଓ ବିଜେନ୍ଦର ସିଂହଙ୍କ ପରେ ପ୍ରତ୍ୟେକ ବଡ଼ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ପଦକ ଜିତିବାରେ ଭାରତର ତୃତୀୟ ବକ୍ସର୍ ହୋଇଛନ୍ତି। ଏହା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଲଭ୍‌ଲିନାଙ୍କ ପ୍ରଥମ ପଦକ। ଏହା ପୂର୍ବରୁ ସେ ଦୁଇଥର ଏହି କ୍ରୀଡ଼ାରେ ଭାଗ ନେଇଥିଲେ ମଧ୍ୟ ପୋଡିୟମ୍‌ରେ ପହଞ୍ଚିପାରି ନଥିଲେ। ଗ୍ଲାସ୍‌ଗୋରେ ସେ ଏହି ପ୍ରତୀକ୍ଷାର ସମାପ୍ତି ଘଟାଇ ନିଜ କ୍ୟାରିୟର୍‌ରେ ଆଉ ଏକ ବଡ଼ ଉପଲବ୍ଧି ଯୋଡ଼ିଛନ୍ତି। ଫାଇନାଲ୍ ମୁକାବିଲାରେ ଲଭ୍‌ଲିନାଙ୍କ ସାମ୍ନା ଅଷ୍ଟ୍ରେଲିଆର ଏମ୍ମା-ସୁ ଗ୍ରୀନଟ୍ରିଙ୍କ ସହ ହୋଇଥିଲା। ଦୁଇ ଖେଳାଳିଙ୍କ ମଧ୍ୟ କଡ଼ା ଟକ୍କର୍ ଦେଖିବାକୁ ମିଳିଥିଲା, କିନ୍ତୁ ଜଜ୍‌ମାନେ ୪-୧ ବିଭାଜିତ ନିଷ୍ପତ୍ତିରେ ଅଷ୍ଟ୍ରେଲିଆ ବକ୍ସର୍ ପକ୍ଷରେ ନିର୍ଣ୍ଣୟ ଦେଇଥିଲେ। ମୁକାବିଲା ଅବସରରେ ଲଭ୍‌ଲିନା କେତେକ ସଠିକ୍ ପଞ୍ଚ୍ ମାରିଥିଲେ ଏବଂ ଅନ୍ତ ପର୍ଯ୍ୟନ୍ତ ସଂଘର୍ଷ କରିଥିଲେ। ମାତ୍ର ଗ୍ରୀନ୍‌ଟ୍ରିଙ୍କ ଆକ୍ରମଣାତ୍ମକ ରଣନୀତି ଏବଂ ଉନ୍ନତ ରିଙ୍ଗ୍ କଣ୍ଟ୍ରୋଲ୍‌କୁ ନିର୍ଣ୍ଣାୟକ ଅଧିକ ପଏଣ୍ଟ ଦେଇଥିଲେ। ଏହି ରୌପ୍ୟ ପଦକ ସହିତ ଲଭ୍‌ଲିନାଙ୍କ ନାମ ଭାରତୀୟ ବକ୍ସିଂର ମହାନ୍ ସୂଚୀରେ ଆହୁରି ମଜଭୁତ ହୋଇଛି। ତାଙ୍କ ଖାତାରେ ଏ ପର୍ଯ୍ୟନ୍ତ ଅଲିମ୍ପିକ୍ ବ୍ରୋଞ୍ଜ୍, ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ବ୍ରୋଞ୍ଜ୍, ଏସିଆନ୍ ଗେମ୍ସର ରୌପ୍ୟ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ସାମିଲ ହୋଇଛି। ସେ ୬୯ କେଜି ଏବଂ ୭୫ କେଜି ଉଭୟ ଓଜନ ବର୍ଗରେ ଅନ୍ତର୍ଜାତୀୟ ସ୍ତରରେ ଚମତ୍କାର ସଫଳତା ହାସଲ କରିଛନ୍ତି।

## ଗ୍ଲୋବାଲ୍ ସୁପର୍ ଲିଗ୍ : ଗୁଆନା ଆମାଜନ୍ ୱାରିୟର୍ସ ଚାମ୍ପିଅନ୍

# ୮୫ ରନ୍‌ରେ ଅଲ୍‌ଆଉଟ୍ ହୋଇ ବି ଜିତିଲା ଟାଇଟଲ୍




**ଗୁଆନା, ୨।୮/ଏଜେନ୍ସି:** ଟି-୨୦ କ୍ରିକେଟ୍‌ରେ ୮୫ ରନ୍‌ର ସ୍କୋର୍ ସାଧାରଣତଃ ପରାଜୟର ଗ୍ୟାରେଣ୍ଟି ବୋଲି କୁହାଯାଇଥାଏ। ମାତ୍ର ଗ୍ଲୋବାଲ୍ ସୁପର୍ ଲିଗ୍ ୨୦୨୬ ଫାଇନାଲ୍‌ରେ କ୍ରିକେଟ୍ ଇତିହାସରେ ସବୁଠୁ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଗୁଆନା ଆମଜନ୍ ୱାରିୟର୍ସ ମାତ୍ର ୮୫ ରନ୍‌ରେ ସୀମିତ ହୋଇଥିଲେ ମଧ୍ୟ ଟିମ୍ ସାନ୍ ଫ୍ରାନ୍‌ସିସ୍କୋ ୟୁନିକର୍ନ୍ସକୁ ୭୯ ରନ୍‌ରେ ଅଲ୍‌ଆଉଟ୍ କରି ଟ୍ରଫି ନିଜ ନାମରେ କରିଛି।

ଶନିବାର ଗୁଆନାର ପ୍ରୋଭିଡେନ୍ସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ ନେଇଥିବା ଗୁଆନା ଆମାଜନ୍ ୱାରିୟର୍ସ ମାତ୍ର ୮୫ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ସମସ୍ତଙ୍କୁ ଲାଗୁଥିଲା ମ୍ୟାଚ୍ ଶୀଘ୍ର ସାନ୍ ଫ୍ରାନ୍‌ସିସ୍କୋ ୟୁନକର୍ନ୍ସ ଜିତିଯିବ। ମାତ୍ର ଏହାପରେ ଯାହା ଘଟିଲା, ତାହା କ୍ରିକେଟ୍ ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ିଛି। ଗୁଆନା ଟିମ୍ ଚମତ୍କାର ବୋଲିଂ କରି ସାନ୍ ଫାନ୍ସିସ୍କୋ ୟୁନିକର୍ନ୍ସକୁ ମାତ୍ର ୭୯ ରନ୍‌ରେ ଅଲ୍‌ଆଉଟ୍ କରି ୬ ରନ୍‌ର ରୋମାଞ୍ଚର ବିଜୟ ହାସଲ କରିଥିଲା। ଏହାପରେ ଟିମ୍ ଏପରି ଏକ ରେକର୍ଡ କରିଥିଲା, ଯାହା କୌଣସି ଟି-୨୦ ଫାଇନାଲ୍‌ରେ ହୋଇନଥିଲା। ଏହା କୌଣସି ଆଧିକାରିକ ଟି-୨୦ ଫାଇନାଲ୍‌ରେ ସଫଳତାପୂର୍ବକ ଡିଫେଣ୍ଡ କରାଯାଇଥିବା ସବୁଠୁ କମ୍ ସ୍କୋର୍।

ଗୁଆନା କ୍ୟାପ୍‌ଟେନ୍ ଇମ୍ରାନ୍ ତାହିର ବୟସକୁ ମାତ୍ ଦେଇ ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ୪୭ ବର୍ଷୀୟ ଲେଗ୍ ସ୍ପିନ୍ ୧୬ ରନ୍‌ରେ ୨ଟି ୱିକେଟ୍ ନେବା ସହିତ ୧୧ ରନ୍‌ର ବହୁମୂଲ୍ୟ ଇନିଂସ୍ ଖେଳିଥିଲେ। ଏହା ବ୍ୟତୀତ ଅନ୍ତିମ ୱିକେଟ୍ ପାଇଁ ୧୫ ରନ୍‌ର ପାର୍ଟନରଶିପ୍ ମଧ୍ୟ କରିଥିଲେ।

## ଦେଶ ବିଦେଶ

## ଇ-୨୦କୁ ନେଇ କେଜରିୱାଲ୍‌ଙ୍କ ରେକର୍ଡ ଡିଜିଟାଲ୍ ରାଲି

# ୭ ଲକ୍ଷ ଲୋକ ଲାଇଭ୍ ଦେଖିଲେ ଟାଉନ୍‌ହଲ୍

**ନୂଆଦିଲ୍ଲୀ, ୨।୮/ଏଜେନ୍ସି:** ଦେଶରେ ଇ-୨୦ ପେଟ୍ରୋଲ୍‌କୁ ନେଇ ବିତର୍କ ଜୋର୍ ଧରିଛି। ଶନିବାର ଏକ ଡିଜିଟାଲ ଯୁଦ୍ଧ ଆରମ୍ଭ ହୋଇଥିଲା ଯାହା ସୋସିଆଲ ମିଡିଆରେ ଏକ ନୂତନ ଚର୍ଚ୍ଚା ଆରମ୍ଭ କରିଛି। ଗୋଟିଏ ପଟେ ଦିଲ୍ଲୀର କନ୍‌ଷ୍ଟିଚ୍ୟୁସନ୍ କ୍ଲବ୍‌ରେ ଅରବିନ୍ଦ କେଜରିୱାଲଙ୍କ ନ୍ୟାସ୍‌ନାଲ୍ ଟାଉନ୍‌ହଲ୍ ଏଗେନ୍‌ଷ୍ଟ ଇ-୨୦ ଥିବା ବେଳେ ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲାଇଭ୍ ଇଭେଣ୍ଟ। ତେବେ ଏଥିରେ ଭାଷଣ ନୁହେଁ, ବରଂ ଲୋକଙ୍କ ସଂଖ୍ୟା ସବୁଠୁ ଚର୍ଚ୍ଚିତ ଇଭେଣ୍ଟ ହୋଇଥିଲା। ଟାଉନହଲ୍ ବେଳେ ପ୍ରାୟ ୭ଲକ୍ଷ (୭୦୦,୭୬୨) ଲୋକ ଏକକାଳୀନ ଆମ୍ ଆଦମୀ ପାର୍ଟିର ସରକାରୀ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଯୋଡ଼ି ହୋଇଥିଲେ। ଅନ୍ୟପକ୍ଷରେ ପ୍ରାୟ ୩,୩୨୪ ଲୋକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରୀ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଦେଖାଯାଇଥିଲେ। ସୋସିଆଲ୍ ମିଡିଆରେ ଏହି ସ୍କ୍ରୀନ୍‌ସଟ୍ ସେୟାର କରି ଲୋକମାନେ ଲେଖିଛନ୍ତି ଯେ 'ଜନତା ଆଉ ମନ୍ କୀ ବାତ୍ ଶୁଣୁନାହାନ୍ତି, ବରଂ ଜଣେ ନେତାଙ୍କୁ ଶୁଣୁଛନ୍ତି ଯିଏ ତାଙ୍କ ମନର କଥା କହୁଛନ୍ତି।'



ଆମ୍ ଆଦମୀ ପାର୍ଟି ଦାବି କରିଛି ଯେ ଏହା କେବଳ ଏକ ଡିଜିଟାଲ୍ ଚିତ୍ର ନୁହେଁ, ବରଂ ସାରା ଦେଶରେ ଇ-୨୦ ପେଟ୍ରୋଲ୍ ବିରୋଧରେ ବଢୁଥିବା ଜନ ଅସନ୍ତୋଷର ଏକ ସଙ୍କେତ। ଦଳ କହିଛି, ଲକ୍ଷ ଲକ୍ଷ ଲୋକ ଟାଉନ୍‌ହଲରେ ଯୋଗ ଦେଇଥିଲେ, କାରଣ ଏହା ସାଧାରଣ ଲୋକ, ମେକାନିକ୍ ପ୍ରଫେସର, ଡେଲିଭରି ରାଇଡର୍ସ ଏବଂ ଯାନବାହନ ମାଲିକଙ୍କ ଚିନ୍ତାକୁ ପ୍ରକାଶ କରିବା ପାଇଁ ଏକ ମଞ୍ଚ ଯୋଗାଇଥିଲା। ଲୋକମାନେ ହ୍ରାସ ପାଇଥିବା ମାଇଲେଜ୍, ଇଞ୍ଜିନ ବିଫଳତା, ବର୍ଦ୍ଧିତ ସର୍ଭିସିଂ ଖର୍ଚ୍ଚ ଏବଂ ପୁରୁଣା ଯାନବାହନ ଉପରେ ଇ-୨୦ର ପ୍ରଭାବ ଭଳି ପ୍ରସଙ୍ଗ ଉଠାଇଥିଲେ।

# ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ, ୧୪ ମୃତ



**ଇସ୍ଲାମାବାଦ, ୨।୮/ଏଜେନ୍ସି:** ପାକିସ୍ତାନର ଖାଇବର ପଖ୍‌ତୁନ୍‌ୱା ପ୍ରଦେଶର ସ୍ୱାତ୍ ଜିଲ୍ଲାରେ ରବିବାର ଏକ ଥାନା ବାହାରେ ଆତ୍ମଘାତୀ ଆକ୍ରମଣ ହୋଇଛି। ଏଥିରେ ୮ ପୁଲିସ୍ କର୍ମଚାରୀଙ୍କ ସମେତ ୧୪ ଜଣ ପ୍ରାଣ ହରାଇଥିବା ବେଳେ ୨୨ ଜଣ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ପାକିସ୍ତାନୀ ମିଡିଆ ଡନ୍ ଅନୁସାରେ ଆକ୍ରମଣ ସମୟରେ ନିକଟସ୍ଥ କାବଲ ଚୌକରେ ଆତଙ୍କବାଦ ବିରୋଧରେ ଶାନ୍ତି ରାଲି ଚାଲିଥିଲା। ସ୍ୱାତ ଜିଲ୍ଲା ପୁଲିସ୍ ଅଧିକାରୀ ଉମର ଖାନ୍ ଅନୁସାରେ ଏହି ଅବସରରେ ଜଣେ ଯୁବ କାବଲ ପୁଲିସ ଥାନାର ଗେଟ୍‌ରେ ପହଞ୍ଚିଥିଲା। ପୁଲିସ କର୍ମଚାରୀ ତାଙ୍କ ରୋକିବାକୁ ଉଦ୍ୟମ କରୁଥିଲେ ମଧ୍ୟ ସେ ଅଟକି ନଥିଲା। ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ଯୁବକ ଜଣକ ନିଜକୁ ବ୍ଲାଷ୍ଟ କରି ଦେଇଥିଲା। ଏହାପରେ ରାଲିରେ ଉପସ୍ଥିତ ଲୋକମାନେ ଭୟରେ ଦୌଡ଼ାଦୌଡ଼ି କରିବା ଫଳରେ ଦଳାଚକା ଭଳି ପରିସ୍ଥିତି ହୋଇଥିଲା।

ତେବେ କୌଣସି ସଂଗଠନ ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। ପୁଲିସ ହାଇ ଆଲର୍ଟରେ ରହିଛି। ସୁରକ୍ଷା ବଳ ପୂରା ଅଞ୍ଚଳକୁ ସିଲ୍ କରି ସର୍ଚ୍ଚ ଅପରେସନ୍ ଚଳାଇଛି। ଖାଇବର ପଖ୍‌ତୁନ୍‌ୱାର ମୁଖ୍ୟମନ୍ତ୍ରୀ ସୋହେଲ୍ ଆଫ୍ରିଦି ଘଟଣାର ନିନ୍ଦା କରିବା ସହିତ ପୁଲିସ ମହାନିରୀକ୍ଷକ (ଆଇଜି)ଙ୍କୁ ରିପୋର୍ଟ ମାଗିଛନ୍ତି। ସେ ମୃତକଙ୍କ ପରିଜନଙ୍କ ପ୍ରତି ସମବେଦନା ଜଣାଇ କହିଛନ୍ତି, ଶାନ୍ତିର ଶତ୍ରୁମାନଙ୍କୁ ସେମାନଙ୍କ ଉଦ୍ଦେଶ୍ୟରେ ସଫଳ ହେବାକୁ କେବେ ଦିଆଯିବ ନାହିଁ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra